# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ମାର୍ଚ୍ଚ ୧୮/୨୦୨୧ (୧୬ ପୃଷ୍ଠା) | Balasore, Thursday, March 18/2021 | ★★★★

୪୭ଶ ଭାଗ ୧୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ସୋଲାଙ୍କି କ୍ୱାର୍ଟର ଫାଇନାଲରେ**

ତୁର୍କୀର ଇସ୍ତାନବୁଲଠାରେ ଚାଲିଥିବା ବୋସଫୋରସ୍ ବକ୍ସିଂ ଟୁର୍ନାମେଣ୍ଟରେ ଭାରତର ଗୌରବ ସୋଲାଙ୍କି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

୧୨

୧୫

**ଏପ୍ରିଲ ୩୦କୁ ଅପେକ୍ଷା**

ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ଅଭିନୀତ ଚଳଚ୍ଚିତ୍ର 'ସୂର୍ଯ୍ୟବଂଶୀ' ଏପ୍ରିଲ ୩୦ରେ ରିଲିଜ୍ ହେବ। ଏହାକୁ ସେ ଉତ୍ସୁକତାର ସହ ଅପେକ୍ଷା କରିଥିବା କହିଛନ୍ତି।






# ୩ କୋଟି ରାଶନ କାର୍ଡ ରଦ୍ଦ

**ଆଧାର କାର୍ଡ ନ ଥିଲେ ମଧ କୌଣସି ଶିଶୁଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ବଳରେ ସୁବିଧାରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ୨୦୧୮ରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ। ଏହା ସତ୍ତ୍ୱେ ଆଧାର କାର୍ଡ ସହ ରାଶନ କାର୍ଡ ସଂଯୋଗ ହୋଇ ନ ଥିଲେ ଜିଲା ଯୋଗାଣ ଅଧିକାରୀ ଓ ସ୍ଥାନୀୟ କର୍ତ୍ତୃପକ୍ଷ ସମ୍ପୃକ୍ତ ହିତାଧିକାରୀଙ୍କୁ ଜରୁରୀ ସାମଗ୍ରୀ ଦେଉ ନାହାନ୍ତି। ଜରୁରୀ ସାମଗ୍ରୀ ନ ପାଇ ଅନେକ ସ୍ଥାନରେ ଅନାହାର ମୃତ୍ୟୁ ଘଟୁଛି। ଏଭଳି ଅଭିଯୋଗଗୁଡ଼ିକୁ ନେଇ ୨୦୧୯ ଡିସେମ୍ବର ୯ରେ ସୁପ୍ରିମକୋର୍ଟ ସମସ୍ତ ରାଜ୍ୟକୁ ଜବାବ ମାଗିଥିଲେ। ହେଲେ ଅଦ୍ୟାବଧି ଏହି ସମସ୍ୟା ଦୂର ହୋଇନାହିଁ।**

## କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ




**ନୂଆଦିଲ୍ଲୀ,୧୭।୩**

ଆଧାର କାର୍ଡ ସହ ସଂଯୋଗ ହୋଇ ନ ଥିବା ଦର୍ଶାଇ ୩ କୋଟି ରାଶନ କାର୍ଡକୁ କେନ୍ଦ୍ର ସରକାର ରଦ୍ଦ କରିଦେଇଛନ୍ତି। ଫଳରେ ଦେଶରେ ଅନାହାରରେ ପଡ଼ି ଲୋକଙ୍କ ମୃତ୍ୟୁ ଘଟୁଥିବା ଦର୍ଶାଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଜଣେ ମହିଳା, ଯିଏକି ଅନୁରୂପ କାରଣରୁ ନିଜ ଝିଅକୁ ହରାଇଛନ୍ତି। ସର୍ବୋଚ୍ଚ ଅଦାଲତ ଏହାକୁ ନେଇ ବୁଧବାର ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଏହା ଏକ ଅତି ଗମ୍ଭୀର ବିଷୟ ହୋଇଥିବାରୁ କେନ୍ଦ୍ର ସମେତ ସମସ୍ତ ରାଜ୍ୟ ସରକାରଙ୍କୁ ଏ ସମ୍ପର୍କରେ ଜବାବ ମାଗିଛନ୍ତି।

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ଭି. ରାମାସୁବ୍ରମଣ୍ୟମ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଏହା ଏକ ଗମ୍ଭୀର ପ୍ରସଙ୍ଗ। ଏହାକୁ ବିରୋଧାତ୍ମକ ରୂପେ ବିବେଚନା କରାଯିବା ଅନୁଚିତ। ଏହାକୁ ଚୂଡ଼ାନ୍ତ ଶୁଣାଣି ପାଇଁ ରଖାଯିବ। ଆବେଦନକାରୀ କୋଇଲି ଦେବୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ କୋଲିନ୍ ଗୋନ୍‌ସାଲଭେସ୍ ଶୁଣାଣି ବେଳେ କହିଥିଲେ, ଏହି ପିଟିଶନ ବୃହତ୍ତର ପ୍ରସଙ୍ଗକୁ ନେଇ ଦାଖଲ କରାଯାଇଛି। କେନ୍ଦ୍ର ସରକାର ପ୍ରାୟ ୩ କୋଟି ଆଧାର କାର୍ଡକୁ ରଦ୍ଦ କରିଦେଇଛନ୍ତି। ଲୋକେ ଖାଇବାକୁ ନ ପାଇ ମରୁଛନ୍ତି। ତେଣୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ସେ ଯୁକ୍ତି ବାଢ଼ିଥିଲେ। ଅନ୍ୟପକ୍ଷେ ଅତିରିକ୍ତ ସଲିସିଟର ଜେନେରାଲ ଅମନ ଲେଖି କହିଥିଲେ, କେନ୍ଦ୍ର ସରକାର ରାଶନ କାର୍ଡଗୁଡ଼ିକୁ ରଦ୍ଦ କରିଦେଇଛନ୍ତି ବୋଲି କହିବା ଭୁଲ୍। ☞ପୃଷ୍ଠା-୪

## ଆଧାର ଆଳରେ ରାଶନ ବନ୍ଦ

ଜଗତ୍‌ସିଂପୁର ଜିଲା ନୂଆଗାଁ ବ୍ଲକ ଦବାର ଗ୍ରାମର କାମିନୀ ସେଠୀ ଦୁଇ ସନ୍ତାନଙ୍କ ମା'। ରାଶନ କାର୍ଡ ଥାଇ ମଧ ସେ ଏନ୍‌ଏସ୍‌ଏଫ୍‌ଏ ଅଧୀନରେ ସୁବିଧା ପାଉ ନ ଥିବାରୁ ପିଲାଙ୍କୁ ଖୁଆଇବା କଷ୍ଟକର ହୋଇପଡ଼ିଛି। ସେହି ଗ୍ରାମର ପପିତା ବେହେରା ମଧ ରାଶନ କାର୍ଡକୁ ଆଧାର କାର୍ଡ ସହ ଲିଙ୍କ୍ କରାଇପାରି ନ ଥିବାରୁ ଜରୁରୀ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହା କେବଳ କାମିନୀ କି ପପିତାଙ୍କ କ୍ଷେତ୍ରରେ ନୁହେଁ, ବରଂ ଓଡ଼ିଶା ସମେତ ସାରା ଦେଶର କୋଟି କୋଟି ହିତାଧିକାରୀଙ୍କୁ ଅନୁରୂପ କାରଣରୁ ସୁବିଧା ମିଳୁନାହିଁ। ୨୦୧୮ ସେପ୍ଟେମ୍ବର ୨୮ରେ ଝାଡ଼ଖଣ୍ଡର ସିମ୍‌ଡେଗା ଜିଲା ନିବାସୀ କୋଇଲି ଦେବୀଙ୍କ ୧୧ ବର୍ଷୀୟା ଝିଅ ସନ୍ତୋଷୀ ଅନାହାରରେ ପଡ଼ି ଆଖି ବୁଜି ଦେଇଥିଲେ। କାରଣ ଆଧାର ଲିଙ୍କ୍ ନ ଥିବାରୁ ସ୍ଥାନୀୟ ଅଧିକାରୀମାନେ ଏହି ଗରିବ ଦଳିତ ପରିବାରର ରାଶନ କାର୍ଡ ରଦ୍ଦ କରିଦେଇଥିଲେ। ୨୦୧୭ ମାର୍ଚ୍ଚରୁ ଜରୁରୀ ସାମଗ୍ରୀ ମିଳିବା ବନ୍ଦ ହୋଇଯାଇଥିଲା। ଫଳରେ ପୂରା ପରିବାର ଭୋକ ଉପାସରେ ରହିଥିଲେ। ଏପରି କି ସନ୍ତୋଷୀଙ୍କ ମୃତ୍ୟୁ ଦିନ ମା' କୋଇଲି ଦେବୀ ତାଙ୍କୁ କେବଳ ଚା'ରେ ଲୁଣ ପକାଇ ପିଇବାକୁ ଦେଇଥିଲେ। ସେହି ରାତିରେ ସନ୍ତୋଷୀଙ୍କ ମୃତ୍ୟୁ ଘଟିଥିଲା।

# ନୂଆ ଶିକ୍ଷାବର୍ଷ ଆରମ୍ଭରୁ ପୁରୁଣା ପାଠ

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

ପ୍ରଥମରୁ ଅଷ୍ଟମ ଯାଏ ସବୁ ଛାତ୍ରୀଛାତ୍ର ପାସ୍ ଘୋଷଣା ପରେ ଏବେ ନୂଆ ଶିକ୍ଷାବର୍ଷ ପାଇଁ ସରକାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୦୨୧-୨୨ ଶିକ୍ଷାବର୍ଷ ଆରମ୍ଭରୁ ରିଭିଜନ୍ କ୍ଲାସ୍ ହେବ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ୨ରୁ ୩ମାସ ପୁରୁଣା ପାଠ ଅର୍ଥାତ୍ ପୂର୍ବ କ୍ଲାସ୍‌ର ପାଠ ପଢ଼ିବେ। ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ଘରୋଇ ସ୍କୁଲ ପାଇଁ ଏହି ନିୟମ ଲାଗୁ ହେବ। ଛାତ୍ରୀଛାତ୍ରଙ୍କ ଦକ୍ଷତା ସ୍ତର ବୃଦ୍ଧି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏଭଳି ନିଷ୍ପତ୍ତି ନେଇଛି। କରୋନା ପାଇଁ ବର୍ଷେ ହେବ ପାଠପଢ଼ା ବ୍ୟାଘାତ ହୋଇଥିବାରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ବିନା ପରୀକ୍ଷାରେ ପାସ୍ ଘୋଷଣା କରାଯାଇଥିଲା। ତେବେ ବର୍ତ୍ତମାନର ☞ପୃଷ୍ଠା-୪

# ଧାନ କିଣ, କ୍ଷମା ମାଗ




ଭାଜପା ସଭ୍ୟ ସୁବାସ ପାଣିଗ୍ରାହୀଙ୍କ କ୍ଷମାପ୍ରାର୍ଥନା ଦାବିରେ ରାଜ୍ୟପାଳଙ୍କୁ ଦାବିପତ୍ର ଦେବାକୁ ଯାଉଥିବା ବିଜେଡି ବିଧାୟକମାନେ।

**୫ମ ଦିନ ବିଧାନସଭା ଅଚଳ**

- ଜିଦ୍‌ରେ ବିରୋଧୀ-ଶାସକ
- ଫେଲ୍ ମାରୁଛି ସର୍ବଦଳୀୟ ବୈଠକ
- ହଟ୍ଟଗୋଳ, ବାରମ୍ବାର ମୁଲତବୀ
- ରାଜ୍ୟପାଳଙ୍କୁ ଭେଟିଲା ବିଜେଡି

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

ମଣ୍ଡି ଅବ୍ୟବସ୍ଥା, ଧାନ କିଣା ଏବଂ ଭାଜପା ବିଧାୟକଙ୍କ ଆତ୍ମହତ୍ୟା ଉଦ୍ୟମକୁ ନେଇ ବିରୋଧୀ ଓ ଶାସକ ମୁହାଁମୁହିଁ ଅବସ୍ଥାରେ ରହିଛନ୍ତି। କେହି ନିଜ ଜିଦ୍‌ରୁ ହଟିବାକୁ ରାଜି ନୁହନ୍ତି। ବିରୋଧୀ -ଶାସକଙ୍କ ହଙ୍ଗାମା ଯୋଗୁ ବିଧାନସଭା ଲଗାତର ୫ ଦିନ ଧରି ଅଚଳ ହୋଇଛି। ଧାନ କିଣା ଅବ୍ୟବସ୍ଥାକୁ ନେଇ ବିରୋଧୀ ଭାଜପା ଓ କଂଗ୍ରେସ ସରକାରଙ୍କୁ ଆକ୍ରମଣ ଜାରି ରଖିଛନ୍ତି। ବିଧାନସଭାରେ ଆତ୍ମହତ୍ୟା ଉଦ୍ୟମ କରିଥିବାରୁ ଭାଜପା ବିଧାୟକ ସୁବାସ ପାଣିଗ୍ରାହୀ ଗୃହରେ କ୍ଷମା ମାଗନ୍ତୁ ଦାବିରେ ଶାସକ ବିଜେଡି ସଦସ୍ୟମାନେ ଅଡ଼ିବସିଛନ୍ତି। ବାଚସ୍ପତି ଗୃହକୁ ସ୍ୱାଭାବିକ ଅବସ୍ଥାକୁ ଆଣିବାକୁ ସଫଳ ହୋଇପାରୁନାହାନ୍ତି। ଦୁଇଦିନ ହେବ ଘନଘନ ସର୍ବଦଳୀୟ ବୈଠକ ବସୁଛି, ହେଲେ ସମାଧାନର ବାଟ ଫିଟୁନାହିଁ। ବିରୋଧୀ ଦଳ ଧାନ କିଣାରେ ହେଉଥିବା ଅବ୍ୟବସ୍ଥାର ☞ପୃଷ୍ଠା-୪

## ଭାଜପା ଏମ୍‌ପି ରାମସ୍ୱରୂପଙ୍କ ଆତ୍ମହତ୍ୟା

**ନୂଆଦିଲ୍ଲୀ,୧୭।୩(ପି.ଟି.)**

ହିମାଚଳପ୍ରଦେଶ ମଣ୍ଡି ନିର୍ବାଚନମଣ୍ଡଳୀର ଭାଜପା ଏମ୍‌ପି ରାମସ୍ୱରୂପ ଶର୍ମାଙ୍କ ଝୁଲନ୍ତା ମୃତଦେହ ବୁଧବାର ତାଙ୍କ ନୂଆଦିଲ୍ଲୀ ସରକାରୀ ବାସଭବନରୁ ଉଦ୍ଧାର କରାଯାଇଛି। ମୃତଦେହ ସିଲିଂ ଫ୍ୟାନ୍‌ରେ ଝୁଲୁଥିଲା।



ହସ୍ପିଟାଲ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଦିଲ୍ଲୀ ପୋଲିସ ପିଆରଓ ଚିନ୍ମୟ ବିଶ୍ୱାଳ କହିଛନ୍ତି। ୬୨ ବର୍ଷୀୟ ରାମସ୍ୱରୂପ ବିଭିନ୍ନ ରୋଗରେ ପୀଡ଼ିତ ଥିଲେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

କୁକୁରଛୁଆଙ୍କ ସୁରକ୍ଷା ଲୋଡ଼ା

# ୭୦ ଜିଲାରେ ୧୫୦% ବଢ଼ିଛି

**ନୂଆଦିଲ୍ଲୀ,୧୭।୩**

ଭାରତରେ ଚଳିତବର୍ଷର ସର୍ବାଧିକ ଦୈନିକ କରୋନା ସଂକ୍ରମଣ ବୁଧବାର ରେକର୍ଡ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୨୮,୯୦୩ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମଣ ସଂଖ୍ୟା ୧,୧୪,୩୮,୭୩୪ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ସେହିପରି ବୁଧବାର ୧୮୮ ଜଣ କରୋନାରେ ପ୍ରାଣ ହରାଇଛନ୍ତି, ଯାହା ଗତ ୨ ମାସ ମଧ୍ୟରେ ସର୍ବାଧିକ। ଏହାକୁ ମିଶାଇ କରୋନାଜନିତ ମୋଟ ମୃତ୍ୟୁସଂଖ୍ୟା ୧,୫୯,୦୪୪ ହୋଇଛି। ☞ପୃଷ୍ଠା-୪



## ନିର୍ଣ୍ଣାୟକ ପଦକ୍ଷେପ ନିଅ

**ନୂଆଦିଲ୍ଲୀ,୧୭।୩(ପି.ଟି.)**

ଦେଶର ବିଭିନ୍ନ ଭାଗରେ କୋଭିଡ୍-୧୯ ସଂକ୍ରମଣ ବଢ଼ିଚାଲିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବେଗ ପ୍ରକାଶ କରିଛନ୍ତି। ସଂକ୍ରମଣର ଦ୍ୱିତୀୟ ଲହରକୁ ରୋକିବା ଲାଗି ତ୍ୱରିତ ଓ ନିର୍ଣ୍ଣାୟକ ପଦକ୍ଷେପ ନେବା ଲାଗି ପ୍ରଧାନମନ୍ତ୍ରୀ ବୁଧବାର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଦେଶର କରୋନା ସ୍ଥିତି ଏବଂ ଟିକାକରଣ ଅଭିଯାନ ସମ୍ପର୍କରେ ମୋଦି ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରିଥିଲେ। ମହାରାଷ୍ଟ୍ର, ପଞ୍ଜାବ, ମଧ୍ୟପ୍ରଦେଶ ଭଳି ରାଜ୍ୟରେ ସଂକ୍ରମଣ ☞ପୃଷ୍ଠା-୪



**ମୁଖ୍ୟମନ୍ତ୍ରୀମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ**



## 'ଲକ୍‌ଡାଉନ ଯୁଗକୁ ଫେରିବାକୁ ଚାହୁଁନାହୁଁ'

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

ବିଭିନ୍ନ ଦେଶରେ ଓ ଭାରତର କେତେକ ରାଜ୍ୟରେ କୋଭିଡ୍-୧୯ ଆକ୍ରାନ୍ତଙ୍କ ସଂଖ୍ୟା ବହୁଗୁଣିତ ହେଉଥିବାରୁ ଆମକୁ ସାବଧାନତା ଅବଲମ୍ବନ କରିବାକୁ ପଡ଼ିବ। ଆମେ ଆଉ ଲକ୍‌ଡାଉନ ଯୁଗକୁ ଫେରିପାରିବା ନାହିଁ। ଏଥିପାଇଁ ସଚେତନତା ଓ କଟକଣା ନିୟମକୁ କଡ଼ାକଡ଼ି ଭାବେ ପାଳନକୁ ନିଶ୍ଚିତ କରିବାକୁ ହେବ। ବୃହତ୍ ଜନସଂଖ୍ୟାର ଦେଶ ହୋଇଥିବାରୁ ☞ପୃଷ୍ଠା-୪






ନିର୍ବାଚନରେ ଭୋଟ ପାଇବା ପାଇଁ ଭାଜପା ସର୍ବାଧିକ ନାଟକ କରୁଛି ବୋଲି କହିଛନ୍ତି ଉତ୍ତରପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆହତ ହେବା ସତ୍ତ୍ୱେ ଭାଜପା ତାହାକୁ ନାଟକ ବୋଲି କହୁଛି। ବିକାଶର ନାରା ଦେଇ ଉତ୍ତରପ୍ରଦେଶରେ ସରକାରକୁ ଆସିଥିବା ଭାଜପା ତାହା ଭୁଲି ଯାଇଛି। ତେଣୁ ପଶ୍ଚିମବଙ୍ଗରେ ସରକାରକୁ ଆସିଲେ ସେମାନେ କିପରି ବିକାଶ କରିବେ ବୋଲି ଅଖିଳେଶ କହିଛନ୍ତି।

## ସଂକ୍ଷେପରେ

### ବଦଳିଲେ ମୁମ୍ବାଇ ପୋଲିସ କମିଶନର



ପରମବୀର ସିଂ

ଆଣ୍ଟିଲିଆ ମାମଲା

**ମୁମ୍ବାଇ,୧୭।୩:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ଘର ନିକଟରୁ ବିସ୍ଫୋରକ ଭର୍ତ୍ତି କାର୍ ମିଳିବା ଘଟଣାରେ ମହାରାଷ୍ଟ୍ର ସରକାର ବୁଧବାର ମୁମ୍ବାଇ ପୋଲିସ କମିଶନର ପରମବୀର ସିଂଙ୍କୁ ବଦଳି କରିଛନ୍ତି। ତାଙ୍କୁ ହୋମ୍‌ଗାର୍ଡ ଓ ସିଭିଲ୍ ଡିଫେନ୍ସ ମହାନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ୧୯୮୭ ବ୍ୟାଚ୍‌ର ଆଇପିଏସ୍ ଅଫିସର ହେମନ୍ତ ନାଗ୍ରାଲେ ମୁମ୍ବାଇ ପୋଲିସ କମିଶନର ଭାବେ ଦାୟିତ୍ୱ ନେବେ ବୋଲି ଜଣାପଡ଼ିଛି। ନାଗ୍ରାଲେ ପୂର୍ବରୁ ମହାରାଷ୍ଟ୍ର ପୋଲିସ ମହାନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱରେ ଥିଲେ। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ସହ ଆଲୋଚନା ପରେ ଗୃହମନ୍ତ୍ରୀ ଅନିଲ୍ ଦେଶମୁଖ୍ ଏହା ଘୋଷଣା କରିଛନ୍ତି। ପୂର୍ବରୁ ମୁମ୍ବାଇ ପୋଲିସ ଅଫିସର ସଚିନ ୱାଜେଙ୍କୁ ଗିରଫ କରାଯାଇଥିଲା।

### ବ୍ୟୟମଞ୍ଜୁରୀ ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ,୧୭।୩(ପି.ଟି.)

ଲୋକ ସଭାରେ ବୁଧବାର ୨୦୨୧-୨୨ ଆର୍ଥିକ ବର୍ଷ ଲାଗି ବ୍ୟୟମଞ୍ଜୁରୀ ବିଲ୍ ଗୃହୀତ ହୋଇଯାଇଛି। ଫଳରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ନିମନ୍ତେ ସରକାରୀ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରିବା ଲାଗି କେନ୍ଦ୍ର ସରକାରଙ୍କୁ କ୍ଷମତା ମିଳିଯାଇଛି। ବ୍ୟୟମଞ୍ଜୁରୀ ବିଲ୍ ପାସ୍ ସହିତ ବଜେଟ ଅନୁମୋଦନର ଦୁଇତୃତୀୟାଂଶ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏହି ବିଲ୍ ଆଗତ କରିଥିଲେ।

### ଉଡ଼ନ୍ତା ବିମାନରେ ପ୍ରସବ

**ନୂଆଦିଲ୍ଲୀ,୧୭।୩:** ବେଙ୍ଗାଲୁରୁରୁ ଜୟପୁର ଯାଉଥିବା ଏକ ଇଣ୍ଡିଗୋ ବିମାନରେ ବୁଧବାର ସକାଳେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି। ୬ଇ ୪୬୯ ବିମାନଟି ଆକାଶରେ ଉଡ଼ୁଥିବାବେଳେ ଏହାର କର୍ମଚାରୀମାନଙ୍କ ସହାୟତାରେ ଶିଶୁଟିକୁ ପ୍ରସବ କରାଯାଇଥିଲା। ବିମାନରେ ଯାତ୍ରା କରୁଥିବା ସୁବାହାନା ନାଜିର ନାମକ ଡାକ୍ତର ଏଥିରେ ସହାୟତା କରିଥିଲେ ବୋଲି ଇଣ୍ଡିଗୋ ପକ୍ଷରୁ କୁହାଯାଇଛି। ଜୟପୁର ବିମାନବନ୍ଦରକୁ ଏ ସମ୍ପର୍କରେ ତୁରନ୍ତ ଜଣାଇ ଦିଆଯିବା ସହ ଡାକ୍ତର ଓ ଆମ୍ବୁଲାନ୍ସ ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ଉଭୟ ମାଆ ଝିଅଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି। ବିମାନଟି ସକାଳ ୫ଟା ୪୫ରେ ବେଙ୍ଗାଲୁରୁ ଛାଡ଼ି ୮ଟାରେ ଜୟପୁରରେ ପହଞ୍ଚିଥିଲା।

# ଗରିବଙ୍କୁ ସର୍ବନିମ୍ନ ଆୟ ପ୍ରତିଶ୍ରୁତି

କୋଲକାତା,୧୭।୩

- ତୃଣମୂଳ କଂଗ୍ରେସର ନିର୍ବାଚନୀ ଇସ୍ତାହାର
- ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର କ୍ରେଡିଟ୍ କାର୍ଡ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରିଛନ୍ତି। ଏଥିରେ ପଛୁଆ ବର୍ଗର ଲୋକମାନଙ୍କ ଲାଗି ବାର୍ଷିକ ସର୍ବନିମ୍ନ ରୋଜଗାର ପ୍ରତିଶ୍ରୁତି ସାଙ୍ଗକୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ପାଇଁ ୧୦ ଲକ୍ଷ ଟଙ୍କା ମୂଲ୍ୟର ସ୍ୱତନ୍ତ୍ର କ୍ରେଡିଟ୍ କାର୍ଡ ଲଞ୍ଚ୍ ହେବ। ଛାତ୍ରୀଛାତ୍ରଙ୍କୁ ବାର୍ଷିକ ମାତ୍ର ୪ ପ୍ରତିଶତ ସୁଧହାରରେ ଅର୍ଥ ଯୋଗାଇଦିଆଯିବ ବୋଲି କୁହାଯାଇଛି। ସେହିପରି ଚାଷୀଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତାର ପ୍ରତିଶ୍ରୁତି ଦିଆଯାଇଛି। ଟିଏମ୍‌ସି କ୍ଷମତାକୁ ଆସିଲେ ଅନ୍ୟାନ୍ୟ ପଛୁଆ ବର୍ଗରେ ଅନ୍ୟ ସମ୍ପ୍ରଦାୟଙ୍କୁ ସାମିଲ କରିବା ଲାଗି ଟାସ୍କଫୋର୍ସ ଗଠନ ହେବ। ଗତ ସପ୍ତାହରେ ଟିଏମ୍‌ସିର ଇସ୍ତାହାର ପ୍ରକାଶ ପାଇବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଗୋଡ଼ରେ ଆଘାତ ଲାଗିବାରୁ ଏହାକୁ ସ୍ଥଗିତ ରଖାଯାଇଥିଲା।

ଇସ୍ତାହାର ଅନୁଯାୟୀ ଟିଏମ୍‌ସି ସରକାର ଗଢ଼ିଲେ ପଶ୍ଚିମବଙ୍ଗର ପ୍ରତ୍ୟେକ ପରିବାରକୁ ସର୍ବନିମ୍ନ ମୌଳିକ ଆୟ ପରିସରକୁ ଅଣାଯିବ। ଏହି ଯୋଜନାରେ ୧.୬ କୋଟି ସାଧାରଣ ବର୍ଗ ପରିବାର ମାସିକ ୫୦୦ ଟଙ୍କା ଏବଂ ଅନୁସୂଚିତ ଜାତି ଓ ଜନଜାତି ପରିବାରକୁ ୧୦୦୦ ଟଙ୍କା ଲେଖାଏ ଯୋଗାଇ ଦିଆଯିବ। ଏହି ଟଙ୍କା ପରିବାରର ମହିଳା ମୁଖ୍ୟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଯିବ ବୋଲି ମମତା କହିଥିଲେ। ଏହା ବ୍ୟତୀତ ଆଗାମୀ ୫ ବର୍ଷରେ ପଶ୍ଚିମବଙ୍ଗରେ ୧୦ ଲକ୍ଷ ନୂଆ ଏମ୍‌ଏସ୍‌ଏମ୍‌ଇ ଏବଂ ୨,୦୦୦ ବୃହତ ଶିଳ୍ପ ସ୍ଥାପନ ହେବ। ଏହାଦ୍ୱାରା ପ୍ରତିବର୍ଷ ୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଏହା ବ୍ୟତୀତ ମାଗଣା ରାଶନ ଲୋକଙ୍କ ଦୁଆରେ ପହଞ୍ଚାଯିବ ବୋଲି ମମତା କହିଥିଲେ। ଏହା ରାଜନୈତିକ ଇସ୍ତାହାର ନୁହେଁ ବିକାଶ କୈନ୍ଦ୍ରିକ ଇସ୍ତାହାର। ଏହା ଲୋକଙ୍କର, ଲୋକଙ୍କ ପାଇଁ ଓ ଲୋକଙ୍କ ଦ୍ୱାରା ଇସ୍ତାହାର ବୋଲି ଟିଏମ୍‌ସି ସୁପ୍ରିମୋ କହିଥିଲେ।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟିଏମ୍‌ସିର ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରୁଛନ୍ତି।

# ୩୩୧ କୋଟି ଜବତ କଲେଣି ଇସି

ନୂଆଦିଲ୍ଲୀ,୧୭।୩

ନିର୍ବାଚନ ହେବାକୁ ଯାଉଥିବା ୪ ରାଜ୍ୟ ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରୁ ନିର୍ବାଚନ କମିଶନ (ଇସି) ବୁଧବାର ସୁଦ୍ଧା ୩୩୧.୪୭ କୋଟି ଟଙ୍କା ଜବତ କଲେଣି। ଏହା ୨୦୧୬ ନିର୍ବାଚନ ବେଳେ ମୋଟ ଜବତ ଟଙ୍କାଠାରୁ ଅଧିକ। ସେତେବେଳେ ଇସି ମୋଟ ୨୨୫.୭୭ କୋଟି ଟଙ୍କା ଜବତ କରିଥିଲେ।

୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ନିର୍ବାଚନ କମିଶନଙ୍କ ପକ୍ଷରୁ ନିଯୁକ୍ତି ବ୍ୟୟ ପର୍ଯ୍ୟବେକ୍ଷକମାନେ ଉପରୋକ୍ତ ଅର୍ଥ ଜବତ କରିଛନ୍ତି। ତାମିଲନାଡୁରୁ ସର୍ବାଧିକ ୧୨୭ କୋଟି ଟଙ୍କା ଜବତ ହୋଇଥିବାବେଳେ ପଶ୍ଚିମବଙ୍ଗରୁ ୧୧୨.୫୯ କୋଟି, ଆସାମରୁ ୬୩ କୋଟି, କେରଳରୁ ୨୧.୭୭ କୋଟି ଏବଂ ପୁଡୁଚେରୀରୁ ୫.୭୨ କୋଟି ଟଙ୍କା ଜବତ ହୋଇଛି। ନିର୍ବାଚନ ପ୍ରକ୍ରିୟାରେ ଅର୍ଥବଳର ବ୍ୟବହାରକୁ ରୋକିବା ଲାଗି ନିର୍ବାଚନ କମିଶନ ଉପରୋକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୫ ସ୍ୱତନ୍ତ୍ର ବ୍ୟୟ ପର୍ଯ୍ୟବେକ୍ଷକଙ୍କ ସମେତ ୨୯୫ ଜଣ ବ୍ୟୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି।

# ନାମାଙ୍କନ କରିବେ ହଜାରେ ଚାଷୀ

କୋଏମ୍ବାଟୁର,୧୭।୩

**ଜଳସେଚନ ସମସ୍ୟାର ସମାଧାନ କରୁନାହାନ୍ତି ତାମିଲନାଡୁ ସରକାର**

ତାମିଲନାଡୁର ପରମବିକୁଲାମ-ଆଲିୟାର ପ୍ରୋଜେକ୍ଟରୁ ଜଳ ଛାଡ଼ିବା ପାଇଁ ଚାଷୀମାନଙ୍କ ଦୀର୍ଘଦିନର ଦାବି ପ୍ରତି ସରକାର କର୍ଣ୍ଣପାତ କରୁ ନ ଥିବାରୁ ଏହା ବିରୋଧରେ ୧୦୦୦ ଅସନ୍ତୁଷ୍ଟ ଚାଷୀ ଆଗାମୀ ନିର୍ବାଚନ ଲଢ଼ିବା ଲାଗି କାଙ୍ଗେୟାମ୍ ଆସନରୁ ନାମାଙ୍କନପତ୍ର ଦାଖଲ କରିବେ ବୋଲି ବୁଧବାର କହିଛନ୍ତି। ଗତବର୍ଷ ଚାଷୀମାନେ ଜମିକୁ ଜଳ ଛାଡ଼ିବା ଦାବିରେ ୫ ଦିନ ଅନଶନରେ ବସିଥିଲେ। ମୁଖ୍ୟମନ୍ତ୍ରୀ ଇ.ପାଲାନିସ୍ୱାମୀଙ୍କ ସହ ବୈଠକ ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ଏହା ସତ୍ତ୍ୱେ ଚାଷୀମାନଙ୍କ ଦାବି ପୂରଣ ହେଲାନି। ଅନ୍ୟ କୌଣସି ଉପାୟ ନ ପାଇ ଭେଲାକୋଏଲ୍ ଶାଖା କେନାଲ ଜଳ ସୁରକ୍ଷା କମିଟି ୧୦୦୦ ଚାଷୀଙ୍କୁ ନିର୍ବାଚନରେ ପ୍ରାର୍ଥୀ କରାଇବାକୁ ନିଷ୍ପତ୍ତି ନେଇଛି। ବୁଧବାର ୧୦ ଚାଷୀ ନାମାଙ୍କନପତ୍ର ଭରିଥିବା ଜଣାପଡ଼ିଛି।




୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧର ୫୦ ବର୍ଷ ପୂର୍ତ୍ତି ଅବସରରେ 'ସ୍ୱର୍ଣ୍ଣିମ ବିଜୟ ବର୍ଷ' ମଶାଲ ସହ କୋଲକାତାର ଖିଦ୍ଦେରପୁର ଡକ୍‌ରେ ବୁଧବାର ପହଞ୍ଚିଥିବା ଆଇଏନ୍‌ଏସ୍ କୋରା ଡେକ୍‌ରେ ଭାରତୀୟ ନୌସେନା ଅଧିକାରୀମାନେ।

# ହାଇକୋର୍ଟ ବିଚାରପତିଙ୍କ ଅବସର ବୟସ ୬୫କୁ ବୃଦ୍ଧି ଲାଗି ସୁପାରିସ

ନୂଆଦିଲ୍ଲୀ,୧୭।୩(ଆଇଏଏନ୍‌ଏସ୍)

ଦେଶର ହାଇକୋର୍ଟଗୁଡ଼ିକରେ ଅନେକ ବିଚାରପତି ପଦବୀ ଖାଲି ପଡ଼ିଥିବାବେଳେ ବିଚାରାଧୀନ ମାମଲା ସଂଖ୍ୟା ବଢ଼ିଚାଲିଛି। ତେଣୁ ହାଇକୋର୍ଟ ବିଚାରପତିମାନଙ୍କ ଅବସର ବୟସସୀମା ୬୨ରୁ ୬୫ ବର୍ଷକୁ ବୃଦ୍ଧି କରିବା ଲାଗି ସଂସଦୀୟ କମିଟି ସୁପାରିସ କରିଛି। ସୁପ୍ରିମକୋର୍ଟର ବିଚାରପତି ୬୫ ବର୍ଷରେ ଅବସର ନେଉଥିବାରୁ ହାଇକୋର୍ଟ ବିଚାରପତିମାନଙ୍କ ଅବସର ବୟସ ସୀମା ସମାନ ହେବା ଆବଶ୍ୟକ ବୋଲି ଆଇନ ଓ ନ୍ୟାୟ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି କହିଛି। ରିପୋର୍ଟ ଅନୁଯାୟୀ ସୁପ୍ରିମକୋର୍ଟରେ ପ୍ରାୟ ୧୨ ପ୍ରତିଶତ ଏବଂ ହାଇକୋର୍ଟ ଗୁଡ଼ିକରେ ୩୯ ପ୍ରତିଶତ ବିଚାରପତି ପଦବୀ ଖାଲି ପଡ଼ିଛି।

# ସ୍ପାରେ ଗୁଳିକାଣ୍ଡ: ୮ ମୃତ

ୱାଶିଂଟନ,୧୭।୩



ରବର୍ଟ ଆରୋନ ଲଙ୍ଗ୍

**ମୃତକଙ୍କ ମଧ୍ୟରେ ୬ ଏସୀୟ ମହିଳା**

ଆମେରିକାର ଆଟଲାଣ୍ଟା ଅଞ୍ଚଳରେ ଥିବା ୩ଟି ସ୍ପା ଉପରେ ଆକ୍ରମଣରେ ୮ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ଏସିଆର ୬ ମହିଳା ରହିଛନ୍ତି। ଗୁଳି ଚଳାଇଥିବା ସନ୍ଦିଗ୍ଧଙ୍କୁ ଦକ୍ଷିଣ ଜର୍ଜିଆ ଅଞ୍ଚଳରୁ ଗିରଫ କରାଯାଇଛି। ଗୁଳିକାଣ୍ଡର ସମ୍ଭାବ୍ୟ କାରଣ ଜଣାପଡ଼ିନାହିଁ। ପୋଲିସ ପକ୍ଷରୁ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି।

ଖବର ଅନୁଯାୟୀ ମଙ୍ଗଳବାର ଅପରାହ୍ନ ୫ଟାରେ ଜର୍ଜିଆର ଚେରୋକି କାଉଣ୍ଟିରେ ଥିବା ୟଙ୍ଗସ୍ ଏସିଆନ୍ ମେସେଜ୍‌ରେ ପ୍ରଥମ ଗୁଳିକାଣ୍ଡ ହୋଇଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ଜଣେ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ଦୁଇଜଣ ଏସୀୟ ମହିଳା ଥିଲେ। ଏହାର ଘଣ୍ଟାଏ ପରେ ଗୋଲ୍ଡ ସ୍ପା ବିଉଟି ସେଲୁନ୍‌ରେ ଗୁଳିକାଣ୍ଡ ଘଟି ୩ ମହିଳାଙ୍କ ମୃତ୍ୟୁ ହୋଇଥିଲା। ରାସ୍ତା ଅନ୍ୟ ପାର୍ଶ୍ୱରେ ଥିବା ଆରୋମା ଥେରାପି ସ୍ପାରେ ଗୁଳିମାଡ଼ରେ ଅନ୍ୟ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏମାନେ ସମସ୍ତେ ଏସୀୟ ମହିଳା ଥିଲେ। ତିନୋଟି ଯାକ ଗୁଳିକାଣ୍ଡ ଘଟାଇଥିବା ରବର୍ଟ ଆରୋନ ଲଙ୍ଗ୍‌ଙ୍କୁ କ୍ରିସ୍ପ କାଉଣ୍ଟି ଅଞ୍ଚଳରୁ ଗିରଫ କରାଯାଇଛି।

# ଗୁରୁଧାମ ମନ୍ଦିର କୋଭିଡ୍ ହଟ୍‌ସ୍ପଟ୍

ଲକ୍ଷ୍ନୌ,୧୭।୩(ଆଇଏଏନ୍‌ଏସ୍)

ଉତ୍ତରପ୍ରଦେଶର ପ୍ରତାପଗଡ଼ ନିକଟରେ ଥିବା ଗୁରୁଧାମ ମନ୍ଦିର କୋଭିଡ୍ ହଟ୍‌ସ୍ପଟରେ ପରିଣତ ହୋଇଛି। ସେଠାରେ ଅନୁଷ୍ଠିତ ହୋଇଥିବା ୩ ଦିନିଆ ଧର୍ମସଭାକୁ ଆସିଥିବା ଅନେକ ଭକ୍ତ ଏବେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗତବର୍ଷ ନୂଆଦିଲ୍ଲୀର ତବଲିଘି ଜମାତ୍ ସମ୍ମିଳନୀରୁ ଅନୁରୂପ ସଂକ୍ରମଣ ବ୍ୟାପିଥିଲା।



ଗୁରୁଧାମ ମନ୍ଦିର ପରିସରରେ ଜଗଦ୍‌ଗୁରୁ କୃପାଳୁ ପରିଷଦ ପକ୍ଷରୁ ମାର୍ଚ୍ଚ ୧୩ରୁ ଏହି ଧର୍ମସଭାର ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ୧୪ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସେମାନେ କରୋନା କଟକଣା ମାନି ନ ଥିଲେ। ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ, ତାପମାତ୍ରା ଯାଞ୍ଚ, ହ୍ୟାଣ୍ଡ ସାନିଟାଇଜ୍ ଆଦିକୁ ଅଣଦେଖା କରାଯାଇଥିଲା। ଯେଉଁମାନେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେଲେ ସେମାନଙ୍କୁ ଚିକିତ୍ସା କରା ନ ଯାଇ ମନ୍ଦିର ପରିସରରୁ ଚାଲିଯିବାକୁ କୁହାଯାଇଥିଲା।

# 'ଫଟା ଜିନ୍ସ ପିନ୍ଧୁଥିବା ମହିଳା ସଂସ୍କାରୀ ନୁହନ୍ତି'

**ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ**

**ଡେରାଡୁନ୍, ୧୭।୩:** ଫଟା ଜିନ୍ସ ପିନ୍ଧୁଥିବା ମହିଳା ସଂସ୍କାରୀ ନୁହଁନ୍ତି। ସେମାନେ ନିଜ ପିଲାଙ୍କୁ କିପରି ସଂସ୍କାର ଶିକ୍ଷା ଦେବେ ବୋଲି କହିଛନ୍ତି ଉତ୍ତରାଖଣ୍ଡର ନୂଆ ମୁଖ୍ୟମନ୍ତ୍ରୀ ତିରଥ ସିଂ ରାୱତ। ତିରଥଙ୍କ ଏଭଳି ମନ୍ତବ୍ୟକୁ ନେଇ ଚର୍ଚ୍ଚା ଜୋର ଧରିଛି। ରାୱତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ, ଏକଦା ପ୍ଲେନରେ ଯାଉଥିବାବେଳେ ଜଣେ ମହିଳା ତାଙ୍କ ପାଖ ସିଟ୍‌ରେ ବସିଥିଲେ। ତାଙ୍କ ସହ ଜଣେ ଶିଶୁ ମଧ୍ୟ ରହିଥିଲେ। ମହିଳା ଜଣକ ଆଣ୍ଠୁଠାରୁ ତଳକୁ ସମ୍ପୂର୍ଣ୍ଣ ଫଟା ଜିନ୍ସ ପ୍ୟାଣ୍ଟ ପିନ୍ଧିଥିଲେ। ସେ ଏକ ଏନ୍‌ଜିଓ ଚଳାଉଥିବା ଜଣାପଡିଥିଲା। ହେଲେ ଏଭଳି ମହିଳା ସମାଜକୁ ଖରାପ ବାର୍ତ୍ତା ଦେବା ସହ ପିଲାମାନଙ୍କୁ ମଧ୍ୟ ଖରାପ କଥା ଶିଖାଉଛନ୍ତି ବୋଲି ତିରଥ କହିଛନ୍ତି। ସଂସ୍କାର ହିଁ ପିଲାମାନଙ୍କୁ ନିଶାଠାରୁ ଦୂରେଇ ରଖିବ ବୋଲି ସେ ପ୍ରକାଶ କରିଛନ୍ତି।

# ମଇଦାନରେ ଷ୍ଟାର୍ ୱାର୍



ସାୟୋନି ଘୋଷ

**୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ହେବାକୁ ଯାଉଛି ବିଧାନସଭା ନିର୍ବାଚନ। ଦଳଡ଼ିଆଁ ପର୍ବ ପରେ ଜୋର୍‌ଦାର ହୋଇଛି ଆକ୍ଷେପ ପ୍ରତିଆକ୍ଷେପର ରାଜନୀତି। କେଉଁ ଦଳର ହାୱା କେତେ ଜୋର୍‌ରେ ବହୁଛି ତାହା ମତଦାତାଙ୍କୁ ଜଣାଇବା ପାଇଁ ମଇଦାନକୁ ଓହ୍ଲାଇଛନ୍ତି ଅନେକ ସିନେ କଳାକାର ତଥା ସେଲିବ୍ରିଟି। ସବୁ ଦଳ ପାଖରେ ପୁଞ୍ଜା ପୁଞ୍ଜା ତାରକା। ସେମାନଙ୍କ ଲୋକପ୍ରିୟତାକୁ ପୁଞ୍ଜି କରି ନିର୍ବାଚନ ଜିତିବାକୁ ଚାଲିଛି କସରତ। ଅନେକ ଗୁରୁତ୍ୱପୂର୍ଣ୍ଣ ଆସନରେ ମଧ୍ୟ ସେମାନଙ୍କୁ ଟିକେଟ ଦିଆଯାଇଛି। କେଉଁ ଦଳ ସେଲିବ୍ରିଟିଙ୍କୁ ନେଇ କେତେ ଫାଇଦା ପାଇବ ତାହା ମେ ୨ରେ ଜଣାପଡ଼ିବ। ତେବେ ପଲିଟିକାଲ ପ୍ଲାଟ୍‌ଫର୍ମରେ ଏମାନଙ୍କ ଉପସ୍ଥିତି ଚଳିତ ନିର୍ବାଚନ ପ୍ରଚାରକୁ ରୋଚକ ମୋଡ଼କୁ ନେଇଆସିଛି। ବିଶେଷକରି ପଶ୍ଚିମବଙ୍ଗ ଓ ତାମିଲନାଡୁରେ ତୀବ୍ର ହେବାରେ ଲାଗିଛି ଷ୍ଟାର ୱାର।**



ମିଥୁନ ଚକ୍ରବର୍ତ୍ତୀ




ରାଜ୍ ଚକ୍ରବର୍ତ୍ତୀ



ସାୟନ୍ତିକା ବାନାର୍ଜୀ



ଅଦିତି ମୁନ୍‌ସୀ



କୌଶନି ମୁଖାର୍ଜୀ



କମଲ ହାସନ

**ନୂଆଦିଲ୍ଲୀ, ୧୭।୩:** ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଟିକେଟ ପାଇଥିବା ଅଭିନେତ୍ରୀଙ୍କ ମଧ୍ୟରେ ଅଛନ୍ତି ସାୟୋନି ଘୋଷ, ଜୁନ ମାଲିଆ, ସାୟନ୍ତିକା ବାନାର୍ଜୀ। ସେମାନେ ଯଥାକ୍ରମେ ଆସାନସୋଲ ଦକ୍ଷିଣ, ମେଦିନିପୁର ଏବଂ ବାଙ୍କୁରା ନିର୍ବାଚନମଣ୍ଡଳୀରେ ନିର୍ବାଚନ ଲଢ଼ିବେ। ଫିଲ୍ମ ନିର୍ଦ୍ଦେଶକ ରାଜ ଚକ୍ରବର୍ତ୍ତୀଙ୍କୁ ବାରାକପୁର ଟିକେଟ ଦେଇଛି ଟିଏମ୍‌ସି। ହୁଗୁଳିର ଉତ୍ତରପରା ଆସନରୁ ଲଢ଼ିବେ ଅଭିନେତା କାଞ୍ଚନ ମଲ୍ଲିକ। ନଦିଆ ଜିଲା କ୍ରିଷ୍ଣନଗର ଉତ୍ତର ପାଇଁ ଟିଏମ୍‌ସି ଟିକେଟ ପାଇଛନ୍ତି ଅଭିନେତା କୌଶନି ମୁଖାର୍ଜୀ। କ୍ରିକେଟର ମନୋଜ ତିୱାରୀଙ୍କୁ ହାଓଡାର ଶିବପୁର ଆସନରୁ ଟିଏମ୍‌ସି ପ୍ରାର୍ଥୀ କରିଛି। ଗାୟିକା ଅଦିତି ମୁନ୍‌ସୀଙ୍କୁ ମମତା ରାଜରହାଟ-ଗୋପାଳପୁର ଟିକେଟ ଦେଇଛନ୍ତି। ଆଦିବାସୀ ଗାୟିକା ବୀରବାହା ହାଁସଦା ଝାରଗ୍ରାମ ସିଟ୍‌ରୁ ଟିଏମ୍‌ସି ପାଇଁ ଲଢ଼ିବେ। ସେହିପରି ସୋନାରପୁର ଦକ୍ଷିଣରୁ ଅଭିନେତ୍ରୀ ଲଭ୍‌ଲି ମୋଇନା, ଅଲୁବେରିୟାରୁ ପୂର୍ବତନ ଫୁଟ୍‌ବଲ ଖେଳାଳି ବିଦେଶ ବୋଷ, ଚଣ୍ଡିପୁରରୁ ଅଭିନେତା ସୋହମ ମମତାଙ୍କ ଦଳର ପ୍ରାର୍ଥୀ ହୋଇଛନ୍ତି। ୨୦୧୯ରେ ଦଳ ଟଲିଉଡ୍ ଷ୍ଟାର ନୁସ୍‌ରତ ଜହାଁ ଓ ମିମି ଚକ୍ରବର୍ତ୍ତୀଙ୍କ ପରି କଳାକାରଙ୍କୁ ପ୍ରାର୍ଥୀ କରାଇଥିବାବେଳେ ସେମାନେ ବିଜୟୀ ହୋଇଥିଲେ।



ମନୋଜ ତିୱାରୀ

ସେହିପରି ନିକଟରେ ଭାଜପାରେ ସାମିଲ ହୋଇଛନ୍ତି ବଲିଉଡ୍ କଳାକାର ତଥା ପୂର୍ବତନ ଟିଏମ୍‌ସି ନେତା ମିଥୁନ ଚକ୍ରବର୍ତ୍ତୀ। ବିପୁଳ ପ୍ରଶଂସକ ଥିବା ଏହି ଷ୍ଟାରଙ୍କୁ କୌଣସି ଆସନରୁ ଭାଜପା ପ୍ରାର୍ଥୀ କରି ନ ଥିଲେ ହେଁ ନିର୍ବାଚନୀ ପ୍ରଚାରରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଏପରିକି ଭାଜପା ତାଙ୍କୁ ମୁଖ୍ୟମନ୍ତ୍ରୀ ଆସନ ପାଇଁ ବାଛିଥିବା ଅନେକେ ଆଲୋଚନା କରୁଛନ୍ତି। ପୂର୍ବତନ ଭାରତୀୟ କ୍ରିକେଟର ଅଶୋକ ଡିଣ୍ଡା, ଏମ୍‌ପି ତଥା ବଲିଉଡ୍ ଗାୟକ ବାବୁଲ ସୁପ୍ରିଓ ଟଲିଗଞ୍ଜରୁ, ଶ୍ୟାମପୁରରୁ ତନୁଶ୍ରୀ ଚକ୍ରବର୍ତ୍ତୀ, ଚଣ୍ଡିତଳରୁ ୟଶ ଦାସଗୁପ୍ତା, ଚୁନ୍‌ଚୁରାରୁ ଲକେଟ ଚାଟାର୍ଜୀ ପ୍ରମୁଖଙ୍କୁ ଭାଜପା ପ୍ରାର୍ଥୀ କରିଛି। ତାମିଲନାଡୁରେ ମଧ୍ୟ ଷ୍ଟାର ୱାର ଦେଖିବାକୁ ମିଳିଛି। ଲୋକପ୍ରିୟ ଅଭିନେତ୍ରୀ ଖୁସ୍‌ବୁ ସୁନ୍ଦରଙ୍କୁ ଭାଜପା ଚେନ୍ନାଇ ଟିକେଟ ଦେଇଛି। ମକ୍କଲ ନିଧି ମୟମ (ଏମ୍‌ଏନ୍‌ଏମ୍) ମୁଖ୍ୟ ତଥା ପ୍ରସିଦ୍ଧ ଅଭିନେତା କମଲ ହାସନ କୋଏମ୍ବାଟୁର ଆସନରୁ ନିର୍ବାଚନ ଲଢ଼ିବେ। ଡିଏମ୍‌କେ ମୁଖ୍ୟ ଏମ୍. କେ. ଷ୍ଟାଲିନଙ୍କ ପୁଅ ତଥା ଅଭିନେତା ଉଦୟନିଧି ଚେପକ-ତ୍ରିପ୍ଲିକେନରୁ ପ୍ରାର୍ଥୀ ହୋଇଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୨,୧୫,୨୦,୫୪୪ | ୨୬,୮୫,୯୩୮ | ୯,୭୯,୭୦,୮୬୩ |
| ଭାରତ | ୧,୧୪,୭୩,୦୧୫ | ୧,୫୯,୨୪୬ | ୧,୧୦,୬୦,୩୯୦ |
| ଓଡ଼ିଶା | ୩,୩୮,୪୦୫ | ୧୯୧୮(+୫୩) | ୩,୩୫,୮୫୭ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# କୁନ୍ତଳାଙ୍କ ପାଖକୁ ଫେରିଆସିଲା ଧୁଡ୍ଡୁ

## ପ୍ରାଣୀ-ମଣିଷ ଅନାବିଲ ସ୍ନେହ

**କେନ୍ଦୁଝର/ତେଲକୋଇ, ୧୭।୩(ସ୍ୱ.ପ୍ର./ଡି.ଏନ୍.ଏ.)**

ବନ୍ୟ ପ୍ରାଣୀ ସୁରକ୍ଷା ଆଇନ ପାଇଁ ପୋଷାମାନି ମଣିଷଙ୍କ ମେଳରେ ରହୁଥିବା ଏକ ବାର୍ହାକୁ ବନ ବିଭାଗ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦେଇଥିବା ବେଳେ ୮ ଦିନ ପରେ ସେ ପୁଣି ଜନପଦକୁ ଫେରି ଆସିବା ଚର୍ଚ୍ଚାର ବିଷୟ ହୋଇଛି। କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳର ଏହି ଘଟଣା ପ୍ରାଣୀ–ମଣିଷ ଅନାବିଳ ସ୍ନେହର ଅନନ୍ୟ ଉଦାହରଣ ପାଲଟିଛି। ଏହି ବାର୍ହା ଏବେ କେଉଁଠି ରହିବ ସ୍ଥିର ହୋଇ ନ ଥିବା ବେଳେ ସ୍ନେହ ଆଦରର ଧୁଡ୍ଡୁ(ବାର୍ହାର ନାମ)କୁ ଫେରିପାଇ ଏହାକୁ ପାଳିଥିବା ତେଲକୋଇ ବ୍ଲକ ପୁରୁଷୋତ୍ତମପୁର ଗ୍ରାମର କୁନ୍ତଳା ପେଣ୍ଡେଇ ଓ ତାଙ୍କ ପରିବାର ଲୋକେ ଖୁସିରେ ଫାଟି ପଡ଼ୁଛନ୍ତି।

ଧୁଡ୍ଡୁକୁ ଫେରାଇ ଆଣିବା ପାଇଁ କୁନ୍ତଳାଙ୍କ ପରିବାର ଲୋକଙ୍କୁ କମ୍ ପରିଶ୍ରମ କରିବାକୁ ପଡ଼ିନି। ବୁଧବାର କୁନ୍ତଳା ଓ ତାଙ୍କ ଝିଅ ଘରଠାରୁ ୨୦ କି.ମି. ଦୂର ସମାକୋଇ ଜଙ୍ଗଲରେ ପହଞ୍ଚି ଧୁଡ୍ଡୁ ନାଁ ଧରି ଡାକିଥିଲେ। ତାଙ୍କ ଡ଼ାକ ଶୁଣି ଘଞ୍ଚ ଜଙ୍ଗଲରେ ଥିବା ଧୁଡ୍ଡୁ ସେମାନଙ୍କ ପାଖକୁ ଧାଇଁ ଆସିଥିଲା। ମା' ଝିଅ ସାଙ୍ଗରେ ନେଇଥିବା ଭାତ ତାକୁ ଖାଇବାକୁ ଦେଇଥିଲେ। ଆନନ୍ଦରେ ସେହି ଭାତକୁ ଖାଇ ଧୁଡ୍ଡୁ ସେମାନଙ୍କ ସାଙ୍ଗରେ ପୁରୁଷୋତ୍ତମପୁର ଫେରି ଆସିଥିଲା। ଉଲ୍ଲେଖଯୋଗ୍ୟ ଯେ, ଦୁଇ ବର୍ଷ ତଳେ ଜଙ୍ଗଲକୁ ଜାଳେଣୀ କାଠ ଆଣିବାକୁ ଯାଇଥିବା ବେଳେ ମା' ଠାରୁ ଅଲଗା ହୋଇ ଏକୁଟିଆ ବୁଲୁଥିବା ଏକ ବାର୍ହା ଛୁଆକୁ ପାଇ କୁନ୍ତଳା ଘରକୁ ନେଇ ଆସିଥିଲେ। ସେ ତାକୁ ଖାଇବା ପିଇବାକୁ ଦେଇ ନିଜ ପିଲା ଭଳି ପାଳି ଆସୁଥିଲେ। ବାର୍ହା ଛୁଆଟି ବଡ଼ ହେବା ପରେ ଅଭିଯୋଗ ପାଇ ବନ ବିଭାଗ ଗତ ମଙ୍ଗଳବାର ତାକୁ ଉଦ୍ଧାର କରି ସମାକୋଇ ଜଙ୍ଗଲରେ ଛାଡ଼ି ଦେଇଥିଲେ। ବାରହାକୁ ଝୁରି ଝୁରି ଦୁଃଖରେ



ଧୁଡ୍ଡୁକୁ ସ୍ନେହ କରୁଛନ୍ତି କୁନ୍ତଳା।

ଦିନ କାଟୁଥିଲେ କୁନ୍ତଳା। ବନ ବିଭାଗ ବାରହାକୁ ନେଇଯିବା ପରେ ପ୍ରତିଦିନ ସେ ଜଙ୍ଗଲରେ ବୁଲି ବୁଲି ତାକୁ ଖୋଜୁଥିଲେ।

ଏ ସଂକ୍ରାନ୍ତରେ ତେଲକୋଇ ରେଞ୍ଜ ଅଧିକାରୀ ପ୍ରମୋଦ କୁମାର ସେଠୀଙ୍କୁ ପଚାରିବାରୁ ଘରେ ବନ୍ୟ ପ୍ରାଣୀ ରଖିବା ବେଆଇନ। ବାର୍ହାକୁ ପାଖରେ ରଖିଥିବା ପରିବାର ଲୋକଙ୍କୁ ପୁଣି ବୁଝାଶୁଝା କରି ଦୂର ଜଙ୍ଗଲରେ ଛାଡ଼ିବା ବ୍ୟବସ୍ଥା କରିବୁ। ନଚେତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ ବୋଲି କହିଛନ୍ତି।

# ଶିଶିର କୁମାର ରଥ ନୂଆ ପିସିସିଏଫ୍

**ଭୁବନେଶ୍ୱର, ୧୭।୩(ବ୍ୟୁରୋ):** ବରିଷ୍ଠ ଆଇଏଫ୍ଏସ୍ ଅଫିସର ଶିଶିର କୁମାର ରଥଙ୍କୁ ରାଜ୍ୟ ସରକାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) ଭାବେ ନିଯୁକ୍ତି ଦେଇଛନ୍ତି। ଏହି ନୂଆ ନିଯୁକ୍ତି ସଂକ୍ରାନ୍ତରେ ବୁଧବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହିତ ସେ ରାଜ୍ୟର ଫରେଷ୍ଟ ଫୋର୍ସର ମୁଖ୍ୟ ଦାୟିତ୍ୱ ଭାର ମଧ ସମ୍ଭାଳିବେ। ୧୯୮୭ ବ୍ୟାଚ୍‌ର ଆଇଏଫ୍ଏସ୍ ଅଫିସର ରଥ ବର୍ତ୍ତମାନ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରେ ଅତିରିକ୍ତ ମହାନିର୍ଦ୍ଦେଶକ (ଜଙ୍ଗଲ ସଂରକ୍ଷଣ) ଭାବେ କାର୍ଯ୍ୟ କରୁଛନ୍ତି। ଗତ ୯ ତାରିଖରେ ତାଙ୍କୁ ନିଜ ଗୃହ (ଓଡ଼ିଶା) କ୍ୟାଡରକୁ ଫେରିବାକୁ କେନ୍ଦ୍ର ସରକାର ଅନୁମତି ଦେଇଥିଲେ। ଗତବର୍ଷ ତାଙ୍କୁ ଜାତୀୟ କାମ୍ପା କର୍ତ୍ତୃପକ୍ଷର ସିଇଓ ଓ ମେମ୍ବର ସେକ୍ରେଟାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ସେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ମଧ କାର୍ଯ୍ୟ ତୁଲାଇଛନ୍ତି। ସୂଚନାଯୋଗ୍ୟ, ଗତ ଜାନୁୟାରୀ ୩୧ରେ ପିସିସିଏଫ୍ ପଦବୀ ଖାଲି ପଡ଼ିଥିଲା। ପିସିସିଏଫ୍ ସନ୍ଦୀପ ତ୍ରିପାଠୀ ଅବସର ନେବା ପରେ ଜିତେନ୍ଦ୍ର କୁମାରଙ୍କୁ ଇନ୍‌ଚାର୍ଜ ଭାବେ ଦାୟିତ୍ୱ ଦିଆଯାଇଥିଲା। ବର୍ତ୍ତମାନ ରାଜ୍ୟରେ ଯେଉଁଭଳି ଭାବେ ଜଙ୍ଗଲ ନିଆଁ ବ୍ୟାପୁଛି, ତାହାକୁ ନେଇ ବନ ବିଭାଗ ସମାଲୋଚିତ ହେଉଛି। ଏଭଳି ସ୍ଥିତିରେ ଏହି ନୂଆ ପିସିସିଏଫ୍ ନିଯୁକ୍ତି ବେଶ୍ ଗୁରୁତ୍ୱ ବହନ କରିବ ବୋଲି ଆଶା କରାଯାଉଛି। ତେବେ ରାଜ୍ୟରେ ଏବେ ବି ପିସିସିଏଫ୍(ବନ୍ୟପ୍ରାଣୀ) ପଦବୀ ଖାଲି ପଡ଼ିଛି। ପିସିସିଏଫ୍(ବନ୍ୟପ୍ରାଣୀ) ହରିଶଙ୍କର ଉପାଧ୍ୟାୟ ଜାନୁୟାରୀ ୩୧ରେ ଅବସର ନେଇଥିଲେ। ଏହାପରେ ଆଡିଶନାଲ ପିସିସିଏଫ୍ ବନ୍ୟପ୍ରାଣୀ ଥିବା ଶଶୀ ପଲ ଭାରପ୍ରାପ୍ତ ପିସିସିଏଫ୍ (ବନ୍ୟପ୍ରାଣୀ) ଭାବେ କାର୍ଯ୍ୟ ତୁଲାଉଛନ୍ତି।



# ଘରୋଇ ସ୍କୁଲ ଫି' ଛାଡ଼ ପ୍ରସଙ୍ଗରେ ଅମଙ୍ଗ ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ, ୧୭।୩:** ଘରୋଇ ସ୍କୁଲ ଫି' ଛାଡ଼ ପ୍ରସଙ୍ଗରେ ରାଜ୍ୟ ସରକାର ଜାନୁୟାରୀ ୯ତାରିଖରେ କରିଥିବା ବିଜ୍ଞପ୍ତିକୁ ବିରୋଧ କରି ଓଡ଼ିଶା ଆଇସିଏସ୍‌ଇ ସ୍କୁଲ ସଂଘ ପକ୍ଷରୁ ସୁପ୍ରିମକୋର୍ଟରେ କରାଯାଇଥିବା ଆବେଦନର ଶୁଣାଣି ହୋଇଛି। ବିଚାରପତି ଏ.ଏମ୍.ଖାନ୍‌ୱିଲ୍‌କରଙ୍କ ଅଧ୍ୟକ୍ଷତାରେ ଗଠିତ ୩ଜଣିଆ ଖଣ୍ଡପୀଠ ବୁଧବାର ଉକ୍ତ ମାମଲାର ଶୁଣାଣି କରି ସ୍କୁଲ୍ ଫି' ଛାଡ଼ ସପକ୍ଷରେ କୌଣସି ରାୟ ପ୍ରଦାନ କରିବାକୁ ମନା କରିଛନ୍ତି। ପୂର୍ବରୁ ସମାନ ପ୍ରସଙ୍ଗରେ ଗାନ୍ଧୀ ସେବା ସଦନ ରାଜସମଦ୍ ଭର୍ସେସ ଷ୍ଟେଟ ଅଫ୍ ରାଜସ୍ଥାନ ମାମଲାରେ ସର୍ବୋଚ୍ଚ ଅଦାଲତ ଘରୋଇ ସ୍କୁଲ୍‌ଗୁଡ଼ିକୁ ଶତପ୍ରତିଶତ ଫି' ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୯–୨୦ ଏବଂ ୨୦୨୦–୨୧ଶିକ୍ଷା ବର୍ଷରେ ପିଲାଙ୍କ ଠାରୁ ଘରୋଇ ସ୍କୁଲ୍‌ଗୁଡ଼ିକ ୬ଟି ଇନ୍‌ଷ୍ଟଲ୍‌ମେଣ୍ଟରେ ୧୦୦ ପ୍ରତିଶତ ଫି' ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି କୌଣସି ପିଲା ଫି' ଦେଇ ନ ପାରିଲେ କାହାରିକୁ ବୋର୍ଡ ପରୀକ୍ଷାରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ବିଦ୍ୟାଳୟ ପରିଚାଳନା କମିଟିକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ତେଣୁ ସେହି ଆଦେଶ ଓଡ଼ିଶା ଘରୋଇ ସ୍କୁଲ କ୍ଷେତ୍ରରେ ଲାଗୁ କରାଯିବା ଉଚିତ ବୋଲି ଖଣ୍ଡପୀଠ କହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଗୁରୁବାର କରାଯିବ ବୋଲି କୋର୍ଟ କହିଛନ୍ତି।

ସୂଚନାଯୋଗ୍ୟ, ପିଲାମାନଙ୍କ ଫି' ଛାଡ଼ ପାଇଁ ଘରୋଇ ସ୍କୁଲ୍‌ଗୁଡ଼ିକୁ ରାଜ୍ୟ ସରକାର ବିଜ୍ଞପ୍ତି ଜାରି କରିବାକୁ ବିରୋଧକରି ଓଡ଼ିଶା ଆଇସିଏସ୍‌ଇ ବିଦ୍ୟାଳୟ ସଂଘ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ମାମଲା ରୁଜୁ କରାଯାଇଥିଲା। ସେଥିରେ ଆବେଦନକାରୀ କହିଥିଲେ ଯେ, କରୋନା ସମୟରେ ଅଧିକାଂଶ ଘରୋଇ ସ୍କୁଲ ଅନ୍‌ଲାଇନ ଶିକ୍ଷାଦାନ କରିଛନ୍ତି। ଏପରି କି ଏଥିପାଇଁ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ତାର କର୍ମଚାରୀ ଏବଂ ଶିକ୍ଷକଙ୍କୁ ଏହି ସମୟରେ ନିୟମିତ ଦରମା ମଧ ଦେବାକୁ ପଡ଼ିଛି ବୋଲି ଘରୋଇ ସ୍କୁଲ ସଂଘ ପକ୍ଷରୁ ଆବେଦନରେ ଦର୍ଶାଯାଇଛି।

# ବନ୍ଧୁକ ମୁନରେ ଲୁଟିନେଲେ ୨୧ ଲକ୍ଷ

**ସୋନପୁର,୧୭।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ବାଘଲପୁର–ବିଶିପଡା ରାସ୍ତାରେ ବୁଧବାର ପୂର୍ବାହ୍ନରେ ବନ୍ଧୁକ ମୁନରେ ୬ ଦୁର୍ବୃତ୍ତ ୨୧ ଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଛନ୍ତି। ବୀରମହାରାଜପୁର ପୋଲିସ ଲୁଟେରାଙ୍କୁ ଧରିବାକୁ ତନାଘନା ଚଳାଇଛି।

ପ୍ରକାଶ ଯେ, ଠିକା ସଂସ୍ଥା ରାଇଟର ସେଫ୍ ଗାର୍ଡର ଏକ୍‌ଜିକ୍ୟୁଟିଭ୍ ଏଟିଏମଓ ସୁଧାଂଶୁ ପଧାନ ଓ ସୁନିଲ ମହାରଣା ବୁଧବାର ବ୍ୟାଙ୍କ୍ ଅଫ୍ ବରୋଦା ସୋନପୁର ଶାଖାରୁ ଟଙ୍କା ଉଠାଇ ଦୁଇଟି ବାଇକ୍‌ରେ ଉଲୁଣ୍ଡା ଅଭିମୁଖେ ଯାଉଥିଲେ। ସୋନପୁର ବ୍ଲକ ଛକ ଅଞ୍ଚଳର ସୁଧାଂଶୁଙ୍କ ବ୍ୟାଗ୍‌ରେ ୧୧ ଲକ୍ଷ ଟଙ୍କା ଓ ଘୋଡାଘାଟପଡା ଅଞ୍ଚଳର ସୁନିଲଙ୍କ ବ୍ୟାଗ୍‌ରେ ୧୦ ଲକ୍ଷ ଟଙ୍କା ଥିଲା। ସୁଧାଂଶୁଙ୍କ କହିବା ଅନୁଯାୟୀ, ବାଘଲପୁର ଛକରେ ୩ଟି ବାଇକ୍‌ରେ ହଠାତ୍ ୬ ଜଣ ଆସି ତାଙ୍କୁ ଅଟକାଇ ଥିଲେ। ସେମାନେ ବାଇକ୍‌କୁ ଧକ୍କା ମାରି ତଳେ ପକାଇ ଦେଇଥିଲେ। ପରେ ତାଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭୀତ କରିବା ସହ ଟଙ୍କା ବ୍ୟାଗ୍ ଛଡାଇ ନେଇ ଯାଇଥିଲେ। ଏହାପରେ



ଘଟଣାସ୍ଥଳରେ ପୋଲିସ ଟିମ୍ ଅନୁଧ୍ୟାନ କରୁଛି।

ଦୁର୍ବୃତ୍ତମାନେ ସୁନିଲଙ୍କ ପିଛା କରି ତାଙ୍କ ଠାରୁ ମଧ ଟଙ୍କା ବ୍ୟାଗ୍ ନେଇ ବୀରମହାରାଜପୁର–ରେଢାଖୋଲ ରାସ୍ତାରେ ଫେରାର ହୋଇ ଯାଇଥିଲେ। ଲୁଟେରାମାନେ ଟଙ୍କା ନେଇ ଦୁଇଟି ବାଇକ୍‌ରେ ପଳାଇ ଯାଇଥିବା ବେଳେ ଘଟଣାସ୍ଥଳରେ ଏକ ନମ୍ବରବିହୀନ ବାଇକ୍‌କୁ ଛାଡି ଦେଇଥିଲେ। ପୋଲିସ ଉକ୍ତ ବାଇକ୍‌କୁ ଜବତ କରିଛି। ଠିକା ସଂସ୍ଥାର କର୍ମଚାରୀଦ୍ୱୟ ଏହି ଟଙ୍କାକୁ ଉଲୁଣ୍ଡା ବଜାର ଏଟିଏମ୍‌ରେ ଭରିବାକୁ ନେଉଥିଲେ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ସୁଧାଂଶୁଙ୍କ ଅଭିଯୋଗ କ୍ରମେ ବୀରମହାରାଜପୁର ଥାନାରେ ୫୨/୨୧ ମୂଳେ ଏକ ମାମଲା ରୁଜୁ ହୋଇଛି।

# ପେଟ୍ରୋଲ ପମ୍ପ କର୍ମଚାରୀଙ୍କଠାରୁ ୭ ଲକ୍ଷ ଲୁଟ୍

**ଧର୍ମଶାଳା/ଜେନାପୁର,୧୭।୩(ଡି.ଏନ.ଏ.)**

ଯାଜପୁର ଜିଲା ଜେନାପୁର ଥାନା ଅଧୀନ ୫୩ ନମ୍ବର ଜାତୀୟ ରାଜପଥର କନ୍ତପଡ଼ାଠାରେ ଥିବା ନୀଳାଚଳ ପେଟ୍ରୋଲ ପମ୍ପ କର୍ମଚାରୀ ମନୋଜ ବଳିଆରସିଂଙ୍କଠାରୁ ବୁଧବାର ଲୁଟ୍ ହୋଇଛି। ସେ ବ୍ୟାଙ୍କକୁ ଟଙ୍କା ଜମା କରିବାକୁ ଯାଉଥିବାବେଳେ ଦୁର୍ବୃତ୍ତ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ତାଙ୍କଠାରୁ ପାଖାପାଖି ୮ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଖବର ପାଇ ଜେନାପୁର ଥାନା ଆଇଆଇସି ଆଶିଷ କୁମାର ସାହୁ ଓ ଯାଜପୁର ରୋଡ୍ ଏସ୍‌ଡିପିଓ ଚିନ୍ମୟ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ ପେଟ୍ରୋଲ ପମ୍ପ କର୍ମଚାରୀ ବଳିଆରସିଂ ବାଇକ ଯୋଗେ କବାଟବନ୍ଧ ସ୍ଥିତ ଷ୍ଟେଟ୍ ବ୍ୟାଙ୍କକୁ ଟଙ୍କା ଜମା କରିବାକୁ ଯାଉଥିଲେ। ବାରକଣା ଖେଳପଡ଼ିଆ ନିକଟରେ ୩ଜଣ ଦୁର୍ବୃତ୍ତ ମୁହଁରେ ମାସ୍କ ପିନ୍ଧି ଏକ ବାଇକରେ ଆସି ହଠାତ୍ ତାଙ୍କୁ ଆକ୍ରମଣ କରିଥିଲେ। ଏଥିସହ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ତାଙ୍କ ବାଇକ୍ ଡିକିରୁ ନଗଦ ୭ ଲକ୍ଷ ୫୫ ହଜାର ଟଙ୍କା ଓ ୧ ଲକ୍ଷ ୬୪ହଜାର ଟଙ୍କାର ଏକ ଚେକ ନେଇ ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ କର୍ମଚାରୀ ଜଣକ ପେଟ୍ରୋଲ ପମ୍ପ ମାଲିକ ରମେଶ ଜେନାଙ୍କୁ ଜଣାଇଥିଲେ। ରମେଶ ସଙ୍ଗେସଙ୍ଗ ଜେନାପୁର ଥାନାକୁ ଖବର ଦେଇଥିଲେ। ପ୍ରକାଶଯୋଗ୍ୟ, ବ୍ୟାଙ୍କ ଧର୍ମଘଟ ହେତୁ ୪ଦିନ ହେବ ପେଟ୍ରୋଲ ପମ୍ପର ଟଙ୍କା ବ୍ୟାଙ୍କରେ ଜମା ହୋଇ ପାରି ନ ଥିଲା। ବୁଧବାର ବ୍ୟାଙ୍କ ଖୋଲିଥିବାରୁ ଟଙ୍କା ଜମା କରିବାକୁ କର୍ମଚାରୀ ଜଣକ ଯାଉଥିବାବେଳେ ଏହି ଘଟଣା ଘଟିଥିବା ପେଟ୍ରୋଲ ପମ୍ପ ମାଲିକ ଜେନା ସୂଚନା ଦେଇଛନ୍ତି।



**ଆଜିର ମନ୍ତବ୍ୟ**

"ବିଶ୍ୱ ଫାର୍ମାସୀ ଭାବେ ଭାରତର ଖ୍ୟାତି ବଢ଼ିଛି। ଏହା ୭୨ ଦେଶକୁ କୋଭିଡ୍ ଟିକା ଯୋଗାଇଦେଇଛି।
-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: .............................



ଧ୍ୟାନେଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଦର ପଡ଼ିଛି ସୋଦରିକୁ**
**କୁଆ ନେଇଗଲା ଗୋଦରୀକୁ ।**
କେଉଁଠି ଅତି ନ୍ୟୁନସ୍ତରର ଲୋକକୁ ଯେତେ ପଚରା ଉଚରା କଲେ ବା ଆଦର କଲେ ବି କିଛି ହେଉନି, ଆଉ କେଉଁଠି ଅତି ଆଶ୍ଚର୍ଯ୍ୟଜନକ ଭାବେ ନ ହେବା କଥା ହୋଇଯାଉଛି। ଅସମ୍ଭବ କଥା ଘଟିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆପଣା ବେଳକୁ ଅଣ୍ଟା ଅଛି**
**ପରବେଳକୁ ଦିଅ ତାଟି ।**
ଆଜିର ସ୍ୱାର୍ଥ ସର୍ବସ୍ୱ ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପାଇଁ ଚିର ଜାଗ୍ରତ। ନିଜର ଅଭାବ ଅସୁବିଧା କଥା ପଡ଼ିଲେ ସମସ୍ତେ ତତ୍ପରତା ଦେଖାଇଥାନ୍ତି। ପରନ୍ତୁ ପରର ଦୁଃଖ କଷ୍ଟ ଦେଖିଲେ କେହି ଆଗଭର ନ ହୋଇ ନୀରବଦ୍ରଷ୍ଟା ସାଜିଥାନ୍ତି। ସ୍ୱାର୍ଥପର ବ୍ୟକ୍ତିଙ୍କଠାରେ ଏପରି ମନୋବୃତ୍ତି ରହିଥିବା ଅର୍ଥରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ୩ କୋଟି ରାଶନ ...

ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ସିଜେଆଇ ବୋବ୍‌ଡେ କହିଥିଲେ, ଏଥିରେ ଥିବା ସମସ୍ୟାକୁ ଆମେ ଦେଖୁଛୁ। ବମ୍ବେ ହାଇକୋର୍ଟରେ ଏଭଳି ଅନେକ ପ୍ରସଙ୍ଗକୁ ନେଇ ମୁଁ ଶୁଣାଣି କରିଛି। ତେଣୁ ଏହି ପ୍ରସଙ୍ଗରେ ସମ୍ପୃକ୍ତ ହାଇକୋର୍ଟରେ ଶୁଣାଣି ପାଇଁ ଆବେଦନ କରାଯିବା ଉଚିତ। ଗୋନ୍‌ସାଲଭେସ୍‌ଙ୍କୁ ଖଣ୍ଡପୀଠ କହିଥିଲେ, ସେ ବିଭିନ୍ନ ବିଷୟ ସମାବିଷ୍ଟ ଥିବା ଆବେଦନରେ ଆଶ୍ୱସ୍ତି ଦାବି କରି ପ୍ରସଙ୍ଗର ପରିସରକୁ ବିସ୍ତୃତ କରିଦେଇଛନ୍ତି। ଏହା ଆଧାର ପ୍ରସଙ୍ଗ ହୋଇଥିବାରୁ କେନ୍ଦ୍ର ସମେତ ରାଜ୍ୟ ସରକାରଗୁଡ଼ିକୁ ମଧ୍ୟ ନୋଟିସ କରାଯାଉ। ସରକାରମାନେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ୨୦୧୩ର ଧାରା ୧୪,୧୫ ଓ ୧୬ ଅନୁସାରେ ଲୋକଙ୍କ ଅଭିଯୋଗର ଶୁଣାଣି କରି କ'ଣ ସବୁ ପଦକ୍ଷେପ ନେଇଛନ୍ତି ସେନେଇ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରନ୍ତୁ।

## ଧାନ କିଣ, କ୍ଷମା...

ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ହସ୍ତକ୍ଷେପ ଲୋଡୁଥିବା ବେଳେ ଭାଜପା ସଭ୍ୟ ସୁବାସ ପାଣିଗ୍ରାହୀଙ୍କ କ୍ଷମାପ୍ରାର୍ଥନା ଦାବିରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଛି ବିଜେଡି।

ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ରଣକ୍ଷେତ୍ରରେ ପାଲଟିଯାଉଛି। ବିରୋଧୀ ଓ ଶାସକ ଦଳ ସଭ୍ୟଙ୍କ ହଟ୍ଟଗୋଳରେ ବିଧାନସଭା କାର୍ଯ୍ୟ ବରବାଦ ହେଉଛି। ଦିନତମାମ ଗୃହରେ ହଟ୍ଟଗୋଳ ଲାଗିରହିଛି। ବାଚସ୍ପତି ବାଧ୍ୟହୋଇ ଗୃହକୁ ମୁଲତବୀ ଘୋଷଣା କରୁଛନ୍ତି। ବୁଧବାର ମଧ୍ୟ ବିଧାନସଭାରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସଭା କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ଧାନ ସମସ୍ୟାକୁ ନେଇ ଗୃହର ମଧ୍ୟଭାଗକୁ ଧସେଇ ପଶିଥିଲେ। ଶାସକ ଦଳର ସଦସ୍ୟମାନେ ମଧ୍ୟ ଭାଜପା ବିଧାୟକଙ୍କ କ୍ଷମା ମାଗିବା ଦାବିରେ ଗୃହର ମଧ୍ୟଭାଗରେ ହଟ୍ଟଗୋଳ କରିଥିଲେ। ସମସ୍ତ ସଦସ୍ୟ ହଟ୍ଟଗୋଳରେ ମାତିଥିବାରୁ ବାଚସ୍ପତି ଗୃହ କାର୍ଯ୍ୟ ଆରମ୍ଭ କରିପାରି ନ ଥିଲେ। ଗୃହକୁ କିପରି ସ୍ୱାଭାବିକ ଅବସ୍ଥାକୁ ଆଣିବେ ତାହା ମଧ୍ୟ ବୁଝିପାରି ନ ଥିଲେ। ପରିସ୍ଥିତି ବିଗୁଡୁଥିବା ଦେଖି ବାଚସ୍ପତି ମାତ୍ର ୧ ମିନିଟ୍ ପରେ ୧୦ଟା ୩୧ରୁ ୧୨ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ୧୨ଟାରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ ଓ ଶାସକ ସଭ୍ୟମାନେ ପୁଣି ହୋହଲ୍ଲା କରିଥିଲେ। ବାଚସ୍ପତି ବାଧ୍ୟହୋଇ ଗୃହକୁ ୧୨ଟା ୧ ମିନିଟ୍‌ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନ ୪ଟାରେ ଗୃହ କାର୍ଯ୍ୟ ପୁଣି ଆରମ୍ଭ ହୋଇଥିଲେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ହଟ୍ଟଗୋଳରେ ମାତି ଯାଇଥିଲେ ବିରୋଧୀ ଓ ଶାସକ । ବାଚସ୍ପତି ସଦସ୍ୟମାନଙ୍କୁ ନିଜ ସିଟ୍‌କୁ ଯିବାକୁ ଯେତେ ଅନୁରୋଧ କରିଥିଲେ ମଧ୍ୟ ପରିସ୍ଥିତିରେ ସୁଧାର ଆସି ନ ଥିଲା। ଗୃହରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ବାଚସ୍ପତି ପୁଣି ସର୍ବଦଳୀୟ ବୈଠକ ଡାକିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, କୃଷି ମନ୍ତ୍ରୀ ଅରୁଣ ସାହୁ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପ୍ରଣବ ପ୍ରକାଶ ଦାସ, ମୋହନ ମାଝି, ତାରା ପ୍ରସାଦ ବାହିନୀପତିଙ୍କୁ ବୈଠକରେ ଯୋଗଦେବାକୁ ସେ ଅନୁରୋଧ କରିଥିଲେ। କୌଣସି ଦଳ ନିଜ ଜିଦ୍‌ରୁ ଓହରିବାକୁ ରାଜି ନ ହେବାରୁ ବୈଠକରେ

## ପ୍ରଥମ ପୃଷ୍ଠାରୁ...

ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରିଲାନାହିଁ। ଫଳରେ ବାଚସ୍ପତି ବାଧ୍ୟହୋଇ ଗୃହକୁ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ଗୁରୁବାର ପୁଣି ସର୍ବଦଳୀୟ ବୈଠକ ହେବ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷରେ ଗୃହର ଅଚଳାବସ୍ଥା ଦୂର କରିବାକୁ ଭାଜପା ଓ କଂଗ୍ରେସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ହସ୍ତକ୍ଷେପ ଲୋଡ଼ିଛନ୍ତି। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଆମେ ପ୍ରତିନିଧି ଭାବେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଛୁ। ମାତ୍ର ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଯେ ଚଳିତ ବଜେଟ ଅଧିବେଶନରେ ଧାନ କିଣାକୁ ନେଇ ଗୃହରେ ବାରମ୍ବାର ଆଲୋଚନା ହେବା ଓ ବିଧାନସଭାରେ ଯୋଗାଣ ମନ୍ତ୍ରୀଙ୍କର ପ୍ରତିଶ୍ରୁତି ଅସତ୍ୟ ପ୍ରମାଣିତ ହୋଇଛି। ଫେବୃୟାରୀ ୨୬ ତାରିଖରେ ଧାନ କିଣା ହେବା ନେଇ ମନ୍ତ୍ରୀ ପ୍ରତିଶ୍ରୁତି ଦେବା ସତ୍ତ୍ୱେ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଉ ନାହିଁ। ଏଭଳି ସ୍ପର୍ଶକାତର ପ୍ରସଙ୍ଗରେ ହସ୍ତକ୍ଷେପ କରିବା ସହ ବିରୋଧୀ ଦଳ ସଦସ୍ୟଙ୍କୁ ଯେକୌଣସି ସ୍ଥାନକୁ ଡାକି ଆଲୋଚନା କରି ସୃଷ୍ଟି ହୋଇଥିବା ଅଚଳାବସ୍ଥାର ଅବସାନ ଘଟାଇବାକୁ ବିରୋଧୀ ଦଳ ନେତା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ଗୃହର ଅଚଳାବସ୍ଥା ଦୂର କରିବା ପାଇଁ ସର୍ବଦଳୀୟ ବୈଠକ ଡାକିବାକୁ ଅନୁରୋଧ କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ନରସିଂହ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୨ ତାରିଖରୁ ଆରମ୍ଭ ହୋଇଛି। ସେବେଠାରୁ ଗୃହ ଅଚଳ ହୋଇ ରହିଛି। ଗୃହକୁ ଉଭୟ ଶାସକ ଓ ବିରୋଧୀ ଦଳ ଅଚଳକରି ରଖିଛନ୍ତି। ଗତ ୪ ଦିନ ହେବ ଶାସକ ଦଳର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ସ୍ଲୋଗାନ ନେଇ ହଟ୍ଟଗୋଳ କରୁଛନ୍ତି। ଶାସକ ଦଳ ଭାଜପା ବିଧାୟକଙ୍କ କ୍ଷମାପ୍ରାର୍ଥନା ଦାବିରେ ଗୃହରେ ଅଚଳ କରିବାର କୌଣସି ଯଥାର୍ଥତା ନାହିଁ। ଯଦି ସମ୍ପୃକ୍ତ ବିଧାୟକ ଭୁଲ କରିଥିବା ବାଚସ୍ପତି ହୃଦୟଙ୍ଗମ କରିବେ ତେବେ ବିଧାନସଭାର କାର୍ଯ୍ୟବିଧି ଅନୁଯାୟୀ ଦଣ୍ଡିତ କରିପାରିବେ। ଗୃହର ନେତା ଭାବେ ଅଚଳାବସ୍ଥା ଦୂର କରିବାକୁ ସର୍ବଦଳୀୟ ବୈଠକ ଡାକିବା ଲାଗି ନରସିଂହ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଧାନ କିଣାକୁ ନେଇ ବିରୋଧୀଙ୍କ ମଧ୍ୟରେ ରାଜନୀତି ଜୋର ଧରିଛି। ବିଜେଡି ଓ ଭାଜପା ଏମ୍‌ପିମାନେ କେନ୍ଦ୍ର ଖାଦ୍ୟ ଯୋଗାଣ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଭେଟି ପୃଥକ୍ ଭାବେ ଧାନ କିଣିବାକୁ ଦାବିପତ୍ର ଦେଇଛନ୍ତି।

## 'ଲକ୍‌ଡାଉନ ଯୁଗକୁ ...

ଟିକାକରଣ ଏକ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ। ଏଭଳି ସ୍ଥିତିରେ ଆମକୁ ଅତ୍ୟଧିକ ଯତ୍ନବାନ ହେବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। କରୋନା ମୁକାବିଲା ନେଇ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାମାରୀକୁ ନିୟନ୍ତ୍ରଣ କରିବା ସହ କ୍ଷୟକ୍ଷତିକୁ ସୀମିତ କରିବାରେ ରାଜ୍ୟ ସରକାର ସଫଳ ହୋଇଛନ୍ତି। ଏଥିପାଇଁ ସହଯୋଗ ସକାଶେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ କରୋନା ସ୍ଥିତି ଓ ଏହାର ମୁକାବିଲା ନେଇ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି। ଭର୍ଚୁଆଲ ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ଷେ ହେବ କୋଭିଡ୍-୧୯ ମହାମାରୀ ଯୋଗୁ ସମଗ୍ର ବିଶ୍ୱ ଏକ ଅଭାବନୀୟ ପରିସ୍ଥିତି ଦେଇ ଗତିକରୁଛି। ବିଶ୍ୱର ସମସ୍ତ ଭାଗକୁ ଏହି ଭୂତାଣୁ ବ୍ୟାପିବା ଯୋଗୁ ପ୍ରତ୍ୟେକ ମନୁଷ୍ୟ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ପରିବାର ଓ ସମାଜ କେବଳ ସ୍ୱାସ୍ଥ୍ୟଗତ ନୁହେଁ ଆର୍ଥିକ ଓ ଜୀବିକା କ୍ଷେତ୍ରରେ ମଧ୍ୟ ଗମ୍ଭୀର ରୂପେ ଭାବେ ପ୍ରଭାବିତ ହୋଇଛି । ପ୍ରତ୍ୟେକ ବର୍ଷ ଓଡ଼ିଶା ବାତ୍ୟା ଭଳି ବିପତ୍ତି ଦ୍ୱାରା ପ୍ରଭାବିତ ହେଉଛି। ଏଭଳି ପରିସ୍ଥିତିର ମୁକାବିଲା କରିବାକୁ ରାଜ୍ୟ ପ୍ରଶାସନିକ କଳ ସର୍ବଦା ପ୍ରସ୍ତୁତ ରହିଛି। ଓଡ଼ିଶା ଲୋକଙ୍କ ସହଯୋଗ ଯୋଗୁ ଏହି ମହାମାରୀକୁ ବଡ଼ କ୍ଷତିରୁ ରୋକାଯାଇପାରିଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଅସମୟରେ ସ୍ୱାସ୍ଥ୍ୟକର୍ମୀ ଓ ପ୍ରଶାସନିକ ବ୍ୟବସ୍ଥା ଲଗାତର କାର୍ଯ୍ୟ କରିଆସିଛି। ମହାମାରୀର ଅନ୍ତ ଘଟାଇବା ପାଇଁ ଟିକା ଅତ୍ୟନ୍ତ ଉପାଦେୟ ହେବ ବୋଲି ଜନସାଧାରଣଙ୍କ ବିଶ୍ୱାସ ରହିଛି। କମ୍ ସମୟ ଭିତରେ ଟିକା ବିକାଶ କରିଥିବାରୁ ବୈଜ୍ଞାନିକମାନଙ୍କ ପ୍ରତି ଆମେ ସର୍ବଦା କୃତଜ୍ଞ ରହିବୁ । ଟିକା ପ୍ରସ୍ତୁତି କ୍ଷେତ୍ରରେ ଭାରତ ଏକ ଅଗ୍ରଣୀ ଦେଶର ଭୂମିକା ଗ୍ରହଣ କରିବା ଆମ ପାଇଁ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଟିକାକରଣ କାର୍ଯ୍ୟକ୍ରମରେ ଘରୋଇ କ୍ଷେତ୍ରକୁ ସାମିଲ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। କୋଭିଡ୍ ସ୍ୱାସ୍ଥ୍ୟ ପ୍ରୋଟୋକଲ ଦୀର୍ଘ ସମୟ କ୍ଲାନ୍ତ ଓ ଅବସୋସ ଆଣିଛି। କୋଭିଡ୍-୧୯ ମହାମାରୀ ଯୁଦ୍ଧରେ ରାଜ୍ୟ ସରକାର ସର୍ବଦା କେନ୍ଦ୍ର ସରକାରଙ୍କ ସହ ରହିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେଥିପାଇଁ ତୁରନ୍ତ ପଦକ୍ଷେପ ନେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମହାମାରୀ ବିରୋଧୀ ଲଢ଼େଇରେ ଏପର୍ଯ୍ୟନ୍ତ ଯେଉଁ ଆସ୍ଥା ପ୍ରକାଶ ପାଇଆସିଛି, ସେଥିରେ ଅସାବଧାନତା ଅବଲମ୍ବନ କରିବା ଉଚିତ ନୁହେଁ। ତେଣୁ ଅଧିକରୁ ଅଧିକ କୋଭିଡ୍ ପରୀକ୍ଷା କରାଇବା ସହ କଟକଣା ଲାଗୁ କରିବା ଏବଂ ଟିକାକରଣ କେନ୍ଦ୍ରସଂଖ୍ୟା ବଢ଼ାଇବାକୁ ହେବ। ଟେଷ୍ଟିଂ, ଟ୍ରାକିଂ ଏବଂ ଚିକିତ୍ସାକୁ ଏବେ ଗୁରୁତର ସହ ନେବାକୁ ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀମାନଙ୍କୁ କହିଛନ୍ତି। ଓଡ଼ିଶା, ଛତିଶଗଡ଼, ଉତ୍ତରାଖଣ୍ଡ, କେରଳ ଆଦି ରାଜ୍ୟ ମୁଖ୍ୟତଃ ଆଣ୍ଟିଜେନ୍ ପରୀକ୍ଷା ଉପରେ ନିର୍ଭର କରୁଛନ୍ତି। ୭୦ ପ୍ରତିଶତରୁ ଅଧିକ ଆର୍‌ଟି-ପିସିଆର୍ ପରୀକ୍ଷା କରାଇବାକୁ ହେବ। କରୋନାକୁ ନେଇ ଲୋକଙ୍କୁ ଭୟଭୀତ ନ କରାଇ ସେମାନଙ୍କୁ ସଚେତନ କରାଇବାକୁ ପରାମର୍ଶ ଦିଆଯାଇଛି। କେତେକ ରାଜ୍ୟରେ କୋଭିଡ୍ ଟିକାର ଅପଚୟ ହେଉଥିବାରୁ ଏହାକୁ ରୋକିବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଟିକାର ଅପଚୟ ଲୋକଙ୍କ ଅଧିକାର ଛିନ୍ନ କରିବା ସହ ସମାନ ବୋଲି ସେ ମତ ଦେଇଛନ୍ତି।

କରୋନା ମହାମାରୀ ବିରୋଧରେ ଭାରତ ଜୋର୍‌ଦାର ଲଢ଼େଇ କରି ସାରା ବିଶ୍ୱରେ ଦୃଷ୍ଟାନ୍ତ ସୃଷ୍ଟି କରିପାରିଛି। ଏଠାରେ ଆରୋଗ୍ୟ ହାର ୯୬ ପ୍ରତିଶତରୁ ଅଧିକ ରହିଥିବାବେଳେ ମୃତ୍ୟୁହାର ସବୁଠୁ କମ୍ ଥିବା ମୋଦି କହିଥିଲେ।

## ୭୦ ଜିଲାରେ ...

ମହାରାଷ୍ଟ୍ର, ପଞ୍ଜାବ, କର୍ଣ୍ଣାଟକ, ଗୁଜରାଟ ଓ ତାମିଲନାଡୁରେ ସର୍ବାଧିକ ସଂକ୍ରମଣ ଦେଖାଦେଇଛି। ନୂଆ ସଂକ୍ରମଣର ୭୧.୧୦ ପ୍ରତିଶତ କେବଳ ଏହି ୫ ରାଜ୍ୟରୁ ଆସୁଛି। କେରଳରେ ଗତ ମାସ ତୁଳନାରେ ସଂକ୍ରମଣ ହ୍ରାସ ପାଇଥିଲେ ହେଁ ଏହା ଷଷ୍ଠ ସ୍ଥାନରେ ରହିଛି। କେରଳକୁ ମିଶାଇଲେ ୬ ରାଜ୍ୟରେ ସଂକ୍ରମଣ ମୋଟ ନୂଆ ମାମଲାର ୮୩.୯୧ ପ୍ରତିଶତ। ମହାରାଷ୍ଟ୍ରରେ ଗତ ୨୪ ଘଣ୍ଟାରେ ୧୭,୮୬୪ ନୂଆ ମାମଲା ଚିହ୍ନଟ ହୋଇଥିବାବେଳେ କେରଳରେ ୧,୯୭୦, ପଞ୍ଜାବରେ ୧,୪୬୩ ଜଣ ସଂକ୍ରମିତ ହୋଇଛନ୍ତି। ୧୬ ରାଜ୍ୟର ୭୦ ଜିଲାରେ ଗତ ୧୫ ଦିନ ମଧ୍ୟରେ ସଂକ୍ରମଣ ୧୫୦ ପ୍ରତିଶତ ବୃଦ୍ଧି ପାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ବୁଧବାର କହିଛନ୍ତି। ସେଥିରୁ କେବଳ ମହାରାଷ୍ଟ୍ରରେ ୬୦ ପ୍ରତିଶତ ସକ୍ରିୟ ମାମଲା ରହିଛି। ସେହିପରି ନୂଆ କରୋନାଜନିତ ମୃତ୍ୟୁର ୪୫.୪ ପ୍ରତିଶତ କେବଳ ମହାରାଷ୍ଟ୍ରରେ ହୋଇଥିବା ରେକର୍ଡ କରାଯାଇଛି।

## ନୂଆ ଶିକ୍ଷାବର୍ଷ ଆରମ୍ଭରୁ ...

କରୋନା ମହାମାରୀକୁ ଆଖି ଆଗରେ ରଖି ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଆଉ ସ୍କୁଲ ଖୋଲିବନି କି କ୍ଲାସ୍ ହେବନି। ଗତବର୍ଷ ଭଳି ଏଥର ମଧ୍ୟ ପରୀକ୍ଷା ନ କରି କ୍ଲାସ ପ୍ରମୋଶନ କରାଯିବ ବୋଲି ପୂର୍ବରୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ମନ୍ତ୍ରୀ ଦେଇଥିବା ସୂଚନାନୁଯାୟୀ, କରୋନା ଯୋଗୁ ପୂରା ଶିକ୍ଷା ବର୍ଷ ପ୍ରଭାବିତ ହୋଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଫ୍‌ଲାଇନ୍‌ରେ କୌଣସି ଶିକ୍ଷା ଗ୍ରହଣ କରି ନାହାନ୍ତି। ଅନ୍‌ଲାଇନ୍ ପାଠପଢ଼ା ସେବା ସବୁଠି ଫଳପ୍ରଦ ହୋଇପାରିନାହିଁ। ତେଣୁ ପରୀକ୍ଷା କରିବା ଅସମ୍ଭବ। ସେଥିପାଇଁ ଯେପରି ଗତବର୍ଷ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ବିନା ପରୀକ୍ଷାରେ କ୍ଲାସ୍ ପ୍ରମୋଶନ ଦିଆଯାଇଥିଲା ଚଳିତ ବର୍ଷ ମଧ୍ୟ ସେହି ଢାଞ୍ଚା ଆପଣାଯିବ। ଅପରପକ୍ଷେ ବର୍ତ୍ତମାନ ନବମ, ଦଶମ, ଏକାଦଶ ଓ ଦ୍ୱାଦଶ କ୍ଲାସ ଚାଲିଛି। ପିଲାମାନେ ଅଫ୍‌ଲାଇନ୍‌ରେ ପାଠ ପଢୁଛନ୍ତି। ତେଣୁ ସେମାନେ ଅଫ୍‌ଲାଇନ୍ ପରୀକ୍ଷା ଦେବାରେ କିଛି ଅସୁବିଧା ନାହିଁ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

## ଭାଜପା ଏମ୍‌ପି ରାମସ୍ୱରୂପଙ୍କ ...

ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପ୍ରାଥମିକ ଅନୁଧ୍ୟାନରୁ ବିଶ୍ୱାସ କରାଯାଉଛି। ତେବେ ଘଟଣାସ୍ଥଳରୁ କୌଣସି ସୁଇସାଇଡ୍ ନୋଟ ମିଳିନାହିଁ। ତଦନ୍ତ ଜାରି ରହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ଏମ୍‌ପି ରାମସ୍ୱରୂପଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଲୋକ ସଭା ଅଧିବେଶନ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମୁଲତବୀ ରହିଥିଲା। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକବ୍ୟକ୍ତ କରିଛନ୍ତି। ରାମସ୍ୱରୂପ ଜଣେ ଉତ୍ସର୍ଗୀକୃତ ନେତା ଥିଲେ ଓ ସମାଜର ଉନ୍ନତି ପାଇଁ ଅକ୍ଲାନ୍ତ ପରିଶ୍ରମ କରୁଥିଲେ ବୋଲି ମୋଦି କହିଛନ୍ତି। ଭାଜପା ଏହାର ସଂସଦୀୟ ଦଳ ବୈଠକକୁ ବାତିଲ କରିଦେଇଛି। ରାମସ୍ୱରୂପ ୨୦୧୪ ଏବଂ ୨୦୧୯ରେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ।

ପୋଲିସ କହିବା ଅନୁଯାୟୀ, ସକାଳେ ବାରମ୍ବାର କବାଟ ବାଡେଇ ଡାକିବା ସତ୍ତ୍ୱେ ଏମ୍‌ପି କୌଣସି ଜବାବ ନ ଦେବାରୁ ତାଙ୍କ ସହକାରୀ ପିସିଆର୍‌କୁ ଫୋନ କରିଥିଲେ। ପୋଲିସ ଟିମ୍ ପହଞ୍ଚି ବଳପ୍ରୟୋଗ କରି କବାଟ ଖୋଲିବା ପରେ ରାମସ୍ୱରୂପଙ୍କ ମୃତଦେହ ସିଲିଂ ଫ୍ୟାନ୍‌ରେ ଝୁଲୁଥିବା ଅବସ୍ଥାରେ ମିଳିଥିଲା।

## ନିର୍ଣ୍ଣାୟକ ପଦକ୍ଷେପ ...

ହୁ ହୁ ହୋଇ ବଢ଼ିଚାଲିଛି। ଯଦି ଏହାକୁ ନ ରୋକିବା, ତେବେ ଦେଶବ୍ୟାପୀ ସଂକ୍ରମଣ ସୃଷ୍ଟି ହୋଇପାରେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶ୍ରୀଚନ୍ଦ୍ର ଯୋଗୁ ସ୍ୱାସ୍ଥ୍ୟ, ଜମିଜମା ସମ୍ପର୍କୀୟ ଦୁଶ୍ଚିନ୍ତା ଦୂର ହେବ କିନ୍ତୁ ଯାତ୍ରା, ବିବାଦ ସମସ୍ୟା ବହୁଳ ହୋଇପାରେ। ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ ସକାଶେ ଅଶାନ୍ତି ଅନୁଭବ କରିପାରନ୍ତି। ଅଟକି ରହିଥିବା କାମ ଆରମ୍ଭ କରିବାକୁ ମନ ବଳାଇବେ। ବରାଦ ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**ବୃଷ** ରାହୁଯୁକ୍ତ ମଙ୍ଗଳ ଆପଣଙ୍କୁ ଦୁଃସାହସିକ କାମରେ ପ୍ରବୃତ୍ତ କରାଇପାରେ। କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଆକସ୍ମିକ ଭାବରେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହେବ। ବ୍ୟବସାୟ କ୍ଷେତ୍ରରେ ଯାନବାହନ, ଦୋକାନବାଡି, ସଭା ସମିତିରୁ ଉପକୃତ ହେବେ। ଆର୍ଥିକ, ସାମାଜିକ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାର ରହିବ।

**ମିଥୁନ** ଭାଗ୍ୟସ୍ଥ ନୀଚାଭିମୁଖୀ ରାଶ୍ୟାଧିପ ହେତୁ କିଛି ଅସୁବିଧା ନ ଥିଲେ ମଧ୍ୟ ଦେହ ଓ ମନ ଭଲ ରହିବ ନାହିଁ। ନିଜ ଲୋକ ପ୍ରତିବନ୍ଧକ ସାଜିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ର, ସଭାସମିତି, ସଂଗଠନ, ରାଜନୀତିରେ ଆଲୋଚନା ଅସମାପ୍ତ ରହିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ସାହିତ୍ୟ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ।

**କର୍କଟ** କର୍ମଭାବସ୍ଥ ଚନ୍ଦ୍ର ହେତୁ ପାରିବାରିକ ସ୍ଥିତି ଭଲ ରହିବା ସହ କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇବ। ଶୁକ୍ରଙ୍କ ସୁପ୍ରଭାବ ବିଳାସବ୍ୟସନ, କଳା, ସାହିତ୍ୟ, ସଙ୍ଗୀତାଦି କ୍ଷେତ୍ରରେ ସୁନାମ ପ୍ରଦାନ କରିବ। ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ପରିବାରରେ ବ୍ୟସ୍ତତା ବଢ଼ାଇପାରେ। ଟଙ୍କା ପଇସା ନେବା ଆଣିବା, ଦିଆ ନିଆ କ୍ଷେତ୍ରରେ ସତର୍କ ରହିବା ଭଲ ହେବ।

**ସିଂହ** ଦୁଃସ୍ଥାନସ୍ଥ ରାଶ୍ୟାଧିପ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ସହ ବିରୋଧଭାବ ସୃଷ୍ଟି କରିପାରେ। କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନିଜ ଲୋକଙ୍କ ପରୋକ୍ଷ ବିରୁଦ୍ଧାଚରଣ ହେତୁ ଚିନ୍ତା ବଢ଼ିଯାଇପାରେ। ବ୍ୟବସାୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସଫଳତା ପାଇବେ।

**କନ୍ୟା** ବୃହସ୍ପତି ସହ ଶନିଙ୍କ ସମ୍ପୃକ୍ତି କାରଣରୁ କେତେକ ଭୁଲ୍ ନିଷ୍ପତ୍ତି ସମସ୍ୟାକୁ ନିମନ୍ତ୍ରଣ କରିପାରେ। ଉତ୍ତରାଫାଲଗୁନୀ ବନ୍ଧୁଙ୍କ ସହଯୋଗରେ ପାରିବାରିକ ସମସ୍ୟା ସମାଧାନର ରାସ୍ତା ଖୋଜିପାଇବେ। ସ୍ଥଗିତ କାମଟିକୁ ଆରମ୍ଭକରିବାକୁ ମନ ବଳାଇବେ। କଳା, ସାହିତ୍ୟ, କ୍ରୀଡା, ପ୍ରଶାସନ,ପରିବହନ, ପ୍ରକାଶନରେ ଶୁଭଫଳ ପାଇବେ।

**ତୁଳା** ସାଧାରଣ କଥାକୁ କେନ୍ଦ୍ରକରି ଭ୍ରାତୃ ସମ୍ପର୍କ ଭଲ ରହି ନ ପାରେ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସକାଶେ ଆର୍ଥିକ ସ୍ଥିତି ଦୁଶ୍ଚିନ୍ତାର କାରଣ ହୋଇପାରେ। ସ୍ୱାତୀ ନକ୍ଷତ୍ର ସଭାସମିତି, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ, ରାଜନୀତି, ଶିଳ୍ପ, ବାଣିଜ୍ୟ, ଯାତ୍ରା, କଚେରି ମାମଲାରେ ଚିନ୍ତିତ ରହିବେ।

**ବିଛା** କେତୁଙ୍କ କାରଣରୁ ପରିସ୍ଥିତି ଖରାପ ଦିଗକୁ ଗତି କରୁଥିବାରୁ ମନ ଭଲ ରହି ନ ପାରେ। ଯାନବାହନ, ସଭାସମିତି, ଜମିଜମା, ସମ୍ପର୍କୀୟ ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। ଯାହାକୁ ବେଶି ବିଶ୍ୱାସ କରୁଛନ୍ତି ତାଙ୍କ ଦ୍ୱାରା ପ୍ରତାରିତ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**ଧନୁ** କର୍ମକ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେବା କାରଣରୁ ସକାଳର ଖୁସି ଅପରାହ୍ନକୁ ରହିବ ନାହିଁ। ଅଟକି ରହିଥିବା ଆନୁଷ୍ଠାନିକ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ପରିବାରରେ ହଠାତ୍ ପ୍ରତିକ୍ରିୟା ପ୍ରକାଶ କରନ୍ତୁ ନାହିଁ, ଯାହାକି ଅନର୍ଥର କାରଣ ହୋଇପାରେ। ବାଣିଜ୍ୟ ଓ ପରିବହନରେ ସମସ୍ୟାର ସରଳ ସମାଧାନ କରିବେ।

**ମକର** ପରିସ୍ଥିତି ପ୍ରତି ସଜାଗ ରହି କାମ ନ କଲେ ମାନସିକ ଦୁଶ୍ଚିନ୍ତାରେ ପଡ଼ିବେ। ଈର୍ଷାପର ଲୋକଙ୍କ ପାଖରୁ ଶୁଭ କାମନା ଆଶା କରିବା ବୃଥା ହେବ। ଧନିଷ୍ଠା ନକ୍ଷତ୍ରର ଭଲ କାମ କଲେ ମଧ୍ୟ ସୁଫଳ ପାଇବା କଷ୍ଟକର ହୋଇପାରେ। ସାଙ୍ଗଠନିକ କାର୍ଯ୍ୟ, ଆଇନ ଅଦାଲତ ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରୁ ସୁଫଳ ପାଇବେ।

**କୁମ୍ଭ** ବାରମ୍ବାର ବିଫଳ ହେବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପାରିବାରିକ ସ୍ତରରେ ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହେବ। ଆକସ୍ମିକ ସମସ୍ୟା ଦେଖାଦେବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ନୀଚ ସଂସର୍ଗରୁ ଦୂରେଇ ରୁହନ୍ତୁ। ସାଧାରଣ କଥାରୁ କଳହ ଲାଗିପାରେ।

**ମୀନ** ଆଜି ଦିନରେ ବହୁତ ଚିନ୍ତା ପରେ କୌଣସି ପଦକ୍ଷେପ ନେବା ଠିକ୍ ହେବ। ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ, ଯାହାକି ସାମୟିକ ଦୁଶ୍ଚିନ୍ତା ସୃଷ୍ଟି କରିବ। ଲେଖାପଢ଼ା, ଗବେଷଣା କ୍ଷେତ୍ର, ପ୍ରଶାସନ ତଥା ସଭାସମିତିରେ ସଫଳତା ହାସଲ କରିବେ।

ଆଜି ଫାଲ୍‌ଗୁନ ଶୁକ୍ଳ ୫ମୀ ଗୁରୁବାର, ମାର୍ଚ୍ଚ ୧୮ ତାରିଖ, ରାଶି ନକ୍ଷତ୍ର-ସକାଳ ଘ.୧୦।୩୪ ଗତେ, କୃତ୍ତିକା/ମେଷ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୦୫।୫୬ ଗତେ ଘ. ୦୭।୩୧ ମଧ୍ୟେ, ଘ.୧୦।୪୩ ଗତେ ଘ.୦୧।୦୬ ମଧ୍ୟେ ମାହେନ୍ଦ୍ରବେଳା। ରାତ୍ର ଘ. ୦୨।୪୨ ଗତେ ଘ.୦୩।୩୦ ମଧ୍ୟେ ଅମୃତବେଳା। ଦିବା ଘ.୦୧।୨୪ ଗତେ ଘ.୦୨।୫୪ ମଧ୍ୟେ ରାହୁକାଳ।


# classifieds

**Everyday 0674-2580101, 2549302**

real estate

**SALE**

ଭୁବନେଶ୍ୱର ଧଉଳି ଛକ ନିକଟରେ ଘରବାରି **plot boundarywall, road, electricity** ସହିତ **NH** ଠାରୁ **500'** ଦୂରତାରେ ବିକ୍ରିହେବ। **9861428475.** D-70814

Genuine plot for sale with Bank Loan facility in Sundarpada, AIIMS. 8118050420. D-20210

**Demarcated** ପ୍ଲଟ୍ **KEC,** ଗୁଡ଼ିଆପୋଖରୀ ପାଖରେ **immediate registration & possession** ଅଗ୍ରିମ **boundarywall, electricity, with 30ft. road, sqft.650/-**ରେ ମିଳୁଛି। **Contact: 7008045582, 7749800648.** D-20177

Bhubaneswar ସୁନ୍ଦରପଦାରେ ଘରବାରି ପ୍ଲଟ୍ sqft.-950/-, 350/- କାଟେଣୀରେ 650/- LIPSA-9853150290. D-70812

**Saibhihar Colony**ରେ **30'** ରାସ୍ତା ଥାଇ **Rangabazar, BJEM-2** ରେ **1500sqft. 780000**ରେ ମିଳୁଛି। **9853415415.** D-20248

3BHK Flat near Lingaraj Station,, Bhubaneswar, immediate sale 56 Lakh. 7008005490. D-59983

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

Bhubaneswar ସମ୍ବିହସ୍ପିଟାଲ ଗୋଠପାଟଣା ନିକଟରେ plot କିଣି ତୁରନ୍ତ ଘର କରନ୍ତୁ। sqft. 1150/-, 9861709689. D-70811

**Bhubaneswar AIIMS and Sum Hospital** ନିକଟରେ ଘରବାରି **plot sale. 7847882596.** D-70815

**GENERAL**

**SALE**

Two 1.5ton carrier window A.C. domestically used in good running condition, sale Rs. 18,000/- each. Contact Mo-8458080690. D-20205

to-let

600sqft./ 1200sqft. space available for Office/ Commercial. 9937203178. D-67586

**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997

healthcare

Swarna SPA newly open positively health benefits with expert therapist. 9556978408. D-70559

New opening Saikrupa Panchakarma and SPA jointpain, fullbody massage, 8984068077. D-65913

Get good massage for your health the best therapy. 7749997224. D-70438

Zen SPA positively health benefits with experts therapeutic genuinely massage. 7205084157. D-70560

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

business

**Install white lable ATM in your free space and monthly earn 20000/- to 80,000/- (Agent invited). 7064182517.** D-70553

SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000-35000/- +Laptop+ Mobile + other facilities free (Part/ fulltime). 9667693638, 9667693639. D-70558

**AFFIDAVIT**



Affidavit before Executive Magistrate, Gondia I, have changed my name from Nitu Behera to Raseswari Behera, D/o. Late Keshab Chandra Behera, At- Gundurapasi, P.O.-Bidharpur, P.S.- Gondia, Dist.- Dhenkanal for LIC Policy & all purposes. D-70317

By the virtue of an affidavit Dt.09.03.2021 before the Court of Executive Magistrate, Basudevpur, I, Manjulata Parida, At: Kamargan, P.O.- Guagadia, P.S.- Basudevpur, Dist.- Bhadrak have changed my name from Manjulata Parida to Manjulata Barik according to my husband's surname i.e. Krupasindhu Barik for all future purposes. D-20262

# ଚାହିଦା ପୂରଣ ପାଇଁ ପ୍ରସ୍ତୁତ



**୧୯୮୪ ମସିହାରୁ ଅଦ୍ୟାବଧି ସବୁ ବର୍ଷ ପ୍ରତିଟି ମୁହୂର୍ତ୍ତ ଘଟଣା ବହୁଳ। ଶିକ୍ଷା ଶେଷ ପରେ ବାଣିଜ୍ୟରେ ମନୋନିବେଶ କରିଥିଲେ। କୋଣାର୍କ ଟିଭି ଡିଲରଶିପ୍‌ରୁ ଯାତ୍ରା ଆରମ୍ଭ। ଏକ ଇଲେକ୍ଟ୍ରୋନିକ୍ସ ବିଜ୍‌ନେସ ସହ ଆସୋସିଏଟ୍ ହେବା ଇଚ୍ଛାରୁ ହିଁ ସ୍ପେକ୍ଟ୍ରା ଭିଜନର ଉତ୍ପତ୍ତି। ସେବେଠୁ ଦୀର୍ଘ ୩୭ ବର୍ଷର ଯାତ୍ରା। ଗୋଟିଏ ଛାତ ତଳେ ଇଲେକ୍ଟ୍ରୋନିକ୍ସ ଓ ଡିଜିଟାଲ ପ୍ରଡକ୍ଟ ଯୋଗାଇ ଉତ୍ତମ ସେବା ବଳରେ ଗ୍ରାହକଙ୍କ ମନ ଜିଣିଛନ୍ତି। ଗ୍ରାହକଙ୍କ ଚାହିଦା ପୂରଣ ପାଇଁ ସର୍ବଦା ପ୍ରସ୍ତୁତ ବୋଲି ଧରିତ୍ରୀକୁ ସାକ୍ଷାତ୍‌କାର ଦେଇ କହିଛନ୍ତି ସ୍ପେକ୍ଟ୍ରା ଭିଜନ୍ ମ୍ୟାନେଜିଂ ଡାଇରେକ୍ଟର ଦେବରାଜ ରଥ।**

**▶ ବ୍ୟବସାୟକୁ କିଭଳି କ୍ଷତି ପହଞ୍ଚାଇଛି କରୋନା?**
ଲକ୍‌ଡାଉନ୍‌ରେ କାରବାର ସମ୍ପୂର୍ଣ୍ଣ ଅଟକିଯାଇଥିଲା। ଅନ୍‌ଲକ୍ ପରେ ମେ' ଓ ଜୁନ୍ ମାସରେ ବିଜ୍‌ନେସ ଆଶାନୁରୂପ ହୋଇଥିଲା। ଲୋକେ ଆବଶ୍ୟକତା ମୁତାବକ ସାମଗ୍ରୀ କ୍ରୟ କରିଥିଲେ। ଜୁଲାଇ ପରେ ବିଜ୍‌ନେସ ପୁଣି ଥରେ ପ୍ରଭାବିତ ସ୍ତରରେ ରହିଥିଲା। ଅକ୍ଟୋବର-ନଭେମ୍ବରରେ ପୁଣି କିଛି ହାରରେ କାରବାର ହେଲା। ଏମିତି ବିଚାରକୁ ନେଲେ ସମ୍ପୂର୍ଣ୍ଣ ଭାବେ କାରବାର ଟ୍ରାକ୍‌କୁ ଫେରିନାହିଁ। ଗ୍ରୀଷ୍ମ ଆସୁଥିବାରୁ ଏସି, ରେଫ୍ରିଜରେଟର କାରବାର ଭଲ ହେବ ବୋଲି ଆଶା କରୁଛୁ।

**▶ ଯୋଗାଣ ଚେନ୍ ଉପରେ ମହାମାରୀ ପ୍ରଭାବକୁ କେମିତି ଦେଖୁଛନ୍ତି?**
ଆମ ବାଣିଜ୍ୟ ଆମଦାନୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। କରୋନା ସମୟରେ ଦୀର୍ଘ ଦିନ ଧରି ଫ୍ୟାକ୍ଟ୍ରି ବନ୍ଦ ରହିବାରୁ ପ୍ରଡକ୍ଟ ଉପଲବ୍ଧ କରାଇବା ଏକ ପ୍ରମୁଖ ସମସ୍ୟା ହେଲା। ବର୍ତ୍ତମାନ ମଧ୍ୟ ଷ୍ଟକ୍ ସପ୍ଲାଇ ପ୍ରଭାବିତ ହୋଇରହିଛି। କେବଳ ଇଲେକ୍ଟ୍ରୋନିକ୍ସ ଉପକରଣ ନୁହେଁ, ଅନ୍ୟ ସାମଗ୍ରୀଗୁଡ଼ିକର ଦର ମଧ୍ୟ ବଢ଼ିଛି। ଏହା ଖାଉଟିଙ୍କ ମନୋଭାବକୁ ପ୍ରଭାବିତ କରିଛି।

**▶ ବର୍ତ୍ତମାନର ବଜାର ସ୍ଥିତି ଇଲେକ୍ଟ୍ରୋନିକ୍ସ ସେଗ୍‌ମେଣ୍ଟ ଉପରେ କିଭଳି ରହିଛି?**
ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ପ୍ରସ୍ତୁତି ପାଇଁ ଆବଶ୍ୟକ କଞ୍ଚାମାଲ ଦର ଅନ୍ତର୍ଜାତୀୟ ବଜାରରେ ପ୍ରାୟ ୪୦ରୁ ୫୦% ବଢ଼ିଛି। ଅଧିକାଂଶ କମ୍ପାନୀ ନିକଟରେ ଥିବା କଞ୍ଚାମାଲର ବ୍ୟବହାର ସରିଲାଣି। ବର୍ତ୍ତମାନର ନୂଆ ଆବଶ୍ୟକତା ଉପରେ ବର୍ଦ୍ଧିତ ଦରର ପ୍ରଭାବ ପଡ଼ିବ। ଉତ୍ପାଦନ ଖର୍ଚ୍ଚ ବଢ଼ୁଥିବାରୁ ଇଲେକ୍ଟ୍ରୋନିକ୍ସ ପ୍ରଡକ୍ଟ ରିଟେଲ ମୂଲ୍ୟ ୧୦ରୁ ୧୨% ବୃଦ୍ଧିପାଇପାରେ। ନୂଆ ଟିକସ ନୀତି ଯୋଗୁ ପ୍ରାୟ ୫ରୁ ୬% ଅତିରିକ୍ତ ପ୍ରଭାବ ପଡ଼ିବ। ଲୋକେ ଏକ ବଜେଟରେ କିଣିବାକୁ ଯୋଜନା କରିଥିବାବେଳେ ମୂଲ୍ୟ ବଢ଼ିଲେ କାରବାର ପ୍ରଭାବିତ ହେଉଛି।

**▶ ମହାମାରୀରେ ଗ୍ରାହକ ସେବା ଯୋଗାଣ କିଭଳି ରହିଥିଲା?**
ଲକ୍‌ଡାଉନ୍ ବେଳେ କର୍ମଚାରୀଙ୍କ ନିରାପତ୍ତାକୁ ଧ୍ୟାନ ଦେଇଥିଲୁ। ଗ୍ରାହକଙ୍କ ସର୍ଭିସ ଇସ୍ୟୁକୁ ମଧ୍ୟ ଧ୍ୟାନରେ ରଖିଥିଲୁ। ସରକାରଙ୍କଠାରୁ ସ୍ପେଶାଲ ପାସ୍ ନେଇ ଲୋକଙ୍କ ସମସ୍ୟାର ସମାଧାନ କରିଥିଲୁ। ନିୟମରେ ରହି ସବୁ କାମ କରୁଛୁ। ବିଜ୍‌ନେସ କମିଗଲେ ଟ୍ରାକ୍‌କୁ ଫେରିପାରିବ। ସମସ୍ତେ ସୁରକ୍ଷିତ ରୁହନ୍ତୁ, ଏହାକୁ ଆମେ ଗୁରୁତ୍ୱ ଦେଇଛୁ।

**▶ ବଜାର ଓ ଗ୍ରାହକ ସେବା ନେଇ କିଛି ଅନୁଭୂତି କହିବେ?**
ୟା ଭିତରେ ଅନେକ କମ୍ପାନୀ ଆସିଛନ୍ତି। ଯେଉଁ କମ୍ପାନୀ ଭଲ ପ୍ରଡକ୍ଟ ଏବଂ ସର୍ଭିସ ଦେଇଛନ୍ତି ସେମାନେ ହିଁ ବଜାରରେ ଅଛନ୍ତି। ଆମ ଶୋ'ରୁମ୍‌ରେ ଗ୍ରାହକ ସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦେଉ। ଗ୍ରାହକଙ୍କୁ ଗୋଟିଏ ଛାତ ତଳେ ଡିଜିଟାଲ, ଇଲେକଟ୍ରୋନିକ୍ସ ପ୍ରଡକ୍ଟ ଯୋଗାଣ ହେଉଛି। ବର୍ତ୍ତମାନ ଯୁବ ବର୍ଗଙ୍କଠାରେ ଏହି କ୍ଷେତ୍ରରେ ପ୍ରଡକ୍ଟ କ୍ରୟ ଚାହିଦା ବଢ଼ୁଛି। ଏହାକୁ ଧ୍ୟାନରେ ରଖିବା ସହ ଚାହିଦା ପୂରଣ ଲାଗି ପ୍ରସ୍ତୁତ ରହିଛୁ। ଶୋ' ରୁମ୍‌ରେ ଇ-ସ୍କୁଟର ଏବଂ ଇ-ସାଇକେଲ ଉପଲବ୍ଧ କରାଇବାକୁ ଯୋଜନା ରଖାଯାଇଛି।

**▶ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ହେବାକୁ ଯାଉଥିବା ବିଜ୍‌ନେସ ଏମିନେନ୍ସ ଆୱାର୍ଡ ସମ୍ପର୍କରେ କ'ଣ ମତ ଦେବେ?**
ଏହା ନିଶ୍ଚିତ ଭାବେ ଏକ ଭଲ ପଦକ୍ଷେପ। ଏହାକୁ ସ୍ୱାଗତ କରୁଛି। ଏଭଳି ଏକ ସମ୍ମାନ ଏବଂ ସ୍ୱୀକୃତି ପ୍ରଦାନ ବ୍ୟକ୍ତି ବିଶେଷଙ୍କ ମନୋବଳ ବଢ଼ାଇବା ଦିଗରେ ସହାୟକ ହେବ।

# ବୈଦ୍ୟୁତିକ ଯାନ ପରିବେଶ ଉପଯୋଗୀ



**ଅଟୋମୋବାଇଲ ସେକ୍ଟରକୁ ମହାମାରୀ ବହୁଳ ଭାବେ ପ୍ରଭାବିତ କରିଥିବାବେଳେ ଏହି ଶିଳ୍ପ ଏବେ ଆଶାର ନୂଆ କିରଣ ଅପେକ୍ଷାରେ। ଇତିମଧ୍ୟରେ କେନ୍ଦ୍ର ସରକାର ପ୍ରଦୂଷଣମୁକ୍ତ ପରିବେଶ ସୃଷ୍ଟି ଉଦ୍ଦେଶ୍ୟରେ ବୈଦ୍ୟୁତିକ ଯାନଗୁଡ଼ିକୁ ପ୍ରୋତ୍ସାହନ ଦେବା ପାଇଁ ଏକ ନୂଆ ସ୍କ୍ରାପ୍ ନୀତି ଆଣିଛନ୍ତି। ମହାମାରୀର ପ୍ରଭାବ, ସ୍କ୍ରାପେଜ୍ ପଲିସିର ଲାଭ ଓ ଇଲେକ୍ଟ୍ରିକ୍ ଯାନର ଭବିଷ୍ୟତ ସମ୍ପର୍କରେ ଧରିତ୍ରୀକୁ ସାକ୍ଷାତ୍‌କାର ଦେଇ ମତ ରଖିଛନ୍ତି ଟାଟା ମୋଟର୍ସ (କମର୍ସିଆଲ ଭେହିକିଲ୍ ଡିଭିଜନ), ଏମ୍‌ଜି ମୋଟର୍ସ, ଜାଗୁଆର ଆଣ୍ଡ ଲ୍ୟାଣ୍ଡ ରୋଭର ଏମ୍‌ଡି ଅବିନାଶ ସାମଲ।**

**▶ ନୂଆ ସ୍କ୍ରାପ୍ ନୀତିକୁ ନେଇ ଆପଣଙ୍କ ମତ କ'ଣ?**
ନୂଆ ସ୍କ୍ରାପ୍ ନୀତିରେ ସଡ଼କରୁ ପୁରୁଣା ଓ ଅନ୍‌ଫିଟ୍ ଗାଡ଼ିଗୁଡ଼ିକୁ ହଟାଇବା ଲାଗି ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରୁଛୁ। ଆଧୁନିକ କାର୍ ଓ ଇଞ୍ଜିନଗୁଡ଼ିକ ପୁରୁଣା କାର୍ ଏବଂ ଇଞ୍ଜିନଠାରୁ ଅଧିକ ଦକ୍ଷ ଓ ପରିବେଶ ଉପଯୋଗୀ ବୋଲି ଆମେ ବିଶ୍ୱାସ କରୁଛୁ। ତା'ଛଡ଼ା ବିପଜ୍ଜନକ ବର୍ଜ୍ୟବସ୍ତୁର ସୁରକ୍ଷିତ ପୁନଃ ବିନିଯୋଗ ଲାଗି ନୂଆ ସ୍କ୍ରାପ୍ ନୀତି ଏକ ସୁନିୟୋଜିତ ଉପାୟ।

**▶ ଅଟୋମୋବାଇଲର ଯୋଗାଣ ଶୃଙ୍ଖଳକୁ ମହାମାରୀ କିପରି ପ୍ରଭାବିତ କରିଛି?**
କରୋନା ମହାମାରୀ ଯୋଗୁ ସପ୍ଲାଇ ଚେନ୍ ବା ଯୋଗାଣ ଶୃଙ୍ଖଳ ଗମ୍ଭୀର ଭାବେ ପ୍ରଭାବିତ ହୋଇଛି। ଉଭୟ ବିକ୍ରି ଓ ବିକ୍ରି ପରବର୍ତ୍ତୀ ସେବା ଲାଗି ଏହା କଠିନ ସମୟ। ଆମର ମୁଖ୍ୟ ବ୍ରାଣ୍ଡଗୁଡ଼ିକ ମଧ୍ୟରୁ ୩ଟି ଭାରତ ବାହାରେ ଥିବାରୁ ପ୍ରତିମାସରେ ଯୋଗାଣ କମ୍ ରହୁଛି। ଏଥିପାଇଁ ଯନ୍ତ୍ରପାତି ଯୋଗାଣର ବ୍ୟବସ୍ଥାଗତ କାର୍ଯ୍ୟ ପ୍ରଭାବିତ ହେଉଛି। ଗ୍ରାହକମାନେ ଏହି ଅସୁବିଧାକୁ ବୁଝି ସହଯୋଗ କରୁଥିବାରୁ ସେମାନଙ୍କୁ ଧନ୍ୟବାଦ। ସ୍ଥିତି ସ୍ୱାଭାବିକ ହେଉଥିବାରୁ ଆଗାମୀ ମାସଗୁଡ଼ିକରେ ଆମେ ଦକ୍ଷତା ଓ ଯୋଗାଣ ବୃଦ୍ଧି ପାଇଁ ଉଦ୍ୟମ କରୁଛୁ।

**▶ ଇଲେକ୍ଟ୍ରିକ୍ ଯାନଗୁଡ଼ିକର ଭବିଷ୍ୟତକୁ କିପରି ଦେଖୁଛନ୍ତି?**
ବହୁସମୟରେ ମୁଁ ଆମ ଟିମ୍‌କୁ କୁହେ, 'ଏହାର ଭବିଷ୍ୟତ ଉତ୍ସାହଜନକ, ଏହାର ଭବିଷ୍ୟତ ଇଲେକ୍ଟ୍ରିକ୍'। ଅଟୋମୋବାଇଲ୍ କ୍ଷେତ୍ରରେ ଏକ ସ୍ୱଚ୍ଛ ଓ ଦକ୍ଷ ଭବିଷ୍ୟତ ଲାଗି ଇଲେକ୍ଟ୍ରିକ୍ ଯାନ ଏକ ନିଶ୍ଚିତ ଉପାୟ। ଜାଗୁଆର ଆଣ୍ଡ ମୋରିସ୍ ଗ୍ୟାରେଜେସ୍ ଭଳି ଆମ ବ୍ରାଣ୍ଡଗୁଡ଼ିକ ସେମାନଙ୍କ ଉତ୍ପାଦ ଶ୍ରେଣୀରେ ଇଲେକ୍ଟ୍ରିକ୍ ବ୍ୟାଟେରିଚାଳିତ ଯାନକୁ ବଜାରରେ ପ୍ରବେଶ କରାଇଛନ୍ତି। ଉଭୟ ଯାନ ଥରେ ଚାର୍ଜ ହେଲେ ୪୦୦ କି.ମି.ରୁ ଅଧିକ ଯାତ୍ରା କରିପାରିବ। ଏହା ବଜାରରେ ଉପଲବ୍ଧ ଯେକୌଣସି ପ୍ରମୁଖ ଅଟୋମୋବାଇଲ୍ ନିର୍ମାତା ଆଇସିଇ (ଇଣ୍ଟରନାଲ କମ୍ବଶନ୍ ଇଞ୍ଜିନ୍) କାର୍ ସହ ସମକକ୍ଷ।

**▶ ଇଲେକ୍ଟ୍ରିକ୍ ଯାନ ବଜାରକୁ ଛାଡ଼ିବା ଏବଂ ଏହାରମାଲିକାନା ସୁନିଶ୍ଚିତ କରାଇବା ଏବେ ଦୁଇଟି ଭିନ୍ନ ଚ୍ୟାଲେଞ୍ଜ କି?**
ନା, ବାସ୍ତବରେ ତା'ନୁହେଁ। ସମୟାନୁକ୍ରମେ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱତନ୍ତ୍ର ରିହାତି ଯୋଜନା ଘୋଷଣା କରିବା ଉତ୍ସାହଜନକ। ଏକ ସ୍ୱଚ୍ଛ ଓ ସୁଦୃଢ଼ ଭବିଷ୍ୟତ ଲାଗି ଆମେ ବିଦ୍ୟୁତ୍‌ଚାଳିତ ଯାନକୁ ଗୁରୁତ୍ୱ ଦେଇ ଏହାପ୍ରତି କେତେ ଯତ୍ନବାନ ତାକୁ ଏହା ଦର୍ଶାଉଛି। କେବଳ ସେତିକି ନୁହେଁ, ଏବେ ରାଜ୍ୟ ତଥା କଟକ-ଭୁବନେଶ୍ୱର ଦ୍ୱୈତ ନଗରୀରେ ବିଦ୍ୟୁତ୍‌ଚାଳିତ ଯାନ ଲାଗି ଚାର୍ଜିଂ ଟର୍ମିନାଲ ସ୍ଥାପନ କରିବାକୁ ସ୍ଥାନ ଚିହ୍ନଟ କାମରେ ଲାଗିଛୁ। ଉତ୍ତରପ୍ରଦେଶ, ଗୋଆ ଏବଂ ଏନ୍‌ସିଆର୍ ନୂଆ ବିଦ୍ୟୁତ୍‌ଚାଳିତ ଯାନ ଲାଗି ପଞ୍ଜୀକରଣ ଦେୟମୁକ୍ତ କରିଛନ୍ତି। ବିଦ୍ୟୁତ୍‌ଚାଳିତ ଯାନକୁ ପ୍ରୋତ୍ସାହନ ଦେବା ପାଇଁ ଓଡ଼ିଶାରେ ମଧ୍ୟ ଅନୁରୂପ ପଦକ୍ଷେପ ଆଶା କରୁଛୁ।

**▶ ୨୦୨୧ ଲାଗି କିଛି ନୂତନ କାର୍ଯ୍ୟଖସଡ଼ା ?**
ବିଭିନ୍ନ ପ୍ରତିକୂଳ ପରିସ୍ଥିତି ଲାଗି ପ୍ରସ୍ତୁତ ରହିବାକୁ ୨୦୨୦ ଆମକୁ ଶିକ୍ଷା ଦେଇଛି। ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ଚ୍ୟାଲେଞ୍ଜକୁ ପଛକୁ ଠେଲି ସକାରାତ୍ମକ ଓ ନୂଆ ଆଶା ନେଇ ନୂଆବର୍ଷରେ ଆଗକୁ ବଢ଼ିଛୁ। ଲକ୍ସ୍ୟୁରି ଏସ୍‌ୟୁଭି ବଜାରର ଉଚ୍ଚ ଶ୍ରେଣୀରେ ଆମେ ନିରନ୍ତର ଭାବେ ଅଗ୍ରଣୀ ରହିଆସିଛୁ। ଏହାକୁ ବଜାୟ ରଖି ଗ୍ରାହକଙ୍କ ଖୁସି ପାଇଁ ସର୍ବଦା ଉଦ୍ୟମ କରିବୁ।

# ଜଗନ୍ନାଥଙ୍କ ୩୫ ହଜାର ଏକର ଜମି ବିକ୍ରି ହେବ

ଭୁବନେଶ୍ୱର, ୧୭।୩ (ବ୍ୟୁରୋ)

ଓଡ଼ିଶା ଓ ଅନ୍ୟ ୬ ରାଜ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ୩୫,୨୭୨ ଏକର ଜମିକୁ ବିକ୍ରି କରାଯିବା ନିମନ୍ତେ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଭାଜପା ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମଙ୍ଗଳବାର ଆଇନ ମନ୍ତ୍ରୀ ପ୍ରତାପ ଜେନା ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ତତ୍କାଳୀନ ରାଜ୍ୟପାଳ ବି.ଡି. ଶର୍ମାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ସୁପାରିସ ଅନୁଯାୟୀ ସରକାର ୩୫,୨୭୨.୨୩୫ ଏକର ଜମି ବିକ୍ରି କରିବା ଲାଗି ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ରାଜ୍ୟର ୩୦ ଜିଲା ମଧ୍ୟରୁ ୨୪ ଜିଲାରେ ଜଗନ୍ନାଥଙ୍କ ୬୦,୪୨୬.୯୪୩ ଏକର ଜମି ରହିଛି। ଏଥିମଧ୍ୟରୁ ଶ୍ରୀମନ୍ଦିର ପ୍ରଶାସନ ୩୪,୮୭୬.୯୮୩ ଏକର ଉପରେ ଚୂଡ଼ାନ୍ତ ମାଲିକାନା ସ୍ୱତ୍ୱ(ଆର୍‌ଓଆର୍) କରିବାକୁ ସ୍ଥିର କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତ ଏକକ ନୀତି(ସମାନ ନୀତି) ଅନୁଯାୟୀ ଏଭଳି ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଗୃହରେ ପ୍ରକାଶ କରିଛନ୍ତି। ଓଡ଼ିଶା ବ୍ୟତୀତ ଅନ୍ୟ ୬ ରାଜ୍ୟରେ ୩୯୫.୨୫୨ ଏକର ଜମି ବିକ୍ରି ହେବା ଲାଗି ମଧ୍ୟ ପ୍ରସ୍ତୁତି ଚାଲିଛି। ଏନେଇ ସରକାର ସମ୍ପୃକ୍ତ ଜିଲାପାଳଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ଲିଖିତ ଭାବେ ଜଣାଇଛନ୍ତି।

ମିଳିଥିବା ସୂଚନା ଅନୁସାରେ ଦ୍ୱାଦଶ ଶତାବ୍ଦୀର ଏହି ମନ୍ଦିରର ଜମି ରାଜ୍ୟ ବାହାରେ ସର୍ବାଧିକ ୩୩୨.୯୩୦ ଏକର ପଶ୍ଚିମବଙ୍ଗରେ ରହିଛି। ସେହିପରି ୨୮.୨୧୮ ଏକର ମହାରାଷ୍ଟ୍ରରେ, ୨୫.୧୧୦ ଏକର ମଧ୍ୟପ୍ରଦେଶ, ୧୭.୦୨୦ ଏକର ଆନ୍ଧ୍ରପ୍ରଦେଶ, ୧.୭୦୦ ଏକର ଛତିଶଗଡ଼ ଏବଂ ବିହାରରେ ୦.୨୭୪ ଏକର ଜମି ଅଛି। ମନ୍ତ୍ରୀ ଆହୁରି କହିଛନ୍ତି, ୧୦୦ ଏକର



ବାଘା ଅଞ୍ଚଳରେ ଚିହ୍ନଟ କରାଯାଇଥିବାବେଳେ ସରକାର ଉକ୍ତ ଜମିରୁ ଭାଗଚାଷୀଙ୍କ ଠାରୁ ନିର୍ଦ୍ଧାରିତ ଭାଗ ସଂଗ୍ରହ କରୁଛନ୍ତି। ଏଥିପାଇଁ ଜଣେ ଖମାରିଙ୍କୁ ବାଘାରେ ଏବଂ ଅନ୍ୟ ଜଣଙ୍କୁ ଦୋଚାଇନରେ ନିୟୋଜିତ କରାଯାଇଛି। ଏଥିସହିତ ଦୋଚାଇନ୍‌ରୁ ସଂଗ୍ରହ ହେଉଥିବା ଧାନକୁ ପ୍ରତ୍ୟେକ ବର୍ଷ ମଧ୍ୟ ବିକ୍ରି କରାଯାଉଛି। ଖୋର୍ଦ୍ଧା ଅଞ୍ଚଳରେ ଥିବା ୫୮୨.୨୫୫ ଏକର ଜମିକୁ ଓଡ଼ିଶା କାଜୁ ବିକାଶ ନିଗମକୁ ଲିଜ୍ ସୂତ୍ରରେ ଦିଆଯାଇଛି। ଏହାର ପ୍ରତିବଦଳରେ ସରକାର ବାର୍ଷିକ ୩ଲକ୍ଷ ଟଙ୍କା ନିଗମଠାରୁ ପାଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ ଶ୍ରୀମନ୍ଦିର ଜମିକୁ ଯେଉଁମାନେ ୩୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅକ୍ତିଆର କରି ରଖିଛନ୍ତି, ସେମାନେ ତାହାକୁ ନିଜ ଦଖଲକୁ ନେବାକୁ ଚାହିଁଲେ ଏକର ପିଛା ୬ଲକ୍ଷ ଟଙ୍କା ସରକାରଙ୍କୁ ଦେବାକୁ ପଡ଼ିବ। ଆଉ ଯେଉଁମାନେ ୨୦ବର୍ଷରୁ ଊର୍ଦ୍ଧ୍ୱ ଏବଂ ୩୦ବର୍ଷରୁ କମ୍ ସମୟ ଧରି ରଖିଛନ୍ତି ସେମାନେ ଏକର ପିଛା ୯ଲକ୍ଷ ଟଙ୍କା ଦେଇ ଜମି ଦଖଲକୁ ନେଇପାରିବେ। ସେହିପରି ୨୦ବର୍ଷରୁ କମ୍ ଏବଂ ୧୨ବର୍ଷରୁ ଅଧିକ ସମୟ ଧରି ଜମି ଅକ୍ତିଆର କରିଛନ୍ତି ସେମାନେ ଏକର ପିଛା ୧୫ଲକ୍ଷ ଟଙ୍କା ଦେବେ। ଆଇନ ମନ୍ତ୍ରୀ ପୁଣି କହିଛନ୍ତି, ସରକାର ମନ୍ଦିର ଜମି ସଂକ୍ରାନ୍ତ ଘଟଣାର ତଦନ୍ତ ଓ ସଂସ୍କାର ଆଣିବା ନିମନ୍ତେ ବିଭିନ୍ନ ସମୟରେ ୪ଟି କମିଶନ ଗଠନ କରିଛନ୍ତି। ବି.ଡି. ଶର୍ମାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ସହ ଜଷ୍ଟିସ୍ ବି.କେ. ପାତ୍ର କମିଶନ, ଜଷ୍ଟିସ ପି.କେ. ମହାନ୍ତି କମିଶନ ଏବଂ ଜଷ୍ଟିସ୍ ବି.ପି. ଦାସ କମିଶନ କାର୍ଯ୍ୟ କରିଛନ୍ତି। କମିଶନଙ୍କ ବିଭିନ୍ନ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ନିମନ୍ତେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହୋଇଛି, ଯାହାକି ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଦ୍ୱାରା ସ୍ୱୀକୃତ।

## ନିଆଁ ଲିଭାରେ ନିୟୋଜିତ ଅସ୍ଥାୟୀ କର୍ମଚାରୀଙ୍କ ମୃତ୍ୟୁ

ବାରିପଦା ଅଫିସ, ୧୭।୩

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ବରେହିପାଣି ରେଞ୍ଜ ତୁଳସୀବଣ ଗେଟ ନିକଟ ଚାଡ଼ରିପାହାଡ଼ଠାରେ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଜଣେ ଅସ୍ଥାୟୀ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୀରକିଶୋର ସିଂ। ଯଶିପୁର ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଚିକିତ୍ସାଳୟକୁ ପଠାଇଛି। ବୁଧବାର ବୀର କିଶୋର ଏକ ଗଛ ମୂଳରେ ଅଚେତ ଅବସ୍ଥାରେ ପଡ଼ିଥିଲେ । ସହକର୍ମୀମାନେ ତାଙ୍କୁ ଉଦ୍ଧାର କରି ଯଶିପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଜଙ୍ଗଲୀ ବିଷାକ୍ତ କୀଟ ଆକ୍ରମଣ କିମ୍ବା ଅତ୍ୟଧିକ ଗରମ ଯୋଗୁ ତାଙ୍କର ମୃତ୍ୟୁ ଘଟିଥାଇପାରେ ବୋଲି ସହଯୋଗୀ ରାୟା ସିଂ କହିଛନ୍ତି। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଅଫିସର କହିଛନ୍ତି।

**ଫର୍ମ ନଂ. ଆଇଏନ୍‌ସି-୨୬**
[କମ୍ପାନୀ (ଇନ୍‌କର୍ପୋରେଶନ) ନିୟମାବଳୀ, ୨୦୧୪ର ନିୟମ ୩୦ ଆଧାରରେ]
କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ପରିବର୍ତ୍ତନ କରିବା ପାଇଁ ଖବରକାଗଜରେ ପ୍ରକାଶିତ ହେବାକୁ ଥିବା ବିଜ୍ଞାପନ
**ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ (କେନ୍ଦ୍ର ସରକାର), କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟଙ୍କ ସମ୍ମୁଖରେ**
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ର ଉପଧାରା (୪), କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩(୪) ଏବଂ କମ୍ପାନୀ (ଇନ୍‌କର୍ପୋରେଶନ) ନିୟମାବଳୀ, ୨୦୧୪ର ନିୟମ ୩୦ର ଉପ-ନିୟମ (୫)ର ଅନୁଚ୍ଛେଦ (କ) ମାମଲାରେ
ଏବଂ
**ଏଆର୍‌ଏସ୍‌ଏସ୍ ବସ୍ ଟର୍ମିନାଲ ପ୍ରାଇଭେଟ୍ ଲିମିଟେଡ୍,** ପଞ୍ଜୀକୃତ କାର୍ଯ୍ୟାଳୟ: ସି-୭୯, ବିଡିଏ ଡୁପ୍ଲେକ୍ସ, ଏୟାରପୋର୍ଟ ନିକଟ, ପଳାଶପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୦, ଭାରତ ମାମଲାରେ
.......ବାଦୀ
ଏତଦ୍ୱାରା ସର୍ବସାଧାରଣଙ୍କୁ ନୋଟିସ ପ୍ରଦାନ କରାଯାଉଛି ଯେ କମ୍ପାନୀ ମାର୍ଚ୍ଚ ୯, ୨୦୨୧ରେ ଅନୁଷ୍ଠିତ ଅତିରିକ୍ତ-ସାଧାରଣ ବୈଠକରେ ଗୃହୀତ ସ୍ୱତନ୍ତ୍ର ସଂକଳ୍ପ ଅନୁଯାୟୀ କମ୍ପାନୀର ସଂସ୍ଥା ଜ୍ଞାପକରେ ସଂଶୋଧନ ଲାଗି ଅନୁମତି ପାଇଁ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ ଅଧୀନରେ ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ ଖଣ୍ଡପୀଠ (କେନ୍ଦ୍ର ସରକାର)ଙ୍କ ନିକଟରେ ଆବେଦନ କରିବାର ପ୍ରସ୍ତାବ ରଖିଛି, ଯାହା କମ୍ପାନୀକୁ ଏହାର ପଞ୍ଜୀକୃତ କାର୍ଯ୍ୟାଳୟକୁ ''ଓଡ଼ିଶା ରାଜ୍ୟ''ରୁ ''ଦିଲ୍ଲୀ ଜାତୀୟ ରାଜଧାନୀ କ୍ଷେତ୍ର''କୁ ପରିବର୍ତ୍ତନ କରିବାରେ ସକ୍ଷମ କରିବ।
କମ୍ପାନୀର ପ୍ରସ୍ତାବିତ ପଞ୍ଜୀକୃତ କାର୍ଯ୍ୟାଳୟ ପରିବର୍ତ୍ତନ କାରଣରୁ ଯଦି କୌଣସି ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥ ପ୍ରଭାବିତ ହେବା ସମ୍ଭାବନା ଥାଏ ତେବେ ସେ ଏମ୍‌ସିଏ-୨୧ ପୋର୍ଟାଲ (**www.mca.gov.in**)ରେ ନିବେଶକ ଅଭିଯୋଗ ଫର୍ମ ଦାଏର କରିପାରିବେ କିମ୍ବା ତାଙ୍କର ସ୍ୱାର୍ଥ ତଥା ଆପତ୍ତିର କାରଣ ଦର୍ଶାଇ ସତ୍ୟପାଠ ସହିତ ନିଜର ଆପତ୍ତିକୁ ପଞ୍ଜୀକୃତ ଡାକ ମାଧ୍ୟମରେ ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ, କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ୨୩୪/୪ ଏ.ଜେ.ସି. ବୋଷ ରୋଡ୍, ନିଜାମ ପ୍ୟାଲେସ, ୩ୟ ମହଲା, କୋଲକାତା-୭୦୦୦୨୦, ଠିକଣାରେ ଏହି ନୋଟିସ ପ୍ରକାଶନ ତାରିଖରୁ ୧୪ ଦିନ ମଧ୍ୟରେ ପଠାଇବାର ବ୍ୟବସ୍ଥା କରିବା ସହିତ ଏହାର ଏକ ପ୍ରତିଲିପି ଆବେଦନକାରୀ କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣାରେ ପ୍ରେରଣ କରିବେ କିମ୍ବା varun_batra@welspun.comରେ ଏକ ଇମେଲ୍ ପଠାଇବେ ।
ଏଆର୍‌ଏସ୍‌ଏସ୍ ବସ୍ ଟର୍ମିନାଲ ପ୍ରାଇଭେଟ୍ ଲିମିଟେଡ୍ ପାଇଁ ଏବଂ ତରଫରୁ
ସ୍ୱା./-
ଭିନୁ ସଞ୍ଜୟ
(ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଏବଂ ସିଏଫ୍‌ଓ)
ଡିଆଇଏନ୍: ୦୭୪୭୦୩୩୯
ତାରିଖ: ମାର୍ଚ୍ଚ ୧୮, ୨୦୨୧
ସ୍ଥାନ: ମୁମ୍ବାଇ

## ଗଣମାଧ୍ୟମ ପ୍ରତିନିଧିଙ୍କୁ ଟିକା ପ୍ରସ୍ତାବ

**କେନ୍ଦ୍ରକୁ ଚିଠି ଲେଖିଲେ ରାଜ୍ୟ ସରକାର**

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମୁଖ ଯୋଦ୍ଧା ଭାବେ ଗ୍ରହଣ କରି ଟିକା ଦେବା ଲାଗି କେନ୍ଦ୍ରକୁ ପ୍ରସ୍ତାବ ଦେଇଛନ୍ତି ରାଜ୍ୟ ସରକାର। ଉଭୟ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏଥିରେ ସାମିଲ କରିବା ପାଇଁ କହିଛନ୍ତି। ଏ ନେଇ ବୁଧବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସଚିବଙ୍କୁ ଚିଠି ଲେଖିଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଟିକାକରଣରେ ବିଭିନ୍ନ ଜରୁରିକାଳୀନ ସେବା ଯୋଗାଉଥିବା ବିଦ୍ୟୁତ୍ ଓ ଜଳଯୋଗାଣ କର୍ମଚାରୀ, ରେଳ, ବିମାନବନ୍ଦର ଓ ବନ୍ଦରରେ କାର୍ଯ୍ୟ କରୁଥିବା କର୍ମଚାରୀ ଏବଂ ପୁରୀ ଜଗନ୍ନାଥ ମନ୍ଦିର ଓ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ସେବାୟତଙ୍କୁ ସାମିଲ କରିବା ପାଇଁ ମହାପାତ୍ର କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଗତ ଜାନୁୟାରୀ ୧୬ରୁ ଟିକାକରଣ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟକର୍ମୀ, ସମ୍ମୁଖ ଯୋଦ୍ଧା, ବୟସ୍କ ଓ ବହୁବିଧ ରୋଗୀଙ୍କୁ ଟିକା ଦିଆଯାଉଛି।

# ଜେଲ ମନ୍ଦିରରେ ବିବାହ କଲେ ପ୍ରେମୀଯୁଗଳ

ଚୌଦ୍ୱାର, ୧୭।୩(ଡି.ଏନ.ଏ.)

କଟକ ଜିଲା ଚୌଦ୍ୱାର ସର୍କଲ ଜେଲ ପରିସରସ୍ଥ ଶିବ ମନ୍ଦିରରେ ବୁଧବାର ଏକ ନିଆରା ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିବାହ ପରେ କନ୍ୟା ଶାଶୁଘରକୁ ଯାଇଥିବାବେଳେ ବର ପୁଣି ଜେଲକୁ ଚାଲିଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କଟକ ସଦର ଥାନା ଅଧୀନ ଶଙ୍ଖତ୍ରାସ ଗ୍ରାମର ପୂଜା ଦାସ ଓ ସେହି ଗ୍ରାମର ନୃସିଂହ ଦାସଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରବର୍ତ୍ତୀ ସମୟରେ ପୂଜା ନୃସିଂହଙ୍କୁ ବିବାହ କରିବା ପାଇଁ କହିଥିଲେ। ଏଥିରେ ନୃସିଂହ ରାଜିଥିଲେ ମଧ୍ୟ ତାଙ୍କ ପରିବାର ଲୋକେ ଅରାଜି ହୋଇଥିଲେ। ଏନେଇ ପୂଜାଙ୍କ ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ଗ୍ରାମରେ ବୈଠକ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଇତିମଧ୍ୟରେ ନୃସିଂହଙ୍କ ବିବାହ ପାଇଁ ତାଙ୍କ ପରିବାର ଲୋକେ ଅନ୍ୟତ୍ର ଝିଅ ଖୋଜିବା ଆରମ୍ଭ କରିଦେଇଥିଲେ । ଏହା ଜଣାପଡିବା ପରେ ପୂଜାଙ୍କ ପରିବାର ପକ୍ଷରୁ ସଦର ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ନୃସିଂହଙ୍କୁ ୨୦୧୯ ସେପ୍ଟେମ୍ବର ୨୮ ତାରିଖରେ ଗିରଫ କରି କୋର୍ଟଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଥିଲା। ଏନେଇ ସ୍ପେଶାଲ ପୋକ୍ସୋ କୋର୍ଟରେ ମାମଲାର ବିଚାର ଚାଲିଥିଲା। ଏହି ସମୟ ଭିତରେ ପୂଜା ସାବାଳିକା ହୋଇଥିବାବେଳେ ନୃସିଂହ



ମଧ୍ୟ ଅନୁତାପ କରି ତାଙ୍କୁ ବିବାହ କରିବା ପାଇଁ ପରିବାର ଲୋକ ତଥା ଜେଲ୍‌ର ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଫଳରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଜେଲ କର୍ତ୍ତୃପକ୍ଷ, ଦୁଇ ପରିବାର ଓ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ପୂଜା ଓ ନୃସିଂହଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଏହି ବିବାହ ଉତ୍ସବରେ ଜେଲ ଡିଆଇଜି କୁଳମଣି ବେହେରା, ଜେଲର ଅବିନାଶ ବେହେରା, ସ୍ୱେଚ୍ଛାସେବୀ ସଙ୍ଗଠନ ଉଦ୍ଧାର ଫାଉଣ୍ଡେଶନର ସଭାପତି ନରୋତ୍ତମ ଦାସ ଓ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଆକାଶଙ୍କ ଜାମିନ ରାୟ ସଂରକ୍ଷିତ

**ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲା**

ବ୍ରହ୍ମପୁର ଅଫିସ, ୧୭।୩

ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ଘଟଣାରେ ଗିରଫ ହୋଇଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ଜାମିନ ପୂର୍ବରୁ ଗଞ୍ଜାମ ଜିଲାଜଜ୍ କୋର୍ଟରେ ଖାରଜ ହୋଇଛି। ଏହି ମାମଲାରେ ଆଇଏଫ୍‌ଏସ୍ ଅଭୟକାନ୍ତଙ୍କ ପୁଅ ଆକାଶ ପାଠକଙ୍କ ଜାମିନ ପାଇଁ ତାଙ୍କ ଓକିଲ କୋର୍ଟରେ ଆବେଦନ କରିଥିଲେ। ବୁଧବାର ଏଡିଜେ-୧ ଡ. ପ୍ରସନ୍ନ ପଣ୍ଡାଙ୍କ କୋର୍ଟରେ ଏହାର ଶୁଣାଣି ହୋଇଥିଲା। କିନ୍ତୁ କୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। ଜାମିନ ପାଇଁ ଆକାଶ ତାଙ୍କ ଓକିଲ ଜରିଆରେ କୋର୍ଟରେ ଆବେଦନ କରିଥିଲେ। ଗୁରୁବାର ରାୟ ପ୍ରକାଶ ପାଇବ ବୋଲି ଜଣାପଡିଛି।

No. N-84
ଓଡ଼ିଶା ସରକାର
**ଉଚ୍ଚଶିକ୍ଷା ବିଭାଗ**
**ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ ବଣ୍ଟନ ପରିବର୍ତ୍ତେ ସିଧାସଳଖ ଟଙ୍କା ପ୍ରଦାନ (DBT) ଯୋଜନା – ୨୦୨୦**
**ଆବେଦନ ଅବଧିର ଶେଷ ତାରିଖ ତା୩୧.୦୩.୨୦୨୧ରିଖକୁ ବୃଦ୍ଧି କରାଗଲା**
ଏହି ବିଭାଗର ବିଜ୍ଞପ୍ତି ସଂଖ୍ୟା-N-76, ତା୦୩.୦୩.୨୦୨୧ରିଖ ଅନୁସାରେ ୨୦୨୦ CHSE, Odisha ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ଯେଉଁ ମେଧାବୀ ଛାତ୍ରଛାତ୍ରୀମାନେ Online Portal ରେ ସଫଳତାର ସହିତ ଆବେଦନ କରିଛନ୍ତି, ସେମାନଙ୍କର ସମସ୍ତ ଆବେଦନର ଯାଞ୍ଚ ପ୍ରକ୍ରିୟା ଚାଲୁରହିଅଛି। ଏହି ସମସ୍ତ ଆବେଦନ ପତ୍ର ଯାଞ୍ଚ ହେବାକୁ ସମୟ ଲାଗିବ। ଯାଞ୍ଚ ପରେ ଯେଉଁ ଛାତ୍ରଛାତ୍ରୀମାନଙ୍କର document ସଠିକ୍ ଥିବ ସେମାନଙ୍କ ତାଲିକା ପର୍ଯ୍ୟାୟ କ୍ରମେ ଏହି ବିଭାଗର ୱେବ୍‌ସାଇଟ୍ www.dhe.odisha.gov.in ରେ ଉପଲବ୍ଧ ହେବ ଏବଂ ସେମାନଙ୍କ ଆକାଉଣ୍ଟ୍‌କୁ ଅର୍ଥରାଶି ସିଧାସଳଖ ପ୍ରଦାନ କରାଯିବ।
ଯେଉଁ ଛାତ୍ରଛାତ୍ରୀମାନେ କୌଣସି କାରଣ ବଶତଃ ଆବେଦନ କରିପାରିନାହାନ୍ତି, ସେମାନଙ୍କ ପାଇଁ **ଆବେଦନର ଶେଷ ତାରିଖ ତା୧୮.୦୩.୨୦୨୧ରିଖ ପରିବର୍ତ୍ତେ ତା୩୧.୦୩.୨୦୨୧ରିଖକୁ ବୃଦ୍ଧି କରାଯାଇଛି।**
ମେଧାବୀ ଛାତ୍ରଛାତ୍ରୀମାନେ ଅନାବଶ୍ୟକ e-mail ପଠାଇ ଉକ୍ତ ପ୍ରକ୍ରିୟାରେ ବାଧା ସୃଷ୍ଟି ନକରିବା ପାଇଁ ଅନୁରୋଧ କରାଯାଉଛି। ତାଲିକାରେ ଯେଉଁ ଛାତ୍ରଛାତ୍ରୀମାନଙ୍କ ନାମ ଉପଲବ୍ଧ ନାହିଁ, ସେମାନେ ଆବେଦନ କରିବା ଅନାବଶ୍ୟକ।
Offline ରେ admission କରିଥିବା ଛାତ୍ରଛାତ୍ରୀ କିମ୍ବା ସଂସ୍କୃତ ଛାତ୍ରଛାତ୍ରୀମାନେ Annexure-A Form ପଠାଇ ମୋବାଇଲ ନମ୍ବର update ପାଇଁ ଆବେଦନ କରିପାରିବେ।
**ବିଶେଷ ସୂଚନା-** (୧) ପରୀକ୍ଷାମୂଳକ ଭାବରେ ପ୍ରଥମେ ଛାତ୍ରଛାତ୍ରୀମାନଙ୍କ ବ୍ୟାଙ୍କ ଖାତାକୁ ମାତ୍ର ୧ ଟଙ୍କା ପ୍ରେରଣ କରାଯିବ। ତତ୍‌ପରେ ବଳକା ଅର୍ଥରାଶି ବ୍ୟାଙ୍କ ଖାତାକୁ ସିଧାସଳଖ ପ୍ରେରଣ କରାଯିବ। (୨) ଏହି ପ୍ରକ୍ରିୟା ଜୁନ୍ ୩୦, ୨୦୨୧ ପର୍ଯ୍ୟନ୍ତ ଚାଲୁରହିବ। ତେଣୁ ଆବେଦନ କରିଥିବା ଛାତ୍ରଛାତ୍ରୀମାନେ ଧୈର୍ଯ୍ୟ ଧରିବାକୁ ଅନୁରୋଧ କରାଯାଉଛି।
ସ୍ୱା/-
ଅତିରିକ୍ତ ଶାସନ ସଚିବ
OIPR-11001/11/0040/2021

ଯୀଶୁଖ୍ରୀଷ୍ଟ ପୃଥିବୀକୁ ଆସିଥିଲେ ଶୁଦ୍ଧି-ସାଧନା ପାଇଁ। ପୂର୍ଣ୍ଣତାର ସିଦ୍ଧି ପାଇଁ ନୁହେଁ। ସେ ପୂର୍ବରୁ ଜାଣିଥିଲେ ଯେ, ତାଙ୍କର ବ୍ରତ ସଫଳ ହେବ ନାହିଁ। ତାଙ୍କୁ ଆଉଥରେ ଏହି ପ୍ରତ୍ୟାଖ୍ୟାନକାରୀ ପୃଥିବୀକୁ ଫେରି ଆସିବାକୁ ହେବ ଈଶ୍ୱରଙ୍କ କୃପାକୁ ହାତରେ ଧାରଣ କରି। -ଶ୍ରୀଅରବିନ୍ଦ





# କୁକୁରଛୁଆଙ୍କ ସୁରକ୍ଷା ଲୋଡ଼ା

ମାନେକା ଗାନ୍ଧୀ

୧୯୮୭ରେ ରାସ୍ତାରେ ବୁଲୁଥିବା ଗୋଟିଏ ମା'କୁକୁରର ମାସକର ଛୁଆମାନଙ୍କୁ ମୁଁ ଖାଇବାକୁ ଦେଉଥିଲି। ସେମାନେ ଭୟଙ୍କର ଭାବେ ମରିବା ଆରମ୍ଭ କରିଦେଲେ। ସେମାନଙ୍କ ମଳରେ ପଡୁଥିବା ରକ୍ତର ନମୁନା ପରୀକ୍ଷା କରିବା ପରେ ତାହା ପରଜୀବୀ କୃମି ବୋଲି ଜଣାପଡିଲା। ଅନଭିଜ୍ଞ ପ୍ରାଣୀ ଚିକିତ୍ସକ ସେମାନଙ୍କୁ କୃମିନାଶକ ଟାବଲେଟ( ଯାହା ଏକ ପ୍ରକାର ବିଷ) ଦେଇଦେଲେ। ସେମାନଙ୍କ ସ୍ୱାସ୍ଥ୍ୟରେ ଦ୍ରୁତ ଅବନତି ହେଲା ଓ ୩ ଦିନ ମଧ୍ୟରେ ସମସ୍ତ କୁକୁରଛୁଆ ମରିଗଲେ। ସେମାନଙ୍କର ଅନ୍ତନଳୀରେ ଭୀଷଣ ରକ୍ତସ୍ରାବ ହୋଇଥିଲା। ଭୟାନକ କ୍ୟାନାଇନ୍ ପାର୍ଭୋ ଭାଇରସ (ସିପିଭି) ଏଭଳି ମୃତ୍ୟୁର କାରଣ ବୋଲି ଜଣାପଡିଲା। ଏହି ଭାଇରସକୁ ୧୯୭୦ରେ ଚିହ୍ନଟ କରାଯାଇଥିଲା। ଏବେ ଏହା ମହାମାରୀ ରୂପ ନେଲାଣି ଓ ସାରା ଭାରତରେ ଦେଖାଦେଇଥିବା ଜଣାପଡ଼ିଛି। ଏଥିରେ ହଜାର ହଜାର କୁକୁରଛୁଆଙ୍କର ମୃତ୍ୟୁ ଘଟିଛି। ସରକାର କୁକୁରଛୁଆମାନଙ୍କୁ ଟିକା ଦେବାକୁ ମନା କରିଦେଇଥିବାରୁ ସରକାରୀ ହସ୍ପିଟାଲଗୁଡ଼ିକ ପାର୍ଭୋ କେସ୍ ଉପରେ ଚିକିତ୍ସା କରୁନାହାନ୍ତି। ପ୍ରାଣୀ ଆଶ୍ରୟସ୍ଥଳୀଗୁଡ଼ିକରେ ବେଶି କୁକୁରଛୁଆଙ୍କର ମୃତ୍ୟୁ ହେଉଛି। ବାସ୍ତବରେ ପ୍ରାଣୀମାନଙ୍କ ଖାଦ୍ୟ ଯୋଗାଉଥିବା ଲୋକମାନଙ୍କ ପାଖରେ କୁକୁରଛୁଆମାନଙ୍କୁ ଟିକା ଦେବା ଲାଗି ଅର୍ଥର ଅଭାବ ରହିଛି। ଛୁଆମାନେ ଯେଭଳି ମରୁଛନ୍ତି, ତାକୁ ଦେଖି ଆମେ ଉପାୟଶୂନ୍ୟ ହୋଇ ଯାଇଛୁ। ସାଧାରଣତଃ ବର୍ଷକରେ ଗୋଟିଏ କୁକୁରର ସବୁଛୁଆରୁ କେବଳ ଗୋଟିଏ ଛୁଆ ବଞ୍ଚେ। ଆଉ ସବୁ ରାସ୍ତା ଦୁର୍ଘଟଣା, ଅନାହାର, ବିଷରେ ମରନ୍ତି। କେତେକଙ୍କୁ ପ୍ଲାଷ୍ଟିକ ଅଖାରେ ବାନ୍ଧି ଫିଙ୍ଗି ଦିଆଯାଏ। ଚଳିତ ବର୍ଷ ପାର୍ଭୋକୁ ଲକ୍ଷ୍ୟ କଲେ ଗୋଟିଏ ବି କୁକୁରଛୁଆ ବଞ୍ଚିବାର ସମ୍ଭାବନା ଦେଖାଯାଉନାହିଁ।

ଡଗ୍ ବ୍ରିଡର ଏବଂ ଡଗ୍ ଶପ୍‌ରେ ବିକ୍ରି ହେଉଥିବା ଅଧିକାଂଶ କୁକୁରଛୁଆଙ୍କଠାରେ ପାର୍ଭୋ ଭାଇରସ୍ ରହିଛି। ଏହା ଦୁଇଟି କାରଣ ଯୋଗୁ ହେଉଛି। ଗୋଟିଏ ହେଉଛି; ଦୋକାନ ମାଲିକ କିମ୍ବା ବ୍ରିଡରମାନେ ମା'କୁକୁରଠାରୁ ଛୁଆମାନଙ୍କୁ ୩ ସପ୍ତାହ ହୋଇଗଲେ ନେଇଯାଇ ଗ୍ରାହକମାନଙ୍କୁ ବିକ୍ରି କରୁଛନ୍ତି। ଯଦି ମା'କୁକୁର ସେମାନଙ୍କର ଯତ୍ନ ନେଇଥାଆନ୍ତା ,ତେବେ ସେମାନଙ୍କଠାରେ ପ୍ରତିରୋଧକ ଶକ୍ତି ବଢ଼ି ଥାଆନ୍ତା ଓ ସେହି ଛୁଆମାନେ ପାର୍ଭୋ ଭାଇରସ୍ ବିରୋଧରେ ଲଢ଼ିବାକୁ ପ୍ରତିରୋଧକ ଶକ୍ତି ଜୁଟାଇ ପାରିଥାଆନ୍ତେ। ଦ୍ୱିତୀୟ କାରଣଟି ହେଉଛି, କୌଣସି ପେଟ୍ ଶପ କୁକୁରଛୁଆଙ୍କୁ ଟିକା ଦେଉନାହାନ୍ତି। ସେମାନେ ଛୁଆଙ୍କୁ ବିଭିନ୍ନ ବ୍ରିଡରଙ୍କଠାରୁ ଆଣି ଗୋଟିଏ ପିଞ୍ଜରାରେ ରଖୁଛନ୍ତି। କୁକୁରମାନେ ଅତ୍ୟନ୍ତ ପ୍ରଦୂଷିତ ପରିବେଶରେ ବି ଛୁଆ ଜନ୍ମ କରୁଛନ୍ତି। ବ୍ରିଡିଂ ପ୍ରତିଷ୍ଠାନଗୁଡ଼ିକରେ କୁକୁରମାନଙ୍କୁ ଯନ୍ତ୍ରଣା ଦିଆଯିବା ତଥା ଯତ୍ନରେ ଅବହେଳା ଯୋଗୁ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ରହୁଛି ଏବଂ ସେମାନେ ମଧ୍ୟ ସିପିଭିର ପ୍ରଥମ ଶିକାର ହେଉଛନ୍ତି। କ୍ୟାନାଇନ ପାର୍ଭୋ ଭାଇରସ୍‌ର ପାର୍ଭୋଭିରିଡେ ମୂଳ ବଂଶର ଦୁଇଟି ପ୍ରମୁଖ ଷ୍ଟ୍ରେନ୍ (ସିପିଭି-୨ଏ ଏବଂ ସିପିଭି-୨ବି) ରହିଛି। ଏହି ଭାଇରସ୍ ସଂକ୍ରମିତ ମଳ,ରକ୍ତ, ବାନ୍ତି, ଆଶ୍ରୟସ୍ଥଳୀ, କ୍ଲିନିକ, ସର୍ବସାଧାରଣ ପାର୍କ ଭଳି ସ୍ଥାନରେ ରହିଥାଆନ୍ତି। ଏହା ସହଜରେ କୁକୁରଛୁଆମାନଙ୍କୁ ସଂକ୍ରମିତ କରେ। ବହୁ କ୍ଷେତ୍ରରେ ଏହି ଭାଇରସ୍‌କୁ ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ କରିହୁଏ ନାହିଁ । ପରୀକ୍ଷା କରିବା ପରେ ହିଁ ଏହା ଜଣାପଡିଥାଏ। ଏହି ସଂକ୍ରମଣ ୪୮ରୁ ୭୨ ଘଣ୍ଟା ମଧ୍ୟରେ ଘାତକ ହୋଇଥାଏ।

ପାର୍ଭୋ ଭାଇରସ୍ ଅତ୍ୟନ୍ତ ସଂକ୍ରାମକ। କ୍ଷୁଦ୍ରାନ୍ତ୍ରର କୋଷିକାକୁ ଏହା ଆକ୍ରାନ୍ତ କରେ। ଯାହାଦ୍ୱାରା ଅନ୍ତନଳୀରେ ବ୍ୟାକ୍ଟେରିଆ ବୃଦ୍ଧିପାଏ ଓ ଏହା ରକ୍ତରେ ମିଶିବା ପରେ ସେପ୍‌ସିସ ଆଡ଼କୁ ଗତିକରେ। ଏହାଦ୍ୱାରା ଅଙ୍ଗ ଅଚଳ ହୋଇଯାଏ। ପାର୍ଭୋ ମଧ୍ୟ ଅସ୍ଥିମଜ୍ଜାକୁ ଆକ୍ରାନ୍ତ କରେ, ଫଳରେ ରକ୍ତରେ ଶ୍ୱେତ ରକ୍ତ କଣିକା ସଂଖ୍ୟା ହ୍ରାସ ପାଏ। ଏହାଦ୍ୱାରା କୁକୁରଛୁଆ ସେପ୍‌ସିସ ବିରୋଧରେ ଲଢେଇ କରିବାକୁ ସକ୍ଷମ ହୋଇପାରେନାହିଁ। ପାର୍ଭୋ ଭାଇରସ ସଂକ୍ରମଣର ୧୦-୧୪ ଦିନ ମଧ୍ୟରେ ଏହାର ଲକ୍ଷଣ ପ୍ରକାଶ ପାଏ। ପ୍ରଥମରୁ ଏହି ସଂକ୍ରମଣରେ ଜ୍ୱର କିମ୍ବା ଶରୀରର ତାପମାତ୍ରା କମ୍ ରହେ(ହାଇପୋର୍ଥମିଆ)। ବାନ୍ତିରେ ରକ୍ତ ଆସେ। ପେଟ ଯନ୍ତ୍ରଣା, ଅରୁଚି, ଡିହାଇଡ୍ରେଶନ ଏବଂ ଆଳସ୍ୟ ଲକ୍ଷଣ ପ୍ରକାଶ ପାଏ। ଲଗାତର ବାନ୍ତି ଓ ପତଳାଝାଡ଼ା ହେବା ଦ୍ୱାରା ଡିହାଇଡ୍ରେସନର ଦେଖାଦିଏ।

କୁକୁରଛୁଆ ସିପିଭିର ଶିକାର ହୋଇଥିଲେ ତୁରନ୍ତ ତାକୁ ପ୍ରାଣୀ ଚିକିତ୍ସକଙ୍କ ନିକଟକୁ ନିଅନ୍ତୁ। ଆଇଭି ଫ୍ଲୁଇଡ୍ (୫୦ ଏମ୍‌ଏଲ୍ ଦିନକୁ ଦୁଇଥର) ଏବଂ ବାନ୍ତି ଓ ଝାଡ଼ା ବନ୍ଦ କରିବା ଲାଗି ଔଷଧ ଦେବା ଉଚିତ। ବହୁ ସମୟରେ ସେମାନଙ୍କ ଯନ୍ତ୍ରଣା କମାଇବା ଓ ପ୍ରତିରୋଧକ ଶକ୍ତି ବଢ଼ାଇବା ଲାଗି ଔଷଧ ଦେବା ଦରକାର। ଆଣ୍ଟିବାୟୋଟିକ୍ସ ବି ଦିଆଯାଇପାରେ। ଫ୍ଲୁଇଡ୍ ଥେରାପୀ ପାଇଁ ଲୋପାରାମାଇଡ, ମେଟ୍ରୋନିଡାଜୋଲ ସହ ଆଣ୍ଟିବାୟୋଟିକ୍ସ ସେଫୋଟକ୍ସିନ, ସେଫାଜୋଲିନ, ଆମ୍ପିସିଲିନ, ଜେଣ୍ଟାମାଇସିନ, ଟାମିଫ୍ଲୁ ଦେବା ପ୍ରଭାବୀ ହୋଇଥାଏ। ୯ ସପ୍ତାହର କୁକୁରଛୁଆ ପାଇଁ ଏହି ସଂକ୍ରମଣ ଦିନେ କି ଦୁଇ ଦିନରେ ଭୟଙ୍କର ଡିହାଇଡ୍ରେଶନ ପରିସ୍ଥିତି ସୃଷ୍ଟି କରେ। ବେକ ଉପର ପାଖରେ କାନ ପଛ ନରମ ଚର୍ମକୁ ଧୀରେ ଧୀରେ ଟାଣି ଛାଡନ୍ତୁ। ଟାଣିବା ପରେ ଯଦି ଏକ ସେକେଣ୍ଡ ଭିତରେ ତାହା ପୂର୍ବସ୍ଥିତିକୁ ଫେରିଯାଏ,ତେବେ କୁକୁରଛୁଆ ଡିହାଇଡ୍ରେଶନର ଶିକାର ହୋଇନାହିଁ ଓ ତା'ର ଚିକିତ୍ସା ବି ଭଲ ଚାଲିଛି ବୋଲି ଜାଣିବ। ଯଦି ତ୍ୱଚା ପୂର୍ବସ୍ଥିତିକୁ ଫେରିବାକୁ ଦୁଇ କି ତିନି ସେକେଣ୍ଡ୍ ନିଏ ସେଥିରୁ ଡିହାଇଡ୍ରେଶନ ଆରମ୍ଭ ହେଉଥିବାର ବୁଝାପଡ଼େ ଏବଂ ଏହାଠାରୁ ଅଧିକ ସମୟ ନେଲେ କୁକୁର ଛୁଆ ଅଧିକ ଡିହାଇଡ୍ରେଶନର ଶିକାର ହୋଇଛି ବୋଲି ଜଣାଯାଏ। ଯଦି କିଛି ସେକେଣ୍ଡ ପରେ ବି ଚର୍ମ ତା'ର ପୂର୍ବାବସ୍ଥାକୁ ନ ଫେରେ , ତେବେ କୁକୁରଛୁଆ ବଞ୍ଚିବାର ସମ୍ଭାବନା କମ୍। ଏ କ୍ଷେତ୍ରରେ ତା'ପାଇଁ ଯଥାଶୀଘ୍ର ସାଲାଇନ ଦରକାର। ଯଦି ଏଥିପାଇଁ ପ୍ରାଣୀ ଚିକିତ୍ସକ କି କମ୍ପାଉଣ୍ଡର ନ ମିଳନ୍ତି, ତେବେ କିଛି ଘରୋଇ ଉପାୟରେ ଚିକିତ୍ସା କରିବାକୁ ପଡିବ। ଛୁଆକୁ ଉଷ୍ମ ପରିବେଶରେ ରଖନ୍ତୁ ଓ ପ୍ରତି ଅଧ ଘଣ୍ଟାରେ ତରଳ ଖାଦ୍ୟ ଦିଅନ୍ତୁ। ଯଦି ସେ ନିଜେ ନ ପିଏ, ତେବେ ସିରିଞ୍ଜରେ ପିଆନ୍ତୁ। କେବଳ ଇଲେକ୍ଟ୍ରୋଲାଇଟ ଦିଅନ୍ତୁ। ସାଦା ପାଣି କେବେ ବି ଦିଅନ୍ତୁ ନାହିଁ। କେବଳ ବିଶୁଦ୍ଧ ପେଡିୟାଲାଇଟ ଦିଅନ୍ତୁ। ଯଦି ସେ ଏହାକୁ ସହିନେଲା, ତେବେ ସଂକ୍ରମଣକୁ ପ୍ରତିହତ କରିବା ଲାଗି ତା'ପାଇଁ କ୍ୟାଲୋରି ଆବଶ୍ୟକ। ଚିକେନ କିମ୍ବା ପରିବା ସୁପ୍‌ରେ ସାମାନ୍ୟ ଲୁଣ ପକାଇ ତାହାକୁ କମ୍ ପରିମାଣର ବିକଳ୍ପ ପପି ମିଲ୍କ ସହ ମିଶାଇ ଖାଇବାକୁ ଦିଅନ୍ତୁ। ୧:୩ ଅନୁପାତରେ ସୁପ୍ ସହ କ୍ଷୀର ମିଶାଇବେ । ଗାଈ କ୍ଷୀରରେ ବେବେ ବି ଦେବେ ନାହିଁ।

ସିପିଭି ସଂକ୍ରମିତ କୁକୁରଛୁଆ ପାଇଁ ୩ ରୁ ୬ ଦିନ ଅତ୍ୟନ୍ତ କଠିନ ସମୟ । ଏହି ସମୟରେ ଚିକିତ୍ସା କଲେ ସେ ଆରୋଗ୍ୟ ହୋଇପାରିବ। ପିତ୍ତବାନ୍ତି ବନ୍ଦ ହେବା, ଝାଡ଼ାରେ ରକ୍ତ ନ ଆସିବା ଉପଶମର ଲକ୍ଷଣ। ତା'ର ସକ୍ରିୟତା ବଢ଼ିବା ମଧ୍ୟ ସୁସ୍ଥତାକୁ ସୂଚାଏ। ତେବେ ପାର୍ଭୋରୁ ମୁକ୍ତ ହେବା ଲାଗି ସପ୍ତାହେ ଲାଗିଯାଏ। ଯଦି କୁକୁରଛୁଆ ବଞ୍ଚିଯାଏ ଲଗାତର ଅଳ୍ପ ଅଳ୍ପ କରି ସନ୍ତୁଳିତ ଖାଦ୍ୟ ଦେବା ଉଚିତ। ଖାଦ୍ୟ ଖାଇବା ପରେ ବାନ୍ତି ନ କରିବା ଲାଗି ସପ୍ତାହେ କି ଦୁଇ ସପ୍ତାହ ପର୍ଯ୍ୟନ୍ତ ଔଷଧ ଦେବାକୁ ହେବ। ପ୍ରାଣୀ ଚିକିତ୍ସକ ପରାମର୍ଶରେ ଆଣ୍ଟିବାୟୋଟିକ୍ସର ପୂରା କୋର୍ସ ଦିଅନ୍ତୁ। ଏପରିକି ସାଧାରଣ ଅବସ୍ଥାକୁ ଫେରିବା ପରେ ବି ଏହା ଜାରି ରଖନ୍ତୁ।

ସିପିଭିରୁ ମୁକ୍ତ ହୋଇଥିବା କୁକୁର ଛୁଆଠାରେ ସପ୍ତାହେ କି ମାସେ ପର୍ଯ୍ୟନ୍ତ ପାର୍ଭୋ ଭାଇରସ୍ ରହିଥାଆନ୍ତି। ଏଣୁ ଏହି ଛୁଆମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଏକାନ୍ତବାସରେ ରଖନ୍ତୁ। ପ୍ରାଣୀ ଚିକିତ୍ସାଳୟ, କ୍ଲିନିକ ବା ଆଶ୍ରୟସ୍ଥଳୀର କ୍ୱାରାଣ୍ଟାଇନ ୱାର୍ଡରେ ରଖିବା ବି ଗୁରୁତ୍ୱପୂର୍ଣ୍ଣ । ଏହି ଭୂତାଣୁ ଚଟାଣରେ ବା ମାଟିରେ ୬ ମାସ ରହିଥାଏ। ଏଣୁ ପୁନଃ ସଂକ୍ରମଣ ରୋକିବା ଲାଗି ସିପିଭି ଆକ୍ରାନ୍ତ କୁକୁରଛୁଆ ରହୁଥିବା ଆଶ୍ରୟସ୍ଥଳୀ,କ୍ଲିନିକ ଏବଂ ଘରକୁ ବିଶୋଧକ ଦ୍ୱାରା ସଫା ରଖିବା ଦରକାର। ଆକ୍ରାନ୍ତ ଛୁଆମାନଙ୍କୁ ଧରିବା ପରେ ଭଲ ଭାବେ ହାତ ଧୁଅନ୍ତୁ ଓ ଏମାନଙ୍କୁ ଅନ୍ୟ କୁକୁର କିମ୍ବା ଛୁଆମାନଙ୍କଠାରୁ ଅଲଗା ରଖନ୍ତୁ। ସିପିଭି ସଂକ୍ରମଣ ବିରୋଧରେ ଲଢ଼ିବାକୁ ହେଲେ ଠିକ୍ ସମୟରେ ଏବଂ ନିୟମିତ ଟିକାକରଣ ଆବଶ୍ୟକ। ୩ରୁ ୪ ସପ୍ତାହ ଅନ୍ତରରେ ୬ରୁ ୧୬ ସପ୍ତାହ ବୟସ ମଧ୍ୟରେ କୁକୁରଛୁଆମାନଙ୍କୁ ଅତି କମ୍‌ରେ ୩ଟି ପାର୍ଭୋ ଟିକା ଦେବା ଦରକାର। ଟିକା ନେଇ ନ ଥିବା କୁକୁରମାନଙ୍କ କ୍ଷେତ୍ରରେ ୨ଟି ଟିକା ନେବା ଲାଗି ପରାମର୍ଶ ଦିଆଯାଇଥାଏ। ପ୍ରଥମ ଡୋଜ୍‌ର ଏକ ମାସ ପରେ ଆଉ ଏକ ଡୋଜ୍ ନେବାକୁ ହୁଏ। ଯେଉଁ କୁକୁରଙ୍କୁ ଟିକା ଦିଆଯାଇଛି, ସେମାନଙ୍କ ପ୍ରତିରୋଧକ ଶକ୍ତି ବଢାଇବା ଲାଗି ବର୍ଷକୁ ଗୋଟିଏ ଟିକା ଯଥେଷ୍ଟ।

Email: gandhim@nic.in

## ସମାଜ ସେବା ଓ ଭଗବତ ପ୍ରେମ

ସୁମନ୍ତ କୁମାର ଭୂୟାଁ

ଗୋଟିଏ ଗାଁରେ ଏକ ଭବ୍ୟ ଶିବ ମନ୍ଦିର ଥିଲା। ସେ ମନ୍ଦିରରେ ଯେଉଁ ପୂଜକ ଥିଲେ ତାଙ୍କର ନିତିଦିନିଆ ଅଭ୍ୟାସ ଅନୁଭୂତି ଯୋଗୁ ସେ ଗୋଟିଏ ହାତରେ ଆରତି କରିପାରୁଥିବା ବେଳେ ଅନ୍ୟ ହାତରେ ଘଣ୍ଟି ବଜାଇ ପାରୁଥିଲେ। ସମୟକ୍ରମେ ତାଙ୍କର ପରଲୋକ ପରେ ଜଣେ ଅନ୍ୟ ପୂଜକ ତାଙ୍କ ଦାୟିତ୍ୱରେ ରହିଲେ। କିନ୍ତୁ ତାଙ୍କ ଅଭ୍ୟାସ ନ ଥିବାରୁ ଦୁଇଟି ଯାକ କାମ ଏକ ସଙ୍ଗରେ କରିପାରିଲେ ନାହିଁ। ଯଦି ଗୋଟିଏ ହାତରେ ଘଣ୍ଟି ବଜାଇଲେ ତେବେ ଆର ହାତଟି ଆରତି କରିପାରିଲା ନାହିଁ। ଆରତି ଠିକ୍ ଭାବରେ କଲେ, ଘଣ୍ଟି ବାଜିପାରିଲା ନାହିଁ। ଅଭ୍ୟାସର ଅଭାବ ଯୋଗୁ ଏପରି ହେଲା। ତେଣୁ ଭଗବତ ନାମ ଜପର ଅଭ୍ୟାସ ପିଲାଦିନରୁ ଆରମ୍ଭ କରିବା ଉଚିତ। ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଦର୍ଶନରେ ଆମେମାନେ ଛୋଟ ଛୋଟ ପିଲାଙ୍କୁ ସେହିପରି ବାଳବିକାଶ କାର୍ଯ୍ୟକ୍ରମରେ ସାମିଲ କରିଥାଉ। ପିଲାମାନେ ସେଥିରେ ଭଜନ, ଗପ, ବିଭିନ୍ନ ଶାସ୍ତ୍ର, ବେଦ ସହ ଜୀବନରେ ଆବଶ୍ୟକ ହେଉଥିବା ସଦ୍‌ଗୁଣର ବିଭିନ୍ନ କାହାଣୀ ମାଧ୍ୟମରେ ଭଲ କଥା ଶିଖିବାର ସୁଯୋଗ ପାଇଥାନ୍ତି। ପିଲାଟି ତା'ର ଛୋଟବେଳୁ ଭଲ ମଣିଷ ହେବାର ମୂଳଦୁଆ ସେଇଥିରେ ହିଁ ପଡ଼ିଥାଏ। ସେହିପରି ସୀମାନ୍ତରେ ସକ୍ରିୟ ସେବାରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟ ହେବା ପୂର୍ବରୁ ସୈନ୍ୟମାନଙ୍କୁ କିପରି ସବୁ ବିଷୟରେ ତାଲିମ ନେବାକୁ ପଡ଼େ ସେ ବିଷୟରେ ସମସ୍ତେ ଜାଣିଥାନ୍ତି। ସେନାବାହିନୀରେ ଯୋଗଦାନ କରୁଥିବା ଯେ କୌଣସି ଲୋକଙ୍କୁ ବାଧ୍ୟତାମୂଳକ ଭାବେ ଦୁଇଟି କଥା ପାଇଁ ଯୋଗ୍ୟ ହେବାକୁ ପଡ଼ିବ। ଗୋଟିଏ ହେଉଛି ବନ୍ଧୁକ ଫୁଟାଇବା ଓ ଦ୍ୱିତୀୟଟି ହେଲା ମାର୍ଚ୍ଚିଙ୍ଗ କରିବା। ସେହିପରି ଆଧାତ୍ମିକ କ୍ଷେତ୍ରରେ ବାଧ୍ୟତାମୂଳକ ଭାବେ ଦୁଇଟି କାର୍ଯ୍ୟ କରିବା ଦରକାର ତାହା ହେଲା ଭଗବତ୍ ପ୍ରେମ ଓ ସମାଜ ସେବା।

ଏଗୁଡ଼ିକ ଦିବ୍ୟ ଜୀବନର ଦୁଇଟି ମୁଖ୍ୟ ଉପାଦାନ ; ଯାହା କି ଭଗବତ ଉପଲବ୍ଧିରେ ସହାୟକ। ଆମ୍ଭମାନଙ୍କୁ ପିଲାଦିନରୁ ଅଭ୍ୟାସ କରିବାକୁ ହେବ। ଆମ୍ଭେମାନେ ସବୁବେଳେ ଏଥିପାଇଁ ପ୍ରସ୍ତୁତ ହୋଇ ରହିବା ଉଚିତ। ଯେଭଳି ଫଟୋଗ୍ରାଫର ଫଟୋ ଉଠାଇବା ଆଗରୁ ଫଟୋ ଉଠାଉଥିବା ଲୋକଙ୍କୁ ରେଡି ହେବାକୁ କହେ ଏବଂ ତାଙ୍କୁ ସ୍ଥିର କରିବା ପାଇଁ କିଛି ସମୟ ଦିଏ, ଠିକ୍ ସେହିପରି ଦିବ୍ୟ ଫଟୋଗ୍ରାଫର ଆମ୍ଭମାନଙ୍କୁ କୌଣସି ସୂଚନା ଦିଅନ୍ତି ନାହିଁ। ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ଆମମାନଙ୍କୁ ସର୍ବଦା ପ୍ରସ୍ତୁତ ରହିବାକୁ ପଡ଼ିବ। ଆମେମାନେ ଯଦି ନିଜକୁ ଭଜନ ଓ ଦୈବ ଚିନ୍ତନରେ ନିୟୋଜିତ ରଖିବା ତେବେ କେବେ ବି ଅସୁବିଧାରେ ପଡ଼ିବା ନାହିଁ। ମନେକର ଆମେ ଜଣଙ୍କ ଘରକୁ ଯାଇଛେ, ଯାହାଙ୍କ ଦ୍ୱାର ମୁହଁରେ ଗୋଟିଏ ଦାମୀ ଓ ପ୍ରଶିକ୍ଷଣପ୍ରାପ୍ତ ଆଲ୍‌ଶିସିଆନ୍ କୁକୁର ଅଛି କିନ୍ତୁ ଗୃହକର୍ତ୍ତା ଉପର ମହଲାରେ ରହୁଛନ୍ତି, ତାହାଲେ ତାଙ୍କ ପାଖକୁ ପହଞ୍ଚିବାକୁ ହେଲେ ଦୁଇଟି ଉପାୟ ଅଛି। ଗୋଟିଏ ଉପାୟ ହେଲା କୁକୁର ସହିତ ବନ୍ଧୁତା କରି ଘର ଭିତରକୁ ପ୍ରବେଶ କରିବା ଏବଂ ଦ୍ୱିତୀୟ ଉପାୟ ହେଉଛି ତଳୁ ବଡ଼ ପାଟିରେ ଗୃହକର୍ତ୍ତାଙ୍କୁ ଡାକିବା ; ଯାହାଦ୍ୱାରା ସେ ବାହାରକୁ ଆସି ତାଙ୍କ କୁକୁରକୁ ନିୟନ୍ତ୍ରଣ କରି ଆମକୁ ଭିତରକୁ ପାଛୋଟି ନେବେ। ଏଠାରେ ଚିନ୍ତନ ରଖନ୍ତୁ ଯେ ମାୟା ହେଉଛି କୁକୁର ଆଉ ଭଗବାନ ହେଉଛନ୍ତି ମାଲିକ। ଆମକୁ ମାୟାର ନିୟନ୍ତ୍ରଣ କରିବାକୁ ହେବ କିମ୍ବା ଭଗବାନଙ୍କ ନାମ ଜପ ଓ କୀର୍ତ୍ତନ କରିବାକୁ ହେବ ; ଯାହାଦ୍ୱାରା ସେ ତଳକୁ ଆସିବେ କିମ୍ବା ଆମ ପାଖରେ ତାଙ୍କ ଦିବ୍ୟ ଉପସ୍ଥିତି ପ୍ରକଟ କରିବେ। ଆମକୁ ହୃଦୟ ଭିତରେ ଭଗବାନଙ୍କୁ ସ୍ଥାପିତ କରିବାକୁ ହେବ କାରଣ ତାହା ହେଉଛି ତାଙ୍କ ଆସ୍ଥାନ। ମହାଭାରତର କାହାଣୀ ମନେପକାନ୍ତୁ ଦୁର୍ଯ୍ୟୋଧନର ରାଜସଭାରେ ଅପମାନିତ ଓ ବିବସ୍ତ୍ର ହେବାକୁ ଯାଉଥିବା ଦ୍ରୌପଦୀ ଭଗବାନ କୃଷ୍ଣଙ୍କୁ କାତରରେ ପ୍ରାର୍ଥନା କରିଥିଲେ। ସେ ଆର୍ତ୍ତ ସ୍ୱରରେ କହିଥିଲେ, 'ହେ ଦ୍ୱାରକାବାସୀ ବୃନ୍ଦାବନ ସଂଚାର ମୋତେ ସାହାଯ୍ୟ କର।' ସେ କୌଣସି ପ୍ରତିଉତ୍ତର ପାଇଲେ ନାହିଁ ଏବଂ କ୍ଳାନ୍ତ ହୋଇପଡ଼ିଲେ ଏବଂ ଶେଷରେ କ୍ଷୀଣ ସ୍ୱରରେ କହିଲେ, 'ହେ ହୃଦୟବାସୀ ତୁମେ ମୋତେ ରକ୍ଷା କରିବ ନାହିଁ କି ?' ସଙ୍ଗେ ସଙ୍ଗେ କୃଷ୍ଣ ତାଙ୍କର ଦିବ୍ୟ କୃପା ପ୍ରକଟ କରି ତାଙ୍କୁ ସେ ଲଜ୍ଜାଜନକ ପରିସ୍ଥିତିରୁ ରକ୍ଷା କରିଥିଲେ। ପରେ ସେ କୃଷ୍ଣଙ୍କୁ ପଚାରିଥିଲେ ଏହାର କାରଣ। କୃଷ୍ଣ ଉତ୍ତର ଦେଇଥିଲେ ତୁମେ ଯେତେବେଳେ ମୋତେ ପ୍ରାର୍ଥନାରେ ଦ୍ୱାରକାବାସୀ, ବୃନ୍ଦାବନ ସଂଚାରୀ ଭାବେ ପ୍ରାର୍ଥନା କଲ ତୁମ କଥାକୁ ସମ୍ମାନ ଦେଇ ମୋତେ ତୁମ ହୃଦୟରୁ ଦ୍ୱାରକା ଓ ବୃନ୍ଦାବନ ଆଦି ସ୍ଥାନକୁ ଯିବାକୁ ପଡ଼ିଲା ; ଯାହା କି ବହୁତ ବାଟ ଥିଲା। କିନ୍ତୁ ଯେତେବେଳେ ତୁମେ ହୃଦୟବାସୀ ଭାବେ ପ୍ରାର୍ଥନା କଲ ଯେଉଁଠାରେ କି ମୁଁ ପ୍ରକୃତରେ ତୁମ ହୃଦୟ କନ୍ଦରରେ ହିଁ ରହେ ସଙ୍ଗେ ସଙ୍ଗେ ତୁମକୁ ସାହାଯ୍ୟ ପାଇଁ ଉପସ୍ଥିତ ହୋଇପଡ଼ିଲି। ତେଣୁ ଆମେ ସମସ୍ତେ ଆମମାନଙ୍କ ହୃଦୟରେ ପୂର୍ଣ୍ଣ ବିଶ୍ୱାସର ସହିତ ଦିବ୍ୟତ୍ୱକୁ ସ୍ଥାପିତ କରିବା ଉଚିତ। ଭଗବାନ କେବଳ ମନ୍ଦିର, ମସ୍‌ଜିଦ୍ ବା ଗୀର୍ଜାରେ ଅଛନ୍ତି ବୋଲି ଆମେ ଭାବିବା ଠିକ୍ ନୁହେଁ। ଭଗବାନଙ୍କ ଆସନ ହେଉଛି ଭକ୍ତର ହୃଦୟ।

ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର
ମୋ : ୯୯୩୭୪୭୦୯୮୦

## ଏଇ ଭାରତରେ

ରାଜସ୍ଥାନର ଜଣେ ଚାଷୀ କେବଳ ଟମାଟୋ ଚାଷକରି ବର୍ଷକୁ ୪ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି। ଏହି ଚାଷୀ ଜଣକ ହେଉଛନ୍ତି ସଲେରା ଗାଁର ଶଙ୍କର ଜାଟ। ତାଙ୍କ ଚାଷର ବିଶେଷତ୍ୱ ହେଉଛି, ସେ ଜୈବିକ, ସିଞ୍ଚନ ଓ ମୁଲଚିଂ ପଦ୍ଧତିରେ '୧୦୫୬' କିସମର ଟମାଟୋ ଚାଷ କରୁଛନ୍ତି। ମାଟିରେ ଶୁଖିଲା ଘାସ ଓ କୁଟା ବିଛାଇ ଚାଷ କରିବା ଦ୍ୱାରା ସେ ୭୦ ପ୍ରତିଶତ ପାଣି ବଞ୍ଚାଇବାରେ ସକ୍ଷମ ହୋଇପାରିଛନ୍ତି। ଭାରତୀୟ ଆଗ୍ରୋ ଇଣ୍ଡଷ୍ଟ୍ରି ଫାଉଣ୍ଡେଶନରୁ ପ୍ରଶିକ୍ଷଣ ନେଇ ଟମାଟୋ ଚାଷରେ ସଫଳତା ପାଇଛନ୍ତି ସେ। ୪୫ ବର୍ଷୀୟ ନାମମାତ୍ର ଚାଷୀ ଶଙ୍କର ଏହା ପୂର୍ବରୁ ୧.୨୫ ଏକର ଜମିରେ ବିଭିନ୍ନ ପ୍ରକାର ଫସଲ କରି ବର୍ଷକୁ ମାତ୍ର ୬୦ ହଜାର ଟଙ୍କା ପାଉଥିଲେ। ସବୁବେଳେ ଜଳାଭାବର ସମ୍ମୁଖୀନ ହେଉଥିଲେ। ଏବେ କିନ୍ତୁ ସେତିକି ଜମିରୁ କେବଳ ଟମାଟୋ ଚାଷ କରି ପାଉଛନ୍ତି ପାଖାପାଖି ୭ ଗୁଣ ଲାଭ। ୨୦୧୬ରେ ପ୍ରଥମେ ସେ ଟମାଟୋ ଚାଷ ଆରମ୍ଭ କରିଥିଲେ। ଚାଷରେ ନିଜେ ଜୈବିକ ଖତ ପ୍ରସ୍ତୁତ କରି ଉପଯୋଗ କରୁଛନ୍ତି। ପ୍ରତିଦିନ ସେ ୨୦ ମିନିଟ୍ ସିଞ୍ଚନ ପଦ୍ଧତିରେ ଜଳସେଚନ କରିଥାଆନ୍ତି। ଶଙ୍କରଙ୍କ ଚାଷ ପଦ୍ଧତି ଏବେ ତାଙ୍କ ଅଞ୍ଚଳରେ ବେଶ୍ ଆଦୃତ ହୋଇପାରିଛି। ତାଙ୍କ ଆଖପାଖ ଗାଁର ପ୍ରାୟ ୫୦ ଜଣ ଚାଷୀ ଏହି ପଦ୍ଧତିରେ ଟମାଟୋ ଚାଷ କରିବା ଆରମ୍ଭ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ମାର୍ଚ୍ଚ ୧୯୯୬

- ଦକ୍ଷିଣ ଫିଲିପାଇନ୍ସରେ ମୁସ୍‌ଲିମ ଅରିଲା ଓ ସରକାରୀ ସୈନ୍ୟମାନଙ୍କ ମଧ୍ୟରେ ଗୁଳିଚାଳନା ଯୋଗୁ ୨୩ ମୃତ।
- ମହମ୍ମଦ ତାକି ଅବଦୁଲ୍ କରିମ୍ କୋମୋରୋସର ନୂତନ ରାଷ୍ଟ୍ରପତି ଭାବେ ନିର୍ବାଚିତ।
- ଅରୁଣାଚଳ ପ୍ରଦେଶର ଲୋହିତ ଜିଲା ଅନ୍ତର୍ଗତ ନୋହାଜିହିଙ୍ଗ୍ ନଦୀରେ ନୌକା ବୁଡ଼ିଯିବା ଫଳରେ ୫୦ ଯାତ୍ରୀ ମୃତ।
- ପ୍ରଖ୍ୟାତ ଅଭିନେତା ତଥା ପଶ୍ଚିମବଙ୍ଗ ବିଧାନସଭା ସଦସ୍ୟ ଅନିଲ ଚାଟାର୍ଜୀଙ୍କ ୬୫ ବର୍ଷ ବୟସରେ ପରଲୋକ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | B | | | | 4 | 0 | 1 | | | | |
| | | | D | 1 | | | | | 3 | A | | | | 8 |
| | B | 2 | | | 5 | | D | | | | | | | |
| | | A | | | 8 | 1 | C | | B | | | | | |
| | 6 | 4 | A | | 0 | 7 | 2 | | C | E | D | | | |
| | | | | | | | 5 | 3 | | | | | | |
| | | B | C | D | 6 | A | | E | | | | | | |
| | | | | 0 | 7 | 2 | | | | | 3 | | | |
| 4 | E | 8 | | | 2 | C | B | | | 7 | | | | |
| | | | | | A | | 8 | | 1 | 4 | | 9 | | |
| 2 | 4 | | | 6 | 9 | | 0 | | | | 1 | | | |
| | | 1 | | | | | | | | B | 9 | | | D |
| | A | | | | | | | | E | | | | | |
| | | | 2 | 3 | | 8 | | 9 | | D | 7 | | 0 | E |
| | | 9 | | C | | 4 | 6 | D | | 0 | | | 2 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 2 | C | 9 | 4 | E | 7 | 1 | B | 6 | A | 5 | 0 | 8 | 3 |
| 8 | 7 | 5 | C | B | 3 | 6 | 9 | 2 | D | 0 | 4 | A | E | 1 |
| 3 | 6 | E | A | 0 | 2 | C | 8 | 5 | 7 | 1 | B | 4 | 9 | D |
| 1 | 0 | A | 8 | 5 | 6 | E | D | 4 | 9 | 3 | 2 | B | 7 | C |
| B | 9 | 4 | D | 1 | 7 | 3 | 0 | A | E | C | 8 | 5 | 2 | 6 |
| 0 | E | D | 6 | 3 | A | 2 | 5 | C | 4 | 8 | 9 | 7 | 1 | B |
| 9 | A | 2 | E | 8 | C | 1 | B | 7 | 5 | 6 | 0 | 3 | D | 4 |
| 5 | 8 | 3 | 4 | 7 | 0 | D | 6 | E | 1 | B | A | 2 | C | 9 |
| C | 4 | B | 5 | 9 | 1 | 8 | A | 3 | 2 | D | 7 | E | 6 | 0 |
| 6 | 1 | 7 | B | 2 | D | 9 | 4 | 0 | C | E | 3 | 8 | 5 | A |
| 7 | 3 | 0 | 1 | C | B | 4 | 2 | 9 | 8 | 5 | D | 6 | A | E |
| A | B | 8 | 7 | D | 9 | 5 | E | 6 | 0 | 4 | 1 | C | 3 | 2 |
| 4 | D | 6 | 0 | E | 8 | A | 7 | 1 | 3 | 2 | C | 9 | B | 5 |
| E | C | 9 | 2 | A | 5 | 0 | 3 | D | B | 7 | 6 | 1 | 4 | 8 |
| 2 | 5 | 1 | 3 | 6 | 4 | B | C | 8 | A | 9 | E | D | 0 | 7 |

ଗତକାଲିର ଉତ୍ତର



## ବଞ୍ଚି ରହିବାର କଳା

ରଞ୍ଜନ କୁମାର ଦାସ

ଅନେକ ସମୟରେ ଆମକୁ କୁହାଯାଇଥାଏ ଶ୍ରେଷ୍ଠ ହୁଅ, ସବୁଠୁ ଭଲ ପ୍ରଦର୍ଶନ କର। ଏପରିକି ବୈଜ୍ଞାନିକ ମେଣ୍ଡେଲ ମଧ୍ୟ କହିଲେ, କେବଳ ଶ୍ରେଷ୍ଠ ହିଁ ସୃଷ୍ଟିରେ ବଞ୍ଚି ରହିବ। ଅନ୍ୟମାନେ ତିଷ୍ଠି ପାରିବେ ନାହିଁ। ତେଣୁ ପିଲାଟି ଦିନରୁ ଆମେ ଛୁଆଙ୍କୁ ସେଇ ଗୋଟିଏ କଥା କହୁ, ଯାହା କରୁଚ କର, ଭଲ କର। ପ୍ରଥମ ହୁଅ। ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଲୋକଙ୍କର ବଞ୍ଚିବାର ଅଧିକାର ନାହିଁ। ଏ ପ୍ରକାର ପ୍ରତିଯୋଗିତା ମଣିଷକୁ ଧୀରେଧୀରେ ରୋବଟ୍‌ରେ ପରିଣତ କରି ସାରିଲାଣି। ପିଲାଟି ଜନ୍ମ ଦିନଠାରୁ ମରିବାଯାଏ କିଭଳି ତା' ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବ, ଅନ୍ୟମାନଙ୍କୁ ପଛରେ ପକେଇ କିପରି ଆଗକୁ ମାଡ଼ି ଯାଇପାରିବ ସେଇ ଚିନ୍ତାରେ ବ୍ୟସ୍ତ ରହୁଚି। କିନ୍ତୁ ପ୍ରକୃତରେ ଏହା କେତେ ସତ! ସତରେ କ'ଣ ଶ୍ରେଷ୍ଠମାନେ ହିଁ କେବଳ ବଞ୍ଚନ୍ତି? ଶ୍ରେଷ୍ଠମାନେ ହିଁ ଜିତନ୍ତି?

ମହାଭାରତକୁ ଯିବା। କୌରବମାନେ ସଂଖ୍ୟାଦୃଷ୍ଟିରୁ ପାଣ୍ଡବଙ୍କର ୨୦ ଗୁଣା ଥିଲେ। ପାଣ୍ଡବଙ୍କ ମଧ୍ୟରେ ଭୀମ ଓ ଅର୍ଜୁନଙ୍କୁ ଛାଡ଼ିଦେଲେ ଅନ୍ୟମାନଙ୍କର ଯୁଦ୍ଧ ପାରଦର୍ଶିତା ସେଭଳି ଆଖିଦୃଶିଆ ନଥିଲା। କୌରବମାନଙ୍କ ତୁଳନାରେ ପାଣ୍ଡବମାନଙ୍କର ଶ୍ରେଷ୍ଠତ୍ୱ ନ୍ୟୂନତର ଥିଲା। ତଥାପି ସେମାନେ ଯୁଦ୍ଧରେ ବିଜୟୀ ହେଲେ। ଏବେ ଯେତେ ଆତ୍ମନିର୍ଭର ଭାରତ କଥା କୁହାଯାଉଛି, ଅନେକଙ୍କ ମନରେ ଆଶଙ୍କା ରହିଚି ଭାରତୀୟ କମ୍ପାନୀଗୁଡ଼ିକ ଆଜିଯାଏ ବିଶ୍ୱ ବଜାରରେ ତାଙ୍କର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିନାହାନ୍ତି ଏବଂ ଚାଇନା ଭଳି ଦେଶଗୁଡ଼ିକ ଏ କ୍ଷେତ୍ରରେ ଅଗ୍ରଣୀ। ମାତ୍ର ଗୋଟିଏ ଚମତ୍କାର ତଥ୍ୟ ମତେ ବିହ୍ୱଳ କରିଥିଲା, ଯାହା ହେଲା ବଜାଜ୍ ଓ ଟିଭିଏସ୍ କମ୍ପାନୀଙ୍କର କାର୍ଯ୍ୟଦକ୍ଷତା। ବଜାଜ୍ ଓ ଟିଭିଏସ୍ କମ୍ପାନୀ ଭାରତରେ ଦୁଇଚକିଆ ଗାଡ଼ି ବଜାରରେ ଅଗ୍ରଣୀ। କିଛିବର୍ଷ ତଳେ ଯେତେବେଳେ ଚାଇନିଜ୍ କମ୍ପାନୀଗୁଡ଼ିକ ବିଭିନ୍ନ କ୍ଷେତ୍ରରେ ତାଙ୍କ ପ୍ରଡକ୍ଟ ନେଇ ଭାରତୀୟ ବଜାରରେ ପ୍ରବେଶ କଲେ, ଅନେକ ଟି.ଭି., କମ୍ପ୍ୟୁଟର, ମୋବାଇଲ କମ୍ପାନୀ ତାଙ୍କ ତଥାକଥିତ ଶ୍ରେଷ୍ଠତ୍ୱ ଆଗରେ ନଇଁଗଲେ। ମାତ୍ର ବଜାଜ୍ ଓ ଟିଭିଏସ୍ କମ୍ପାନୀ ତାକୁ ମାଡ଼ ଦେଇ ବଜାରରେ ତିଷ୍ଠି ରହିଲେ। ଗୋଟେ ସମୟରେ ସମସ୍ତ ୟୁରୋପ ଓ ଆଫ୍ରିକା ବଜାରକୁ ଚାଇନିଜ୍ ଦୁଇଚକିଆ କମ୍ପାନୀଗୁଡ଼ିକ ଦଖଲ କରିଥିଲେ। ମାତ୍ର ଆଜି ପୂରା ୟୁରୋପ ଓ ଆଫ୍ରିକାରେ ବଜାଜ୍ ଅଟୋମୋବାଇଲ୍‌ସ ଓ ଟିଭିଏସ୍ ଏକ ଜଣାଶୁଣା ନାଆଁ। ଆଜି ସାରା ବିଶ୍ୱରେ ବଜାଜ୍ ଅଟୋମୋବାଇଲ ମାର୍କେଟ୍‌ରେ ଏକ ଅଗ୍ରଣୀ ସ୍ଥାନ ଦଖଲ କରିଛି।

ଏବେ ଦିନେ ଗୋଟେ ମୋଟିଭେସ୍‌ନାଲ୍ ସ୍ପିକରଙ୍କ ଭାଷଣ ଶୁଣୁଥିଲି। ସେ କହୁଥିଲେ, ୧୯୮୩ ମସିହାର ଭାରତୀୟ ଟିମ୍ ଦ୍ୱାରା ବିଶ୍ୱକପ୍ ବିଜୟର କାହାଣୀ। ଭାରତୀୟ ଟିମ୍ ସେତେବେଳେ ବିଶ୍ୱର ସର୍ବଶ୍ରେଷ୍ଠ ଟିମ୍ ୱେଷ୍ଟଇଣ୍ଡିଜ୍ ବିରୁଦ୍ଧରେ ଲଢୁଥିଲା। ଭାରତୀୟ ଟିମ୍ ଗୋଟେ ଦୁର୍ବଳ ଟିମ୍ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ଇଣ୍ଡିଜ୍ ଦଳରେ ଥାଆନ୍ତି ସେ ସମୟର ଶ୍ରେଷ୍ଠ ଖେଳାଳିମାନେ। ମାତ୍ର ସେମାନଙ୍କ ଶ୍ରେଷ୍ଠତ୍ୱକୁ ପଦାନତ କରି ଭାରତୀୟ ଦଳ ବିଶ୍ୱକପ୍ ଜିତିଲା ଏବଂ ବିଶ୍ୱ କ୍ରିକେଟ୍‌ରେ ତା'ର ଦକ୍ଷତା ଆଜି ପର୍ଯ୍ୟନ୍ତ ବଜାୟ ରଖିଆସିଛି। ସେଦିନ ଭାରତୀୟ ଦଳରେ ଖେଳାଳିମାନଙ୍କ ବ୍ୟକ୍ତିଗତ ଶ୍ରେଷ୍ଠତ୍ୱ ନୁହେଁ, ବରଂ ତାଙ୍କର ବହୁମୁଖୀ ଯୁଗ୍ମ ପ୍ରଦର୍ଶନ ହିଁ ତାଙ୍କୁ ଜିତାଇଥିଲା।

ଶ୍ରେଷ୍ଠ ହେବା ନିଶ୍ଚିତ ଭାବେ ଗୌରବର କଥା। ମାତ୍ର ବଞ୍ଚିରହିବାକୁ ହେଲେ ଶ୍ରେଷ୍ଠ ହେବା ସବୁବେଳେ ଜରୁରୀ ନୁହେଁ। ବ୍ୟକ୍ତିଗତ ଭାବେ ମୁଁ ଦେଖିଚି, ଆମେ ସ୍କୁଲ ଓ କଲେଜରେ ପଢ଼ିଲାବେଳେ ଅନେକ ସାଙ୍ଗ ଯେଉଁମାନେ ଶ୍ରେଣୀରେ ପ୍ରଥମ ହେଉଥିଲେ, କ୍ରୀଡ଼ାରେ ଭଲ କରୁଥିଲେ, ଭାଷଣ ଭଲ ଦେଉଥିଲେ, ଯାହାଙ୍କୁ ଆମେ ଶ୍ରେଷ୍ଠ ବୋଲି ବିବେଚନା କରୁଥିଲୁ; ସେମାନେ ପରବର୍ତ୍ତୀ ଜୀବନରେ କୁଆଡ଼େ ହଜିଗଲେ। ମାତ୍ର ଏମିତି କିଛି ଥିଲେ, ଯେଉଁମାନଙ୍କୁ କେହି କେବେ ଜାଣିନଥିଲେ, ସେମାନେ ନିଜନିଜ କ୍ଷେତ୍ରରେ ଉଠିଲେ। ବ୍ୟବସାୟରେ ସଫଳ ହେଲେ, ଅର୍ଥ ରୋଜଗାର କଲେ, ସମାଜରେ ପ୍ରତିଷ୍ଠିତ ବି ହେଲେ। ଏମାନେ ଯଦି ସ୍କୁଲବେଳେ ଭାବି ନେଇଥାଆନ୍ତେ ଯେ ଆମେ କୋଉ କାମକୁ ନୁହେଁ, ଆମେ ବଞ୍ଚି ରହି ଲାଭ କ'ଣ, ତେବେ ତ କଥା ସରିଥିଲା। କଥା ହଉଚି ଏ ସୃଷ୍ଟିରେ ସମସ୍ତଙ୍କର ବଞ୍ଚିବାର ଅଧିକାର ଅଛି। ବଡ଼ ମାଛ ସାନ ମାଛକୁ ଗିଳିଦିଏ। ବଡ଼ ସାପ ସାନ ସାପକୁ ଗିଳିଦିଏ। ସେଥିପାଇଁ ଆମେ ଭାବୁ ଯିଏ ଶ୍ରେଷ୍ଠ, ସିଏ ହିଁ ବଞ୍ଚି ରହିବ ; ଅନ୍ୟମାନେ ଲୋପ ପାଇଯିବେ। ମାତ୍ର ସମୁଦ୍ର ଭିତରେ ତିମି ମାଛ ବି ବଞ୍ଚିରହେ, ଅନ୍ୟ ଛୋଟ ମାଛ ବି ବଞ୍ଚି ରହନ୍ତି। ଜଙ୍ଗଲରେ ଅନାକୋଣ୍ଡା ଅଜଗର ବି ରହିବା ସହ ଅନ୍ୟ ଛୋଟ ଛୋଟ ସାପ ବଞ୍ଚିରହନ୍ତି। ବାଘ ଯେତେ ଖାଇଗଲେ ବି ହରିଣ ବଂଶ ଲୋପ ପାଏନା। ସେ ବଞ୍ଚି ରହେ।

ବଞ୍ଚିବା ପାଇଁ ଶ୍ରେଷ୍ଠତ୍ୱ ସବୁବେଳେ ଜରୁରୀ ନୁହେଁ। ଏଥିପାଇଁ ଲୋଡ଼ା ବଞ୍ଚି ରହିବାର କଳା। କାଳେ ସାପ ଗିଳିଦବ ବୋଲି ଏଣ୍ଡୁଅ ତା'ର ରଙ୍ଗ ବଦଳାଇ ବଞ୍ଚେ। ପରିସ୍ଥିତି ସହ ନିଜକୁ ଖାପ୍ ଖୁଆଇ ଚଳେ ଓ ବଞ୍ଚି ରହେ। କିଶୋର କୁମାର, ଲତାମଙ୍ଗେସ୍‌କର, ରଫି, ମୁକେଶ, ଆଶା ଭୋଁସ୍‌ଲେଙ୍କ ଭଳି ଶ୍ରେଷ୍ଠ କଣ୍ଠଶିଳ୍ପୀ ଯେତେବେଳେ ଥିଲେ, ସେତେବେଳେ ତାଙ୍କ ଶ୍ରେଷ୍ଠତ୍ୱର ଛାଇ ତଳେ ମଧ୍ୟ ଆହୁରି ଅନେକ କଣ୍ଠଶିଳ୍ପୀ ଉଧେଇଥିଲେ। ଗାନ୍ଧୀ, ନେହେରୁ, ଶାସ୍ତ୍ରୀ, ପଟେଲଙ୍କ ଭଳି ଶ୍ରେଷ୍ଠ ରାଜନୀତିଜ୍ଞଙ୍କ ଶ୍ରେଷ୍ଠତ୍ୱ ଥିବା ସତ୍ତ୍ୱେ ମଧ୍ୟ ଅନେକ ନେତା ସେ ସମୟରେ ବାହାରିଥିଲେ ଓ ଦେଶର ପ୍ରଗତି ରଥକୁ ଆଗେଇ ନେଇଥିଲେ। ବରଗଛ ତଳେ ଅନ୍ୟ ଗଛ ଉଧାଏନା ବୋଲି ଆମର ଗୋଟେ କଥା ଅଛି। ମାତ୍ର କଥା ହଉଚି, ସମାଜର ସବୁ ଆବଶ୍ୟକତା ସବୁବେଳେ ଶ୍ରେଷ୍ଠ ଲୋକଙ୍କ ଦ୍ୱାରା ପୂରଣ ହୋଇପାରେ ନାହିଁ। ଛୋଟ ଛୋଟ ରୋଗ ପାଇଁ କେହି ବଡ଼ ବଡ଼ ଡାକ୍ତରଖାନାକୁ ଯାଏନା। ଛୋଟ ଛୋଟ ଜିନିଷ କିଣିବାକୁ କେହି ବଡ଼ ବଡ଼ ମଲ୍‌କୁ ଯାଏନା। ତେଣୁ ଛୋଟ ଡାକ୍ତରଖାନା, ଛୋଟ ଡାକ୍ତର, ଛୋଟ ଦୋକାନ, ଛୋଟ ଦୋକାନୀ ବି ବେଳେବେଳେ ବଡ଼ କାମର ହେଇଥାଆନ୍ତି। ଯିବାଆସିବା କରିବାକୁ ସବୁବେଳେ କାର୍ ବ୍ୟବହାର କରିହୁଏନି, ବେଳେବେଳେ ସାଇକେଲ ବା ସ୍କୁଟି ବେଶି କାମର ହେଇଥାଏ।

ତେଣୁ ପରିବେଶ ଓ ପରିସ୍ଥିତିକୁ ନେଇ କାହାର ଉପଯୋଗିତା କେତେ, କିଏ ତିଷ୍ଠିବ, କିଏ ବଞ୍ଚିବ କି ଗ୍ରହଣୀୟ ହେବ, କିଏ କେତେ ଆଦର ପାଇବ ତା'ର ନିର୍ଦ୍ଧାରଣ ହୁଏ। ରୋହି ମାଛ, ଇଲିଶି ମାଛ ଯେତିକି ବିକ୍ରି ହୁଏ, ଚୂନା ମାଛ ବି ସେତିକି ବିକ୍ରି ହୁଏ। ବ୍ରାଣ୍ଡେଡ୍ ଦୋକାନରେ ଯେତିକି ବିକ୍ରି ହୁଏ, ରାସ୍ତା କଡ଼ର ଉଠାଦୋକାନୀ, ଫେରିବାଲା ବି ସେତିକି ବିକ୍ରି କରନ୍ତି। ଭଲ ନାମୀ ରେଷ୍ଟୁରାଣ୍ଟକୁ ଯେତିକି ଲୋକ ଯାଆନ୍ତି ଖାଇବାକୁ, ନନା ଭାଇନା ହୋଟେଲକୁ ତା'ଠୁ କମ୍ ଲୋକ ଯାଆନ୍ତି ନାହିଁ। ସବୁଲୋକ ତ ଜଗନ୍ନାଥଙ୍କ ପାଖକୁ ଦୁଃଖ ଜଣେଇବାକୁ ଯାଇପାରନ୍ତି ନାହିଁ। ତା' ଭିତରୁ କେହିକେହି ଗ୍ରାମଦେବତୀଙ୍କୁ ବି ଦୁଃଖ ଜଣେଇ ରହିଯାଆନ୍ତି। ଜଗନ୍ନାଥଙ୍କ ମହିମା ବଢ଼ିବାରେ ଗ୍ରାମଦେବତୀଙ୍କ ମହିମା ଊଣା ହୁଏ ନାହିଁ। ଗ୍ରାମଦେବତୀ ସବୁଠୁ ବଡ଼ ଠାକୁର ନ ହୋଇପାରନ୍ତି, ମାତ୍ର ସ୍ଥାନୀୟ ଆବଶ୍ୟକତା ପାଇଁ ସେ ଯଥେଷ୍ଟ। ସମସ୍ତେ ସ୍ୱର୍ଗଦ୍ୱାର ଯାଇ ପାରନ୍ତିନି। ତେଣୁ ଗାଁ ମଶାଣି ବି ଅନେକଙ୍କର ଶେଷ ଆଶ୍ରୟ ପାଲଟିଥାଏ। ତେଣୁ ସବୁଠୁ ଭଲ ଜିନିଷଟି ମୋର ହେବ, ସବୁଠୁ ଭଲ ପ୍ରଦର୍ଶନ ମୁଁ ହିଁ କରିବି, ସମସ୍ତଙ୍କ ଆଖିରେ ମୁଁ ଶ୍ରେଷ୍ଠ ହେବି ଏ ଧାରଣାରୁ ବେଳେବେଳେ ବାହାରକୁ ବାହାରିବାକୁ ପଡ଼ିବ। ଏ ସୃଷ୍ଟିରେ କିଛି ନିକୃଷ୍ଟ ନୁହେଁ। କେବଳ ସମୟର ଆବଶ୍ୟକତାକୁ ନେଇ କୋଉଟି ଭଲ, କୋଉଟି ଖରାପ। ମଶାଣିକୁ ଗଲାବେଳେ କୋଟ୍, ଟାଇ ପିନ୍ଧି ଯାଇ ହେବ ନାହିଁ, ଯେତେ ଶ୍ରେଷ୍ଠ ହେଇ ଥାଉ ପଛେ। ସେତେବେଳେ ଧୋତି ଗାମୁଛା ହିଁ ପିନ୍ଧିବାକୁ ପଡ଼ିବ, ଯେତେ ନିକୃଷ୍ଟ ତାହା ମନେ ହେଉଥାଉ ପଛେ। ତେଣୁ ଅହମିକାର ଅହଂକାର ତଳେ ବଞ୍ଚି ନରହି ଓ ପରିବେଶ ସହ ନିଜକୁ ଖାପ ଖୁଆଇ ଚଳିବା ବୋଧହୁଏ ଅଧିକ ବିଜ୍ଞତାର ପରିଚାୟକ।

ନିର୍ଦ୍ଦେଶକ, ସଂସ୍କୃତି ବିଭାଗ
ମୋ -୯୪୩୭୨୮୬୫୧୨

## ପାଠକ ଶ୍ରେଷ୍ଠ ବିଚାରକ

### ହାଇମାଷ୍ଟ ଲାଇଟ ବ୍ୟବସ୍ଥା ହେଉ

ମହାଶୟ,

ଲୁଇସ୍ ରୋଡ୍ (ପୁରୁଣା ଏନ୍‌ଏଚ୍-୨୦୩)ର ଶିଶୁପାଳଗଡ଼ ଗେଟ୍ ଛକ ଏକ ବ୍ୟସ୍ତବହୁଳ ଛକ। ଏହି ଛକରୁ ଲିଙ୍ଗିପୁର ପଞ୍ଚାୟତ ଅଫିସକୁ ଯିବାକୁ ପଡ଼େ। ଲିଙ୍ଗିପୁର ପଞ୍ଚାୟତର ୧୩ଟି ଯାକ ପଞ୍ଚାୟତ ବାସିନ୍ଦା ପଞ୍ଚାୟତ ଅଫିସକୁ ଏହି ବାଟଦେଇ ଯାଆନ୍ତି। ଐତିହ୍ୟ ସମ୍ପନ୍ନ ଶିଶୁପାଳଗଡ଼ର ପ୍ରବେଶ ପଥରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥାକୁ ଏଠାକାର ବୁଦ୍ଧିଜୀବୀମାନେ ଚାତକ ପରି ଚାହିଁ ରହିଛନ୍ତି। ଏହି ଛକ ନିକଟରେ ଥିବା ଶିଳ୍ପୀଗୁରୁ ରଘୁନାଥ ମହାପାତ୍ର ଆର୍ଟ ଆଣ୍ଡ କ୍ରାଫ୍ଟସ୍ ଡିଭିଜନକୁ ୨୦୧୩ ରେ ଉଦ୍‌ଘାଟନ କରାଯାଇଥିଲା। ସେହିପରି ଏହି ଛକରେ ଥିବା 'ଶିଶୁପାଳଗଡ଼ ଐତିହ୍ୟ ତୋରଣ' ୨୦୧୬ରେ ସ୍ଥାପିତ ହୋଇଥିଲା। ଏହି ଛକ ନିକଟରେ ଥିବା ପୋଷ୍ଟ ଅଫିସ ଉପରେ ଦୁଇଟି ପଞ୍ଚାୟତର ବାସିନ୍ଦା ନିର୍ଭର କରନ୍ତି। ଏଣୁ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା କରଯିବା ସହ ଏହି ଅଞ୍ଚଳର ଉନ୍ନତି କରାଯାଇ ପାରିଲେ ଏହା ବିଏମ୍‌ସି ଅନ୍ତର୍ଭୁକ୍ତ ହେବା ପାଇଁ ବାଟ ଫିଟାଇବ।

-କମଳାକାନ୍ତ ସେନାପତି, ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହେ ପୁରାଣ ପୁଣ୍ୟ ପାନ୍ଥ, ଦୀର୍ଘ ଯେଉଁ
ପଥ ଅତିକ୍ରମି
ଉଭା ହେଲ ଜୀବନର ଏକ ପ୍ରାନ୍ତେ
ଶ୍ରାନ୍ତ ପଦେ ଭ୍ରମି ?

-(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ରାଜ୍ୟର ୨୪୬୭ ଗାଁ ଅପହଞ୍ଚ

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୧୭।୩**


ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ଗ୍ରାମ ପଞ୍ଚାୟତ ଗୋଲାମୁଣ୍ଡାକୁ ରାସ୍ତା ନ ଥିବାରୁ ଲୋକେ ପାଣିରେ ଯାଉଛନ୍ତି।


ଯାଜପୁର ଜିଲା ସୁକିନ୍ଦା ବ୍ଲକ ଚିଙ୍ଗୁଡ଼ିପାଳ ଗ୍ରାମ ପଞ୍ଚାୟତ ତୁମୁଣିକୁ ରାସ୍ତାନାହିଁ।

- ରାୟଗଡ଼ା ଜିଲାରେ ରହିଛି ସର୍ବାଧିକ ୩୦୫ ଗାଁ
- ବରଗଡ଼, ଭଦ୍ରକ, ବଲାଙ୍ଗୀର, କଟକ, ଯାଜପୁର, ସୁବର୍ଣ୍ଣପୁରର କୌଣସି ଗ୍ରାମ ଅପହଞ୍ଚ ନୁହେଁ:ମନ୍ତ୍ରୀ
- ରିପୋର୍ଟ ବାସ୍ତବତାଠାରୁ ଭିନ୍ନ

ରାଜ୍ୟର ୨୪୬୭ ଗାଁ ଏବେ ବି ଅପହଞ୍ଚ ଅବସ୍ଥାରେ ରହିଛି। ଏହି ଗାଁଗୁଡ଼ିକୁ ଆଜି ପର୍ଯ୍ୟନ୍ତ ରାସ୍ତା ସଂଯୋଗ ହୋଇନାହିଁ । ସେଥିମଧ୍ୟରୁ ରାୟଗଡ଼ା ଜିଲାରେ ସର୍ବାଧିକ ୩୦୫ ଗ୍ରାମ ରହିଥିବା ବେଳେ ଦ୍ୱିତୀୟରେ କଳାହାଣ୍ଡି ଜିଲାର ୨୭୦ ଗ୍ରାମ ଏବଂ ତୃତୀୟରେ ଶିଳ୍ପ ସମୃଦ୍ଧ ଜଗତସିଂହପୁର ଜିଲାର ୨୧୧ ଗାଁ ରହିଛି। ବର୍ତ୍ତମାନ ଏପରି ସ୍ଥିତି ଅସମ୍ଭବ ମନେ ହେଉଥିଲେ ବି ନିରାଟ ସତ। ଚଳିତ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଏହି ତଥ୍ୟ ରଖିଛନ୍ତି। ତେବେ ବରଗଡ଼, ଭଦ୍ରକ, ବଲାଙ୍ଗୀର, କଟକ, ଯାଜପୁର ଓ ସୁବର୍ଣ୍ଣପୁର ଜିଲାର କୌଣସି ଗ୍ରାମ ଅପହଞ୍ଚ ନୁହେଁ ବୋଲି ସେ ଦର୍ଶାଇଛନ୍ତି। ହେଲେ ଯାଜପୁର ଓ ବଲାଙ୍ଗୀର ଜିଲାର କେତୋଟି ଗ୍ରାମକୁ ଉଦାହରଣ ଭାବେ ନିଆଗଲେ ବିଧାନସଭାରେ ଉପସ୍ଥାପିତ 'ଅପହଞ୍ଚ ନୁହେଁ' ତଥ୍ୟ ବାସ୍ତବତାଠାରୁ ଭିନ୍ନ ବୋଲି ଜଣାପଡିଛି ।

ଶିକ୍ଷା ଓ ଗମନାଗମନ କେବଳ ସଭ୍ୟତାର ଆଧାର ନୁହେଁ, ଏକ ଅଞ୍ଚଳ ଓ ଜାତିର ପ୍ରଗତିର ପରିଚାୟକ । ଯେଉଁ ଅଞ୍ଚଳରେ ଗମନାଗମନର ସୁବିଧା ରହିଛି, ଅଧିବାସୀ ଅଧିକ ଶିକ୍ଷିତ ସେହି ଅଞ୍ଚଳ ସେତେ ବିକଶିତ । ଏହା ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରିଥାଏ ବୋଲି କୁହାଯାଏ । ଏହିକ୍ରମରେ ସରକାର ୨୦୧୮-୧୯ ଆର୍ଥିକ ବର୍ଷରେ ଅପହଞ୍ଚ ଗ୍ରାମକୁ ରାସ୍ତା ସଂଯୋଗ ନିମନ୍ତେ ଉପାନ୍ତ(ଅନକନେକ୍ଟେଡ ପିପୁଲସ୍ ଏସେସିବିଲିଟି ଇନ୍ ଟ୍ରାଇବାଲ ଏରିଆ) ପ୍ରଣୟନ କରିଥିଲେ। ଏଥିପାଇଁ ୫୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହି ଯୋଜନା ମାଧ୍ୟମରେ ୧୦୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଥିବା ରାଜସ୍ୱ ଗ୍ରାମଗୁଡ଼ିକୁ ରାସ୍ତାର ଗ୍ରେଡ-୨ ମେଟାଲିଂ ଷ୍ଟାଣ୍ଡାର୍ଡ ଯାଏ ତିଆରି ନିମନ୍ତେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ) ଏବଂ ସିଏଫ୍‌ସି/ଏସଏଫ୍‌ସି ଯୋଜନାରେ ଉପଲବ୍ଧ ଅର୍ଥରୁ ଖର୍ଚ୍ଚ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ଏହାବାଦ ମାତୃ ଓ ଶିଶୁ ମୃତ୍ୟୁ ହାର ନିୟନ୍ତ୍ରଣ କରିବାକୁ ୨୦୧୫-୧୬ରୁ ସମ୍ପୂର୍ଣ୍ଣା ଯୋଜନା ପ୍ରଣୀତ ହୋଇଛି। ଅଥଚ ପ୍ରଶାସନର ଆନ୍ତରିକତାର ଅଭାବ ଯୋଗୁ ଅପହଞ୍ଚଗ୍ରାମଗୁଡ଼ିକରେ ଏହି ଯୋଜନାର ରୂପରେଖ କାର୍ଯ୍ୟକାରୀ ହେବାରେ ଅନ୍ତରାୟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏହି କାରଣରୁ ଉପରୋକ୍ତ ଜିଲା ବାଦ୍ ଅନୁଗୋଳ ଜିଲାରେ ୧୦୮, ବାଲେଶ୍ୱରରେ ୬୪, ବୌଦ୍ଧରେ ୫୪, ଦେବଗଡ଼ରେ ୪୦, ଢେଙ୍କାନାଳରେ ୮୬, ଗଞ୍ଜାମରେ ୯୩, ଗଜପତିରେ ୧୬୦, ଝାରସୁଗୁଡ଼ାରେ ୬, କନ୍ଧମାଳରେ ୧୨୬, କେନ୍ଦ୍ରାପଡ଼ାରେ ୧୭, କେନ୍ଦୁଝରରେ ୧୪୧, ଖୋର୍ଦ୍ଧାରେ ୩, କୋରାପୁଟରେ ୯୮, ମାଲକାନଗିରିରେ ୧୫୦, ମୟୂରଭଞ୍ଜରେ ୧୪୫, ନବରଙ୍ଗପୁରରେ ୧୮, ନୟାଗଡ଼ରେ ୭୩, ନୂଆପଡ଼ାରେ ୫୬, ପୁରୀରେ ୨, ସମ୍ବଲପୁରରେ ୫୮ ଓ ସୁନ୍ଦରଗଡ଼ ଜିଲାରେ ୧୩ ଗ୍ରାମ ଏବେ ବି ଅପହଞ୍ଚ ହୋଇ ରହିଛି। ତେବେ ଅପହଞ୍ଚ ତାଲିକାରେ ଦର୍ଶାଯାଇ ନ ଥିବା ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦପୁଲା ପଞ୍ଚାୟତ ମହୁଲପାଲି ଗ୍ରାମ ଓ ମହରାପଦର ପଞ୍ଚାୟତର ଗୁଲାମୁଣ୍ଡା ଗ୍ରାମକୁ ଏଠାରେ ଉଦାହରଣ ଭାବେ ନିଆଯାଇ ପାରେ। ସେହିପରି ଯାଜପୁର ଜିଲାର ସୁକିନ୍ଦା ବ୍ଲକ ଚିଙ୍ଗୁଡିପାଳ ପଞ୍ଚାୟତର ତୁମୁଣି ଏବଂ ସୁକିନ୍ଦା ବ୍ଲକ ହାତୀବାରୀ ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ନାଳିଆଝର ଗ୍ରାମକୁ ସାମିଲ କରାଯାଇପାରେ। ଉପରୋକ୍ତ ଗ୍ରାମଗୁଡିକୁ ସମ୍ପୂର୍ଣ୍ଣ ରାସ୍ତା ସଂଯୋଗ ହୋଇ ନ ଥିବାରୁ ସଂପୃକ୍ତ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉପଯୁକ୍ତ ତଦନ୍ତ କରାଗଲେ ରାଜ୍ୟରେ ଆହୁରି ଅନେକ ଗ୍ରାମ ଅପହଞ୍ଚ ଥିବା ନଜରକୁ ଆସିବ ବୋଲି ମତ ପ୍ରକାଶ ପାଇଛି ।

ଏହାବାଦ୍ ୨୦୧୯ ଜୁଲାଇ ସୁଦ୍ଧା କୋର ନେଟୱର୍କ ହିସାବରେ ଯାଜପୁର ଜିଲାର ୧୩୩ଟି ଗ୍ରାମକୁ ସଡ଼କ ସଂଯୋଗ ହୋଇ ନ ଥିବା ଜଣାପଡିଥିଲା। ଏହି ଦେଢବର୍ଷ ମଧ୍ୟରେ ଉପରୋକ୍ତ ଗ୍ରାମକୁ କିପରି ରାସ୍ତା ସଂଯୋଗ ହେଲା ତାହା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଏହିସବୁ ଅପହଞ୍ଚ ଇଲାକାରେ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । କିନ୍ତୁ ସ୍ୱଭାବସୁଲଭ ଢଙ୍ଗରେ ସେହିସବୁ ଯୋଜନା ଓ କାର୍ଯ୍ୟକ୍ରମ ଦିଗହରା ହୋଇଛି। ଏଥିପାଇଁ ବିଜୟୀ ଲୋକପ୍ରତିନିଧି ଓ ନିର୍ବାଚନରେ ଭାଗ ନେଇ ପରାଜୟ ବରଣ କରିଥିବା ବିରୋଧୀଦଳର ନେତାମାନେ ଦାୟୀ ବୋଲି କୁହାଯାଇପାରେ । ପ୍ରଶାସନିକ ଅବହେଳା ମଧ୍ୟ ତା'ଠାରୁ ଅଧିକ ଦୋଷୀ ମନେହୁଏ ।

ଅନ୍ୟପକ୍ଷେ ଅପହଞ୍ଚ ଇଲାକାରେ ସ୍ୱତନ୍ତ୍ର ଭିଏଚ୍‌ଏନଡି ଓ ନିୟମିତ ଟିକାକରଣ, ରେଡକାର୍ଡ, ଯୁଗ୍ମ ପରିଦର୍ଶନ, ଶିଶୁର ଜନ୍ମ ପ୍ରସ୍ତୁତୀକରଣ, ବିକଳ୍ପ ପରିବହନ ବ୍ୟବସ୍ଥା, ଗର୍ଭବତୀ ମହିଳାଙ୍କ ପରିବହନ ଖର୍ଚ୍ଚର ପ୍ରତିପୂରଣ, ଗର୍ଭବତୀ ଓ ଅସୁସ୍ଥ ଶିଶୁଙ୍କ ପ୍ରତ୍ୟାବର୍ତ୍ତନ ବାବଦରେ ପ୍ରୋତ୍ସାହନ ରାଶି, ଦେୟମୁକ୍ତ ଖାଦ୍ୟ, ଉନ୍ନତ ମାନର ପ୍ରସବ ପରିଚାଳନା ଆଦି ବ୍ୟବସ୍ଥା ପରିଚାଳନା କରାଯାଇଛି ବୋଲି ମନ୍ତ୍ରୀ ଜେନା ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

## କେଭିପିୱାଇ ପରୀକ୍ଷାରେ ଅତୀସ ଓଡ଼ିଶା ଟପ୍ପର



**ଭୁବନେଶ୍ୱର,୧୭।୩(ବ୍ୟୁରୋ)**


ବେଙ୍ଗାଲୁରୁର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଦ୍ୱାରା ପରିଚାଳିତ କିଶୋର ବୈଜ୍ଞାନିକ ପ୍ରୋତ୍ସାହନ ଯୋଜନା(କେଭିପିୱାଇ) ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଛାତ୍ର ଅତୀସ କୁମାର ସାହୁ ଓଡ଼ିଶା ଟପ୍ପର ହୋଇଥିବାବେଳେ ସର୍ବଭାରତୀୟ ସ୍ତରରେ ସେ ୧୩ତମ ର୍‌ୟାଙ୍କ ଅକ୍ତିଆର କରିଛନ୍ତି। ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଅତୀସକୁ ଅଭିନନ୍ଦନ ଜଣାଇଛନ୍ତି। ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ବିଜ୍ଞାନ ପାଠ୍ୟକ୍ରମ ଏବଂ ଅନୁସନ୍ଧାନ ବୃତ୍ତି ପାଇଁ ଓ ବିଜ୍ଞାନରେ ଉତ୍ସାହିତ ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରିବାକୁ କିଶୋର ବୈଜ୍ଞାନିକ ପ୍ରୋତ୍ସାହନ ଯୋଜନା ଆୟୋଜିତ କରାଯାଇଥାଏ। ଦକ୍ଷତା ଓ ବ୍ୟକ୍ତିଗତ ସାକ୍ଷାତ୍‌କାର ପ୍ରକ୍ରିୟାରେ କେଭିପିୱାଇ ପରୀକ୍ଷା କରାଯାଇଥାଏ। ୨୦୨୦-୨୧ ବର୍ଷରେ କରୋନା ପାଇଁ କେବଳ ଦକ୍ଷତା ପରୀକ୍ଷା ପ୍ରକ୍ରିୟାରେ ଚୟନ କରାଯାଇଛି। ଅତୀଶଙ୍କ ସମେତ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍‌ର ୧୪ଜଣ ଛାତ୍ରୀଛାତ୍ର କେଭିପିୱାଇ ପାଇଁ ମନୋନୀତ ହୋଇଛନ୍ତି। ଜେଇଇ ମେନ୍‌ରେ ଓଡ଼ିଶା ଟପ୍ପର ହୋଇଥିବା ଗୌତମ ଦାସ କେଭିପିୱାଇରେ ସର୍ବଭାରତୀୟ ସ୍ତରରେ ୨୨୨ ତମ ର୍‌ୟାଙ୍କରେ ରହିଛନ୍ତି। ତେବେ ଓଡ଼ିଶା ଟପ୍ପର ହୋଇଥିବା ଅତୀସ ଭୁବନେଶ୍ୱର ବାସିନ୍ଦା ହୋଇଥିବାବେଳେ ତାଙ୍କ ବାପା ଗଗନ ବିହାରୀ ସାହୁ ଏକ ଘରୋଇ ସଂସ୍ଥାରେ ପ୍ରୋଜେକ୍ଟ ମ୍ୟାନେଜର ଭାବେ କାର୍ଯ୍ୟରତ ଓ ମା ଗୀତାଞ୍ଜଳି ସାହୁ ଜଣେ ଗୃହିଣୀ। ଅତୀସ ଦ୍ୱିତୀୟ ଶ୍ରେଣୀରୁ ବିଭିନ୍ନ କ୍ଷେତ୍ରରେ ମେଧାବୃତ୍ତି ପାଇଆସୁଛନ୍ତି। ତାଙ୍କୁ ସ୍କୁଲ ତରଫରୁ ଶତ ପ୍ରତିଶତ ସ୍କଲାରଶିପ୍ ଦିଆଯାଉଛି। ସେ ଭବିଷ୍ୟତରେ ଆଇଆଇଟି ଓ ମେଡିକାଲ୍ ପଢ଼ିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତାରେ ସାଇ ଇଣ୍ଟରନ୍ୟାଶନାଲ୍‌ର ପ୍ରତିଷ୍ଠାତା ଡ. ବିଜୟ କୁମାର ସାହୁ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


ବିଭିନ୍ନ ଦାବିରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବୁଧବାର ଧାରଣା ଦେଇଥିବା ଓଡ଼ିଶା ଗ୍ରାମ ପଞ୍ଚାୟତ କର୍ମଚାରୀ ସଂଘର ସଦସ୍ୟମାନେ।

## ଟ୍ରକ୍ ଚାଳକଙ୍କୁ ହେଲ୍‌ମେଟ ଜରିମାନା

**ବ୍ରହ୍ମପୁର ଅଫିସ,୧୭।୩**

ବ୍ରହ୍ମପୁରରେ ଟ୍ରାଫିକ ପୋଲିସର ଅଜବ ନୀତି ଦେଖିବାକୁ ମିଳିଛି। ଏକ ଟ୍ରକ( ଓଆର୍ ୦୭ ଡବ୍ଲ୍ୟୁ ୪୫୯୩)ର ଚାଳକଙ୍କ ନାଁରେ ଗାଡି ଚଳାଇବା ବେଳେ ହେଲ୍‌ମେଟ ପିନ୍ଧି ନ ଥିବା ଦର୍ଶାଇ ୧୦୦୦ ଟଙ୍କା ଚାଲାଣ କଟାଯାଇଛି। ଟ୍ରକ ଚାଳକ ପ୍ରମୋଦ କୁମାର ସ୍ୱାଇଁ ଏହି ଅଭିଯୋଗ କରିଛନ୍ତି। ପୋଲିସ ଅଯଥାରେ ହଇରାଣ କରୁଛି ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଟ୍ରକ ପରମିଟ ଅବଧି ଶେଷ ହୋଇ ଯାଇଥିବାରୁ ଚାଳକ ପ୍ରମୋଦ ଆର୍‌ଟିଓ ଅଫିସକୁ ଯାଇଥିଲେ। ଟ୍ରକ ପରମିଟ ପାଇଁ ଆବେଦନ କରିବା ବେଳେ ତାଙ୍କ ନାମରେ ପୂର୍ବରୁ ଟ୍ରାଫିକ ନିୟମ ଉଲ୍ଲଂଘନ ନେଇ ଜରିମାନା ହୋଇଥିବା ଜାଣିବାକୁ ପାଇଥିଲେ। ଟ୍ରକ ଚଳାଇବା ବେଳେ ହେଲମେଟ ପିନ୍ଧି ନ ଥିବାରୁ ୨୦୨୦ ଡିସେମ୍ବର ୨୪ରେ ୧ ହଜାର ଟଙ୍କା ଚାଲାଣ କଟାଯାଇଥିଲା। ଏହି ଜରିମାନା ପୈଠ କରିବାକୁ ଆର୍‌ଟିଓ କର୍ମଚାରୀ ତାଙ୍କୁ କହିଥିଲେ। ତେଣୁ ସେ ଗତ ୧୨ ତାରିଖରେ ଉକ୍ତ ଟଙ୍କା ପୈଠ କରିଥିଲେ।


Traffic Police Odisha
Enforcement Branch
1: 194(D) Driving without helmet ( 194(D)) Fine - 1000
Amount Received Through : Online Payment

କଟାଯାଇଥିବା ଚାଲାଣ।

ଅନ୍ୟ କୌଣସି କାରଣରୁ ମଧ୍ୟ ୫୦୦ ଲେଖାଏର ଦୁଇଟି ଚାଲାଣ କଟାଯାଇଥିବା ପ୍ରମୋଦ କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଟ୍ରାଫିକ ଥାନାଧିକାରୀ ସୁନିଲ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଚାଲାଣ କଟାଯାଇଥିବା ଗାଡିର ନମ୍ବରଟି କୌଣସି ବାଇକର ହୋଇଥାଇପାରେ। ନଚେତ କମ୍ପ୍ୟୁଟରରେ ନମ୍ବର ଫିଡିଂ ବେଳେ କୌଣସି ତ୍ରୁଟି ହୋଇଥିବ ବୋଲି ସେ କହିଛନ୍ତି।

## ବଢୁଛି ତାତି: ୨୧ରୁ ଝଡ଼ବର୍ଷା

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ଶୁଖିଲା ରହିବ। ସର୍ବୋଚ୍ଚ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇବ। ତେବେ ଏହି ସମୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ବରଗଡ଼ ଜିଲାର କେତେକ ସ୍ଥାନରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ଆସନ୍ତା ୨୧ରୁ ପାଗରେ ପରିବର୍ତ୍ତନ ହେବ। ରାଜ୍ୟର ଅଧିକାଂଶ ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ୨୧ରେ ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୨ ତାରିଖରେ ସୁନ୍ଦରଗଡ଼,ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, କଟକ, ସୋନପୁର, ବଲାଙ୍ଗୀର, ନୂଆପଡ଼ା, ବୌଦ୍ଧ, କନ୍ଧମାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ବୁଧବାର ରାଜ୍ୟର କେତେକ ସ୍ଥାନରେ ପାରଦ ଉପରମୁହାଁ ରହିଥିଲା। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ ବାରିପଦା ଓ ମାଲକାନଗିରିରେ ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୩୮.୬, ତାଳଚେର ୩୮.୩, ଟିଟିଲାଗଡ଼ ୩୮, ନୟାଗଡ଼ ୩୮ ଏବଂ ବୌଦ୍ଧ ଜିଲାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

## 'ବ୍ୟବହୃତ ଆଲୁମିନିୟମର ପୁନର୍ବ୍ୟବହାର ଯୋଜନା ଅଛି'

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

ଆଲୁମିନିୟମ-ଏୟାର ବ୍ୟାଟେରି ଟେକ୍ନୋଲୋଜି ବ୍ୟବସାୟୀକରଣ କରିବା ଦିଗରେ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଇସ୍ରାଏଲର ଉର୍ଜା ମନ୍ତ୍ରୀ ୟୁଭାଲ୍ ଷ୍ଟିନ୍‌ଜ୍ଙ୍କ ଉପସ୍ଥିତିରେ ଭିଡିଓ କନଫରେନ୍ସ ଜରିଆରେ ଆଇଓସି ଫିନର୍ଜି ପ୍ରାଇଭେଟ୍ ଲିମିଟେଡ(ଆଇଓପି)ର ଉଦଘାଟନ ହୋଇଛି। ଏହି ଯୌଥ ଉଦ୍ୟୋଗ ମାଧ୍ୟମରେ ଦେଶରେ ଆଲୁମିନିୟମ ଏୟାର ବ୍ୟାଟେରି ଉତ୍ପାଦନ ଏବଂ ବ୍ୟବହାର ଯୁକ୍ତ ଆଲୁମିନିୟମର ପୁନଃବ୍ୟବହାର ପାଇଁ ଆଗାମୀ ଦିନରେ ଯୋଜନା ରଖାଯାଇଥିବା ଧର୍ମେନ୍ଦ୍ର କହିଛନ୍ତି ।

ଉଲ୍ଲେଖନୀୟ ଯେ, ଆଇସି ଫିନର୍ଜି ପ୍ରାଇଭେଟ୍ ଲିମିଟେଡ ହେଉଛି ଇଣ୍ଡିଆନ ଅଏଲ ଏବଂ ଇସ୍ରାଏଲର ଫିନର୍ଜି କମ୍ପାନୀର ଯୌଥ ଉଦ୍ୟୋଗ। ଏହି କମ୍ପାନୀ ଭାରତୀୟ ଅଟୋମୋଟିଭ୍ ଉତ୍ପାଦନକାରୀ କମ୍ପାନୀକୁ ଆଲୁମିନିୟମ-ଏୟାର ବ୍ୟାଟେରୀ ଟେକ୍ନୋଲୋଜି ଯୋଗାଇବ । ଇଣ୍ଡିଆନ ଅଏଲ ଏବଂ ଫିନର୍ଜି କମ୍ପାନୀ ସ୍ୱଚ୍ଛ, ସ୍ଥାୟୀ, ସୁଲଭ ଓ ସୁରକ୍ଷିତ ଉର୍ଜାକୁ ଗୁରୁତ୍ୱ ଦେଇ ଏହାକୁ ଉପଲବ୍ଧ କରିବା ସହ ନୂଆ ଯାତ୍ରା ଆରମ୍ଭ କରିଥିବାରୁ ଏହି ୨ କମ୍ପାନୀକୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ, ଅଟୋମୋଟିଭ୍ କ୍ଷେତ୍ରରେ ଆଲୁମିନିୟମ ଏୟାର ଟେକ୍ନୋଲୋଜିର ବ୍ୟବସାୟକୁ ସହଯୋଗ କରିବା ପାଇଁ ଇଣ୍ଡିଆନ ଅଏଲ-ଫିନର୍ଜି ପ୍ରାଇଭେଟ ଲିମିଟେଡ୍ ସହ ଅଟୋମୋଟିଭ୍ ଉତ୍ପାଦନକାରୀ ମାରୁତି ସୁଜୁକି ଏବଂ ଅଶୋକ ଲେଲ୍ୟାଣ୍ଡ ମଧ୍ୟରେ ଲେଟର ଅଫ୍ ଇଣ୍ଟେଣ୍ଟ୍ ନେଇ ମଧ୍ୟ ବୁଧବାର ଚୁକ୍ତି ହୋଇଛି। ଆତ୍ମନିର୍ଭର ଭାରତ ଦିଗରେ ଏହା ବଡ଼ ଉପଲବ୍ଧି । ଏହି ଟେକ୍ନୋଲୋଜି ପରିବହନ କ୍ଷେତ୍ରରେ ପ୍ରଦୂଷଣ କମାଇବାରେ ସହାୟକ ହେବ । ଏହି ଯୌଥ ଉଦ୍ୟୋଗ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମଧ୍ୟରେ ନୂଆଦିଲ୍ଲୀରେ ୨୦୧୮ରେ ହୋଇଥିବା ବୁଝାମଣା ପତ୍ର(ଏମଓୟୁ)ର ପ୍ରତିଫଳନ। ପ୍ରଦୂଷଣ କମ କରିବା ଭଳି ଉର୍ଜା ମାଧ୍ୟମରେ ଭାରତ ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରିବା ଦିଗରେ ନିଜର ପ୍ରତିବଦ୍ଧତା ଦର୍ଶାଇଛି । ଏହା ଭବିଷ୍ୟତ ପାଇଁ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପଦକ୍ଷେପ ଆଲୁମିନିୟମ ଏୟାର ବ୍ୟାଟେରୀ ପରିସଂସ୍ଥାନର ସ୍ୱଦେଶୀ ବିକାଶକୁ ସୁବିଧା ଦେବା ସହ ବିଦ୍ୟୁତଚାଳିତ ଯାନବାହାନର ଟେକ୍ନୋଲୋଜି କ୍ଷେତ୍ରରେ ମେକ୍ ଇନ୍ ଇଣ୍ଡିଆକୁ ମଜବୁତ୍ କରିବ। ଏହାସହ ଅନ୍ୟାନ୍ୟ ସ୍ୱଚ୍ଛ ଉର୍ଜା ଦିଗରେ ଗବେଷଣା ଏବଂ ବିକାଶ, ଟେକ୍ନୋଲୋଜି ଟ୍ରାନ୍ସଫର, ପୁଞ୍ଜିନିବେଶ, କ୍ଷମତା ନିର୍ମାଣକୁ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି ।




## ବିଧାନସଭା ଖବର...



### ମାଛ ଉତ୍ପାଦନ ୧୧୧% ବଢ଼ିଛି

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବଢ଼ିଛି। ୨୦୧୦-୧୧ରେ ରାଜ୍ୟରେ ସମୁଦାୟ ୩,୮୬,୧୮୫ ମେଟ୍ରିକ ଟନ୍ ମାଛ ଉତ୍ପାଦନ ହେଉଥିବା ବେଳେ ୨୦୧୯-୨୦ରେ ତାହା ୮,୧୬,୪୫୮ ମେଟ୍ରିକ ଟନ୍‌କୁ ବୃଦ୍ଧିପାଇଛି। ୨୦୧୦-୧୧ ତୁଳନାରେ ୨୦୧୯-୨୦ରେ ୧୧୧ ପ୍ରତିଶତ ବୃଦ୍ଧି ଘଟିଛି। ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଅରୁଣ ସାହୁ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରକାଶିତ ମତ୍ସ୍ୟ ରିପୋର୍ଟ-୨୦୧୮ ଅନୁଯାୟୀ ୨୦୧୭-୧୮ରେ ସମଗ୍ର ଦେଶରେ ମାଛ ଉତ୍ପାଦନରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଥିଲା। ୨୦୧୮-୧୯ ପର୍ଯ୍ୟନ୍ତ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ୨୦.୬୯ ପ୍ରତିଶତ ହୋଇଥିବା ବେଳେ ଅଣ୍ଡା ଉତ୍ପାଦନ ୧୩.୭୧ ଏବଂ ମାଂସ ଉତ୍ପାଦନରେ ୧୦ ପ୍ରତିଶତ ବୃଦ୍ଧି ହୋଇଛି। ସେହିପରି ଓଡ଼ିଶା ଅପେକ୍ଷା ଆନ୍ଧ୍ର ପ୍ରଦେଶ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟ ଅଧିକ ମତ୍ସ୍ୟ ଉତ୍ପାଦନ କରୁଛନ୍ତି। ଓଡ଼ିଶା ତୁଳନାରେ ଆନ୍ଧ୍ର ପ୍ରାୟ ୬ ଗୁଣା ଏବଂ ପଶ୍ଚିମବଙ୍ଗରେ ପ୍ରାୟ ୩ ଗୁଣା ଅଧିକ ମତ୍ସ୍ୟ ଉତ୍ପାଦନ ହେଉଛି ବୋଲି ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଅରୁଣ କହିଛନ୍ତି।

### ଏନ୍‌ଏଫ୍‌ଏସ୍‌ଏ: ୯୨.୫୨ ଲକ୍ଷ ପରିବାର ସାମିଲ

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ (ଏନ୍‌ଏଫ୍‌ଏସ୍‌ଏ) ଯୋଜନାରେ ୯୨ ଲକ୍ଷ ୫୧ ହଜାର ୭୮ ପରିବାରର ୩ କୋଟି ୨୩ ଲକ୍ଷ ୪୧୦ ଯୋଗ୍ୟ ହିତାଧିକାରୀ ଉପକୃତ ହୋଇଛନ୍ତି। ଭୁବନେଶ୍ୱର ମହାନଗର ନିଗମରେ ବିହାରର ୭ ପରିବାରଙ୍କୁ ରାଶନ ସାମଗ୍ରୀ ଦିଆଯାଉଛି। ଭାଜପା ବିଧାୟକ ମୁକେଶ ମହାଲିଙ୍ଗଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

### ଢେଙ୍କାନାଳରେ ୨୧ ନୂଆ ଆର୍‌ଆଇ ସର୍କଲ

ରାଜ୍ୟ ସରକାର ଢେଙ୍କାନାଳ ଜିଲାର ଆରଆଇ ସର୍କଲର ପୁନର୍ଗଠନ ହୋଇଛି। ଜିଲାରେ ୨୧ଟି ନୂତନ ଆରଆଇ ସର୍କଲ ସୃଷ୍ଟି କରାଯାଇଛି। ଏନେଇ ବୁଧବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଢେଙ୍କାନାଳ ସଦର ତହସିଲରେ ୩ଟି ନୂତନ ଆରଆଇ ସର୍କଲ କଙ୍କଡ଼ାହାଡ଼, ଗୋବିନ୍ଦପୁର ଓ ଗେଙ୍ଗୁଟିଆ, ଗଁଦିଆ ତହସିଲ ଅଧୀନରେ ଗଁଦିଆ, ମନ୍ଦରା ଓ ବିଦ୍ୟାଧରପୁର, ହିନ୍ଦୋଳ ତହସିଲ ଅଧୀନରେ ୫ଟି ବାଉଁଶପୋଖରୀ, ପଞ୍ଚୁପଡ଼ା, ଗଣ୍ଡାନାଳି, କନ୍ତିମାଳି ଓ କରଣ୍ଡା, କଙ୍କଡ଼ାହାଡ଼ ତହସିଲ ଅଧୀନରେ ଦଶିପୁର, ଓଡ଼ାପଡ଼ା ତହସିଲ ଅଧୀନରେ ମଙ୍ଗଳପୁର, ନୟାଭାଗୀରଥିପୁର, ବଳରାମ ପ୍ରସାଦ, ଇନ୍ଦିପୁର ଓ କାଣ୍ଡବିନ୍ଧା, ପରଜଙ୍ଗ ତହସିଲ ଅଧୀନରେ କନ୍ଦରସିଙ୍ଗା, ସରାଙ୍ଗ, ରୋଡା ଓ ବାସୋଇ ନୂତନ ଆରଆଇ ସର୍କଲ ହୋଇଛି। ପୂର୍ବରୁ ଜିଲାରେ ୫୦ଟି ଆରଆଇ ସର୍କଲ ଥିବାବେଳେ ଏବେ ୭୧ରେ ପହଞ୍ଚିଛି।

### ଜୁନ୍, ନଭେମ୍ବର ପରେ ଆସିଥିବା ଡାଲି, ଚଣା ବଣ୍ଟାହୋଇନି

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ରାଜ୍ୟର ୯୨,୬୭,୦୮୯ ହିତାଧିକାରୀ ପରିବାରଙ୍କୁ ମାଗଣାରେ ହରଡ ଡାଲି ଓ ଚଣା ଯୋଗାଇଦେବା ଲାଗି ୮ ମାସ ସମୟ ଦେଇଥିଲେ। ୨୦୨୦ ଏପ୍ରିଲରୁ ନଭେମ୍ବର ମଧ୍ୟରେ ଆବଣ୍ଟନ ପାଇଁ ୨୭,୮୫୦.୮୬୯ ମେଟ୍ରିକ ଟନ ହରଡ ଡାଲି ଏବଂ ୪୬୨୮୫.୮୧୫ ମେଟ୍ରିକ ଟନ ଚଣା କେନ୍ଦ୍ର ସରକାର ଯୋଗାଇଦେଇଥିଲେ। ହରଡ ଡାଲି ଏବଂ ଚଣା ମଧ୍ୟରୁ ଏପ୍ରିଲରୁ ନଭେମ୍ବର ୨୦୨୦ ଶେଷ ସୁଦ୍ଧା ୨୭,୪୭୩.୧୬୪ ମେଟ୍ରିକ ଟନ ହରଡ ଡାଲି ଏବଂ ୪୪,୫୭୭.୮୬୨ ମେଟ୍ରିକ ଟନ ଚଣା କେନ୍ଦ୍ର ପକ୍ଷରୁ ରାଜ୍ୟ ସରକାରଙ୍କୁ ନାଫେଡ୍ ମାଧ୍ୟମରେ ହସ୍ତାନ୍ତର କରିଥିଲେ ବୋଲି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ବିଧାୟକ ମୋହନ ମାଝୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ହସ୍ତାନ୍ତର ହୋଇଥିବା ଡାଲି ଓ ଚଣା ୯୦,୦୬,୩୮୭ ହିତାଧିକାରୀ ପରିବାରଙ୍କୁ ବଣ୍ଟନ କରାଯାଇପାରିଥିଲା। ୩୭୭.୭୩୨ ମେଟ୍ରିକ ଟନ ହରଡ ଡାଲି ଏବଂ ୧୭୦୭.୯୫୩ ମେଟ୍ରିକ ଟନ ଚଣା ଯଥାକ୍ରମେ ୨୦୨୦ ବର୍ଷର ଜୁନ୍ ଏବଂ ନଭେମ୍ବର ପରେ ହସ୍ତଗତ ହୋଇଛି। ଏହା ଏବେ ଗୋଦାମ ଏବଂ ଡିଲର କେନ୍ଦ୍ରଗୁଡିକରେ ମହଜୁଦ ଅଛି। ଏହି ବଳକା ହରଡ ଡାଲି ଓ ଚଣାର ବଣ୍ଟନ ପ୍ରଣାଳୀ ବିଷୟରେ କେନ୍ଦ୍ର ସରକାରଙ୍କ ନିକଟରୁ ରାଜ୍ୟ ସ୍ପଷ୍ଟୀକରଣ ମାଗିଥିଲା। ଉତ୍ତରରେ କେନ୍ଦ୍ର ସରକାର ଏହାକୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଅତିଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି।


ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ

### ଏମ୍‌ଏସ୍‌ପି ୧୮୬୮ ଟଙ୍କାରେ ଧାର୍ଯ୍ୟ ଅଛି

ଆର୍ଥିକ ବର୍ଷ ୨୦୧୦-୨୦୧୧ରୁ ୨୦୨୦-୨୧ ମଧ୍ୟରେ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ବୃଦ୍ଧି ପାଇଛି। ସେହି ଅନୁଯାୟୀ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ମଧ୍ୟ ବୃଦ୍ଧି ପାଇଛି। ହେଲେ ଧାନ ସଂଗ୍ରହକୁ ନେଇ ରାଜ୍ୟରେ ବର୍ତ୍ତମାନ ଝଡ଼ ସୃଷ୍ଟି ହୋଇଥିବା ବେଳେ ଉତ୍ପାଦନ ମୂଲ୍ୟଠାରୁ ଏମ୍‌ଏସ୍‌ପି କମ୍ ନିର୍ଦ୍ଧାରଣ ହୋଇଥିବା ବାରମ୍ବାର ଅଭିଯୋଗ ଆସୁଛି। ତେବେ ବିଧାୟକ ମୋହନ ଚରଣ ମାଝୀଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ୨୦୧୦-୧୧ ବର୍ଷରେ ୩୬.୯୬ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିବାବେଳେ ସେଥିରୁ ୨୪.୯୯ ଲକ୍ଷ ମେଟ୍ରିକ ଟନ ଚାଉଳ ସଂଗୃହୀତ ହୋଇଥିଲା। ସେତେବେଳେ କେନ୍ଦ୍ର ସରକାର ଏମ୍‌ଏସ୍‌ପି ମୂଲ୍ୟ ୧୦୦୦ ଟଙ୍କା ରଖିଥିଲେ। ୨୦୧୧-୧୨ ବର୍ଷରେ ୪୨.୮୯ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିବା ବେଳେ ୨୮.୯୩ ଚାଉଳ ସଂଗୃହୀତ ହୋଇଛି। ସେତେବେଳେ ଧାନର ଏମଏସପି ୧୦୮୦ ଟଙ୍କା ଧାର୍ଯ୍ୟ ହୋଇଥିଲା। ୨୦୧୨-୧୩ ବର୍ଷରେ ୫୪.୧୭ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିବାବେଳେ ୩୬.୨୨ ଲକ୍ଷ ମେଟ୍ରିକ ଟନ ଚାଉଳ ସଂଗୃହୀତ ହୋଇଥିଲା। ଏହି ସମୟରେ ୧୨୫୦ ଟଙ୍କା ଏମ୍‌ଏସପି ଧର୍ଯ୍ୟ ହୋଇଥିଲା। ୨୦୧୩-୧୪ ବର୍ଷରେ ୪୨.୦୦ ଧାନ ସଂଗ୍ରହ ହୋଇଥିଲାବେଳେ ୨୮.୦୮ ଚାଉଳ ସଂଗୃହିତ ହୋଇଥିଲା। ସେତେବେଳେ ୧୩୧୦ ଟଙ୍କା ଏମ୍‌ଏସ୍‌ପି ଧାର୍ଯ୍ୟ ଥିଲା। ସେହିପରି ୨୦୧୭-୧୮ ବର୍ଷରେ ୪୯.୦୬ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଥିବାବେଳେ ୩୩.୨୦ ଲକ୍ଷ ମେଟ୍ରିକ ଟନ ଚାଉଳ ଆଦାୟ ହୋଇଥିଲା ଏବଂ ସେତେବେଳେ ୧୫୫୦ ଟଙ୍କା ଏମ୍‌ଏସ୍‌ପି ଧାର୍ଯ୍ୟ ହୋଇଥିଲା। ୨୦୧୮-୧୯ରେ ଏମ୍‌ଏସ୍‌ପି ୧୭୫୦ ଟଙ୍କା, ୨୦୧୯-୨୦ରେ ଏମଏସପି ୧୮୧୦ ଟଙ୍କା ଏବଂ ୨୦୨୦-୨୧ରେ ଏମଏସପି ୧୮୬୮ ଟଙ୍କା ଧାର୍ଯ୍ୟ ରହିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ୫୯.୯୫ ଲକ୍ଷ ମେଟ୍ରିକ ଟନ ଧାନ ସଂଗୃହୀତ ହୋଇଥିବାବେଳେ ୧୨.୯୧ ଲକ୍ଷ ମେଟ୍ରିକ ଟନ ଚାଉଳ ସଂଗ୍ରହ କରାଯାଇଛି।

## ସ୍ମାର୍ଟଫୋନ ଫାଟି ଯୁବକ ଗୁରୁତର

କେନ୍ଦୁଝର,(ସ୍ୱ.ପ୍ର./ଡି.ଏନ.ଏ.): ପକେଟ୍‌ରେ ଥିବା ସ୍ମାର୍ଟଫୋନ ଫାଟିବାରୁ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତର ଯୁବକ ହେଲେ ଟାଉନ ଥାନା କାଶିପୁର ଗ୍ରାମର ଅଭିଜିତ ରାୟ। ଅଭିଜିତ ସାଙ୍ଗ ମାନଙ୍କ ସହିତ ବସିଥିବା ସମୟରେ ପକେଟରେ ରଖିଥିବା ମୋବାଇଲଟି ଫାଟିଯାଇଥିଲା। ଫଳରେ ତାଙ୍କର ଜଙ୍ଘର କିଛି ଅଂଶ ପୋଡ଼ି ଯାଇଛି।

## ସଂକ୍ଷେପରେ

### ସୁମିତ୍ରା ଭାଜପା କୃଷକମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା



ଭଦ୍ରକ ଅଫିସ,୧୭।୩: ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଭାବେ ଭଦ୍ରକ ଜିଲାର ସୁମିତ୍ରା ପାଣି ମନୋନୀତ ହୋଇଛନ୍ତି। କୃଷକ ମୋର୍ଚ୍ଚାର ଏହି ନବଗଠିତ ଟିମ୍‌ରେ ଜଣେ ମାତ୍ର ମହିଳା ସ୍ଥାନ ପାଇଛନ୍ତି। ଏଥିପାଇଁ ଜିଲା କୃଷକ ମୋର୍ଚ୍ଚା ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

### ଗ୍ରାମ ରାସ୍ତାରେ ଗୃହ ନିର୍ମାଣ ଅଭିଯୋଗ

ଭଣ୍ଡାରିପୋଖରୀ, ୧୭।୩ (ଡି.ଏନ.ଏ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ଅଧୀନ ମାଳଦା ପଞ୍ଚାୟତ ବିରୋଳି ରାଜସ୍ୱ ସର୍କଲ ରଘୁନାଥପୁର ଗ୍ରାମ ମୁଖ୍ୟରାସ୍ତା ଅବରୋଧ କରାଯାଇ ଗୃହ ନିର୍ମାଣ କରାଯାଉଥିବା ଅଭିଯୋଗ ହେଉଛି। ମୁଖ୍ୟ ରାସ୍ତାକୁ କେତେଜଣ ବ୍ୟକ୍ତି ଅବରୋଧ କରିବା ସହ ପକ୍କାଗୃହ ନିର୍ମାଣ କରୁଛନ୍ତି। ଏ ନେଇ ଗ୍ରାମବାସୀ ଭଣ୍ଡାରିପୋଖରୀ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ରାଜସ୍ୱ ନିରୀକ୍ଷକ ଉକ୍ତ ଗ୍ରାମରେ ଏକ ନୋଟିସ ଝୁଲାଇ କର୍ତ୍ତବ୍ୟ ଶେଷ କରି ଦେଇଛନ୍ତି। ଅବରୋଧକାରୀ ଏହାକୁ ଭ୍ରୂକ୍ଷେପ ନ କରି ନିର୍ମାଣ କାର୍ଯ୍ୟ ଚାଲୁ ରଖିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁଙ୍କୁ ପଚାରିବାରୁ କହିଛନ୍ତି, ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଅନୁଯାୟୀ ବୁଧବାର ସ୍ଥାନୀୟ ଥାନାକୁ ରିପୋର୍ଟ କରାଯାଇଛି। ପୋଲିସର ସହାୟତା ନିଆଯାଇ ଅବରୋଧକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଦୁର୍ଘଟଣାରେ ପିଇଓଙ୍କ ମୃତ୍ୟୁ

ଚିତ୍ରଡ଼ା,୧୭।୩(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅନ୍ତର୍ଗତ ବୁଢ଼ିଖମାରି ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ବୁଧବାର ପୂର୍ବାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ମୋରଡା ବ୍ଲକ ଦାନ୍ତିଆମୁହାଁ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ଅନିଲ ମହାନ୍ତିଙ୍କ ମୃତ୍ୟୁ ଘଟିଛି। ସେ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ବେଳେ ଏକ ସ୍କର୍ପିଓ ପଛପଟୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

### ଡମ୍ପର ଓଲଟି ଡ୍ରାଇଭର ମୃତ

ଯୋଡ଼ା,୧୭।୩(ଡି.ଏନ୍.ଏ.): କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ନୟାଗଡ ପୋଲ ଉପରୁ ଏକ ଡମ୍ପର ମଙ୍ଗଳବାର ରାତିରେ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୁଦ୍ଧଦେବ ମୁଣ୍ଡା। ତାଙ୍କ ଘର ଉଛବାଲିଠାରେ ବୋଲି ବାମେବାରୀ ଥାନା ଆଇଆଇସି ରାଜେନ୍ଦ୍ର କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

### ଧାନକିଣାରେ ଅଚଳାବସ୍ଥା: ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର

ପଦ୍ମପୁର,୧୭।୩(ଡି.ଏନ.ଏ.): ଭଦ୍ରକ ଜିଲା ଯୋଗାଣ ବିଭାଗ ଅଧୀନରେ ଥିବା ବାସୁଦେବପୁର ବ୍ଲକର ୧୮ ସେବା ସମବାୟ ସମିତିରେ ଧାନକିଣାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହାର ପ୍ରତିବାଦରେ ଚାଷୀମାନେ ସମବାୟ ସମିତିରେ ତାଲା ପକାଇବା, ଧାନବସ୍ତା ରଖି ରାସ୍ତାରୋକୋ କରିବା ଭଳି ଅପ୍ରୀତିକର ପରିସ୍ଥିତି ଦେଖାଦେଇଛି। ସମିତି ସମ୍ପାଦକମାନେ କାର୍ଯ୍ୟାଳୟକୁ ଆସୁ ନ ଥିବା ଅଭିଯୋଗ ହେଉଛି। ଅପରପକ୍ଷେ ଚାଷୀମାନେ ଟୋକନ ଅବଧି ସରିଯାଇଥିବା ବେଳେ ଲକ୍ଷ୍ୟଧାର୍ଯ୍ୟ ଆସୁ ନ ଥିବାରୁ ଧାନ ବିକି ନ ପାରି ମାନସିକ ଭାରସାମ୍ୟ ହରାଇ ବସିଲେଣି। ଏହି ପରିପ୍ରେକ୍ଷୀରେ ସମିତି ସମ୍ପାଦକ ଓ ଧାନ କ୍ରୟ କମିଟି ପକ୍ଷରୁ ଅବଧି ସରିଯାଇଥିବା ଟୋକନ କାର୍ଯ୍ୟକ୍ଷମ, ଏପ୍ରିଲ ୩୦ ଯାଏ ଧାନକିଣା ଅବଧି ବୃଦ୍ଧି, ପଞ୍ଜୀକୃତ ସମସ୍ତ ଚାଷୀଙ୍କର ଧାନ କିଣିବା ନିଶ୍ଚିତ କରିବା ଓ ଟୋକନ ଦିଆଯାଇଥିବା ଚାଷୀଙ୍କର ତାରିଖ ଅନୁଯାୟୀ ଲକ୍ଷ୍ୟଧାର୍ଯ୍ୟ ଧାନ କ୍ରୟ ଆଦି ଦାବି କରାଯାଇଛି। ୩ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ସମିତି ସମୂହ ଧାନକିଣାରୁ ନିବୃତ୍ତ ରହିବା ସହ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ବିଭାଗୀୟ ଅଧିକାରୀ ଦାୟୀ ରହିବେ ବୋଲି ବାଲେଶ୍ୱର-ଭଦ୍ରକ ସେବା ସମବାୟ ସମିତିର ଜିଲା ନିବନ୍ଧକ, ଜିଲାପାଳ, ଏଆର୍‌ସିଏସ୍‌ଙ୍କୁ ଲିଖିତ ଭାବେ ଜଣାଯାଇଛି।

## ‘ସ୍ୱପ୍ନ ନ ଥିବା ମଣିଷ ଶବ ସହ ସମାନ’

ସିମୁଳିଆ, ୧୭।୩(ଡି.ଏନ.ଏ.)

ଜିଲା ଶିଳ୍ପ କେନ୍ଦ୍ର ଦ୍ୱାରା ବୁଧବାର ସିମୁଳିଆ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଶିଳ୍ପ ସଚେତନତା ତଥା ଉଦ୍ୟୋଗୀ ସମ୍ବେଦିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। କୈଳାସ ଚନ୍ଦ୍ର ଶିଅଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସିମୁଳିଆ ଓ ଖଇରା ବ୍ଲକର ଶିଳ୍ପ ବିକାଶ ଅଧିକାରୀ ପୂର୍ଣ୍ଣେନ୍ଦୁ କର ସରକାରଙ୍କ ବିଭିନ୍ନ ସ୍କିମ୍ ସମ୍ପର୍କରେ ସୂଚନା ଦେଇ ଆଶାୟୀ ଯୁବତୀଯୁବକମାନେ ଏଥିରୁ ଫାଇଦା ନେବା ପାଇଁ କହିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ଷ୍ଟେଟବ୍ୟାଙ୍କ ମ୍ୟାନେଜର ତଥା ସାମାଜିକ କର୍ମୀ ଗଜେନ୍ଦ୍ର ସେଠୀ ଶିକ୍ଷା ସହିତ ଭବିଷ୍ୟତ ଯୋଜନା ଅନୁସାରେ କର୍ମ କରିବା ପାଇଁ ସୂଚନା ଦେଇଥିଲେ। ସେହିପରି ଅବସର ବାୟୁସେନା ଅଧିକାରୀ ତଥା ସାମାଜିକ କର୍ମୀ ବିଭିନ୍ନ ଉଦାହରଣ ମାଧ୍ୟମରେ ଆଶାୟୀ ଯୁବ ଉଦ୍ୟୋଗୀମାନଙ୍କୁ ସଚେତନତା କରିବା ସହିତ କାମ ଖୋଜିଲେ କାମ ମିଳେ ଓ ସ୍ୱପ୍ନ ନ ଥିବା ମଣିଷ ଶବ ସହିତ ସମାନ ବୋଲି କହିଥିଲେ। ଏହି ଅବସରରେ ପ୍ରଶ୍ନ ଉତ୍ତର ମାଧ୍ୟମରେ ଆଶାୟୀ ଉଦ୍ୟୋଗୀମାନେ ବିଭିନ୍ନ ଯୋଜନା, ସରକାରୀ ନୀତି ନିୟମ ଓ ବ୍ୟାଙ୍କ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠିତ ଶିବିରରେ ୪୦ଜଣ ଯୁବତୀ, ଯୁବକ ମହିଳା ଓ ଉଦ୍ୟୋଗୀମାନେ ଅଂଶଗ୍ରହଣ କରିଥିଲେ।



ଅତିଥିଙ୍କ ଗହଣରେ ଶିଳ୍ପ ବିକାଶ ଅଧିକାରୀ ପୂର୍ଣ୍ଣେନ୍ଦୁ କର ସୂଚନା ପ୍ରଦାନ କରୁଛନ୍ତି।

# ବିପଦ ମୁହଁରେ ୨୫ ଗାଁ

କମଳାକାନ୍ତ ଦାସ
ଲଙ୍ଗଳେଶ୍ୱର, ୧୭।୩

### କୂଳ ଖାଉଛି ସମୁଦ୍ର



ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ସାମୁଦ୍ରିକ ବାତ୍ୟା ଯୋଗୁ ବିଭିନ୍ନ ସ୍ଥାନରେ ତଟକ୍ଷୟ ହେବାରେ ଲାଗିଛି। ବାଲେଶ୍ୱର ଜିଲା ବାଲିଆପାଳବାସୀଙ୍କ ପାଇଁ ଏହାର ଦୁଃଖର କାରଣ ହୋଇଛି। ସମୁଦ୍ର ଉପକୂଳବର୍ତ୍ତୀ ୫ଟି ପଞ୍ଚାୟତର ୨୫ରୁ ଉର୍ଦ୍ଧ୍ୱ ଗାଁ ଏବେ ବିପଦ ମୁହଁରେ ରହିଛି। ହେକ୍ଟର ହେକ୍ଟର ଝାଉଁ ଜଙ୍ଗଲ ଧରାଶାୟୀ ହୋଇଗଲାଣି। ଏବେଠୁ କିଛି ପଦକ୍ଷେପ ନିଆ ନ ଗଲେ ପରିସ୍ଥିତି ଭୟଙ୍କର ହେବାର ଆଶଙ୍କା କରି ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି।

ସମୁଦ୍ର ପତ୍ତନଠାରୁ ୫ଫୁଟ୍ ତଳେ ବାଲିଆପାଳ ବ୍ଲକ ଜମ୍ବିରାଇ, ପଞ୍ଚୁପାଲି, ବୋଳଂ, ସାଉଡ଼ି ଏବଂ କଷାଫଳ ପଞ୍ଚାୟତ ରହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏବେ ଯେଉଁଠି ସମୁଦ୍ର ଅଛି ଆଗରୁ ସେଠାରେ ଝାଉଁ ଜଙ୍ଗଲ ଥିଲା। ସମୟକ୍ରମେ ସମୁଦ୍ର କୂଳ ଲଙ୍ଘି ସବୁକିଛି କରାଳ ଗର୍ଭରେ ଲୀନ ହୋଇଗଲାଣି। କୂଳ ଖାଉଥିବା ସ୍ଥାନରେ ତଟ ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ପ୍ରକଳ୍ପ ଅର୍ଥ ମଞ୍ଜୁର ହୋଇ ନ ଥିବାରୁ ତାହା ଏବେ ଶୀତଳଭଣ୍ଡାରରେ ରହିଛି। ଜୁଆରିଆ ତିଥିରେ ସମୁଦ୍ର ଅଧିକ କୂଳ ଖାଉଥିବାରୁ ଉପକୂଳବର୍ତ୍ତୀ ୫ଟି ପଞ୍ଚାୟତର ୩୦ହଜାରରୁ ଉର୍ଦ୍ଧ୍ୱ ଲୋକ ଭୟ ଓ ଆତଙ୍କ ମଧ୍ୟରେ ଦିନ ବିତାଉଛନ୍ତି। ଏବେଠୁ ସୁରକ୍ଷା ବ୍ୟବସ୍ଥା ନ କଲେ ଏକର ଏକର ଚାଷଜମି ଏବଂ ପାନବରଜ ସବୁ ସମୁଦ୍ର ଗର୍ଭକୁ ଚାଲିଯିବ। ସମୁଦ୍ର ଉପକୂଳରେ ଥିବା ବାଲିବନ୍ଧକୁ ସୁରକ୍ଷିତ ରଖିବା ପାଇଁ ବନବିଭାଗ ପକ୍ଷରୁ ବ୍ୟାପକ ଝାଉଁ ଜଙ୍ଗଲ ସୃଷ୍ଟି କରାଯାଇଥିଲା। ସାମୁଦ୍ରିକ ବାତ୍ୟା ଯୋଗୁ ସୃଷ୍ଟି ହେଉଥିବା ଢେଉ ଏବଂ ଜୁଆର ମାଡ଼ରେ ବର୍ଷକୁ ପ୍ରାୟ ୫୦ଫୁଟ୍‌ରୁ ଉର୍ଦ୍ଧ୍ୱ ବାଲି ବନ୍ଧ ଧୋଇ ହୋଇଯାଉଛି। ଅଞ୍ଚଳବାସୀଙ୍କ ବହୁ ଦାବି ପରେ ଜଳସେଚନ ବିଭାଗ ପକ୍ଷରୁ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ପଥର ଗ୍ରୋଏଁ ସହ ସୁରକ୍ଷା ପାଚେରି ନିର୍ମାଣ ପାଇଁ ୨୦୧୬ରେ ୧୧କୋଟି ଟଙ୍କାର ଏକ ପ୍ରକଳ୍ପ ପ୍ରସ୍ତୁତ ହୋଇଥିଲା। ପ୍ରକଳ୍ପର ଗୁରୁତ୍ୱକୁ ଦେଖି ରାଜ୍ୟ ସରକାରଙ୍କ ୧୧୯ତମ ବୈଷୟିକ ପରାମର୍ଶଦାତା କମିଟି ଅନୁମୋଦନ ଦେଇଥିଲା। ମାତ୍ର ଅର୍ଥ ମଞ୍ଜୁର ହୋଇ ନ ଥିବାରୁ ଅଦ୍ୟାବଧି ୫ବର୍ଷ ବିତିଯାଇଥିଲେ ମଧ୍ୟ ଏହି ଯୋଜନା ଏବେ ବି ଫାଇଲ୍ ଭିତରେ ପଡ଼ିରହିଛି। ଯଦି ଯୁଦ୍ଧକାଳୀନ ଭିତ୍ତିରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରା ନ ଯାଏ ତେବେ ଆସନ୍ତା ଦିନରେ ଉପକୂଳବର୍ତ୍ତୀ ଗାଁଗୁଡ଼ିକ ସମୁଦ୍ର ଗର୍ଭରେ ସମ୍ପୂର୍ଣ୍ଣ ଭାବେ ଲୀନ ହୋଇଯିବାର ଆଶଙ୍କା ରହିଛି।

ଏ ସମ୍ପର୍କରେ ବାଲେଶ୍ୱର ଜିଲା ଜଳସେଚନ ଉପଖଣ୍ଡର ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ପ୍ରଭାସ ପ୍ରଧାନ କହିଛନ୍ତି, ପ୍ରକଳ୍ପ ନିର୍ମାଣ ପାଇଁ ବୈଷୟିକ ପରାମର୍ଶଦାତା କମିଟି ଅନୁମୋଦନ କରିଥିଲେ ସୁଦ୍ଧା ଅର୍ଥ ମଞ୍ଜୁର ହୋଇ ନ ଥିବାରୁ କାର୍ଯ୍ୟ ଆରମ୍ଭ ହୋଇନାହିଁ। ତେବେ ଲୋକମାନଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନିକ ସ୍ତରରେ ଦୃଷ୍ଟି ଦେବାକୁ ସରପଞ୍ଚ ପ୍ରତିନିଧି କାର୍ତ୍ତିକ ନାୟକ, ଅଧିର କୁମାର ମଣ୍ଡଳ, ଭାନୁଚରଣ ଜେନା, ଗୋକୁଳ ଚନ୍ଦ୍ର ମହାନ୍ତି, ରବୀନ୍ଦ୍ର ମଣ୍ଡଳ, ନିତ୍ୟାନନ୍ଦ ମଣ୍ଡଳ, ସୁରେଶ ଚନ୍ଦ୍ର ମଣ୍ଡଳ, ସୁଶାନ୍ତ ମଣ୍ଡଳ, ସୁବାସ ମଣ୍ଡଳ, ନନିଗୋପାଳ ଦାସ ପ୍ରମୁଖ ଦାବି କରିଛନ୍ତି।

## ବ୍ଲକ ଅଫିସ୍ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

ଆନନ୍ଦପୁର,୧୭।୩(ସ୍ୱ.ପ୍ର.)

କେନ୍ଦୁଝର ଘସିପୁରା ବ୍ଲକ କଂଗ୍ରେସ ପକ୍ଷରୁ ବୁଧବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆନନ୍ଦପୁର ପୌରପରିଷଦ ଶୈଳଙ୍ଗ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରୁ କର୍ମୀମାନେ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ରାଜ୍ୟ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। କେନ୍ଦୁଝରରେ ଇସ୍ପାତ କାରଖାନା ପ୍ରତିଷ୍ଠା ଦାବି ସହ କୃଷି ଆଇନ ପ୍ରତ୍ୟାହାର, ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍‌ର ଦର ବୃଦ୍ଧିର ପ୍ରତିବାଦ କରାଯାଇଥିଲା। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହି ସମାବେଶକୁ ଉଦ୍‌ବୋଧନ ଦେଇଥିଲେ। ସମାବେଶରେ ଜିଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ଦାବି ଉପସ୍ଥାପନ କରାଯାଇଥିବା ବେଳେ ଆନନ୍ଦପୁର ବିକାଶ ପରିଷଦ ପକ୍ଷରୁ ଦାବି କରାଯାଉଥିବା ଆନନ୍ଦପୁରକୁ ରେଳପଥ ସଂଯୋଗ ସମ୍ପର୍କରେ କୌଣସି ପ୍ରତିକ୍ରିୟା ରଖା ନ ଯିବା ପରିତାପର ବିଷୟ ପାଲଟିଥିଲା।

## ଭୋଳାନାଥ ସଭାପତି, ଉତ୍ତମ ସମ୍ପାଦକ


ବସ୍ ମାଲିକ ସଂଘର ନବନିର୍ବାଚିତ କର୍ମକର୍ତ୍ତା।

### ବସ୍ ମାଲିକ ସଂଘ ନିର୍ବାଚନ

ଚମ୍ପୁଆ/କେନ୍ଦୁଝର୧୭।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ବସ ମାଲିକ ସଂଘର ନିର୍ବାଚନ ବୁଧବାର ଉପଖଣ୍ଡ କାର୍ଯ୍ୟାଳୟଠାରେ ଶେଷ ହୋଇଛି। ଦିନ ୩ଟା ପରେ ଭୋଟ ଗଣତି କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଫଳାଫଳ ଘୋଷଣା ପରେ ସଭାପତି ଭାବେ ଭୋଳାନାଥ ମହାନ୍ତ, ଉପସଭାପତି ଭାବେ ନରେନ୍ଦ୍ର କୁମାର ମହାନ୍ତ, ସମ୍ପାଦକ ଭାବେ ଉତ୍ତମ କର, ସହ ସମ୍ପାଦକ ଶୋମନାଥ ନନ୍ଦ ଓ କୋଷାଧ୍ୟକ୍ଷ ଭାବେ ଏମଡି ଇସରାର ଅଲି ନିର୍ବାଚିତ ହୋଇଥିଲେ। ଭୋଳାନାଥ ୩୩ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ନବିନ ସେଠି ୨୬ ଖଣ୍ଡ ଭୋଟ, ଉତ୍ତମ କର ୩୭ଟି ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱି କ୍ଷିରୋଦ କୁମାର ମିଶ୍ର ୨୨ ଖଣ୍ଡ ଭୋଟ ପାଇଥିଲେ। କାର୍ଯ୍ୟକାରୀ ସଦସ୍ୟ ଭାବେ ଦିପକ କୁମାର ମହାନ୍ତ, ରଞ୍ଜନ ରଶ୍ମି ଦେଓ, ଗୌରଚନ୍ଦ୍ର ଦାସ, ଜ୍ୟୋର୍ତିମୟି ସାହୁ, ନାଗେଶ୍ୱର ସେଠି, ଆର୍ତ୍ତ ସେଠି ପ୍ରମୁଖ ନିର୍ବାଚିତ ହୋଇଥିଲେ।

## ଭାଲୁର ସନ୍ଦେହଜନକ ମୃତ୍ୟୁ

କେନ୍ଦୁଝର, ୧୭।୩(ଡି.ଏନ୍.ଏ.)

କେନ୍ଦୁଝର ସଦର ରେଞ୍ଜ ଜଙ୍ଘିରା ସେକ୍ସନ ଅନ୍ତର୍ଗତ ବାଲିପଶି ଗାଁ ନିକଟରେ ଏକ ଭାଲୁର ମୃତ୍ୟୁ ହୋଇଛି। ମଙ୍ଗଳବାର ସନ୍ଧ୍ୟା ସମୟରେ ବାରବାଙ୍କ ଜଙ୍ଗଲରୁ ଏକ ଭାଲୁ ବାଲିପଶି ଗାଁକୁ ଆସି ଏକ ଛୋଟ ପୋଖରୀ ନିକଟରେ ଛିଡା ହୋଇ ରହିଥିଲା। ଗାଁ ଲୋକ ଭାଲୁକୁ ଘଉଡାଇଥିଲେ ମଧ୍ୟ ଭାଲୁଟି ଚାଲି ନପାରି ସେଠାରେ ରହିଥିଲା। ଖବରପାଇ ଜଙ୍ଘିରା ଫରେଷ୍ଟର ସୁକୁମାର ଜେନା, ପିଠାଗୋଳା ବିଟର ଫରେଷ୍ଟ ଗାର୍ଡ ନିରଞ୍ଜନ ସେଠୀ ଓ ଅନ୍ୟ ବନ କର୍ମଚାରୀ ଭାଲୁଟିକୁ ଜଗି ରହିଥିଲେ। ରାତି ପ୍ରାୟ ୧୧ଟାରେ ଭାଲୁଟିର ମୃତ୍ୟୁ ଘଟିଥିଲା। ବନ କର୍ମଚାରୀମାନେ ଭାଲୁଟିକୁ ଜଙ୍ଘିରା ସେକ୍ସନକୁ ଆଣିଥିବାବେଳେ ବୁଧବାର ହରିଚନ୍ଦନପୁର ପଶୁ ଡାକ୍ତରଖାନାର ଆଡିଶନାଲ ଭିଏଏସ୍ ଏବଂ ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ସଂସ୍ଥାର ଡାକ୍ତର ବନ୍ଦିତା ମିଶ୍ର ବ୍ୟବଚ୍ଛେଦ କରିବା ପରେ ଗାତ ଖୋଳି ପୋତି ଦେଇଥିଲେ। ତେବେ ଏହି ମାଈ ଭାଲୁଟି କୌଣସି ଖାଦ୍ୟ ଖାଇ ମରିଛି ନା ବୟସାଧିକ କାରଣରୁ ମରିଛି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ସଦର ରେଞ୍ଜର ଅରବିନ୍ଦ ନାୟକ ପ୍ରକାଶ କରିଛନ୍ତି।

## କୋଭିଡ୍ ଭାକ୍ସିନ ହେଲ୍ପଡେସ୍କ ଉଦ୍‌ଘାଟିତ


ଭାଜପା ପକ୍ଷରୁ ଉଦ୍‌ଘାଟିତ ହୋଇଥିବା ‘କୋଭିଡ୍ ଭାକ୍ସିନ ହେଲ୍ପ ଡେସ୍କ’ ।

ବାଲେଶ୍ୱର ଅଫିସ,୧୭।୩

ବାଲେଶ୍ୱର ସୁନହଟ ହସ୍ପିଟାଲରେ ଭାଜପା ପକ୍ଷରୁ ଜିଲାସଭାପତି ଉମାକାନ୍ତ ମହାପାତ୍ରଙ୍କ ଦ୍ୱାରା ‘କୋଭିଡ୍ ଭାକ୍ସିନ ହେଲ୍ପ ଡେସ୍କ’ ବୁଧବାର ଉଦ୍‌ଘାଟିତ ହୋଇଛି। ଏହି ହେଲ୍ପ ଡେସ୍କର ମୁଖ୍ୟ ଉଦ୍ଦେଶ୍ୟ ଦିବ୍ୟାଙ୍ଗ, ବୟସ୍କ ଓ ସାଧାରଣ ଲୋକଙ୍କୁ ଟିକାକରଣ ସମ୍ବନ୍ଧିତ ସହାୟତା କରିବା। ଯେପରି ଟିକାକରଣ ପାଇଁ ପଞ୍ଜିକରଣ, ପ୍ରମାଣପତ୍ର ପାଇବାରେ ସହାୟତା, ଦିବ୍ୟାଙ୍ଗ ଓ ଅସହାୟଙ୍କୁ ଘରୁ ଟିକାକରଣ କେନ୍ଦ୍ର ପର୍ଯ୍ୟନ୍ତ ନେବା ଆଣିବା, ଟିକାକରଣ କେନ୍ଦ୍ରରେ ପାନୀୟ ଜଳ ବ୍ୟବସ୍ଥା ଦଳ ପକ୍ଷରୁ କରାଯାଇଛି।

କୋଭିଡ୍ ଟିକାକରଣକୁ ତ୍ୱରାନ୍ୱିତ କରିବା ପାଇଁ ଭାଜପା ସମଗ୍ର ଦେଶରେ ସରକାରୀ ଟିକାକରଣ କେନ୍ଦ୍ରମାନଙ୍କରେ ‘କୋଭିଡ୍ ଭାକ୍ସିନ ହେଲ୍ପ ଡେସ୍କ’ ଚାଲୁ କରିବା ଯୋଜନା ହାତକୁ ନେଇଛି। ଏହି କ୍ରମରେ ପର୍ଯ୍ୟାୟକ୍ରମେ ଜିଲାର ସମସ୍ତ ଟିକାକରଣ କେନ୍ଦ୍ରରେ ହେଲ୍ପ ଡେସ୍କ ଚାଲୁ ହେବ ବୋଲି ଜିଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ନଗର ଉପସଭାପତି ସିଦ୍ଧେଶ୍ୱର ବିନ୍ଧାଣି, ଜିଲା ଯୁବମୋର୍ଚ୍ଚା ଉପସଭାପତି ରଞ୍ଜିତ ପ୍ରଧାନ, ନଗର ଯୁବମୋର୍ଚ୍ଚା ସଭାପତି ଦେବବ୍ରତ ମିଶ୍ର, ସୁବୋଧ ଚନ୍ଦ୍ର ପଣ୍ଡା, ରଞ୍ଜିତ ପୃଷ୍ଟି, ମାନସ କୁମାର ସାହୁ, ସେକ ଅଫଜଲ୍, ବାଟା ମାଝୀ, ପିଙ୍କି ପ୍ରଧାନ, ସବିତା ପାଣିଗ୍ରାହୀ, ଶୋଭାକର ସାହୁ, ସନାତନ ବାରିକ, ପଦ୍ମାବତୀ ମଲ୍ଲିକ, ଶାନ୍ତନୁ ମାଝୀ, ସୁକାନ୍ତି ଦେବଗୋ ସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ।

## ‘ଜୁନ୍ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କର’

ପାଟଣା,୧୭।୩(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକର ନିର୍ମାଣାଧୀନ କେତେକ କାର୍ଯ୍ୟକୁ ମଙ୍ଗଳବାର ଜିଲାପାଳ ଆଶିଷ କୁମାର ଠାକରେ ଅଚାନକ ବୁଲି ଦେଖିଛନ୍ତି। କେନ୍ଦେଇପଶି ଠାରେ ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟ ବୁଲି ଦେଖିବା ସହ କଣ୍ଟିଆ ପଡା ପଞ୍ଚାୟତ ବଲାଣିପଶିର ଜମ୍ବେଇ ନାଳ ଉପରେ ନିର୍ମିତ ୨ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ପୋଲକୁ ବୁଲି ଦେଖିଥିଲେ। ଉକ୍ତ ପ୍ରକଳ୍ପ ଗୁଡିକୁ ଜୁନ ମାସ ପୂର୍ବରୁ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ରେ ଜିଲାପାଳଙ୍କ ସହ ପାଟଣା ବିଡିଓ ଈଶ୍ୱର ଚନ୍ଦ୍ର ନାଏକ, ବ୍ଲକ ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ସାହୁ, ଏପିଓ ମଧୁସୂଦନ ପ୍ରଧାନ ଓ ଆର୍‌ଡି ଯନ୍ତ୍ରୀ ଦେବବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୧୬ ହଜାରରୁ ଉର୍ଦ୍ଧ୍ୱ ଚାଷୀ ହତାଶ

ବାରିପଦା ଅଫିସ,୧୭।୩


ମଣ୍ଡିରେ ପଡ଼ି ରହିଥିବା ଧାନ।

ଧାନ ବିକ୍ରିକୁ ନେଇ ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ଚାଷୀମାନେ ରାଜରାସ୍ତାରେ ଧାନ ରଖି ବିକ୍ଷୋଭ କରୁଛନ୍ତି। ଅଦ୍ୟାବଧି ଜିଲାର ୧୬ହଜାର ୭୧୬ ଚାଷୀଙ୍କଠାରୁ ଧାନ କିଣା ହୋଇନାହିଁ। ଚାଷୀଙ୍କ ଧାନ କିଣାକୁ ନେଇ ବିଧାନସଭାରେ ବାରମ୍ବାର ମୁଲତବୀ ହେଉଛି। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ଗୃହରେ ହଟ୍ଟଗୋଳ ଜାରି ରଖିଥିବା ବେଳେ ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ କ୍ଷୀରିପଦା ଗ୍ରାମର ନରେଶ ପାତ୍ର ନାମକ ଜଣେ ଚାଷୀ ଧାନ ବିକ୍ରି କରି ନ ପାରିବାରୁ ଆସନ୍ତା ୨୨ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୂତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ମାର୍ଚ୍ଚ ୩୧ ସୁଦ୍ଧା ଧାନ କିଣା ପାଇଁ ସମୟ ଅବଧି ରହିଥିବା ବେଳେ ଦୁଇ ସପ୍ତାହ ମଧ୍ୟରେ ଅବଶିଷ୍ଟ ଚାଷୀ ଧାନ ବିକ୍ରି କରିପାରିବେ କି ନାହିଁ ତାହାକୁ ନେଇ ସନ୍ଦେହ ଉପୁଜିଛି।

୧୫ ଦିନ ମଧ୍ୟରେ ତାଙ୍କର ୨ଏକର ଜମିରୁ ଉତ୍ପାଦିତ ଧାନ ବିକ୍ରି ବ୍ୟବସ୍ଥା ସହିତ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ନରେଶ। ମୟୂରଭଞ୍ଜ ଜିଲାରେ ୫୬ହଜାର ୯୫୪ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କ୍ରୟ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ୫୨ଟି ଲ୍ୟାମ୍ପସ୍‌ର ୧୦୦ଟି ମଣ୍ଡିରେ ଧାନ କିଣା ଚାଲିଛି। ମାର୍ଚ୍ଚ ୧୫ ସୁଦ୍ଧା ୧୬ଲକ୍ଷ ୨୩ହଜାର ୨୨କୁଇଣ୍ଟାଲ ଧାନ ୪୦ହଜାର ୧୩୮ଜଣ ଚାଷୀଙ୍କଠାରୁ କିଣାଯାଇଛି। ଗତବର୍ଷ ତୁଳନାରେ ଅଦ୍ୟାବଧି ୩ଲକ୍ଷ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ କିଣାଯାଇଥିବା ସମବାୟ ସମିତି ପକ୍ଷରୁ ସୂଚନା ମିଳିଛି। ତେବେ ଚଳିତବର୍ଷ ଭଲ ଫସଲ ଅମଳ ହୋଇଥିବାରୁ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଧାନ ସଂଗ୍ରହ କରାଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ନିର୍ଦ୍ଦେଶ କ୍ରମେ ନିର୍ଦ୍ଧାରିତ ଧାନ କ୍ରୟ ଦିବସ ବ୍ୟତୀତ ଛୁଟିଦିନରେ ମଧ୍ୟ ଧାନ କିଣାଯାଉଛି। ତଥାପି ଚାଷୀମାନେ ଧାନ ବିକ୍ରି କରିପାରୁ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ସେହିପରି ମିଲରମାନଙ୍କ ମନମୁଖି କାର୍ଯ୍ୟକଳାପ ଓ ପରିବହନ ବ୍ୟବସ୍ଥାରେ ସୁଧାର ଆସୁ ନ ଥିବାରୁ ଚାଷୀଙ୍କ ଧାନ ଶୀତ କାକର ଓ ଖରାରେ ପଡ଼ିରହିଥିବା ଦେଖିବାକୁ ମିଳିଛି। ଧାନ ବିକ୍ରି କରି ନ ପାରିଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚାଷୀ ସୁରେଶ ପତି, ସୁଶୀଲ ମହାପାତ୍ର, ତରଣୀଧର ଗନ୍ତାୟତ, ଆଲୋକ ଗନ୍ତାୟତ, ବସନ୍ତ ମହାପାତ୍ର, ବିଜୟ ମହାପାତ୍ର ପ୍ରମୁଖ କଡ଼ା ଚେତାବନୀ ଦେଇଛନ୍ତି। ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ପାଢ଼ୀ କୁହନ୍ତି, ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ଧାନକିଣା ଧାର୍ଯ୍ୟ ବୃଦ୍ଧି କରାଯାଉଛି। ସେହିପରି ସମବାୟ ସମିତି ସମୂହ ଉପନିବନ୍ଧକ ଦମୟନ୍ତୀ ସିଂହ କୁହନ୍ତି, ଚାଷୀଙ୍କ ସମସ୍ତ ଧାନ ନେବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଧାନ ବିକ୍ରି କରିପାରି ନ ଥିବା ଚାଷୀ ଏଥିରେ ସହଯୋଗ କରିବା ଜରୁରୀ ବୋଲି କହିଛନ୍ତି।

### ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆତ୍ମାହୂତି ଚେତାବନୀ

## ଧାନ ବୋଝେଇ ଗାଡ଼ି ରଖି ରାଜପଥ ଅବରୋଧ

ଭଦ୍ରକ ଅଫିସ, ୧୭।୩

ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ପକ୍ଷରୁ ଗେଲଟୁଆ ପଞ୍ଚାୟତ ଚାଷୀମାନଙ୍କ ଦ୍ୱାରା ବୁଧବାର ଏକ ଘଣ୍ଟା ପାଇଁ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ଧାନକିଣାରେ ବ୍ୟାପକ ଅନିୟମିତତା ଓ ଟୋକନର ଧାର୍ଯ୍ୟ ସମୟସୀମା ଗଡ଼ି ଯାଇଥିବା ଅଭିଯୋଗ କରି ରାଜରାସ୍ତାକୁ ଓହ୍ଲାଇଥିଲେ ଚାଷୀ। ପଞ୍ଚାୟତର ଶତାଧିକ ଚାଷୀ ୩୦ରୁ ଉର୍ଦ୍ଧ୍ୱ ଟ୍ରାକ୍ଟରରେ ଧାନ ବୋଝେଇ କରି ଜିଲାପାଳଙ୍କୁ ଦାବି ଜଣାଇବାକୁ ଆସୁଥିଲେ। କିନ୍ତୁ ବନ୍ତ ଛକ ନିକଟରେ ପୋଲିସ ବାରଣ କରିବାରୁ ଜାତୀୟ ରାଜପଥକୁ ଅବରୋଧ କରିଥିବା ସେମାନେ ପ୍ରକାଶ କରିଥିଲେ। ପରେ ଟାଉନ ଥାନା ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘର ଉତ୍ତର ଓଡ଼ିଶା ସଭାପତି ଭବେନ୍ଦ୍ର ସାହୁଙ୍କ ନେତୃତ୍ୱରେ ମନୋଜ ଦାସ, ବିଷ୍ଣୁ ଚରଣ ପଣ୍ଡା, ବଟକୃଷ୍ଣ ପଣ୍ଡାଙ୍କ ସମେତ ଶତାଧିକ ଚାଷୀ ଏହି ଆନ୍ଦୋଳନରେ ସାମିଲ ଥିଲେ। ଶେଷରେ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ଆନ୍ଦୋଳନକାରୀ ଚାଷୀଙ୍କ ସହ ଆଲୋଚନା କରିଥିଲେ। ବିକ୍ରି ହୋଇ ନ ଥିବା ଧାନ କ୍ରୟ ବ୍ୟବସ୍ଥା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରଶମିତ ହୋଇଥିଲା।


ଜାତୀୟ ରାଜପଥ ଉପରେ ଧାରଣାରତ ଚାଷୀ।

**ଏଥର ହେବନି ଚୈତ୍ର ପର୍ବ**

**ବାରିପଦା ଅଫିସ:** କୋଭିଡ୍ କଟକଣା ପାଇଁ ମୟୂରଭଞ୍ଜ ଜିଲାରେ ଚୈତ୍ର ପର୍ବ ପାଳନକୁ ଜିଲା ପ୍ରଶାସନ ବନ୍ଦ କରିଛି। ଫଳରେ ବିଶ୍ୱ ପ୍ରସିଦ୍ଧ ଛଉନୃତ୍ୟ କଳାକାରମାନେ ନିରାଶ ହେବା ସହିତ ଛଉ ପ୍ରେମୀମାନେ ଏଥିରୁ ବଞ୍ଚିତ ହେବେ ବୋଲି ଜଣାପଡ଼ିଛି। କରୋନାର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ଚୈତ୍ର ପର୍ବ ପାଳନ ନ କରିବାକୁ ଜିଲା ଛଉ ନୃତ୍ୟ ପ୍ରତିଷ୍ଠାନର ସଭାପତି ତଥା ଜିଲାପାଳ ବିନୀତ ଭରଦ୍ୱାଜ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ କରୋନା କଟକଣା ମଧ୍ୟରେ ରୀତିନୀତି ଅନୁଯାୟୀ ଭକ୍ତା ପର୍ବ ପାଳନ ନେଇ ଆବଶ୍ୟକ ପ୍ରସ୍ତୁତି କରିବାକୁ ଆଦେଶରେ ଉଲ୍ଲେଖ ରହିଛି।



## ଆଜି କ'ଣ କେଉଁଠି

ବାଲେଶ୍ୱର

- ଓଡ଼ିଶା ଦିବସ-୨୦୨୧ ପାଳନ ପ୍ରସ୍ତୁତି ବୈଠକ। ସ୍ଥାନ: ସଦ୍‌ଭାବନା ସଭାଗୃହ। ସମୟ: ଅପରାହ୍ଣ ୩ଟା।

## ୨୨୬ ୟୁନିଟ୍ ରକ୍ତ ସଂଗୃହୀତ

**ନୀଳଗିରି/ସଜନାଗଡ଼, ୧୭।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ବୁଧବାର ସାମାଜିକ ଦୂରତ୍ୱ ଅବଲମ୍ବନ କରାଯାଇ ନୀଳଗିରି ବିଜୁ ଯୁବ ଜନତା ଦଳ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲାର ବିଜୁ ଜନତା ଦଳ ଜିଲାସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଅଗ୍ନି ଦାଉରୁ ଜଙ୍ଗଲ ଓ ସଚେତନତା ପାଇଁ ପ୍ରଚାର ଗାଡ଼ିକୁ ଶୁଭାରମ୍ଭ ସହ ଉଦ୍‌ଘାଟନ କରିଥିଲେ। ଏହି ପ୍ରଚାର ଗାଡ଼ି ୭ଦିନ ଧରି ନୀଳଗିରି ନିର୍ବାଚନମଣ୍ଡଳୀ ପରିକ୍ରମା କରିବ। ସମ୍ମାନିତ ଅତିଥି ଭାବେ ସନ୍ତୋଷ ଖଟୁଆ, ବାଲେଶ୍ୱର ଜିଲା ଯୁବ ସଭାପତି ତାପସ କୁମାର ପରିଡ଼ା, ଜୋନାଲ ସଭାପତି ଜୟରାମ ଦାସ, ରାଜ୍ୟ ଯୁଗ୍ମ ସମ୍ପାଦକ ଗତିକୃଷ୍ଣ ନନ୍ଦ, ଶୁଭେନ୍ଦୁ ଶେଖର ଜେନା ଉପସ୍ଥିତ ଥିଲେ। ଏହି ଅବସରରେ ୨୨୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ନଗର ଯୁବ ସଭାପତି ବିଶ୍ୱରଞ୍ଜନ ମହାନ୍ତି, ଜିଲା ଯୁବ ବିଜେଡି ସମ୍ପାଦକ ବିସ୍ମୟ ମଲ୍ଲିକ, ମନୋରଞ୍ଜନ ଦାସବାବୁ, ନୀଳଗିରି ବ୍ଲକ ଯୁବ ସଭାପତି ଧିରେନ ଲେଙ୍କା, ଔପଦା ବ୍ଲକ ସଭାପତି ବିଜୟ ପ୍ରଧାନ, କରୁଣା ସ୍ୱାଇଁ, ମାନସ କୁମାର ପରିଡ଼ା, କପିଳ ସାମଲ, ଜିଲା ଯୁବ ସମ୍ପାଦକ ଦେବେନ୍ଦ୍ର ଦାସ, ନଗର ସଭାପତି ରବୀନ୍ଦ୍ର କୁମାର ପରିଡ଼ା, ଜିଲା ଯୁବ ସାଧାରଣ ସମ୍ପାଦକ ସ୍ମୃତିରଞ୍ଜନ ମହାପାତ୍ର, ନୀଳଗିରି ବ୍ଲକ ସଭାପତି ବିଜୟ କୁମାର ଲେଙ୍କା, ଚକା ଭୋଳ, ପ୍ରତୀକ୍ଷା ସିଂ, ୱାର୍ଡ଼ର ଯୁବ ସଭାପତି ଓ ବରିଷ୍ଠ ନେତା ଏବଂ କର୍ମୀ ଉପସ୍ଥିତ ଥିଲେ।

## ଯୁବପିଢ଼ି ରାଷ୍ଟ୍ର ନିର୍ମାଣର ମହାନାୟକ

**ଜଳେଶ୍ୱର, ୧୭।୩(ଡି.ଏନ.ଏ.):** ବ୍ୟକ୍ତିଗତ ଚେତନାରୁ ଉର୍ଦ୍ଧ୍ୱରେ ରହି ଯୁବକମାନେ ରାଷ୍ଟ୍ର ଚେତନାରେ ଉଦ୍‌ବୁଦ୍ଧ ହେବା ଉଚିତ ବୋଲି ଆୟୋଜିତ ଯୁବ ସମ୍ମିଳନୀରେ ବକ୍ତାମାନେ କହିଛନ୍ତି। ନେହେରୁ ଯୁବକେନ୍ଦ୍ର ବାଲେଶ୍ୱର ସଙ୍ଗଠନ ପକ୍ଷରୁ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଶାଳିକୋଠାସ୍ଥିତ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବନବିହାରୀ ପ୍ରଧାନ ଯୋଗଦେଇ ଯୁବକମାନଙ୍କୁ ରାଷ୍ଟ୍ର ନିର୍ମାଣରେ ପ୍ରାଧାନ୍ୟ ଦେବା ଉଚିତ୍ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ନୀଳକଣ୍ଠ ଖଣ୍ଡା ଯୁବକମାନେ ଶୃଙ୍ଖଳିତ ହେବା ଜରୁରୀ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ତ୍ତିକେଶ୍ୱର ପାତ୍ର, ମଧୁସୂଦନ ପ୍ରଧାନ ପ୍ରମୁଖ ଯୁବକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏଥିରେ କିଶୋରେଶ୍ୱର ଯୁବକ ସଂଘ, ବାବା ଧବଳେଶ୍ୱର ଯୁବକ ସଂଘ, ବିଦ୍ୟାଳୟର ଜାତୀୟ ସେବାସଂସ୍ଥାର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ବିଷ୍ଣୁପ୍ରିୟା ଦଳାଇ ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ ରାଜ୍ୟ ଦିବ୍ୟାଙ୍ଗ ସଙ୍ଗଠନର ସଦସ୍ୟ ବସନ୍ତ ବେହେରା ଧନ୍ୟବାଦ ଦେଇଥିଲେ।

## ଜାମକୁଣ୍ଡା ଚାମ୍ପିୟନ

**ବାଲିଆପାଳ, ୧୭।୩(ଡି.ଏନ.ଏ.):** ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିଆପାଳ ନେତାଜୀ ଖେଳ ପଡ଼ିଆରେ ୮ତାରିଖଠାରୁ ଆରମ୍ଭ ହୋଇଥିବା ସୁବର୍ଣ୍ଣରେଖା ୟୁଥ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରୁ ୮ଟି ଟିମ୍ ଭାଗ ନେଇଥିଲେ। ଜାମକୁଣ୍ଡା କ୍ରିକେଟ୍ ଟିମ୍ ଓ ସାହାବନ୍ଦର କ୍ରିକେଟ୍ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସାହାବନ୍ଦର ଟିମ୍ ପ୍ରଥମେ ଟସ୍ ଜିଣି ୧୮ ଓଭରରେ ୧୩୭ ରନ୍ କରିଥିଲା। ଜବାବରେ ଜାମକୁଣ୍ଡା କ୍ରିକେଟ୍ ଟିମ୍ ୧୮ ଓଭରରେ ୧୩୮ ରନ୍ ହାସଲ କରି ଚାମ୍ପିୟନ ହୋଇଥିଲା। ଅତିଥି ଭାବରେ ବାଲିଆପାଳ ବ୍ଲକର ୨୧ ନମ୍ବର ଜୋନ୍‌ର ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ ଯୋଗଦେଇ ବିଜୟୀ ଟିମ୍‌କୁ ଟ୍ରଫି ସହିତ ୧୧ହଜାର ଟଙ୍କା ପ୍ରଦାନ କରିଥିଲେ। ରନର୍ସଅପ୍ ଟିମ୍‌କୁ ଟ୍ରଫି ସହିତ ୯ହଜାର ଟଙ୍କା ପ୍ରଦାନ କରିଥିଲେ। ଟି ଭୂୟାଁ ଉତ୍ତମ ଖେଳ ପରିଚାଳନା କରିଥିଲେ।

# ସେମିଷ୍ଟରରେ ବ୍ୟାକ୍ ଲାଗିବା ନେଇ ଉତ୍ତେଜନା

- ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ
- ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**ଭଦ୍ରକ ଅଫିସ, ୧୭।୩**

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବୁଧବାର ଛାତ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଯୁକ୍ତ ୩ ଦ୍ୱିତୀୟ ବର୍ଷ ସମସ୍ତ ବିଭାଗର ଦ୍ୱିତୀୟ ସେମିଷ୍ଟର ପରୀକ୍ଷାରେ ଅଧିକାଂଶ ଛାତ୍ରୀଛାତ୍ରଙ୍କ ବ୍ୟାକ୍ ଲାଗିଛି। ଏହାର ପ୍ରତିବାଦରେ ଛାତ୍ରୀଛାତ୍ର କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ମଙ୍ଗଳବାର ଯୁକ୍ତ ୩ ଦ୍ୱିତୀୟ ସେମିଷ୍ଟର ରେଜଲ୍ଟ ବାହାରିଛି। ଏଥିରେ ଅଧିକାଂଶ ଛାତ୍ରୀଛାତ୍ରଙ୍କର ବ୍ୟାକ୍ ଲାଗିଥିବା ଜଣାପଡ଼ିଛି। ଗତବର୍ଷ କରୋନା କଟକଣା ସମୟରେ ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ହୋଇ ନ ଥିବା ବେଳେ କିପରି ବ୍ୟାକ୍ ଲାଗିଲା ତାହାକୁ ନେଇ ଛାତ୍ର ଅଶାନ୍ତି ଦେଖାଦେଇଛି। ଏପରିକି ପ୍ରଥମ ସେମିଷ୍ଟରରେ ବ୍ୟାକ୍ ଥିବା ଛାତ୍ରୀଛାତ୍ରଙ୍କର ଦ୍ୱିତୀୟ ସେମିଷ୍ଟରରେ ପୁଣି ବ୍ୟାକ୍ କରାଯାଇଥିବା ଛାତ୍ରୀଛାତ୍ର କଲେଜ ଅଧ୍ୟକ୍ଷ ଉମାକାନ୍ତ ସାମଲଙ୍କ ନିକଟରେ ଅଭିଯୋଗ କରିଥିଲେ। ସରକାରଙ୍କ ନିୟମ ଅନୁସାରେ ସମସ୍ତ କାର୍ଯ୍ୟ କରାଯାଇଥିବା ଅଧ୍ୟକ୍ଷ ସାମଲ କହିଛନ୍ତି। ତଥାପି ଛାତ୍ର ଅଶାନ୍ତି ଦେଖି ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।



କଲେଜ ଫାଟକ ସମ୍ମୁଖରେ ଛାତ୍ରମାନଙ୍କ ପ୍ରତିବାଦ।

# ଜିଲା ଭାଜପାର କାର୍ଯ୍ୟକାରିଣୀ

**କେନ୍ଦୁଝର ୧୭।୩ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ ନରଣପୁର ସ୍ଥିତ ଜିଲା ନୀତି ନେଇ କାର୍ଯ୍ୟ କରିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା ବିଶେଷ କରି ଆଗାମୀ ଦିନରେ ପୌର ନିର୍ବାଚନ ଏବଂ ପଞ୍ଚାୟତ ନିର୍ବାଚନରେ ପାର୍ଟି କିଭଳି ତୃଣମୂଳ ସ୍ତରରେ ମଜଭୁତ ହୋଇ ଲଢେଇ କରିବ ସେନେଇ ଜିଲା ସଭାପତି ତାଙ୍କର ଅଭିଭାଷଣ ରଖିଥିଲେ। ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକାରିଣୀ ବୈଠକ ରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପସଭାନେତ୍ରୀ ଅନିତା ଶୁଭଦର୍ଶିନୀ ଯୋଗ ଦେଇଥିଲେ। ଜିଲାରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ଧାନର ଅଭାବୀ ବିକ୍ରି ଏବଂ ମଣ୍ଡିରେ ବ୍ୟାପକ ଅନିୟମିତତା, ଆନନ୍ଦପୁର– ବାଂଶପାଳ– ଚମ୍ପୁଆ ରେଳ ସଂଯୋଗୀ କରଣ ଆଦି ଚିଠା ପ୍ରସ୍ତାବରେ ଆଗତ ହୋଇଥିଲା। ଭାଜପା ପକ୍ଷରୁ ଜିଲାର ସମସ୍ତ ନବ ନିଯୁକ୍ତ ମଣ୍ଡଳ ସଭାପତିଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ଅଗନୁ ଚରଣ ମହାନ୍ତ, ଜିଲା ସାଧାରଣ ସମ୍ପାଦକ ଶୁକଦେବ ମହାନ୍ତ, ଜିଲା ସମ୍ପାଦକ ଶିବ କୁମାର ରାଠୋର, ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସିଂ, ଯୁବମୋର୍ଚ୍ଚା ସଭାପତି ହେମରଞ୍ଜନ ବାରିକ, ଏସଟି ମୋର୍ଚ୍ଚା ସଭାପତି ମାନସ ନାଏକ, ଏସସି ମୋର୍ଚ୍ଚା ସଭାପତି ସନ୍ତୋଷ ଜେନା, ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ମହତାବ ଆଲାମ, ଓବିସି ମୋର୍ଚ୍ଚା ସଭାପତି ମିତ୍ରଭାନୁ ମହାକୁଡ଼, କୃଷକ ମୋର୍ଚ୍ଚା ସଭାପତି ଅନନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଯୋଗଦେଲେ ୩୦ ଶିକ୍ଷକ

**ଜିଲା ଜୁନିୟର ରେଡ୍‌କ୍ରସ୍ ତାଲିମ ଶିବିର**

**ବାଲେଶ୍ୱର ଅଫିସ, ୧୭।୩**

ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ତରଫରୁ ବାଲେଶ୍ୱର ଜିଲା ରେଡ୍‌କ୍ରସ ଆନୁକୂଲ୍ୟରେ ୫ଦିନିଆ ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଜୁନିୟର ରେଡ୍‌କ୍ରସ୍ ଭବନରେ ଅଣତାଲିମପ୍ରାପ୍ତ ଶିକ୍ଷକମାନଙ୍କୁ ଜିଲା ଓ ରାଜ୍ୟ ସାଧନକର୍ମୀମାନଙ୍କ ଦ୍ୱାରା ତାଲିମ ଦିଆଯାଇଥିଲା। ଶିବିରରେ ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ୩୦ଜଣ ଶିକ୍ଷକ ଭାଗ ନେଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ତଥା ଜିଲା ଜୁନିୟର ରେଡ୍‌କ୍ରସ୍ ଚେୟାରମ୍ୟାନ୍ ରଞ୍ଜନ କୁମାର ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟସ୍ତରରେ ଜୁନିୟର ରେଡ୍‌କ୍ରସର ଆବଶ୍ୟକତା ଏବଂ ଉପଯୋଗିତା ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ତାଲିମ ନେଇଥିବା ୩୦ଜଣ କାଉନ୍‌ସିଲରମାନଙ୍କୁ ଜିଲା ଜୁନିୟର ରେଡ୍‌କ୍ରସ୍ ଯୁଗ୍ମ ସମ୍ପାଦକ ତଥା ରାଜ୍ୟ ବରିଷ୍ଠ ସାଧନକର୍ମୀ ବାମନ ଚରଣ ମହାନ୍ତି ରେଡ୍‌କ୍ରସ୍‌ର ଶପଥପାଠ କରାଇଥିଲେ। ଶେଷରେ ତାଲିମପ୍ରାପ୍ତ କାଉନ୍‌ସିଲରମାନଙ୍କୁ ତାଲିମପ୍ରାପ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିବିରକୁ ଜୁନିୟର ରେଡ୍‌କ୍ରସ୍ ଅଫିସର ତଥା ବାରବାଟୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ନିଗ୍ଧା ପଣ୍ଡା ପରିଚାଳନା କରିଥିଲେ। ଜିଲା ଜୁନିୟର ରେଡ୍‌କ୍ରସ ସମ୍ପାଦକ ଅଶୋକ କୁମାର ନାୟକ ଶିବର ପରିଚାଳନାରେ ସହାୟତା କରିଥିଲେ।




ତାଲିମ ଶିବିରରେ ମଞ୍ଚାସୀନ ଅତିଥି।

## ଉତ୍କଳକେଶରୀ ଆଗରପଡ଼ା ମହୋତ୍ସବ

**ବନ୍ତ, ୧୭।୩(ସ୍ୱ.ପ୍ର/ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ସ୍ଥିତ ହେମପଦ୍ମାଗାଲାକ୍ସିଠାରେ ୭ମ ଉତ୍କଳକେଶରୀ ଆଗରପଡ଼ା ମହୋତ୍ସବ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ହାଇକୋର୍ଟ ଆଇନଜୀବୀ ମନୋଜ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାରସ୍ୱତ ସାଧକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ କୁସୁମ ମଞ୍ଜରୀ ଦାସ, ପୂର୍ବତନ ସରପଞ୍ଚ ପୃଥୀରାଜ ଦାସ, ମହୋତ୍ସବ କମିଟି ଉପସଭାପତି ମମତା ମହାନ୍ତି, ସାମାଜିକ କର୍ମୀ ରଥ ବେହେରା ଓ କବୟିତ୍ରୀ ଅନ୍ନପୂର୍ଣ୍ଣା ଦାଶ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ଦେଇଥିଲେ କମିଟି ସାଧାରଣ ସମ୍ପାଦକ ହେମନ୍ତ ସିଂହ। ଶିକ୍ଷକ ରମାକାନ୍ତ ଜେନାଙ୍କ ମଞ୍ଚ ସଞ୍ଚାଳନରେ ନୃତ୍ୟଶିଳ୍ପୀ ନିଶିପ୍ରଭା ମହାପାତ୍ର, ଶୂନ୍ୟସତ୍ତା ବିଶ୍ୱାଳ ନୃତ୍ୟ ପରିବେଷଣ କରିଥିଲେ। ସହସମ୍ପାଦକ ଗୋପାଳକୃଷ୍ଣ ଦାଶ, ଉପଦେଷ୍ଟା ସୁବାସ ଦାଶ, ମନ୍ମଥ ଦାସ, ହରମୋହନ ପଣ୍ଡା, ଅମିତାବାଳା ନାୟକ, ଲକ୍ଷ୍ମୀପ୍ରିୟା ମହାପାତ୍ର, ସ୍ୱାଗତିକା ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଗରସଙ୍ଗରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଅନାବରଣ



ବିଦାୟୀ ଶିକ୍ଷକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ଖଇରା, ୧୭।୩(ଡି.ଏନ.ଏ.)**

ଖଇରା ବ୍ଲକ ଗରସଙ୍ଗସ୍ଥିତ ରାମଚନ୍ଦ୍ର ଉଚ୍ଚ ବିଦ୍ୟାପୀଠ ପରିସରରେ ବୁଧବାର ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ବିଦ୍ୟାଳୟ ଫାଟକ ନିକଟରେ ବ୍ୟାସକବି ଫକୀର ମୋହନ ସେନାପତି ଓ କବିବର ରାଧାନାଥ ରାୟଙ୍କ ପ୍ରତିମୂର୍ତ୍ତୀ ଅନାବରଣ କରାଯାଇଥିଲା। ପରେ ପୂର୍ବତନ ଏମ୍‌ପି ତଥା ବିଧାୟକ ଅନନ୍ତ ପ୍ରସାଦ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦର୍ଶନ ରାଉତ ମୁଖ୍ୟଅତିଥି, ଉତ୍କଳ ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାଶ ମୁଖ୍ୟବକ୍ତା ଓ ଉପସଭାପତି କୈଳାସ ଚନ୍ଦ୍ର ମିଶ୍ର, ପରିଚାଳନା କମିଟି ସଭାପତି ମାୟାଧର ମହାପାତ୍ର, ସମିତିସଭ୍ୟ ରାଜେନ୍ଦ୍ର ଜେନା, ବାସୁଦେବ ସାହୁ, ଚିତ୍ତରଞ୍ଜନ ସାହୁ, ଶିକ୍ଷକ ନେତା ପ୍ରଣବ ରାଉତରାୟ, ଶ୍ରୀହରି ମିଶ୍ର, ଦେବେନ୍ଦ୍ର ମହାନ୍ତି, ବାଦଲ ମହାପାତ୍ର, ମହେନ୍ଦ୍ର କବି, କାଶୀନାଥ ମହାପାତ୍ର, ଷଡାନନ ପାଣିଗ୍ରାହୀ, ପ୍ରସନ୍ନ କୁମାର ଧଳ, ହରିପଦ ପରିଡା, କମଳାକାନ୍ତ ପତି, ରବୀନ୍ଦ୍ର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନିକଟରେ ଅବସରଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ବଳ ଓ ସଂସ୍କୃତ ଶିକ୍ଷକ ନିରଞ୍ଜନ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ବାଙ୍ଗିରିପୋଷି, ୧୭।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଞ୍ଚଳର ଜଣେ ଯୁବକ ବୁଧବାର ମହୁଲ ଗୋଟାଇବାକୁ ଯାଇଥିବା ବେଳେ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ ବାଙ୍ଗିରିପୋଷି ବନାଞ୍ଚଳ ଅଧୀନ ବଡ଼ଗାଁ ପଞ୍ଚାୟତ ସଢ଼େଇକଳା ଗ୍ରାମର ମଙ୍ଗଲ ସିଂଙ୍କ ପୁଅ ସୁକ୍ରା ସିଂ(୨୫)। ଚିକିତ୍ସାପାଇଁ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି।

# ଆରମ୍ଭ ହେଲା ଭିଜନ-୨୦୨୪ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ବାରିପଦା ଅଫିସ, ୧୭।୩**

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଭିଜନ-୨୦୨୪ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨୦୨୧ ସଂସ୍କରଣ ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ବାରିପଦା ଷ୍ଟାଡିୟମ ଓ କଲେଜ ପଡ଼ିଆରେ ଆରମ୍ଭ ହୋଇଛି। ୫୦ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ସମସ୍ତ ମ୍ୟାଚ ଲିଗ୍ ହେବାକୁ ଥିବାବେଳେ ପ୍ରଥମ ଦିବସରେ ଷ୍ଟାଡିୟମରେ ଷ୍ଟେଶନ ରୟାଲ ଦଳ ଓ ସିକ୍ରେଟ 'ବି' ଏବଂ କଲେଜ ପଡ଼ିଆରେ ବିଜେଏମ୍‌ସିସି ଦଳ ଓ ଜେକେସିସି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ କରଞ୍ଜିଆ ଆଥ୍‌ଲେଟିକ ଆସୋସିଏଶନ, ସିକ୍ରେଟ ଏ ଷ୍ଟେଶନ ଲେଟକଟ, ଡିଆରକେ 'ଏ', ଡିଆରକେ 'ବି', ବିସିଏ ରାଇରଙ୍ଗପୁର, ରାଇରଙ୍ଗପୁର କ୍ରିକେଟ କ୍ଲବ, ଉତ୍କଳ କ୍ରିକେଟ କ୍ଲବ, ମୁସ୍କାନ ଓ ଏମସିଏ ବାରିପଦା ଆଦି ମୋଟ ୧୨ଟି କ୍ଲବ ଅଂଶଗ୍ରହଣ କରିଛନ୍ତି। ଅମ୍ପାୟାର ଭାବରେ ପ୍ରବୀର କୁମାର ବିଶ୍ୱାସ, ଦିଲ୍ଲୀପ ଦାସ, ମଦନମୋହନ ମୁର୍ମୁ, ଦେବାଶିଷ ଗୁପ୍ତା, କେ. ଇନ୍ଦ୍ରଜିତ ପ୍ରସାଦ, ଲଲାଟେନ୍ଦୁ ବେହେରା, ଗୌରୀଶଙ୍କର ସିହ୍ନା, ଅସିତ ମହାନ୍ତି ଖେଳ ପରିଚାଳନା କରିବାକୁ ଥିବାବେଳେ ଡିଜିଟାଲ ଅନ୍‌ଲାଇନ ସ୍କୋରର ଭାବେ ଜ୍ୟୋତିର୍ମୟ ଅଠା ପ୍ରମୁଖ ଓଡ଼ିଶା କ୍ରିକେଟ ଆସୋସିଏଶନ ଦ୍ୱାରା ନିଯୁକ୍ତ ହୋଇଛନ୍ତି। ଖେଳ ପରିଚାଳନାରେ କାଉନସିଲ ମେମ୍ବର ଓ କ୍ରିକେଟ ସମ୍ପାଦକ ସହାୟତା କରୁଥିବା ବେଳେ ବରିଷ୍ଠ ମେମ୍ବର ଓ ପୂର୍ବତନ ଖେଳାଳି କିଶୋର ସିହ୍ନା, ସରୋଜ କୁମାର ବୋଷ, ରାଜ୍ୟ ଖଦିବୋର୍ଡ଼ର ସଦସ୍ୟ, ପୂର୍ବତନ ରଣଜି ଖେଳାଳି ଓ କୋଚ ସୁଜନ ମହାନ୍ତି ଓ ଅନ୍ୟ ବରିଷ୍ଠ ଖେଳାଳି ଓ ମେମ୍ବର ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଜୁନିଅର ସଂସ୍କରଣ ପାଇଁ ପଞ୍ଜୀକରଣ ଜାରି ରହିଛି ବୋଲି ଆସୋସିଏଶନର ସମ୍ପାଦକ କିଶୋର କୁମାର ବିଶ୍ୱାଳ ଜଣାଇଛନ୍ତି ।

# ଶାଗ ତୋଳାକୁ କେନ୍ଦ୍ରକରି ଆକ୍ରମଣ, ଜଣେ ଗିରଫ

**ସଜନାଗଡ଼, ୧୭।୩(ଡି.ଏନ.ଏ.)**

ନୀଳଗିରି ଥାନା ଅଧୀନ କାଣ୍ଡଗରଡ଼ି ପଞ୍ଚାୟତର ସିକିଡ଼ିଆ ଗ୍ରାମରେ ସୁନସୁନିଆ ଶାଗ ତୋଳାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ ହୋଇଛି। ଈଶ୍ୱରପୁର ଫାଣ୍ଡି ଅଧିକାରୀ ଅଗୁରୁ ଚରଣ ଦାସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

ସିକିଡ଼ିଆ ଗ୍ରାମର ବିଜୟ କୁମାର ସେଠୀଙ୍କ ସ୍ତ୍ରୀ ନିକଟସ୍ଥ ଏକ ପୋଖରୀରେ ସୁନସୁନିଆ ଶାଗ ତୋଳୁଥିଲେ। ଉକ୍ତ ଗ୍ରାମର ସୁରେନ୍ଦ୍ର ସେଠୀ ପୋଖରୀ ତୁଠକୁ ଆସି କ'ଣ ପାଇଁ ସେଠାରୁ ସୁନସୁନିଆ ଶାଗ ତୋଳୁଛ କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ବିଜୟଙ୍କ ଝିଅ ଓ ପୁଅ ଘଟଣାସ୍ଥଳକୁ ଯାଇଥିଲେ। ସୁରେନ୍ଦ୍ର ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ମାରପିଟ୍ କରିଥିଲେ । ଏପରିକି ମା, ପୁଅ, ଝିଅକୁ ଭୁଜାଲିରେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ବିଜୟ ଈଶ୍ୱରପୁର ଫାଣ୍ଡିରେ ଅଭିଯୋଗ କରିବା ପରେ ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ସେଠୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଏ ନେଇ ନୀଳଗିରି ଥାନାରେ ଏକ ମାମଲା(ନଂ.୮୦/୨୧) ରୁଜୁ ହୋଇଛି।

# ମେଧାବୀ ଛାତ୍ରଙ୍କୁ ସହାୟତା

**ଭଦ୍ରକ ଅଫିସ, ୧୭।୩**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱର ଅଞ୍ଚଳର ବଜରାପୁର ଗ୍ରାମର ମେଧାବୀ ଛାତ୍ର ମାନସ ବଳ। ସେ ଚଟ୍‌ପଟି ବିକ୍ରି କରି ପରିବାର ଚଳାଉଥିବା ଖବର ଗଣମାଧ୍ୟମରୁ ଜାଣିବାକୁ ପାଇ ସହାୟତାର ହାତ ବଢ଼ାଇଛି ଭଦ୍ରକ ସ୍ଥିତ ବିନାୟକ ଆବାସିକ ମହାବିଦ୍ୟାଳୟ। ସୂଚନା ମୁତାବକ ମାନସଙ୍କ ବାପା ଗୟାଧର ବର୍ଷେ ହେବ କର୍କଟରେ ପୀଡ଼ିତ। ମାନସ ଯୁକ୍ତ ୩ ବିଜ୍ଞାନ ଦ୍ୱିତୀୟ ବର୍ଷର ଛାତ୍ର। ଆର୍ଥିକ ଅଭାବ ଯୋଗୁ ସେ ଘଣ୍ଟେଶ୍ୱର ଅଞ୍ଚଳରେ ବୁଲି ବୁଲି ଚଟ୍‌ପଟି ବିକି ପରିବାର ପ୍ରତିପୋଷଣ କରୁଛନ୍ତି। ଏହି ଖବର ଜାଣିବା ପରେ ବିନାୟକ କଲେଜ ଅଧ୍ୟକ୍ଷ ପ୍ରଭାତ ପ୍ରଭାକର ପାଢ଼ୀ, ଜଗଜୟ ନାୟକ, ମନୋଜ କୁମାର ପାଢ଼ୀ, ଜୀବନାନନ୍ଦ ପାଣିଗ୍ରାହୀ ପ୍ରମୁଖ ମାନସଙ୍କ ଘରେ ପହଞ୍ଚି ତାଙ୍କ ପାଠପଢ଼ା ଲାଗି ୨୭ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ସହାୟତା ପ୍ରଦାନ କରିଛନ୍ତି।



ମାନସଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

## ପିଲା ଚୋର ସନ୍ଦେହରେ ୨ଯୁବକଙ୍କୁ ମାଡ଼

**ସଜନାଗଡ଼, ୧୭।୩(ଡି.ଏନ.ଏ.)**

ଗ୍ୟାସ ସଂଯୋଗୀକରଣର ଯାଞ୍ଚ ନିମନ୍ତେ ଆସିଥିବା ୨ ଯୁବକଙ୍କୁ ପିଲା ଚୋର ସନ୍ଦେହରେ ଗ୍ରାମବାସୀ ନିର୍ଦ୍ଧୁମ ମାଡ ମାରିଛନ୍ତି। ଉଭୟେ ସମ୍ପର୍କରେ ଦାଦା ପୁତୁରା ହେବେ ବୋଲି ଜଣାପଡ଼ିଛି ।

ମୟୂରଭଞ୍ଜ ଜିଲା ମାଣ୍ଡ୍ରି ବିଜିପୁର ଅଞ୍ଚଳର ସନ୍ତୋଷ ପାତ୍ର ଏବଂ ମାନଗୋବିନ୍ଦପୁର ଗ୍ରାମର ଗଣେଶ୍ୱର ପାତ୍ର ନୀଳଗିରି ଥାନା ଡେଉଁଚଖାଲ ଗ୍ରାମର ଜଣଙ୍କ ଘରେ ପହଞ୍ଚି ଗ୍ୟାସ ସଂଯୋଗ କରିବାକୁ ଆସିଥିବା କହିଥିଲେ। ମୟୂରଭଞ୍ଜ ଜିଲାରୁ ଆସି ନୀଳଗିରିରେ ଏଚ୍‌ପି ଗ୍ୟାସ ସଂଯୋଗ ଦେବା ଘଟଣା ନେଇ ସନ୍ଦେହ ହେବାରୁ ସମ୍ପୃକ୍ତ ବ୍ୟକ୍ତିଜଣକ ୨ଜଣଙ୍କୁ ତାଙ୍କର ପରିଚୟପତ୍ର ମାଗିଥିଲେ। ସେମାନେ ପରିଚୟ ପତ୍ର ନ ଦେଖାଇ ବାଇକରେ ପଳାଇ ଯାଉଥିବା ବେଳେ ଗ୍ରାମବାସୀ ତାଙ୍କୁ ଅଟକାଇ ପିଲା ଚୋରି ସନ୍ଦେହରେ ମାଡ଼ ମାରିଥିଲେ। ସେମାନେ ନୀଳଗିରି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସନ୍ତୋଷ ପାତ୍ର କୌଣସି ଏଜେନ୍ସିରେ କାର୍ଯ୍ୟ କରୁ ନ ଥିବା ପ୍ରକାଶ କରିଛନ୍ତି।

# ଭତ୍ତା ପାଇବାରୁ ବଞ୍ଚିତ ଦୁଇଭାଇ

**ଆଧାର କାର୍ଡରେ ଭୁଲ୍ ଜନ୍ମ ତାରିଖ**

**ଚମ୍ପୁଆ, ୧୭।୩(ଡି.ଏନ.ଏ)**

ପରିଚୟ ପତ୍ର ମାଧ୍ୟମରେ ମଣିଷ ପରିଚୟ ପାଏ ସତ ମାତ୍ର ଉକ୍ତ ପରିଚୟ ପତ୍ରରେ ଯଦି ଜନ୍ମ ତାରିଖ ଭୁଲ ହୋଇଯାଏ ତେବେ ମଣିଷ ପାଇଁ ସରକାରୀ ଯୋଜନା ପାଲଟିଯାଏ ସାତ ସପନ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ ରଜିଆ ଗ୍ରାମରେ। ବୟସର ଅପରାହ୍ଣରେ ପହଞ୍ଚିସାରିଥିବା ଅବିବାହିତ ଦୁଇଭାଇ ଭତ୍ତାରୁ ବଞ୍ଚିତ ହୋଇଥିବା ଦେଖିବାକୁ ମିଳିଛି। ବଡଭାଇ ଯୋଗେନ୍ଦ୍ର ମହାରଣାଙ୍କ ବୟସ ୮୦ ବର୍ଷ ହୋଇଥିବା ବେଳେ ସାନଭାଇ ଅର୍ଜୁନଙ୍କ ବୟସ ୭୦ରୁ ଉର୍ଦ୍ଧ୍ୱ। ମାତ୍ର ମିଳିଥିବା ଆଧାର କାର୍ଡରେ ବଡଭାଇଙ୍କ ବୟସ ୩୫ ହୋଇଥିବା ବେଳେ ସାନଭାଇଙ୍କ ବୟସ ୫୦ ବୋଲି ଉଲ୍ଲେଖ ରହିଛି। ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆଧାର କାର୍ଡ ଜରୁରୀ ହୋଇଥିବା ବେଳେ ଉକ୍ତ ଆଧାରରେ ଉଭୟଙ୍କ ବୟସ ଭତ୍ତା ପାଇଁ ଯୋଗ୍ୟ ହୋଇ ନ ଥିବାରୁ ଆବେଦନ ପରେ ବି ଏହା ନାକଚ ହେଇଯାଉଛି। ଅନ୍ୟପକ୍ଷରେ ବଡଭାଇ ଯୋଗେନ୍ଦ୍ର ଦୀର୍ଘଦିନ ହେବ ଫାଇଲେରିଆ ରୋଗରେ ଆକ୍ରାନ୍ତ ହୋଇ କାମଦାମ କରି ନ ପାରି ଘରେ ପଡିରହିଥିବା ବେଳେ ସାନଭାଇ ମଜୁରି କରି ଆଣୁଥିବା ଅର୍ଥରେ ଦୁଇଭାଇ ଯେନତେନ ପ୍ରକାର ଚଳିଯାଉଛନ୍ତି ବୋଲି କହିଛନ୍ତି। ଏମାନଙ୍କର ଭୋଟର କାର୍ଡ ନ ଥିବା କହିଛନ୍ତି। ଏ ନେଇ ରଜିଆ ସରପଞ୍ଚ ଜୟକିଶୋରୀ ନାଏକଙ୍କୁ ପଚାରିବାରୁ ଏଭଳି ଲୋକମାନେ ତାଙ୍କ ସମସ୍ୟା ସମ୍ବନ୍ଧରେ ଆମକୁ ଅବଗତ କରୁନାହାନ୍ତି। ତୁରନ୍ତ ଉଭୟଙ୍କ ଆଧାର ସଂଶୋଧନ କରାଯାଇ ଭତ୍ତା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।



ଘର ସମ୍ମୁଖରେ ଦୁଇ ଭାଇ।

# ଭାଷା ବିଷୟକ ପ୍ରଥମ ବହି: 'ଭୋକାବୁଲାରି'

## ଅତୀତର ବହି



ଡ. ଫଣୀନ୍ଦ୍ରଭୂଷଣ ନନ୍ଦ


କଲିକତା ନିକଟସ୍ଥ ଶ୍ରୀରାମପୁର ବ୍ୟାପ୍ଟିଷ୍ଟ ମିଶନାରୀ ସୋସାଇଟି ଦ୍ୱାରା ୧୮୦୯ରେ ପ୍ରଥମ ଓଡ଼ିଆ ପୁସ୍ତକ ବାଇବେଲର ଅନୁବାଦ ମୁଦ୍ରିତ ହୁଏ। ଏହି କ୍ରମରେ ଦ୍ୱିତୀୟ ମୁଦ୍ରିତ ଭାଷା ବିଷୟକ ପ୍ରଥମ ବହିଟି ହେଲା ମୋହନ ପ୍ରସାଦ ଠାକୁରଙ୍କ ପ୍ରଣୀତ 'ଭୋକାବୁଲାରି' (Vocabulary, Oriya and English, for the use of student), ଡିମେଇ ୧/୮ ସାଇଜ୍‌ରେ ୨୧୮ ପୃଷ୍ଠାର ବହି। ଶ୍ରୀରାମପୁର ବ୍ୟାପ୍ଟିଷ୍ଟ ମିଶନାରୀ ସୋସାଇଟିର କର୍ଣ୍ଣଧାର ଉଇଲିୟମ କେରୀଙ୍କ ତତ୍ତ୍ୱାବଧାନରେ ଏହି ପୁସ୍ତକ ମୁଦ୍ରିତ। ବିଦେଶୀ ଅଧ୍ୟାୟୀମାନଙ୍କ ଶବ୍ଦ ଅବବୋଧ ଉଦ୍ଦେଶ୍ୟରେ ପୁସ୍ତକଟି ପ୍ରସ୍ତୁତ। ଏହା ବିଭିନ୍ନ ବିଷୟଭିତ୍ତିକ ଶବ୍ଦଗୁଡ଼ିକର ସଂଗ୍ରହ ଓ ସଂକଳନ। ପ୍ରତ୍ୟେକ ପୃଷ୍ଠାରେ ତିନିଗୋଟି ସ୍ତମ୍ଭ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ତମ୍ଭରେ ଯଥାକ୍ରମେ ଓଡ଼ିଆ ଲିପିରେ ଓଡ଼ିଆ ଶବ୍ଦ, ରୋମାନ୍ ଲିପିରେ ଓଡ଼ିଆ ଶବ୍ଦର ଉଚ୍ଚାରଣ ଏବଂ ଓଡ଼ିଆ ଶବ୍ଦର ଇଂଲିଶ୍ ପ୍ରତିଶବ୍ଦ ରହିଛି। ଅର୍ଥାତ୍ ଜଣେ ଇଂରେଜ ଅଥବା ଇଂଲିଶ୍ ଭାଷାଭିଜ୍ଞ ବ୍ୟକ୍ତି ଓଡ଼ିଆମାନେ କହୁଥିବା ଶବ୍ଦକୁ ଶୁଣି ଅଥବା ପଢ଼ି ଅର୍ଥ ବୁଝିପାରିବା ଉଦ୍ଦେଶ୍ୟରେ ବହିଟି ପ୍ରସ୍ତୁତ। ବହିକୁ ଏକ ଦ୍ୱିଭାଷୀ ଶବ୍ଦ ସଂଗ୍ରହ ବା ଅଭିଧାନ କୁହାଯାଇପାରିବ।

ମୋହନ ପ୍ରସାଦ ଆପଣା ଭୋକାବୁଲାରିର ଶବ୍ଦଗୁଡ଼ିକୁ ବତିଶଟି ବିଭାଗରେ ବିଭକ୍ତ କରିଛନ୍ତି। ଶୀର୍ଷକଗୁଡ଼ିକ ହେଲା– of God, of spirit of the universe, of the sex and age of man ଇତ୍ୟାଦି। ଭାରତୀୟ ଶବ୍ଦ ସଜ୍ଜୀକରଣ ପରମ୍ପରାକୁ ମୋହନ ପ୍ରସାଦ ଅନୁସରଣ କରିଛନ୍ତି। ମୁଖ୍ୟତଃ ଅମରକୋଷର ଦୃଷ୍ଟାନ୍ତକୁ ସେ ଗ୍ରହଣ କରିଛନ୍ତି। ମୋହନ ପ୍ରସାଦ ଠାକୁର ତାଙ୍କ ସମକାଳରେ ଜଣେ ଦକ୍ଷ ସଂସ୍କୃତ ଭାଷାଭିଜ୍ଞ ପଣ୍ଡିତ। ସେହି କ୍ରମରେ ସେ ଅମରକୋଷର ଶବ୍ଦ ବର୍ଗୀକରଣ ରୀତି ଦ୍ୱାରା ପ୍ରଭାବିତ। ଇଂଲିଶ୍ ଭାଷାକୁ ମଧ୍ୟ ସେ ସାଧ୍ୟମତେ ଆୟତ୍ତ କରିଛନ୍ତି।

ଓଡ଼ିଆ ଶବ୍ଦମାଳାର ପ୍ରଥମ ଅଭିଧାନକାର ବା ସଂଗ୍ରାହକ ଗଦାଧର ବିଦ୍ୟାବାଗୀଶ। ଗଦାଧର ଫୋର୍ଟ ଉଇଲିୟମ କଲେଜର ସବ୍-ଅର୍ଡିନେଟ୍ ମୁନ୍‌ସି ପଦରେ ୧୮୦୫ରୁ ୧୮୩୦ ମସିହା ପର୍ଯ୍ୟନ୍ତ କାମ କରୁଥିଲେ। ସେ ୧୮୦୬ରେ 'ଓଡ଼ିଆ ବ୍ୟାକରଣ' ରଚନା କରିଥିଲେ, କିନ୍ତୁ ତାହା ପ୍ରକାଶ ନ ପାଇ ପାଣ୍ଡୁଲିପି ଆକାରରେ ବ୍ରିଟିଶ୍ ଲାଇବ୍ରେରିରେ ସଂରକ୍ଷିତ ଥିଲା। ପରବର୍ତ୍ତୀ କାଳରେ ଏହା ମହେଶ ପ୍ରସାଦ ମହାପାତ୍ର ଓ ଗଗନେନ୍ଦ୍ରନାଥ ଦାଶଙ୍କ ଦ୍ୱାରା ଯଥାକ୍ରମେ ୧୯୮୨ ଓ ୧୯୮୩ରେ ପ୍ରକାଶିତ। ବହିର ଶେଷରେ ସଂସ୍କୃତ, ବଙ୍ଗଳା, ପ୍ରାକୃତ ଓ ଓଡ଼ିଆରେ ଏକ ଚାତୁର୍ଭାଷିକ ଶବ୍ଦ ତାଲିକା ରହିଛି। ଶବ୍ଦ ସଂଖ୍ୟା ପ୍ରାୟ ତିନିଶ ବୟାଅଶୀ। କିନ୍ତୁ ପ୍ରକାଶ କ୍ରମରେ ମୋହନ ପ୍ରସାଦଙ୍କ ଭୋକାବୁଲାରି ପ୍ରଥମ ଓଡ଼ିଆ ଭାଷା ବିଷୟକ ପୁସ୍ତକ।

ମୋହନ ପ୍ରସାଦ ଠାକୁର ଫୋର୍ଟ ଉଇଲିୟମ କଲେଜ ପାଠାଗାରର ଇଉରୋପୀୟାନ (ପାଶ୍ଚାତ୍ୟ) ବିଭାଗରେ ଥିଲେ ସହକାରୀ ଗ୍ରନ୍ଥାଗାରିକ। ସେ ୧୮୧୦ରେ ବଙ୍ଗଳା ଭୋକାବୁଲାରି ପ୍ରକାଶ କଲାପରେ ୧୮୧୧ରେ ଓଡ଼ିଆ ଭୋକାବୁଲାରି ପ୍ରକାଶ କରିଛନ୍ତି। ସେ ସମ୍ଭବତଃ ବଙ୍ଗଳାଭାଷୀ ଥିଲେ। ଏଣୁ ତାଙ୍କ ଇଂଲିଶ୍ ଓଡ଼ିଆ ଭୋକାବୁଲାରିରେ ଚନ୍ଦ୍ରବିନ୍ଦୁର ପ୍ରାବଲ୍ୟ ଦୃଷ୍ଟିଗୋଚର ହୁଏ। ଯେମିତି ନିଁୟା, ଶଁଙ୍କି, ଥୋଁଟ, ଗଁଠି, ଦାଁତ, ଧୁଆଁ, ରାଁଧନାଘର ଇତ୍ୟାଦି। 'ଣ' ସ୍ଥାନରେ ଅନେକତ୍ର 'ନ' ଓ 'ଳ' ସ୍ଥାନରେ 'ଲ'ର ପ୍ରୟୋଗ ଦେଖାଯାଏ (ଖନୀର, ମୁନା, ଧଲ, ପିତଲ, କଦଲୀ, ଚାଉଲ ଇତ୍ୟାଦି)। ଭୋକାବୁଲାରିର ଓଡ଼ିଆ ଶବ୍ଦଗୁଡ଼ିକ ବଙ୍ଗଳା ଉଚ୍ଚାରଣରେ ସଜ୍ଜିତ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ବହିଟି ଲେଖାଯାଇଛି ଇଂରେଜ ପ୍ରଶାସକମାନଙ୍କୁ ଓଡ଼ିଆ ଶିକ୍ଷା ଦେବାପାଇଁ। ସେମାନେ ବଙ୍ଗଳା ବାଟ ଦେଇ ଓଡ଼ିଶା ଆସୁଛନ୍ତି ଓ ବଙ୍ଗଳା ମାଧ୍ୟମରେ ଓଡ଼ିଆ ଭାଷା ସହ ପରିଚିତ ହେଉଛନ୍ତି।

ଭୋକାବୁଲାରିରେ ୪୫୩୫ଟି ଶବ୍ଦ ସଂକଳିତ। ପ୍ରଥମ ପର୍ଯ୍ୟାୟ of Godରେ ରହିଛି ୧୦ଟି ଶବ୍ଦ। ପ୍ରଥମ ଶବ୍ଦ ଈଶ୍ୱର– Eeshworo–God। ସେମିତି ଶେଷ ପର୍ଯ୍ୟାୟ ହେଉଛି Adverbs। ଏଥିରେ ରହିଛି ୨୯୮ଟି ଶବ୍ଦ ଏବଂ ଶେଷ ଶବ୍ଦ ହେଉଛି, କ୍ଷଣିକ– Khyonoke– A while।



College of Fort William

VOCABULARY,

OORIYA AND ENGLISH,

FOR THE USE OF

STUDENTS.

By MOHUNPERSAUD TAKOOR,

Assistant Librarian in the College of Fort William.

SERAMPORE:

PRINTED AT THE MISSION PRESS.

1811.

ମୋହନ ପ୍ରସାଦଙ୍କ ଏହି ଯୁଗାନ୍ତକାରୀ ଉଦ୍ୟମ ସର୍ବଥା ପ୍ରଶଂସନୀୟ। ଏଥିରୁ ଓଡ଼ିଆ ସମକାଳୀନ ଶବ୍ଦାବଳୀର ସୂକ୍ଷ୍ମ ପରିଚୟ ମିଳିଥାଏ। ଶବ୍ଦ ଯେ ଏକ ଦେଶ ଓ ଜାତିର ଚଳନ୍ତି ସଂସ୍କୃତିର ବାହକ, ଏହା ହିଁ ପୁସ୍ତକଟି ପ୍ରତିପନ୍ନ କରେ। ପ୍ରଥମ ଓଡ଼ିଆ ଭାଷା ବିଷୟକ ପ୍ରକାଶିତ ପୁସ୍ତକ ରୂପେ ଭୋକାବୁଲାରି ଯେମିତି ସମ୍ମାନ ଦାବି କରେ, ତା'ର ସ୍ରଷ୍ଟା ମୋହନ ପ୍ରସାଦ ଠାକୁର ମଧ୍ୟ ସେତିକି ପ୍ରଶଂସାର୍ହ।

ମୋ: ୯୪୩୭୨୫୬୧୭୬

## କାଳକାଳକୁ




"ଶବ୍ଦ ଗୁରୁତ୍ୱପୂର୍ଣ୍ଣ, ଯେପରି ଅଭିଜ୍ଞତା; କାରଣ ଶବ୍ଦ ହିଁ ଅଭିଜ୍ଞତାକୁ ଚିରଂତନ କରେ – ଏତକ ବୁଝିବା ପାଇଁ ମୋତେ ଅନେକ ବର୍ଷ ଲାଗିଗଲା।"

– ଉଇଲିୟମ୍ ମୋରିସ୍

**ଉଇଲିୟମ୍ ମୋରିସ୍**ଙ୍କ ଜନ୍ମ ୨୪ ମାର୍ଚ୍ଚ ୧୮୩୪ରେ ଓ ପରଲୋକ ୩ ଅକ୍ଟୋବର ୧୮୯୬ରେ। ବ୍ରିଟେନ୍‌ର ପ୍ରଖ୍ୟାତ ଏଇ ବୟନଶିଳ୍ପୀ ଏକାଧାରରେ କବି, ଔପନ୍ୟାସିକ, ଅନୁବାଦକ ଓ ସାମାଜିକ କର୍ମୀ। ଊନବିଂଶ ଶତକର କଳା ଓ କାରିଗରି ଆନ୍ଦୋଳନର ସେ ଥିଲେ ଅନ୍ୟତମ ବିଦ୍ଧାଣି। "News from Nowhere" ଓ "The well at the world's End" ତାଙ୍କର ଦୁଇଟି କାଳଜୟୀ ସୃଷ୍ଟି। "A Dream of John Ball" ଓ "The Defence of Guenevere" ପୁସ୍ତକର ମଧ୍ୟ ସେ ରଚୟିତା। ସେ କହନ୍ତି: "ଘରେ ଏପରି କିଛି ରଖନାହିଁ, ଯାହାର ଉପଯୋଗିତା ତୁମକୁ ଜଣାନାହିଁ ବା ଯାହାର ସୁନ୍ଦରପଣ ତୁମକୁ ଅମାଲୁମ୍।"

## ପୁସ୍ତକ ପରିଚୟ

### ମୋ ଜୀବନ ମୋ ଉପାସନା




**ଲେଖକ:** କୃଷ୍ଣ ସିଂହ
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ, କଟକ
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୬୦୦/-

ଦେଶ ଓ ଦଶର ମୁକ୍ତି ପାଇଁ ଜୀବନ ସମର୍ପଣ କରିଥିବା ଜନସେବୀ କୃଷ୍ଣ ସିଂହଙ୍କର ଆତ୍ମଜୀବନୀ 'ମୋ ଜୀବନ ମୋ ଉପାସନା'। ଛ'ଶହ ପୃଷ୍ଠାର ଏହି ସୁଦୀର୍ଘ ଗ୍ରନ୍ଥଟି ଓଡ଼ିଆ ଭାଷାରେ ରଚିତ ଆତ୍ମଜୀବନୀଗୁଡ଼ିକ ମଧ୍ୟରେ ଯେ ବିରଳତା ଦାବି କରେ, ଏଥିରେ ସନ୍ଦେହ ନାହିଁ। କେନ୍ଦ୍ରାପଡ଼ା (ସ୍ୱ-ଜନ୍ମଭୂମି)ରୁ କୋରାପୁଟର ସେମିଳିଗୁଡ଼ାଯାଏଁ ଆଭାରତ ସିଂହଙ୍କର ସଂଗ୍ରାମୀ-ଯାତ୍ରା ବହିଟିରେ ଏପରି ଭାଷାରେ ଲିପିବଦ୍ଧ ଯେ କେବଳ ଆଖି ଭସେଇ ନେଇ ଏଥିରୁ ନିଜକୁ କ୍ଷାନ୍ତ ରଖିପାରେ ନାହିଁ କୌଣସି ପାଠକ। ଗ୍ରନ୍ଥରେ ମୋଟ ୫ଟି ପରିଚ୍ଛେଦ। ପ୍ରଥମ ପରିଚ୍ଛେଦ 'ଚଣ୍ଡିଆଗଡ଼ି', ଯେଉଁଠି ଲେଖକଙ୍କର ଜନ୍ମ। ତା'ପରେ କଟକର ଥୋରିଆ ସାହି, ଅନୁଗୋଳ, ଗଞ୍ଜାମପାଳ ଓ ପରିଶେଷରେ କୋରାପୁଟ ଆଦି ସ୍ଥାନରେ ତାଙ୍କ କର୍ମମୟ ଜୀବନର ବ୍ୟଥାବିଧୁର କାହାଣୀ। ପରିଶିଷ୍ଟରେ କିଛି ମହାନ୍ ବ୍ୟକ୍ତି ତାଙ୍କୁ ଲେଖିଥିବା ପତ୍ର, ଯେଉଁମାନଙ୍କ ଭିତରେ ଅଛନ୍ତି ରମାଦେବୀ ଓ ନିର୍ମଳା ଦେଶପାଣ୍ଡେ। ଏହି ପର୍ଯ୍ୟାୟରେ ଥିବା ନାଗଭୂଷଣ ପଟ୍ଟନାୟକଙ୍କ ଇଚ୍ଛାପତ୍ରର ଆବେଦନ କାଳାତୀତ। ଗାନ୍ଧୀ-ବିନୋବାଙ୍କ ମାନସ-ଶିଷ୍ୟ କୃଷ୍ଣ ସିଂହଙ୍କ ସେବକ-ଜୀବନ କେବଳ ସମକାଳ ନୁହେଁ, ବହୁକାଳର ଜନଚେତନାକୁ ଯେ ଦେଶପ୍ରେମରେ ଉଦ୍ଦୀପ୍ତ ରଖିବ, ଏହା ନିଃସଂଶୟ। ପୁସ୍ତକଟି ବ୍ୟକ୍ତିଗତ ଓ ସାଧାରଣ ପାଠାଗାର ପାଇଁ ଏକ ଅମୂଲ୍ୟ ସଂଚୟ ଭାବେ ବିବେଚିତ ହେବ ବୋଲି ଆଶା।

### ଅନ୍ତରଙ୍ଗ ନୀରବତା




**କବି:** ନିରଂଜନ ବେହୁରିଆ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ସାମନ୍ତରାପୁର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୫୦/-

ମୋଟ ୪୧ଟି କବିତାକୁ ନେଇ ପରିକଳ୍ପିତ 'ଅନ୍ତରଙ୍ଗ ନୀରବତା'। 'କେଉଁଠି ଥାପିବୁ ପାଦ' ପରେ ସମୟର ଦୀର୍ଘ ବ୍ୟବଧାନକୁ ପଛରେ ରଖି ପ୍ରକାଶିତ ତାଙ୍କର ଏହି ଦ୍ୱିତୀୟ କାବ୍ୟ-ସଂକଳନ, ଯାହାକୁ ରୂପ ଓ ଭାବ ଦୃଷ୍ଟିରୁ ଏକ ଉତ୍ତରଣ ଭାବେ ଚିହ୍ନଟ କରିହୁଏ। ଗ୍ରନ୍ଥସ୍ଥ କବିତାଗୁଡ଼ିକରେ କବି ଯେଉଁ ଭାଷିକ-କାରିଗରି ଓ ଭାବନାତ୍ମକ ଉଚ୍ଚତାର ପରିଚୟ ଦେଇଛନ୍ତି, ତାହା ସୃଜନକର୍ମରେ ତାଙ୍କର ନିସ୍ତରଙ୍ଗ ଦିନଗୁଡ଼ିକୁ ବିସ୍ମୃତ କରାଏ। ଗ୍ରନ୍ଥସ୍ଥ କବିତାଗୁଡ଼ିକରୁ ଗୋଟିଏ ଯୋଡ଼ିଏ ଉଦ୍ଧୃତି ନେବା: ୧. "ତମେ ପହିଲି ଆଷାଢ଼ର/ ଟୋପାଏ ଜଳବିନ୍ଦୁ ପରି/ ଆଚ୍ଛନ୍ନ କରି ରଖିଥିଲ ଆମ ସଂସାରକୁ/ ମହମହ ବାସ୍ନାରେ ସାନବାପା/ ଯେଉଁଠି ସ୍ୱପ୍ନର ଅନେକ ଫୁଲ/ ଫୁଟିଥିଲେ ଅହରହ।" ('ସାନବାପା', ପୃ: ୭୧), ୨. "ତୁ ଜାଣୁ, ଜାଣୁରେ ସନାତନ/ ଏକା ଏକା ଚାଲିବାକୁ ହେବ/ ପାରି ହେବାକୁ ହେବ ଭରା ନଈ/ ଯିବାକୁ ହେବ ଖଣିକୁ, ଖାଦାନକୁ/ ହସକୁ ହାହାକାରକୁ।" ('ସନାତନର ସ୍ୱପ୍ନ', ପୃ: ୧୯), କେବଳ ଗାଁ ବା ଆପଣା ଜନ ନୁହନ୍ତି, କାରଗିଲ୍‌ରୁ କାରଓ୍ୱାର ଓ କୋସୋଭୋ ଯାଏଁ ନିରଂଜନଙ୍କ କବିତାର ଜଗତ-ଗତି ଆଲୋଚ୍ୟ ଗ୍ରନ୍ଥରେ ବେଶ୍ ଲୋଭନୀୟ। ସହରରେ ଥାଇ ବି 'ଦୁମୁକାଣି'କୁ ସେ କରିପାରନ୍ତି ବର୍ଷାର ବିଶେଷଣ। କାନ୍ଦଣା ଓ ପ୍ରାର୍ଥନାକୁ କରନ୍ତି ଏକାକାର କବିତାରେ। ନଈକୂଳରେ କେବେ ମୁଣ୍ଡ ଉପରେ ଉଡ଼ିଥିବା ଶଙ୍ଖଚିଲଟିକୁ ତାଙ୍କର କବିସତ୍ତା ମନେରଖେ।

# ଜୀବନ୍ତ ବାକ୍ୟମାନେ

ଅନୁବାଦ ଗଳ୍ପ

ମୂଳ ଲେଖା: ଆଲେକ୍‌ଜାଣ୍ଡାର ଉଲ୍‌କଟ୍ ଇନ୍ ମ୍ୟାକ୍ କଲ୍ସ
ଅନୁବାଦ: ନିରୁପମା ଆଚାର୍ଯ୍ୟ

କଠିନ ପରିଶ୍ରମ କରି 'ଫ୍ରେଞ୍ଚ୍ ରିଭଲ୍ୟୁସନ୍'ର ପ୍ରଥମ ଭାଗ ଲେଖି ସାରିଲା ପରେ ଥୋମାସ୍ କାର୍ଲାଇଲ୍ ସେ ପାଣ୍ଡୁଲିପିଟି ତାଙ୍କ ବନ୍ଧୁ ଜନ୍ ଷ୍ଟୁଆର୍ଟ ମିଲ୍‌ଙ୍କୁ ଅତି ବିଶ୍ୱାସର ସହିତ ଜଣେ ସମାଲୋଚକ ଭାବରେ ପଢ଼ିବା ପାଇଁ ଦେଇଥିଲେ। କିନ୍ତୁ ସେଇଟା ଥିଲା ମିଲ୍‌ଙ୍କ ଜୀବନର ଏକ ଅନ୍ଧକାରମୟ ରାତ୍ରି। ପରଦିନ ଯେତେବେଳେ ସେ ଘଟଣାଟି କହିବା ପାଇଁ ବନ୍ଧୁଙ୍କ ଘରେ ପହଞ୍ଚିଲେ, ତାଙ୍କ ମୁହଁ ଶେତାପଡ଼ି ଧଳାହୋଇ ଯାଇଥାଏ ଓ ଦେହ ଥରୁଥାଏ। ଖବରଟି ଏହିପରି ଦୁଇଚାରି ଖଣ୍ଡ ଛିଣ୍ଡା କାଗଜ ଛଡ଼ା ସମଗ୍ର ପାଣ୍ଡୁଲିପିଟି ପୋଡ଼ି ପାଉଁଶ ହୋଇଯାଇଛି। ତାଙ୍କ ଘର ସଫା କରୁଥିବା ଚାକରାଣୀ ନିଆଁ ଜଳାଇବା ପାଇଁ ତାକୁ ସବୁ ବ୍ୟବହାର କରିଦେଇଛି। ଶେଷରେ ଦୁଃଖରେ ମ୍ରିୟମାଣ ହୋଇ ବନ୍ଧୁଙ୍କ ନିକଟରେ ନିଜର ଅସହାୟତା ସ୍ୱୀକାର କରି ବନ୍ଧୁଙ୍କୁ ତାଙ୍କ ବ୍ୟକ୍ତିଗତ ନୈରାଶ୍ୟ ଭିତରେ ଛାଡ଼ି ଦେଇ ଫେରିଗଲେ ଜନ୍ ଷ୍ଟୁଆର୍ଟ ମିଲ୍।

ଅତିଥିଙ୍କୁ ବିଦାୟ ଦେଇ କବାଟ ବନ୍ଦ କରି ଭିତରକୁ ଆସି ଥୋମାସ୍ ତାଙ୍କ ସ୍ତ୍ରୀଙ୍କୁ କହିଲେ– "ମିଲ୍ ବିଚରା ଦୁଃଖୀ ଲୋକଟିଏ। ଭୟଙ୍କର ଭାବରେ ଛିଙ୍ଗାଡ଼ି ହୋଇ ପଡ଼ିଛି ଏଇ ଘଟଣାରେ। ଆମେ ନିଶ୍ଚିତଭାବରେ ଯଥାସାଧ୍ୟ ଉଦ୍ୟମ କରିବା ଲୁଚେଇବାକୁ ଯେ ଏ ଘଟଣା ଆମ ପାଇଁ କେତେ ସାଂଘାତିକ ଓ ଗୁରୁତ୍ୱପୂର୍ଣ୍ଣ। ଆଉ ଆମେ କେତେ କଷ୍ଟ ପାଉଛେ!!

ସାଂଘାତିକ କାରଣ ସେମାନଙ୍କ ପାଖରେ ସେତେବେଳେ ଅର୍ଥର ଅଭାବ ଗୁରୁତ୍ୱପୂର୍ଣ୍ଣ। କାରଣ ସେ ଖରାଦିନେ ତାକୁ ଲେଖିଥିଲେ ଓ ଯେତେବେଳେ ପ୍ରତିଟି ଅଧ୍ୟାୟ ସରିଯାଏ ସେ କୃତକାର୍ଯ୍ୟ ହେବା ଆନନ୍ଦରେ ତାକୁ ନକଲ କରି ସାରି ପୁରୁଣା କାଗଜକୁ ଚିରିଦିଅନ୍ତି। କାରଣ ସେ ଭାବନ୍ତି ଏତେ କଠିନ ପରିଶ୍ରମ କରିବା ପରେ ଆଉ କେବେ ସେ ପୁରୁଣା କାଗଜକୁ ଦରକାର କରିବେ ନାହିଁ କିମ୍ବା ଦେଖିବାକୁ ମନ କରିବେ ନାହିଁ।

ଏକଥା ଲୁଚିରହିଲା ନାହିଁ। ପରଦିନ ସ୍ଥାନୀୟ ସ୍କଟିସ୍ ଗିର୍ଜାର ପଦସ୍ଥ କର୍ମଚାରୀ ତାଙ୍କୁ ଆଦେଶ ଦେଲେ ଅଧିକା ନୂଆ କାଗଜ ମଗାଇବାକୁ ଓ ଲେଖା ଆରମ୍ଭ କରିବାକୁ। ତାଙ୍କ ଡାଏରୀରେ ସେ ଏତିକି ଲେଖି ରଖିଥିଲେ। ଏଇଟା ଯେମିତି ମୋର ଅଦୃଶ୍ୟ ସ୍କୁଲ୍ ଶିକ୍ଷକ ମୋ' ଖାତାଟିକୁ ଚିରିଦେଲେ, ଯେତେବେଳେ ତାଙ୍କୁ ସେଇଟା ଦେଖାଉଥିଲି ଓ କହିଲେ, 'ନାଇଁ ବାବୁ, ତୁ ୟା'ଠାରୁ ନିଶ୍ଚୟ ଭଲ ଲେଖିପାରିବୁ। ଏଇଠି ଅଟକି ଯାଅ ନାହିଁ।'

ମୋ: ୯୭୭୬୯୯୫୧୫୧

## କବିତା

### ଆଉ କିଛି ଜୀବନ ବାକି ଅଛି

ମାନସ ରଞ୍ଜନ ମହାପାତ୍ର

କବିତା ମୁଁ ଲେଖିଛି
ଠିକଣା ତୁମେ ଲେଖ
ତିଆରିଛି ଗୋଟେ ବାଲିଘର
ନାଁ ତୁମେ ଦିଅ।

ଏବେ ଚାରିଆଡ଼େ ଆତଂକ
ଭୟରେ ଜଡ଼ସଡ଼ ଜୀବନ
ସ୍ୱପ୍ନ ମୁଁ ଦେଖିଛି
ଆକାଶ ତୁମେ ରଚ
ବଗିଚା ମୁଁ ସଜେଇଛି
ଫୁଲ ତୁମେ ଦିଅ।

ଦେଖିଆସିଲି ଅନେକ ନଦନଦୀ
ନଗର ଓ ଗ୍ରାମ, ଏବେ ମୁଁ କ୍ଳାନ୍ତ
ଯେଉଁଠୁ ଆରମ୍ଭ କରିଛି ଚାଲିବା
ଦେଖ ପହଞ୍ଚିଗଲି ସେଇଠି
ଗୀତ ମୁଁ ଗାଉଛି, ଏବେ
ସୁର ତୁମେ ଦିଅ।

ମାରିବାକୁ ଚାହୁଁଛ ତ ମାର
ମାରିବ କାହିଁକି ଯେ
ମୁଁ ତ ଏଇମିତି ମରିଯିବି
ତୁମକୁ ହାତ ଉଠେଇବାକୁ ହବନି
ଶରୀରକୁ କଷ୍ଟ ଦିଅନା
ବଂଚେଇ ରଖ, କାଲି କାମରେ ଲାଗିବ।

ମୋ: ୯୮୯୧୧୯୪୬୧୭୮

### ସମାଧି

କୃଷ୍ଣା ମିଶ୍ର

ମୋ' ମନରେ ଉଠିଥିଲା ଏକ ଜୁଆର,
ଅଧୀର ହୋଇଥିଲା, ତୁମକୁ ଭିଜେଇବାକୁ
ତୁମେ କ'ଣ ଭାବିଲ କେଜାଣି!
କିଛି ପଥର ଉଠାଇ ଛାଟି ଦେଲ
ତା' ଉପରକୁ...

ଆହତ ଭୟଭୀତ ଜୁଆର
ଅସ୍ତିତ୍ୱ ଖୋଜିଲା ମୋ' ହୃଦୟରେ...
ସମୟର ଚକ ଗଡ଼ି ଚାଲିଲା...
ଆଉ ମୁଁ?
ତୁମ ଆଡ଼କୁ ଯିବାକୁ ଉଦ୍ୟତ ଜୁଆରକୁ
ବାନ୍ଧିବାର ବୃଥା ଚେଷ୍ଟା କରୁଥିଲି...

ଏମିତି ଅଜଣାରେ, ମୋ' ହୃଦୟରେ
ଅନେକ ବନ୍ଧ ବାନ୍ଧି ହେଇଗଲା...

ମୁଁ ବହୁଛି ନୀରବ ନଦୀଟିଏ ପରି
ଦୁଇ କୂଳ ଦେଇ...
ବେଳେବେଳେ କୂଳରେ ଥାଇ,
ଡାକ ଦିଏ, ମତୁଆଲା ଜୁଆରକୁ...
ହେଲେ, ସେ ତ ରହିଛି ମୋ'
ଅନ୍ତରରେ।

ଯେବେ ମୁଁ ନିଜକୁ ଖୋଜେ,
ପଚାରେ... ମୁଁ କିଏ, କାହିଁକି?
ଜବାବ ପାଏନା...
ବୋଧହୁଏ, ମୁଁ ବୁଡ଼ିଯାଇଛି,
ହଜିଯାଇଛି... ସେଇ
ଜୁଆର ସଙ୍ଗେ ଅଜାଣତରେ!!
ମୋ' ସମାଧି, ମୋରି ଭିତରେ...

ମୋ: ୯୩୦୧୦୧୨୩୩୩

## ଗୀତି-କବିତା

### ଲୁହ: ଗୀତ-ନଈ

ଧନଞ୍ଜୟ ସ୍ୱାଇଁ

ତୁମ ଲୁହ ସିନା ସୁନ୍ଦର ଦିଶଇ
ଆଖି କୋଣେ ଥିଲେ ଲୁଚି
(ହେଲେ) ମୋ' ଲୁହ ଝରିଲେ
ଦୁନିଆ କହେ ମୁଁ
ଦୋଷ କିଛି କରିଅଛି ॥୦॥

ଲୁହକୁ ଲୁଚେଇ ବଞ୍ଚିବାକୁ ହୁଏ
କେବେ ପୁଣି ମିଛି ମିଛି
ଦୋଷ କିଛି କରିଅଛି... ॥୧॥

ତୁମ ଲୁହ ସିନା ଲୋଭନୀୟ ଯିଏ
ଲାଜ ଲାଜ ଗୀତ-ନଈ
(ହେଲେ) ମୋ' ଲୁହ
ତରଳ ନିଆଁଝୁଲ ଯିଏ
ପାଣି ପରି ଯାଏ ବହି

ଲୁହ ଚାହିଁଥାଏ ଆଖି-ଝରକାରେ
ଅଫେରା ନଈର ବାଟ
ଲୁହ ପୁଣି କେଉଁ ବିରହ-ବୀଥିର
କରୁଣ ଚିତ୍ରପଟ
ଲୁହ ପୁଣି କେବେ ପଣତକାନିରେ
ହୁଏନାହିଁ ଜମା ପୋଛି
ଦୋଷ କିଛି କରିଅଛି... ॥୨॥

ମୋ: ୯୪୩୭୦୦୦୬୩୬

# ଗପ

ପ୍ରତାପ ବିଶ୍ୱାଳ

ଗଳ୍ପ

ସବୁଦିନେ ବବୁଲ୍‌ର ଶୋଇବା ପୂର୍ବରୁ ଗପ ଶୁଣିବାର ଅଭ୍ୟାସ। କିଛି ଗୋଟାଏ ନ ଶୁଣିଲେ ତା' ଆଖିକୁ ନିଦ ଆସିବ ନାହିଁ। ଗପ ଶୁଣୁଶୁଣୁ ସେ ଶୋଇପଡ଼େ। ତେଣୁ ପ୍ରତିଦିନ ତା' ଜେଜେମା' ସୁମିତ୍ରା ଦେବୀଙ୍କର ଅଭ୍ୟାସ ତାକୁ ଗପ କହି ଶୁଆଇବା। ଆଜି ବି ସେ ଆରମ୍ଭ କଲେ– ଗୋଟାଏ ରଜାଝିଅ ଥିଲା। ଗପ ଆରମ୍ଭ ହେଉହେଉ ବବୁଲ୍ କହିଲା ସବୁଦିନେ ସେଇ ଗପ। ନୂଆ କିଛି ଗପ କହ! ଏତେ ଗପ ମୁଁ ସବୁଦିନେ ତୋ' ପାଇଁ କେଉଁଠୁ ଆଣିବି ଯେ, ନୂଆ ଗପ କହିବି?

ବବୁଲ୍ କିନ୍ତୁ ଜିଦି କରି କହିଲା– ତୁ ଯେଉଁଠୁ ଆଣେ, ନୂଆ ଗପ କହ!

ସୁମିତ୍ରା ଦେବୀ ଟିକିଏ ରହିଯାଇ କହିଲେ, ପିଲାଟାକୁ ପାର୍କରେ ଝିଅଟାଏ କହୁଥିଲା ତୁମେ କିଛି କର। ଅନ୍ତତଃ ଦୁଇ ପ୍ରାଣୀ ବଞ୍ଚିବାକୁ ଖାଦ୍ୟ, ବସ୍ତ୍ର ତ ଦର୍କାର।

ଗପ ଶୁଣିଲା ପରି ପିଲାଟା ମୁଣ୍ଡ ଟୁଙ୍ଗାରୁଥିଲା। ପ୍ରତ୍ୟେକ ଥର ସେଇ ପୁରୁଣା କଥା ଶୁଣିଶୁଣି ପିଲାଟା ଦୁଃଖୀ ହୋଇଯାଉଥିଲା। ଝିଅଟି ପିଲାଟିର ମୁହଁକୁ ଚାହିଁ ବି ଦୁଃଖୀ ହୋଇଉଠୁଥିଲା। କିନ୍ତୁ କିଛି ଉପାୟ ନ ଥିଲା। ଦୁହେଁ ଦୁହିଁଙ୍କ ମୁହଁକୁ ଚାହିଁ କିଛି ସମୟ ଚୁପ୍ ରହୁଥିଲେ। ଝିଅଟା ମନଦୁଃଖରେ କହୁଥିଲା– ଆମ ସମ୍ପର୍କଟା କ'ଣ ଏମିତି ଗପଟିଏ ହୋଇ ରହିଯିବ?

ପୁଅଟା ଝିଅର କାନ୍ଦକାନ୍ଦ ମୁହଁକୁ ଥରେ ଚାହିଁ ପୁଣି ଆକାଶ ଆଡ଼କୁ ଚାହୁଁଥିଲା। ଚାହୁଁଥିଲା ପୁଣି ପାର୍କରେ ଥିବା ବିଭିନ୍ନ ପ୍ରକାରର ସୁନ୍ଦର ଗଛଆଡ଼କୁ। କ'ଣ ଭାବୁଥିଲା କେଜାଣି ଗୋଟାଏ ଦୀର୍ଘଶ୍ୱାସ ତା' ମୁହଁକୁ ଥମ୍‌ଥମ୍ ମେଘୁଆ ଆକାଶ ପରି କରିଦେଉଥିଲା। ସେ ବିଶେଷ କିଛି କହିପାରୁ ନ ଥିଲା ଝିଅଟିକୁ।

ଗପ ସରିଯାଇଥିଲା ନା ତା' ଗପ ଆରମ୍ଭ ହୋଇପାରୁ ନ ଥିଲା, ସେ ନିଜେ ବି ବୁଝିପାରୁ ନ ଥିଲା।

x x x x

ସକାଳର ଚା' କପ୍‌ଟାକୁ ଅପେକ୍ଷା କରି ସୁକାନ୍ତବାବୁ ବସିଥିଲେ। ସ୍ତ୍ରୀ ସୁମିତ୍ରା ଦେବୀ ଚା' କପ୍‌ଟା ଧରାଇ ଦେଇ ଯିବାକୁ ଉଦ୍ୟତ ହେଲାବେଳେ ସେ କହିଲେ, ଟିକିଏ ବସୁନ! ଏତେ ବ୍ୟସ୍ତ କାହିଁକି?

ସୁମିତ୍ରା ଦେବୀ ରହିଯାଇ ସୁକାନ୍ତବାବୁଙ୍କ ମୁହଁକୁ ଚାହିଁ ବସିଲେ। ତେଣେ ପରା ଦୁନିଆ କାମ ପଡ଼ିଛି। ଗାଧୋଇ ଠାକୁର ପୂଜା କରିବି। ବୋହୂ ବବୁଲ୍ ପାଇଁ ଟିଫିନ୍ କରୁଛି। ପୁଣି ରୋଷେଇବାସ ହେଲେ ସେମାନେ ଖାଇକରି ଅଫିସ୍ ଯିବେ। ଆଉ ବସିବି କ'ଣ?

ସୁକାନ୍ତବାବୁ କହିଲେ ଆଜି ଟିକିଏ ବସ। ଗପିବା।

କ'ଣ ଭାବି ପାଖ ଚେୟାରରେ ବସିଗଲେ ସୁମିତ୍ରା ଦେବୀ। କହିଲେ– କୁହ କ'ଣ କହିବ?

ସୁକାନ୍ତବାବୁ କିନ୍ତୁ ଅନ୍ୟମନସ୍କ ଥିଲେ। କ'ଣ ଭାବୁଥିଲେ, କହିଲେ– ବୁଢ଼ାବୁଢ଼ୀ ହୋଇଗଲେ କ'ଣ ଗପ ସରିଯାଏ? ଫୁଲ ଗଛ ତ ମରି ନ ଥାଏ। ପାଣି ମୁନ୍ଦାଏ ଦେଲେ ପୁଣି ଗଛ ସବୁଜେଇଯାଏ ନା?

ସୁମିତ୍ରା ଦେବୀ କହିଲେ: ହେଉ କି କଥା କହିବ କୁହ!

ସୁକାନ୍ତବାବୁ କହିଲେ, ନା ତୁମେ କୁହ!

: ମୁଁ କହିବି, ଆଶ୍ଚର୍ଯ୍ୟ ହୋଇ କହିଲେ ସୁମିତ୍ରା ଦେବୀ, ମୁଁ କ'ଣ କହିବି! ତୁମେ କହୁଛ ବସ ଟିକିଏ ଗପିବା। ପୁଣି ମୋତେ କହୁଛ? ମୁଁ କ'ଣ କହିବି?

: ତୁମେ ଯେଉଁ ଗପ ବବୁଲ୍‌କୁ ପ୍ରତିଦିନ କହୁଛ ସେଇ ଗପ କହୁନ!

: ସେଇ ରାଜାରାଣୀ ଗପ?

: ହଁ ସେଇ ପୁରୁଣା ଗପ। ଏବେ କାହିଁକି ରାତିରେ ମନ ହେଉଛି ସେ ଗପ ଶୁଣିବାକୁ।

: ଥାଉ। ବେହିଆଙ୍କ ପରି ହୁଅନା। ଘରେ ପୁଅ, ବୋହୂ, ନାତି। ତୁମେ କ'ଣ କହୁଚ ନିଜେ ବୁଝିପାରୁଛ ତ?

: ସବୁଗପକୁ ସତରେ କ'ଣ ବୁଝିହୁଏ? ଏଇ ଯେମିତି ସାତ ସମୁଦ୍ର। ସାତ ତାଳ ପଙ୍କ। ପଙ୍କ ଭିତରେ ଫରୁଆ, ସେଠିକୁ କେମିତି ମନପବନ ଘୋଡ଼ାରେ ରଜାପୁଅ ଗଲା। ବୁଢ଼ୀ ଅସୁରୁଣୀକୁ ମାରି ରଜାଝିଅକୁ ନେଇ ଆସିଲା। ବଡ଼ ଆଶ୍ଚର୍ଯ୍ୟ ଆବ୍‌ସର୍ଡ ନୁହେଁ?

: ତୁମେ ଏ ବୁଢ଼ା ବୟସରେ ସେଇ ଆବ୍‌ସର୍ଡ କଥା ପୁଣି ଶୁଣିବାକୁ କେମିତି କହୁଛ?

: ହଁ, ମୋର କାହିଁକି ମନେହୁଏ ସେଇ ଆବ୍‌ସର୍ଡ, ସେଇ ଆଶ୍ଚର୍ଯ୍ୟ ଟିକକ ହିଁ ଗପର ଜୀବନ। ଯେମିତି ବୁଢ଼ାବୁଢ଼ୀ ହେଲା ପରେ ସମ୍ପର୍କ। ଯଦିଓ ଫୁଲଗଛ ବୁଢ଼ା ସେ କିନ୍ତୁ ଜୀବିତ ତ! ମାଳୀ ତ ସବୁଦିନେ ତା' ମୂଳରେ ଅନ୍ୟ ଗଛ ମୂଳରେ ପାଣି ଦେଲାପରି ଦେଉଛି। ଯଦି ହଠାତ୍ ସେ ଗଛରେ ପତ୍ର ଦୁଇଟା କଅଁଳିଲା ମାଳୀ ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି? ବରଂ ସେ ଖୁସି ହେବା କଥା। ତା' ପାଖରେ ବସିବା କଥା।

ସୁମିତ୍ରା ଦେବୀ ବିରକ୍ତ ହୋଇ କହିଲେ, ସେତିକିରେ ରଖ ତୁମ ରସିକପଣ!

ସୁକାନ୍ତବାବୁ କହିଲେ– ସତ କହିଲ, ଆମ ଭିତରେ କ'ଣ ସତରେ ଆଉ କିଛି ଗପ ନାହିଁ ପରସ୍ପର ପରସ୍ପରକୁ କହିବାକୁ କି ପରସ୍ପର ପରସ୍ପରଠାରୁ ଶୁଣିବାକୁ!

ଏହି ସମୟରେ ବବୁଲ୍ ଡାକିଲା– ଜେଜେମା'! ମୋ' ଟିଫିନ୍ ବକ୍ସ କାଲି କେଉଁଠି ରଖିଛୁ ମୁଁ ପାଉନି। ଜଲ୍‌ଦି ଆ' ତ! ସ୍କୁଲ୍ ବସ୍ ଆସିଯିବ।

ସୁମିତ୍ରା ଦେବୀ ଉଠୁଉଠୁ କହିଲେ: ମୁଁ ଆସେ। ତାଙ୍କ ମୁହଁଟା ଦିଶୁଥିଲା ଦୁଃଖଦ, ଗମ୍ଭୀର।

ମୋ: ୯୪୩୭୭୪୫୯୮୩



# ନିବେଶକଙ୍କ କ୍ଷତି ୫.୫୫ ଲକ୍ଷ କୋଟି

ମୁମ୍ବାଇ,୧୭।୩



ଗତ ୪ ଦିନ ହେବ ଭାରତୀୟ ପୁଞ୍ଜିବଜାର ପ୍ରଭାବିତ ସ୍ଥିତିରେ ରହିଛି। ଫଳରେ ନିବେଶକଙ୍କ ସମ୍ପତ୍ତି ୫.୫୫ ଲକ୍ଷ କୋଟି ଟଙ୍କା ହ୍ରାସ ହୋଇଛି। କୋଭିଡ୍-୧୯ ମାମଲା ବଢ଼ିବାରୁ ଏହାର ପ୍ରଭାବ ଷ୍ଟକ୍ ବଜାର ଉପରେ ପଡ଼ିଛି। ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ) ସେନ୍‌ସେକ୍ସରେ ରିଲାଏନ୍ସ ଏବଂ ବ୍ୟାଙ୍କିଙ୍ଗ୍ ଷ୍ଟକ୍‌କାରବାର ବିଶେଷ କ୍ଷତିଗ୍ରସ୍ତ ହୋଇଛି। ସେନ୍‌ସେକ୍ସ ବୁଧବାର ୫୬୨.୩୪ ପଏଣ୍ଟ ବା ୧.୧୨% ନିମ୍ନରେ ରହିବା ଯୋଗୁ ୪୯,୮୦୧.୬୨ ପଏଣ୍ଟ ସ୍ତରରେ ରହିଛି। ଗତ ୪ ଦିନରେ ସୂଚକାଙ୍କ ୧୪୭୭.୮୯ ପଏଣ୍ଟ ବା ୨.୮୮% ଖସି ଯାଇଛି। ବିଏସ୍ଇ ସୂଚୀଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜୀକରଣ ୫.୫୫ ଲକ୍ଷ କୋଟି ଟଙ୍କା କମିବା ଫଳରେ ଏହା ୨୦୩ ଲକ୍ଷ କୋଟି ସ୍ତରକୁ ଖସିଛି। ବିଏସ୍ଇରେ ତୈଳ ଏବଂ ବାଷ୍ପ, ଶକ୍ତି, ରିୟଲ ଇଷ୍ଟେଟ ଏବଂ ୟୁଟିଲିଟି ଶେୟାର ୩.୨୨% ହ୍ରାସ ପାଇଛି। କୋଭିଡ୍ ବାଦ୍ ଦରଦାମ ବୃଦ୍ଧି ନିବେଶକଙ୍କ ମନୋଭାବ ଉପରେ ପ୍ରଭାବ ପକାଇଛି। ସେହିଭଳି ବିଶ୍ୱ ବଜାରରେ କିଛି ଘଟଣା ଛାପ ନିବେଶକଙ୍କ ମନରେ ରହିଛି। ଓଏନ୍‌ଜିସି ଶେୟାର ୪.୯୫% ହ୍ରାସ ହୋଇଛି। ସେହିଭଳି ଏନ୍‌ଟିପିସି, ସନ୍‌ଫାର୍ମା, ଏସ୍‌ବିଆଇ, ଇଣ୍ଡସ୍ଇଣ୍ଡ ବ୍ୟାଙ୍କ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ କାରବାର ମଧ୍ୟ କ୍ଷତି ସହିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଶେୟାର କାରବାର ୨.୧୬% ନିମ୍ନରେ ରହିଛି। ବିଏସ୍ଇର ମିଡ୍‌କ୍ୟାପ୍ ଏବଂ ସ୍ମଲକ୍ୟାପ ସୂଚକାଙ୍କ ୨.୨୮% ନିମ୍ନରେ ରହିଥିବା ଶେୟାର ବଜାର ଡାଟାରୁ ସାମ୍ନାକୁ ଆସିଛି।

# ସଫେଇ କର୍ମୀଙ୍କୁ ଭି-ଗାର୍ଡର ସହାୟତା

ଭୁବନେଶ୍ୱର,୧୭।୩



ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ ସଫେଇ କର୍ମୀଙ୍କୁ ଗମ୍ ବୁଟ୍ ଏବଂ ଗ୍ଲୋଭସ ପ୍ରଦାନ କରାଯାଇଛି। କମ୍ପାନୀ ଏହାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅନ୍ତର୍ଗତ ସଫେଇ କର୍ମୀଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ହାତକୁ ନେଇଛି। ବିଏମ୍‌ସି କମିଶନର ପ୍ରେମ ଚନ୍ଦ୍ର ଚୌଧୁରୀଙ୍କ ଉପସ୍ଥିତିରେ କମ୍ପାନୀ ଏହି ସାମଗ୍ରୀ ସବୁ ପ୍ରଦାନ କରିଛି। କାର୍ଯ୍ୟକ୍ରମରେ ଡେପୁଟି କମିଶନର ଶୁଭେନ୍ଦୁ କୁମାର ସାହୁ, କମ୍ପାନୀର ବ୍ରାଞ୍ଚ ମୁଖ୍ୟ ସୁମନ୍ତ କୁମାର ପ୍ରଧାନ ଏବଂ ଭି-ଗାର୍ଡର ଟିମ୍ ଉପସ୍ଥିତ ଥିଲେ।

## ଆସସ୍ ପକ୍ଷରୁ ନୂଆ ଗେମିଂ ଲାପ୍‌ଟପ୍

ଭୁବନେଶ୍ୱର,୧୭।୩

ଆସସ୍ ଇଣ୍ଡିଆ ନୂଆ ଟିୟୁଏଫ୍ ସିରିଜର ଦୃଢ଼ୀକରଣ ଦିଗରେ ପଦକ୍ଷେପ ଗ୍ରହଣ କରିଛି। କମ୍ପାନୀ ଟିୟୁଏଫ୍ ଡ୍ୟାସ୍ ଏଫ୍୧୫ ଗେମିଂ ଲାପ୍‌ଟପ୍‌କୁ ଭାରତ ବଜାରରେ ଶୁଭାରମ୍ଭ କରିଛି। ସୁପର ସ୍ଲିମ୍ ୧୫ ଇଞ୍ଚର ଏହି ଡିଭାଇସ୍ ପୋର୍ଟେବିଲିଟି, ପତଳା ଏବଂ ହାଲୁକା ଡିଜାଇନ ସହ ବଜାରକୁ ଆସିଛି। ଗେମ୍ ଖେଳିବା, ସବୁ ସ୍ଥାନରେ କାମ କରିବା ସହ ଉତ୍ପାଦକତା ବଢ଼ାଇବା ଦିଗରେ ଏହା ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ନୂଆ ଆସସ୍‌ଲାପ୍‌ଟପ୍‌ସଦ୍ୟତମ ୧୧ତମ ପିଢ଼ିର ଇଣ୍ଟେଲ କୋର୍ ପ୍ରୋସେସର ରହିଛି।

## ଏଲ୍‌ଆଇସିର ନୂଆ ପଲିସି ବଚତ୍ ପ୍ଲସ୍

ନୂଆଦିଲ୍ଲୀ,୧୭।୩

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ପକ୍ଷରୁ ନୂଆ ପଲିସି ବଚତ୍ ପ୍ଲସ୍ ଶୁଭାରମ୍ଭ ଘୋଷଣା କରାଯାଇଛି। ଏହା ଏକ ନନ୍ ଲିଙ୍କ୍‌ଡ, ପାର୍ଟିସିପେଟିଂ, ଇଣ୍ଡିଭିଜୁଆଲ ସେଭିଂ ପ୍ଲାନ୍। ଏହାଦ୍ୱାରା ବୀମାଧାରୀ ଉଭୟ ସୁରକ୍ଷା ଏବଂ ସଞ୍ଚୟ ସୁବିଧା ପାଇପାରିବେ। ପଲିସିଧାରୀଙ୍କ ଆକସ୍ମିକ ମୃତ୍ୟୁ ହେଲେ ପରିବାର ଲୋକଙ୍କୁ ଯେକୌଣସି ସମୟରେ ଏହା ଆର୍ଥିକ ସହାୟତା ଯୋଗାଇଦେବ। ମାଚ୍ୟୁରିଟି ହୋଇ ନ ଥିଲେ ମଧ୍ୟ ଏହି ସୁବିଧା ମିଳିବ। ବୀମାଧାରୀ ମାଚ୍ୟୁରିଟି ପରେ ଲମ୍ପସମ୍ ଅର୍ଥ ଲାଭ କରିପାରିବେ। ପ୍ରିମିୟମ ଲମ୍ପସମ୍ (ସିଙ୍ଗଲ ପ୍ରିମିୟମ) ବା ପାଞ୍ଚ ବର୍ଷର ନିର୍ଦ୍ଦିଷ୍ଟ ସମୟ ଲାଗି ଦେଇହେବ। ପଲିସିକୁ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ କ୍ରୟ କରାଯାଇପାରିବ। ଏ ସମ୍ପର୍କିତ ବିସ୍ତୃତ ତଥ୍ୟ କମ୍ପାନୀର ୱେବ୍‌ସାଇଟ କିମ୍ବା ଅଫ୍‌ଲାଇନରେ ଏଜେଣ୍ଟଙ୍କଠାରୁ ମିଳିପାରିବ। ନୂଆ ପଲିସିର ସୁବିଧା ନେଇ ଲୋକମାନେ ସୁରକ୍ଷା ଏବଂ ସଞ୍ଚୟ ସୁବିଧା ଲାଭ କରିବାକୁ କମ୍ପାନୀ ପକ୍ଷରୁ ନିବେଦନ କରାଯାଇଛି।

# ଅବସର ସମୟ ଲାଗି ଏବେଠୁ ସଞ୍ଚୟ ଜରୁରୀ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER CM, CHARTERED WEALTH MANAGER
"Director, SmartMantra Financial Services Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରିପାରିବେ।

**ମୋ ବୟସ ୩୩ ବର୍ଷ ଓ ବିବାହିତା। ଅବସରକାଳୀନ ଖର୍ଚ୍ଚ ପାଇଁ ବା ପେନ୍‌ସନ ପାଇବା ପାଇଁ କିଛି ବି ସଞ୍ଚୟ କରିନାହିଁ। ଘରୋଇ କମ୍ପାନୀରେ କାମ କରୁଥିବାରୁ ପେନ୍‌ସନ ପାଇଁ ବିଶେଷ କିଛି ସୁବିଧା ନାହିଁ। ପେନ୍‌ସନ ପାଇବା ପାଇଁ ଅବସରକାଳୀନ ପାଣ୍ଠି ଗଠନ କ୍ଷେତ୍ରରେ କ'ଣ କରିବାକୁ ପଡ଼ିବ? କେଉଁ ସ୍କିମ୍ ଭଲ ହେବ?**

**-ମଳୟ ମିଶ୍ର, ସମ୍ବଲପୁର**

▶ ବର୍ତ୍ତମାନ ଜୀବନ ବ୍ୟସ୍ତବହୁଳ, ସମୟର ଅଭାବ ଓ ପରିବାରର ଦାୟିତ୍ୱ ଆଦିକୁ ଦୃଷ୍ଟିରେ ରଖି ନିଜର ସମସ୍ତ ଆର୍ଥିକ ଲକ୍ଷ୍ୟ ସବୁ ହାସଲ କରିବା ବହୁତ କଷ୍ଟ। ଆମେ ପ୍ରାୟତଃ ନିଜର ଇଚ୍ଛା ଓ ଆଶା ପୂରଣ କରିବା ପାଇଁ ଅବସରକାଳୀନ ପାଣ୍ଠି ଗଠନ ସଞ୍ଚୟ କାର୍ଯ୍ୟକୁ ଘୁଞ୍ଚାଇବା ପାଇଁ ଇଚ୍ଛା କରିଥାଉ। ଏସବୁ ଆର୍ଥିକ ଲକ୍ଷ୍ୟସବୁ ହାସଲ ହୋଇସାରିବା ପରେ ଅବସରକାଳୀନ ପାଣ୍ଠି ଗଠନ ପାଇଁ ସଞ୍ଚୟ କରିବା ପ୍ରକୃତରେ ଏହା ଏକ ଭ୍ରାନ୍ତଧାରଣା। ପ୍ରକୃତରେ ଆମେ ସମସ୍ତେ କେବେ ବି ହୃଦୟଙ୍ଗମ କରିପାରୁ ନାହିଁ ଯେ, ଅବସରକାଳୀନ ସମୟରେ ସମୟ ଅଭାବ ରହିବ ନାହିଁ। କିନ୍ତୁ ପାଣ୍ଠିର ଅଭାବ ବା ମାସିକ ଜୀବନଶୈଳୀ ଖର୍ଚ୍ଚ ବା ମେଡିସିନ୍ ଖର୍ଚ୍ଚ ପାଇଁ ମାସିକ ପାଣ୍ଠିର ଅଭାବ ରହିବ। ତେଣୁ ଆପଣ ଏବେଠୁ ହିଁ ସଞ୍ଚୟ କରିବା ନିହାତି ଜରୁରୀ। ଫଳରେ ଭବିଷ୍ୟତ ଅବସରକାଳୀନ ସମୟକୁ ଇଚ୍ଛାନୁଯାୟୀ ବିତାଇପାରିବେ।

ଅବସରକାଳୀନ ପାଣ୍ଠି ଗଠନ କରିବା ସମୟରେ କେତୋଟି ପ୍ରଶ୍ନକୁ ଦୃଷ୍ଟି ଦେଇ ସଞ୍ଚୟ ବା ନିବେଶ ଆରମ୍ଭ କରନ୍ତୁ। ମୋର ଅବସରକାଳୀନ ସମୟ ପାଇଁ କେତେ ଅର୍ଥ ଆବଶ୍ୟକ ହେବ? ଅବସରକାଳୀନ ସମୟ କେତେ ବର୍ଷ ପର୍ଯ୍ୟନ୍ତ ଅର୍ଥ ଆବଶ୍ୟକ ରହିବ? ମୋର ଚିକିତ୍ସା ଖର୍ଚ୍ଚ କିମ୍ବା ମାସିକ ଔଷଧ ଖର୍ଚ୍ଚ ପାଇଁ କିଛି ପଦକ୍ଷେପ ନେଇଛି କି? ଅବସରକାଳୀନ ପାଣ୍ଠି ଗଠନ କରିବା ପାଇଁ କ'ଣ ସବୁ ପଦକ୍ଷେପ ନେବା ନିହାତି ଜରୁରୀ? କିପରି ଅବସରକାଳୀନ ପାଣ୍ଠି ଗଠନ କରିବେ?

ପ୍ରଥମତଃ ଆପଣଙ୍କର ଅବସରକାଳୀନ ପାଣ୍ଠି କେତେ ଆବଶ୍ୟକ ହେବ ହିସାବ କରନ୍ତୁ। ମନେରଖନ୍ତୁ, ମୁଦ୍ରାସ୍ଫୀତି ଏହି ଯୋଜନାକୁ ବହୁତ ପ୍ରଭାବ ପକାଇଥାଏ। ଯଦି ମୁଦ୍ରାସ୍ଫୀତି ହାର ପ୍ରଭାବକୁ ଅଣଦେଖା କରନ୍ତି ତେବେ ଆପଣ ଅବସର ଗ୍ରହଣ କରିବା ବେଳକୁ ଆପଣଙ୍କ ପାଣ୍ଠିର ମୂଲ୍ୟ ହ୍ରାସ ହୋଇସାରିଥିବ। ଆପଣଙ୍କ ବର୍ତ୍ତମାନ ବୟସ ୩୩ ବର୍ଷ ଧରିନେବା ଆପଣଙ୍କ ଅବସର ଗ୍ରହଣ ବୟସ ୬୦ ବର୍ଷ। ଆପଣଙ୍କ ଘରର ମାସିକ ଖର୍ଚ୍ଚ ୧୦,୦୦୦ ଟଙ୍କା ଓ ମୁଦ୍ରାସ୍ଫୀତି ହାର ବାର୍ଷିକ ୭% ଧରିନେବା। ତେବେ ବର୍ତ୍ତମାନର ଦୈନନ୍ଦିନ ଜୀବନଶୈଳୀ ଖର୍ଚ୍ଚ ଚାଲୁରଖିବା ପାଇଁ ଅବସର ନେବାର ପ୍ରଥମ ମାସରୁ ହିଁ (୨୭ ବର୍ଷ ପରେ ୨୦୪୮ ମସିହା) ଆପଣଙ୍କୁ ୬୨,୧୩୯ ଟଙ୍କା ମାସିକ ଆବଶ୍ୟକ ରହିବ। ଯଦି ଆପଣଙ୍କ ଅବସରକାଳୀନ ଜୀବନ ୧୫ ବର୍ଷ ଧରିନେବା, ମୁଦ୍ରାସ୍ଫୀତି ହାର ବାର୍ଷିକ ୭% ଓ ଅବସର ସମୟରେ ନିବେଶ ସୁଧହାର ବାର୍ଷିକ ୯% ହିସାବକୁ ନେବା ତେବେ ଆପଣଙ୍କୁ ୯୭,୭୩,୭୩୬ ଟଙ୍କାର ଏକ ପାଣ୍ଠି ଗଠନ କରିବାକୁ ପଡ଼ିବ; ଯାହାକି ମାସିକ ପ୍ରଥମରୁ ୬୧,୧୩୯ ଟଙ୍କା ଉଠାଣ କରିପାରିବେ। ଯଦି ଆପଣଙ୍କ ନିବେଶ କରିଥିବା ରାଶି ବାର୍ଷିକ ୧୦% ସୁଧହାର ପ୍ରଦାନ କରିବ ତେବେ ଆପଣଙ୍କ ମାସିକ ୫,୯୩୯ ଟଙ୍କା ମାସିକ ନିବେଶ କରିବାକୁ ପଡ଼ିବ। ଏହା ଏକ ଉଦାହରଣ ଆପଣଙ୍କ ପାଇଁ ଦିଆଯାଇଛି। କିନ୍ତୁ ଆପଣ ନିଜର ବ୍ୟକ୍ତିଗତ ଅବସରକାଳୀନ ଯୋଜନା ପାଇଁ ହିସାବ କରିବାକୁ ପଡ଼ିବ।

ଆମର ପରାମର୍ଶ ଅବସରକାଳୀନ ପାଣ୍ଠି ଗଠନ ଯୋଜନା ଏକ ଦୀର୍ଘକାଳୀନ କାର୍ଯ୍ୟଧାରା। ଏସବୁ ଦୃଷ୍ଟିରେ ରଖି ଆପଣ ଜଣେ ଚାର୍ଟାର୍ଡ ୱେଲ୍‌ଥ ମ୍ୟାନେଜର କିମ୍ବା ସାର୍ଟିଫାଏଡ୍ ଫାଇନାନ୍ସିଆଲ ପ୍ଲାନରଙ୍କ ପରାମର୍ଶରେ ନିବେଶ କରିବା ଉଚିତ ହେବ।

**ମ୍ୟୁଚୁଆଲ ଫଣ୍ଡରେ ଏସ୍ଆଇପି କେତେ ଟଙ୍କାରୁ ମାସିକ ଆରମ୍ଭ କରାଯାଇପାରିବ? ସର୍ବନିମ୍ନ ମାସିକ ୨୫୦ ଟଙ୍କା ଏସ୍ଆଇପି କରିପାରିବି କି?**

**-ସୁନୀତା ବେହେରା, କେନ୍ଦ୍ରାପଡ଼ା**

▶ ଆପଣ ମାସିକ ୨୫୦ ଟଙ୍କା ଏସ୍ଆଇପି (ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍)ରେ ନିବେଶ କରିପାରିବେ। ମ୍ୟୁଚୁଆଲ ଫଣ୍ଡ ନିବେଶ କରିବା କ୍ଷେତ୍ରରେ ନିବେଶ ସମ୍ପର୍କିତ ରିସ୍କ ଓ ସ୍କିମ୍ ବିଷୟରେ ଭଲ ଭାବରେ ବୁଝିନେବା ଉଚିତ।

ଆମ ଠିକଣା
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ
ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦

## ସୋନିର ନୂଆ ଆଲ୍‌ଫା ୧ କ୍ୟାମେରା

ଭୁବନେଶ୍ୱର,୧୭।୩

ପ୍ରମୁଖ କମ୍ପାନୀ ସୋନି ପକ୍ଷରୁ ନୂଆ ଆଲ୍‌ଫା-୧ କ୍ୟାମେରା ବଜାରକୁ ଆସିଛି। ୫୦.୧ ମେଗା ପିକ୍ସେଲ ଫୁଲ୍ ଫ୍ରେମ୍ ଏବଂ ମିରରଲେସ୍ ସୁବିଧା ସହ ଏହା ଉପଲବ୍ଧ ହେଉଛି। ବ୍ଲାକ୍‌ଆଉଟ ଫ୍ରି କଣ୍ଟିନିୟମ ସୁଟିଂ ଦ୍ୱାରା ସେକେଣ୍ଡ ପିଛା ୩୦ ଫ୍ରେମ୍ ଯାଏ ଏହା ସୁଟ୍ କରିପାରିବ। ୮କେ ଏଚ୍‌ଏସ୍ ଭିଡିଓ ରେକର୍ଡିଂ, ୪କେ ମୁଭିଂ ସୁଟିଂ କ୍ଷମତା ରହିଛି। ନୂଆ ଉଦ୍ଭାବନ ସହ ବଜାର ଚାହିଦାକୁ ନଜରରେ ରଖି ପ୍ରଡକ୍ଟ ରେଞ୍ଜ ବଜାରକୁ ପ୍ରବେଶ କରାଯାଉଛି ବୋଲି ସୋନି ଇଣ୍ଡିଆର ଡିଜିଟାଲ ଇମେଜିଂ ବାଣିଜ୍ୟ ମୁଖ୍ୟ ମୁକେଶ ଶ୍ରୀବାସ୍ତବ ସୂଚନା ଦେଇଛନ୍ତି।

## ରାମମନ୍ଦିର ଲାଗି ଏମ୍‌ଡିଏଚ୍ ଦେଲା ୧ କୋଟି

ନୂଆଦିଲ୍ଲୀ,୧୭।୩



ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣରେ ଏମ୍‌ଡିଏଚ୍ ପ୍ରାଇଭେଟ ଲିମିଟେଡ୍ ୧ କୋଟି ଟଙ୍କାର ସହାୟତା ପ୍ରଦାନ କରିଛି। କମ୍ପାନୀର ଅଧ୍ୟକ୍ଷ ରାଜୀବ ଗୁଲାଟି ଉପସ୍ଥିତ ରହି ଏହି ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ମୋ ବାପା ଧର୍ମପାଲ ଜୀ ଧାର୍ମିକ କାର୍ଯ୍ୟ ଦିଗରେ ମନୋନିବେଶ କରିଥିଲେ। ତାଙ୍କରି ଇଚ୍ଛାକୁ ସମ୍ମାନ ଜଣାଇ କମ୍ପାନୀ ସହାୟତା ରାଶି ଦେଇଛି। ପଶ୍ଚିମ ଦିଲ୍ଲୀ ଲୋକସଭା କ୍ଷେତ୍ରରେ ସମସ୍ତେ ମିଳିତ ହୋଇ ୧୩ କୋଟି ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଆର୍‌ଏସ୍‌ଏସ୍ ଦିଲ୍ଲୀର ସଂଘ ପରିଚାଳକ କୁଳଭୂଷଣ ଆହୁଜା ଏବଂ ସାଂସଦ ପ୍ରବେଶ ବର୍ମା ଉପସ୍ଥିତ ଥିଲେ।

## ରାଜ୍ୟ ଖବର

# ୯ ଜିଲ୍ଲାରେ ନିର୍ମାଣ ହେବ ୫୪୩ ରାସ୍ତା, ୭୭ ପୋଲ

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ)ର ୩ୟ ପର୍ଯ୍ୟାୟ ପ୍ରଥମ ଦଫାରେ ଅନୁମୋଦିତ ହୋଇଥିବା ୩୪୦ ରାସ୍ତା ପ୍ରକଳ୍ପର କ୍ଷେତ୍ରସ୍ତରୀୟ କାର୍ଯ୍ୟ ଆରମ୍ଭ କରିଛି। ଦ୍ୱିତୀୟ ଦଫାରେ ନୂଆ ୫୪୩ ରାସ୍ତା ଓ ୭୭ ପୋଲ ପ୍ରକଳ୍ପକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଷ୍ଟାଣ୍ଡିଂ କମିଟି ବୈଠକରେ ଅନୁମୋଦନ ମିଳିଛି। ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ପ୍ରଶାସନିକ, ଆର୍ଥିକ ଓ ବୈଷୟିକ ବିଷୟ ସହ ନୂଆ ପ୍ରକଳ୍ପ ପ୍ରସ୍ତାବ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ରାସ୍ତା ଓ ପୋଲ ନିର୍ମାଣରେ ଗୁଣାତ୍ମକମାନ ରକ୍ଷା ସହ ପରବର୍ତ୍ତୀ ସମୟରେ ସେଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ଦ୍ଦେଶକ ସୁଦର୍ଶନ ପରିଡ଼ା କହିଛନ୍ତି, ପିଏମ୍‌ଜିଏସ୍‌ୱାଇ-୩ୟ ପର୍ଯ୍ୟାୟ ୨ୟ ଦଫା ନିମନ୍ତେ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ୯ ଜିଲ୍ଲାରେ କାର୍ଯ୍ୟକାରୀ ହେବ। ଏହି ଜିଲ୍ଲାଗୁଡ଼ିକ ହେଲା ବଲାଙ୍ଗୀର, ଭଦ୍ରକ, ଗଞ୍ଜାମ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ନୟାଗଡ଼ ଏବଂ ପୁରୀ। ଏହିସବୁ ଜିଲ୍ଲାରେ ୩୪୩୫ କି.ମି. ରାସ୍ତାର ପ୍ରଶସ୍ତୀକରଣ ଓ ବିକାଶ କରାଯିବା ସହ ୭୭ଟି ପୋଲ ନିର୍ମାଣ ହେବ। ଏହିସବୁ ପ୍ରକଳ୍ପରେ ପ୍ରାୟ ୨,୨୨୯ କୋଟି ଟଙ୍କା ବିନିଯୋଗ କରାଯିବ। ବର୍ତ୍ତମାନ ସୁଦ୍ଧା ପିଏମ୍‌ଜିଏସ୍‌ୱାଇରେ ପ୍ରାୟ ୬୨ ହଜାର କି.ମି. ରାସ୍ତା ଏବଂ ୪୧୨ଟି ପୋଲ ନିର୍ମାଣ ସରିଛି। ଏହିସବୁ ପ୍ରକଳ୍ପରେ ପ୍ରାୟ ୨୭ ହଜାର କୋଟି ଟଙ୍କା ବିନିଯୋଗ କରାଯାଇଛି ବୋଲି ପରିଡ଼ା କହିଛନ୍ତି। ପରିବର୍ତ୍ତିତ ନିୟମ ଅନୁସାରେ ପିଏମ୍‌ଜିଏସ୍‌ୱାଇରେ ରାସ୍ତା ନିର୍ମାଣ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ୬୦:୪୦ ଅନୁପାତରେ ପାଣ୍ଠି ଯୋଗାଉଛନ୍ତି। ଏହାଛଡ଼ା ଆବଶ୍ୟକ ପଡୁଥିବା ଜମି ଅଧିଗ୍ରହଣ ଏବଂ ବିଜୁଳି ଓ ଟେଲିଫୋନ୍ ଖୁଣ୍ଟି ଆଦିର ସ୍ଥାନାନ୍ତର ନିମନ୍ତେ ଆବଶ୍ୟକ ପାଣ୍ଠି ରାଜ୍ୟ ସରକାର ଯୋଗାଉଛନ୍ତି। ନିର୍ମାଣ ପରବର୍ତ୍ତୀ ରକ୍ଷଣାବେକ୍ଷଣ ଖର୍ଚ୍ଚ ମଧ୍ୟ ରାଜ୍ୟ ସରକାରଙ୍କ ପାଣ୍ଠିରୁ କରାଯାଉଛି।

# ଟ୍ରଲର ମାଲିକଙ୍କୁ ହତ୍ୟା ଘଟଣା, ୮ ଗିରଫ

ବାଲେଶ୍ୱର ଅଫିସ, ୧୭।୩



ଏସ୍‌ପିଙ୍କ ଖବରଦାତା ସମ୍ମିଳନୀରେ ଗିରଫ ୮ ଅଭିଯୁକ୍ତ

■ ୨ ବନ୍ଧୁକ, ୨ ଗୁଳି, ୨ଟି ତେଲଙ୍ଗା କଟୁରି, ଗୋଟିଏ ଖଣ୍ଡା ଜବତ

■ ଇଲେକ୍ଟ୍ରି ତାର ଟଣାକୁ ନେଇ ଉପୁଜିଥିଲା ବିବାଦ

ବାଲେଶ୍ୱର ଜିଲା ମେରାଇନ୍ ଥାନା ବଳରାମଗଡ଼ି ନିକଟ ନାଉପାଳଗଡ଼ିରେ ଟ୍ରଲର ମାଲିକ ବିଜୟ କୁମାର ପ୍ରଧାନଙ୍କୁ ହତ୍ୟା ଘଟଣାର ୨ଦିନ ପରେ ଜିଲା ପୋଲିସର ସ୍ୱତନ୍ତ୍ର ଟିମ୍ ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨ଟି ଦେଶୀ ବନ୍ଧୁକ, ୨ ଗୁଳି, ୨ଟି ତେଲେଙ୍ଗା କଟୁରୀ ଓ ଗୋଟିଏ ଖଣ୍ଡା ଜବତ କରାଯାଇଛି। ଇଲେକ୍ଟ୍ରି ତାର ଟଣାକୁ ନେଇ ଉପୁଜିଥିବା ବିବାଦ ହତ୍ୟାକାଣ୍ଡର ରୂପ ନେଇଥିଲା ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ମୀର୍ଜାପୁର ଅଞ୍ଚଳର ଏସ୍‌କେ ରଫିକ, ଏସ୍‌କେ ଫରିଦ, ସୁଏଲପୁର ଅଞ୍ଚଳର ରବି ବାରିକ, ଅରଡ଼ବଜାର ଅଞ୍ଚଳର ଏମ୍‌ଡି ହବିବ, ଭାସ୍କରଗଞ୍ଜ ଅଞ୍ଚଳର ଆଶିଷ କୁମାର ଶ୍ରୀଚନ୍ଦନ, ନୂଆବଜାର ଅଞ୍ଚଳର ବିଶ୍ୱଜିତ୍ ସେଣ୍ଠ, ହର୍ଷପୁରା ଅଞ୍ଚଳର ବିଜୟ ଦାସ ଓ ରାଜେନ୍ଦ୍ର ମହାଳିକ। ଏଥିରେ ଜାପାନୀ ଗ୍ରୁପ୍ ନାମକ ଏକ ଗ୍ୟାଙ୍ଗ୍ ସାମିଲ ଥିବା ତଦନ୍ତରୁ ଜଣାପଡ଼ିଛି।

ଏସ୍‌ପି ମିଶ୍ରଙ୍କ ସୂଚନା ଅନୁଯାୟୀ, ମାସେ ପୂର୍ବରୁ ସଦର ଥାନା ବଇଞ୍ଚା ଅଞ୍ଚଳରେ ଇଲେକ୍ଟ୍ରି ତାର ଟଣାକୁ ନେଇ ବିବାଦ ଉପୁଜିଥିଲା। ଏନେଇ ବିଜୟଙ୍କ ଭଣଜା ଥାନାରେ ଲିଖିତ ଅଭିଯୋଗ ହତ୍ୟା ଯୋଜନା କରିଥିଲେ। ଜଣେ ଲୋକଙ୍କୁ ସେଠାରେ ରଖି ସମସ୍ତ ଖବର ସଂଗ୍ରହ କରୁଥିଲେ। ଅପରାହ୍ନରେ ଟ୍ରଲର ମାଲିକ ବିଜୟ ନାଉପାଳଗଡ଼ିରେ ପହଞ୍ଚିବା ପରେ ଜଗି ରହିଥିବା ଲୋକଟି ଅଭିଯୁକ୍ତମାନଙ୍କୁ ଖବର ଦେଇଥିଲେ। ଅଭିଯୁକ୍ତମାନେ ପହଞ୍ଚି ପ୍ରଥମେ ବିଜୟଙ୍କୁ ଖଣ୍ଡା ଓ ଭୁଜାଲିରେ ଆକ୍ରମଣ କରିଥିଲେ। ଭୟରେ ସେ ଟ୍ରଲର ଭିତରକୁ ପଶି ଯାଇଥିଲେ ମଧ୍ୟ ଅଭିଯୁକ୍ତମାନେ ବନ୍ଧୁକ କାଢ଼ି ଗୁଳି ମାରିଥିଲେ। ବିଜୟଙ୍କ ଦେହରେ ୮ରୁ ୧୦ରାଉଣ୍ଡ ଗୁଳି ବାଜିବା ପରେ ସେ ଅଚେତ୍ ହୋଇ ପଡ଼ିଯାଇଥିଲେ। ଏହାପରେ ୪ ଅଭିଯୁକ୍ତ ଦୁଇଟି ବାଇକ୍‌ରେ ସଡକ ପଥରେ ଯାଇଥିବା ବେଳେ ଅନ୍ୟମାନେ ବୋଟ୍‌ରେ ସମୁଦ୍ର ଭିତରକୁ ପଳାଇ ଯାଇଥିଲେ। ଅଚେତ୍ ଭାବେ ପଡ଼ିଥିବା ବିଜୟଙ୍କୁ ପୋଲିସ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମେରାଇନ୍ ଥାନାରେ ଆଇପିସି ୩୦୨, ୩୪ (ଆର୍ମ ଆକ୍ଟ ୧୯୬୫) ୨୫ ଓ ୨୭ ଦଫାରେ ମାମଲା (ନଂ. ୩/୨୧) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ମିଶ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ଡିଏସ୍‌ପି ଅମୂଲ୍ୟ କୁମାର ଧର ଓ ଅନୁପ କୁମାର କାନୁନ୍‌ଗୋ ଉପସ୍ଥିତ ଥିଲେ।

ODISHA RENEWABLE ENERGY DEVELOPMENT AGENCY
S-3/59, Mancheswar Industrial Estate, Bhubaneswar - 751010
Phone: (0674) 2588260, 2586398, 2580554, Fax: 2586368
Website: www.oredaorissa.com, Email: ceoreda@oredaorissa.com
e-TENDER CALL NOTICE
Notice No. 1178 Date: 15.03.2021
No. CAD-1550: Request for Proposal (RFP) is invited for Empanelment of Energy Audti Firm for undertaking Energy Audits.
Details can be seen from the website www.oredaorissa.com. Further corrigendum, if any, will be uploaded in these websites only.
Sd./- Chief Executive
OIPR-28005/11/0004/2021

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୩୪ ତା: ୦୧।୦୩।୨୧
ବିଜ୍ଞାପନ
No. CAD-1561: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଦ୍ୱିତୀୟ ପର୍ଯ୍ୟାୟ, ଚୌଦ୍ୱାର ହାଉସିଂ ପ୍ରକଳ୍ପରେ ଘର ନଂ. ଏମ୍.ଆଇ.ଜି.-୧-୧୧୦ (MIG-1-110)କୁ ସୁଶାନ୍ତ କୁମାର ମଣ୍ଡଳ, ପି.- ପ୍ରାଣବଲ୍ଲଭ ମଣ୍ଡଳ, ଗ୍ରା: ଚୌଦ୍ୱାର, ପୋ: ଚାରବାଟିଆ, ଥା: ଚୌଦ୍ୱାର, ଜି.: କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ସୁଶାନ୍ତ କୁମାର ମଣ୍ଡଳ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ବୋରା ବୃନ୍ଦାବନ, ପି.- ବୋରା ତରନେୟ, ଗ୍ରା: ପୂର୍ଣ୍ଣତାକାମ୍, ପୋ: ଏଭୁପୁରମ୍, ଥା: ଇଚ୍ଛାପୁରମ, ଜି.: ଶ୍ରୀକାକୁଳମ (ଆନ୍ଧ୍ରପ୍ରଦେଶ)ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0097/2021

ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର
ନୋଟିସ ସଂଖ୍ୟା: ୨୨୮୭ ତାରିଖ: ୧୫।୦୩।୨୦୨୧
ଦୈନିକ/ସାପ୍ତାହିକ ବଜାର ନିଲାମ ନୋଟିସ ୨୦୨୧-୨୦୨୨
No. C-708: ଏତଦ୍ୱାରା ସର୍ବ ସାଧାରଣ ଓ ଇଚ୍ଛୁକ ବ୍ୟକ୍ତିଙ୍କୁ ଜଣାଇ ଦିଆଯାଉଛି ଯେ ଚଳିତ ଆର୍ଥିକ ବର୍ଷ ୨୦୨୧-୨୦୨୨ ନିମନ୍ତେ ମହାନଗର ନିଗମ, ସମ୍ବଲପୁର ଦୈନିକ/ସାପ୍ତାହିକ ବଜାର ଇତ୍ୟାଦି ବିଧିବଦ୍ଧ ଟେଣ୍ଡର ନୋଟିସ ସଂଖ୍ୟା ୨୨୮୩, ତା୧୫।୦୩।୨୦୨୧ ମଧ୍ୟରେ ପ୍ରକାଶିତ ହୋଇଅଛି। ନିଲାମ ନୋଟିସର ସବିଶେଷ ତଥ୍ୟ ୱେବସାଇଟ୍ (www.smcsambalpur.nic.in)ରେ ଉପଲବ୍ଧ ଅଛି। ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ୱେବସାଇଟ ମାଧ୍ୟମରୁ ଆବେଦନ ଫର୍ମ, ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ। ଟେଣ୍ଡର ପେପର ଉପଲବ୍ଧ ସମୟ ୧୫।୦୩।୨୦୨୧ରୁ ୨୫।୦୩।୨୦୨୧ ଅପରାହ୍ନ ୫.୩୦ ମିନିଟ୍। ଟେଣ୍ଡର ଫର୍ମ ଡାକ, ସ୍ପିଡ ପୋଷ୍ଟ, କୋରିଅର ଯୋଗେ ଦାଖଲ ସମୟ ୨୫।୦୩।୨୦୨୧ ଅପରାହ୍ନ ୩.୦୦ମି. ପର୍ଯ୍ୟନ୍ତ। ଟେଣ୍ଡର ଖୋଲାଯିବା ସମୟ ୨୬।୦୩।୨୦୨୧ ଅପରାହ୍ନ ୪.୩୦ ମି.।
ସ୍ୱା./- ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର
OIPR-13122/11/0007/2021

OFFICE OF THE MUNICIPAL COUNCIL, BELPAHAR
Tel.: 06645-250458, Fax: 06645-250236, E-mail: nacbelpahar@gmail.com
No. 630 / Dt.15.03.2021
CANCELLATION OF QUOTATION CALL NOTICE NO. 402 DT.25.02.2021
No. C-699: This is for information of all concerned that the Quotation Call Notice of Belpahar Municipality bearing Quotation Call Notice No. 402 Dtd.25.02.2021 for Sanitation & Cleaning Services of the 19 (Nineteen) Nos. of wards under Belpahar Municipality is hereby cancelled due to some unavoidable circumstances. This is for information to all concerns.
Sd./- Executive Officer
Belpahar Municipality
OIPR-13024/11/0006/2021

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ବିଜେପୁର
OFFICE OF THE NOTIFIED AREA COUNCIL, BIJEPUR
AT/PO/PS: Bijepur, Dist.: Bargarh (Odisha), PIN: 768032
Phone No. 06685-274153,
Email ID: bijepurnac2018@gmail.com, Website: bijepurnac.in
Letter No.316/NACB Date: 17.03.2021
EXPRESSION OF INTEREST
No.C-693:- The Executive Officer, Notified Area Council, Bijepur on behalf of Bijepur N.A.C. invites "Expression of Interest" from Comptroller and Auditor General Empanelled Audit Firms for Auditing of Annual Accounts for the year 2018-19 to 2020-21 of Bijepur NAC, District: Bargarh. The expression of interest should indicate the Audit Fees Taxes, T.A./D.A. and accommodation charges, if any, separately with detail biodata of the Firm and it should reach in the abvoe mentioned address in sealed envelopes through Registered/ Speed Post on or before 31st March, 2021 by 12 Noon. The minimum fee of Audit and criterion for selection is given hereunder. The EOI will be opened in the same day at 3.30 P.M. The interested party or their authorized representative may attend the same.
The authority reserves all the right to accept/reject any or all the 'EOI' without assigning any reason thereof.
TECHNICAL CRITERIA FOR SELECTION

| CRITERIA | MARKS |
|---|---|
| No. of CA in the Firm | Upto 10 Nos.- 10 Marks |
| | 11 to 20 Nos. - 20 Marks |
| Nos. of years of Establishment of Firm | Upto 15 years - 10 Marks |
| | 15 to 25 years- 15 Marks |
| | 25 to 35 years- 20 Marks |
| | Above 35 years- 25 Marks |
| Turnover per Annum | Upto 20 Lakhs- 10 Marks |
| | 21 to 40 Lakhs- 15 Marks |
| | Above 40 Lakhs- 20 Marks |
| Audit Experience | Govt. Audit each Organization/PSU- 05 Marks |
| | Finalization of Municipal Account using e-Municipality- 05 Marks |
| Head Office in Odisha | 05 Marks |

SCOPE OF WORKS: Preparation of financial statements i.e. income & expenditure account, balance sheet, all schedules to income and expenditure and balance sheet, receipt payment account and trail balance etc. and Bank reconciliation statement audited from 2018-19 to 2020-21 (Year wise).
TERMS & CONDITIONS: (1) Minimum audit fees per year Rs.20,000/- (Rupees Twenty Thousand) only, (2) Necessary documents such as GSTN/PAN/Registration of Firm / CAG empanelled certificate or documents should be attachment, (3) All documents should be attached as indicate in the criteria for selection.
Sd./- Executive Officer, N.A.C., Bijepur
OIPR-13123/11/0003/2021

# ଭାରତ ପାଇଁ କର ବା ମର ସ୍ଥିତି

**ଅହମଦାବାଦ,୧୭।୩(ପି.ଟି.)**

ଇଂଲଣ୍ଡ ବିପକ୍ଷ ଚଳିତ ଟି୨୦ ସିରିଜରେ ଭାରତ କର ବା ମର ସ୍ଥିତିରେ ଉପନୀତ ହୋଇଛି। ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୨-୧ରେ ପଛରେ ପଡିଥିବା ବେଳେ ଗୁରୁବାର ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଚତୁର୍ଥ ଟି୨୦ ମ୍ୟାଚ୍ ଖେଳାଯିବ। ଫଳରେ ସିରିଜ ବଞ୍ଚାଇବାକୁ ହେଲେ ଭାରତକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡିଛି। ଅନ୍ୟପଟେ ଇଂଲଣ୍ଡ ଏହି ମ୍ୟାଚ୍ ଜିତି ଆଗୁଆ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ସିରିଜରେ ଏ ପର୍ଯ୍ୟନ୍ତ ଟସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି।

## ଚତୁର୍ଥ ଟି୨୦ ଆଜି

ଟସ୍ ଜିତିବା ଦଳ ମ୍ୟାଚ୍ ଜିତିଛି। ତେଣୁ ଭାରତକୁ ଏଥର ଟସ୍‌ର ଏହି ଭୂମିକାକୁ ପଛରେ ପକାଇ ଅଲରାଉଣ୍ଡ ପ୍ରଦର୍ଶନ ଉପରେ ଧ୍ୟାନଦେବାର ଆବଶ୍ୟକତା ରହିଛି। ପଛରେ ଚେଜ୍ କରିଥିବା ଦଳ ସହଜରେ ବିଜୟୀ ହେଉଥିବା ବେଳେ ଭାରତକୁ ଏହି ଧାରା ଭାଙ୍ଗିବାକୁ ହେବ।

ଆଗକୁ ଭାରତରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବା ବେଳେ ଅଧିନାୟକ ବିରାଟ କୋହଲି ପ୍ରଦର୍ଶନର ଉନ୍ନତି ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରଥମେ ବ୍ୟାଟିଂ ହେଉ କି ପଛରେ ରନ୍ ଚେଜ୍ କରିବା ହେଉ ଦୁଇଟି ଯାକ ସ୍ଥିତିରେ ଭଲ କରିବାର ଆବଶ୍ୟକତା ରହିଛି। ୩ଟିରୁ ୨ଟି ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ପରାସ୍ତ ହୋଇଛି। ପାୱାରପ୍ଲେରେ ଭାରତ ସଂଘର୍ଷ କରୁଥିବାର ଲକ୍ଷ୍ୟ କରାଯାଇଛି। ଯାହାଫଳରେ ଭାରତ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଛି। ଅବଶ୍ୟ ଶ୍ରେୟାସ ଆୟାର ଓ ବିରାଟ କୋହଲି ଭଲ ପ୍ରଦର୍ଶନ କରିଛନ୍ତି। ଓପନର ଲୋକେଶ ରାହୁଲ ବାରମ୍ବାର ବିଫଳ ହେଉଥିଲେ ମଧ୍ୟ କୋହଲି ତାଙ୍କୁ ସମର୍ଥନ କରିଛନ୍ତି। ରାହୁଲ ଓ ରୋହିତ ଶର୍ମା ଦଳର ପ୍ରଥମ ପସନ୍ଦର ଓପନିଂ ଯୋଡି ବୋଲି ସେ ସ୍ପଷ୍ଟ କରିଛନ୍ତି। ଗତ ୨-୩ ବର୍ଷ ମଧ୍ୟରେ ଏହି ଦୁଇ ବ୍ୟାଟ୍ସମ୍ୟାନ ଅନ୍ୟମାନଙ୍କଠାରୁ ଯଥେଷ୍ଟ ଭଲ ପ୍ରଦର୍ଶନ କରିଛନ୍ତି। ତେଣୁ ରାହୁଲ ପ୍ରଥମ ପସନ୍ଦର ଓପନିଂ ବ୍ୟାଟ୍ସମ୍ୟାନ। ତେଣୁ ରୋହିତ ଓ ରାହୁଲଙ୍କୁ ନେଇ ବ୍ୟସ୍ତ ଓ ଚିନ୍ତିତ ହେବାର କିଛି ନାହିଁ ବୋଲି କୋହଲି ସ୍ପଷ୍ଟ କରିଛନ୍ତି।


ଅଭ୍ୟାସ ଅବସରରେ ଲୋକେଶ ରାହୁଲ।

ପ୍ରଥମ ୬ ଓଭରରେ ଇଂଲଣ୍ଡର ଦୁଇ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଓ ମାର୍କ ଉଡ୍ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ବେଶ୍ ସମସ୍ୟାରେ ପକାଇଛନ୍ତି। ଉଇକେଟରେ ବାଉନ୍ସକୁ ନେଇ ଅନୁମାନ କରିବା କଷ୍ଟକର ହେଉଥିବାରୁ ବ୍ୟାଟ୍ସମ୍ୟାନ ଦ୍ୱନ୍ଦ୍ୱରେ ରହୁଛନ୍ତି। ଯାହାଫଳରେ ବ୍ୟାଟ୍ସମ୍ୟାନ ଭୁଲ ଶଟ୍ ଖେଳି ଆଉଟ ହେଉଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଓ ୱାଶିଂଟନ ସୁନ୍ଦର ଥିବା ସତ୍ତ୍ୱେ ଆଉ ଜଣେ ଅଲରାଉଣ୍ଡରଙ୍କୁ ଦଳରେ ସାମିଲ କରାଯାଇପାରେ ବୋଲି କୋହଲି କହିଛନ୍ତି। ଏପରି ହେଲେ ରାହୁଲ ଟେୱାଟିଆ କିମ୍ବା ଅକ୍ଷର ପଟେଲଙ୍କୁ ସୁଯୋଗ ମିଳିପାରେ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପଅଧିନାୟକ), ଲୋକେଶ ରାହୁଲ, ଶିଖର ଧାୱନ, ଶ୍ରେୟାସ ଆୟାର, ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ (ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ଯୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ଶାର୍ଦ୍ଦୁଳ ଠାକୁର, ନବଦୀପ ସଇନି, ଦୀପକ ଚହର, ରାହୁଲ ଟେୱାଟିଆ ଓ ଇଶାନ କିଷନ।
**ଇଂଲଣ୍ଡ ଦଳ:** ଇଅନ ମୋର୍ଗାନ (ଅଧିନାୟକ), ଜୋଶ ବଟଲର, ଜାସନ ରୟ, ଲିଆମ ଲିଭିଂଷ୍ଟୋନ, ଡେଭିଡ ମଲାନ, ବେନ୍ ଷ୍ଟୋକ୍ସ, ମୋଇନ ଅଲି, ଆଦିଲ ରସିଦ, ରିସି ଟୋପ୍ଲେ, କ୍ରିସ୍ ଜୋର୍ଡାନ, ମାର୍କ ଉଡ, ସାମ କୁରାନ, ଟମ୍ କୁରାନ, ସାମ ବିଲିଙ୍ଗ୍ସ, ଜନି ବେୟାରଷ୍ଟୋ ଓ ଜୋଫ୍ରା ଆର୍ଚର।
**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା**
**ସ୍ଥାନ: ନରେନ୍ଦ୍ର ମୋଦି ଷ୍ଟାଡିୟମ, ଅହମଦାବାଦ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

ଗତ ମ୍ୟାଚ୍‌ରେ କୋହଲି ୭୭ ରନର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ ମଧ୍ୟ ଭାରତୀୟ ବୋଲରମାନେ ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇପାରି ନ ଥିଲେ। ଜୋଶ ବଟଲର ବିନା ଦ୍ୱିଧାରେ ସବୁଆଡକୁ ଶଟ୍ ଖେଳି ଭାରତକୁ ନିରାଶ କରିଥିଲେ। ଭାରତର ୧ ନମ୍ବର ସ୍ପିନର ଯୁଜବେନ୍ଦ୍ର ଚହଲ କେତୋଟି ଉଇକେଟ ହାସଲ କରିଥିଲେ ମଧ୍ୟ ବହୁ ପରିମାଣରେ ରନ ବ୍ୟୟ କରିଥିଲେ। ବୋଲିଂ ଅଲରାଉଣ୍ଡର ଭାବେ ଦଳକୁ ଫେରିଥିଲେ ମଧ୍ୟ ହାର୍ଦ୍ଦିକ ପାଣ୍ଡ୍ୟା ଏ ପର୍ଯ୍ୟନ୍ତ ଉଇକେଟ ହାସଲ କରିପାରିନାହାନ୍ତି। ସେହିପରି ପ୍ରତ୍ୟାବର୍ତ୍ତନରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ନୂଆ ବଲ୍‌ରେ ନିୟମିତ ଭାବେ ବ୍ରେକ୍ ଥ୍ରୁ ଦେବାର ଆବଶ୍ୟକତା ରହିଛି। ଅଫ୍ ସ୍ପିନର ସୁନ୍ଦର ପ୍ରଭାବୀ ବୋଲିଂ କରି ୬.୯୫ ଇକୋନୋମି ରେଟ୍‌ରେ ୪ଟି ଉଇକେଟ ହାସଲ କରିଛନ୍ତି। ସିରିଜରେ ୨-୧ରେ ପଛରେ ପଡିଥିଲେ ମଧ୍ୟ ଭାରତ ଅନ୍ତିମ ଏକାଦଶରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବା ଆଶା କରାଯାଉନାହିଁ।

ଅପରପକ୍ଷରେ ଭାରତ ଭଳି ଇଂଲଣ୍ଡ ସବୁପ୍ରକାର ସ୍ଥିତିରେ ବିଜୟୀ ହେବାକୁ ଲକ୍ଷ୍ୟ ରଖିଛି। ତୃତୀୟ ମ୍ୟାଚ୍‌ରେ ସହଜ ବିଜୟ ହାସଲ କରିଥିବା ଇଂଲଣ୍ଡ ଏହି ମୁମେଣ୍ଟମ ବଜାୟ ରଖିବାକୁ ଚାହିଁବ। ବଟଲର ଏବେ ସୁପର ଫର୍ମରେ ରହିଛନ୍ତି ଓ ତାଙ୍କ ଦିନରେ ସେ ବିଶ୍ୱର ଯେକୌଣସି ବୋଲିଂକୁ ମାମୁଲି ସାବ୍ୟସ୍ତ କରିବାର କ୍ଷମତା ରଖୁଛନ୍ତି। ମଙ୍ଗଳବାର ଜନି ବେୟାରଷ୍ଟୋ ୪୦ ରନ କରି ଫର୍ମକୁ ଫେରିଛନ୍ତି। ବିଶ୍ୱର ୧ ନମ୍ବର ବ୍ୟାଟ୍ସମ୍ୟାନ ଡାଭିଡ୍ ମଲାନ ଏପର୍ଯ୍ୟନ୍ତ ନିଜର ଯାଦୁ ଦେଖାଇପାରି ନାହାନ୍ତି। ତେଣୁ ଏହି ମ୍ୟାଚ୍‌ରେ ସେ ବିସ୍ଫୋରକ ବ୍ୟାଟିଂ କରିବେ ବୋଲି ଇଂଲଣ୍ଡ ଆଶା ରଖିଛି। ବିଶ୍ୱର ୧ ନମ୍ବର ଟି୨୦ ଦଳ ଇଂଲଣ୍ଡକୁ ରୋକିବାକୁ ହେଲେ ଭାରତକୁ ସ୍ୱତନ୍ତ୍ର ରଣନୀତି ସହ ପଡିଆକୁ ଓହ୍ଲାଇବାକୁ ହେବ। ଯଦି ଭାରତ ଟସ୍ ଜିତେ ତାହାହେଲେ ନିଶ୍ଚିତ ଭାବେ ସୁବିଧାଜନକ ସ୍ଥିତିରେ ରହିବ। ତେବେ ଯଦି ଟସ୍ ହାରେ ଭାରତକୁ ଅଧିକ କିଛି କରିବାକୁ ହେବ। ଭାରତକୁ ୩ଟି ବିଭାଗରେ ଉଚ୍ଚକୋଟୀର ପ୍ରଦର୍ଶନ କରିବାକୁ ହେବ। ଇଂଲଣ୍ଡ ଅପେକ୍ଷା ଏହି ମ୍ୟାଚ୍ ଭାରତ ପାଇଁ ଅଧିକ ଗୁରୁତ୍ୱ ବହନ କରୁଛି। ତେଣୁ ବୁଧବାର ରାତିରେ ଏହି ମୁକାବିଲା ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

## ସଜାଡ଼ିବାର ବେଳ

**ଭିଭିଏସ୍ ଲକ୍ଷ୍ମଣ**

ମଙ୍ଗଳବାର ତୃତୀୟ ଟି୨୦ ପ୍ରଥମ ଗେମ୍‌ର ଆକ୍ସନ ରିପ୍ଲେ ଥିଲା, ଯେଉଁଥିରେ କି ଭାରତ ପାୱାରପ୍ଲେ ମଧ୍ୟରେ ୩ଟି ଉଇକେଟ ହରାଇଥିଲା। ପରିସଂଖ୍ୟାନ ଅନୁସାରେ ପ୍ରଥମ ୬ ଓଭର ମଧ୍ୟରେ ଯଦି ୨ରୁ ଅଧିକ ଉଇକେଟ ପଡ଼େ ତେବେ ୪ ଗେମ୍‌ରୁ ଗୋଟିଏରେ ବିଜୟ ସମ୍ଭବ ହୋଇଛି। ବିରାଟ କୋହଲି ଆଉ ଏକ ଚମତ୍କାର ଇନିଂସ ଖେଳି କ୍ଷତି ଭରଣା କରିବାକୁ ଚେଷ୍ଟା କରିଥିଲେ, ମାତ୍ର ତାହା ସମ୍ଭବ ହୋଇ ନ ଥିଲା। ଟସ୍ ଚଳିତ ସିରିଜରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ବଲ୍ ଖେଳିବା ବେଳକୁ କେବଳ ତାଙ୍କ ହାତ ଚାଲୁଛି। ଭାରତର କେତେକ ନିଷ୍ପତ୍ତି ମଧ୍ୟ ମୋତେ ବିସ୍ମିତ କରିଥିଲା। ଇଶାନ କିଷନ ନିଜ ପଦାର୍ପଣ ମ୍ୟାଚରେ ଇନିଂସ ଓପନ କରି ଅର୍ଦ୍ଧଶତକ ହାସଲ କରିଥିଲେ। ତାଙ୍କୁ ବ୍ୟାଟିଂ କ୍ରମରେ ୩ ନମ୍ବରକୁ ରଖିବା ମ୍ୟାନେଜମେଣ୍ଟର ନିଷ୍ପତ୍ତି ବୁଝା ପଡ଼ି ନ ଥିଲା। ସେହିପରି ଗୋଟିଏ ହେଲେ ବଲ୍ ଖେଳି ନ ଥିବା ସୂର୍ଯ୍ୟକୁମାର ଯାଦବଙ୍କୁ ବାଦ୍ ଦେବା ପଛର ଯୁକ୍ତି ମଧ୍ୟ ଅବୋଧ। କୋହଲି ପ୍ରଥମ ୨୫ ବଲ୍‌ରୁ ୨୪ ରନ କରିଥିଲେ। ମାତ୍ର ପରେ ଗିୟର ବଦଳାଇ ୪୬ ବଲ୍‌ରୁ ୭୭ ରନ ସଂଗ୍ରହ କରିଥିଲେ।

SEAGRAM'S
ROYAL STAG
PACKAGED DRINKING WATER

ଲାଲ ମାଟିଯୁକ୍ତ ପିଚ୍‌ରେ ଟସ୍ ଜିତି ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ ଫାଇଦାରେ ରହିଲେ। ପ୍ରଥମେ ବ୍ୟାଟିଂ କରିବା ଏକ ଚ୍ୟାଲେଞ୍ଜ। ବିଶେଷ କରି ଦ୍ରୁତ ଗତିରେ ବୋଲିଂ କରୁଥିବା ଏବଂ ଲାଇନ୍ ଲେଙ୍ଥ ରକ୍ଷାକରି ଅତିରିକ୍ତ ବାଉନ୍ସ ପାଉଥିବା ଜୋଫ୍ରା ଆର୍ଚର ଓ ମାର୍କ ଉଡ୍‌ଙ୍କ ବିପକ୍ଷରେ ଏହା ଅଧିକ କଷ୍ଟସାଧ୍ୟ। ଭାରତୀୟ ଟପ୍ ଅର୍ଡର ଉଡ୍‌ଙ୍କ ଘାତକ ବୋଲିଂରୁ ମୁକୁଳିପାରି ନ ଥିଲା।

ଚଳିତ ବର୍ଷ ଆରମ୍ଭରୁ ଏ ପର୍ଯ୍ୟନ୍ତ ମାତ୍ର ୨ଟି ମ୍ୟାଚ ମିସ୍ କରିଥିବା ରୋହିତ ଶର୍ମା ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଅନ୍ୟପକ୍ଷରେ ଗତ ନଭେମ୍ବର ପରେ କୌଣସି ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ ଖେଳି ନ ଥିବା ଲୋକେଶ ରାହୁଲ ଏବେ ଫର୍ମରେ ନ ଥିବା ବୁଝି ହେଉଛି। ଏବେ ତାଙ୍କୁ ଟେକ୍ନିକରେ ସୁଧାର ସହ ଫୁଟ୍‌ୱର୍କ ଉପରେ କାର୍ଯ୍ୟ କରିବା ଆବଶ୍ୟକ ହେଉଛି। କାରଣ ମାତ୍ର ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା।

ସ୍କୋର ବଡ଼ ନ ଥିବାରୁ ଭାରତକୁ ଶୀଘ୍ର ଉଇକେଟ ନେବା ଆବଶ୍ୟକ ଥିଲା। ସେଥିପାଇଁ ଯୁଜବେନ୍ଦ୍ର ଚହଲଙ୍କୁ ପାୱାର ପ୍ଲେରେ ବୋଲିଂ ଦିଆଯାଇଥିଲା। ମାତ୍ର ଜୋସ ବଟଲରଙ୍କ ନିକଟରେ ସବୁ ପ୍ରଶ୍ନର ଉତ୍ତର ଥିଲା। ସେ ଯେପରି ଚହଲଙ୍କୁ ହ୍ୟାଣ୍ଡେଲ କଲେ ତାହା ଦେଖିବାର ଥିଲା। ଦ୍ରୁତ ରନ ସଂଗ୍ରହ କରିବା ପଥରେ ସେ ରିଭର୍ସ ଏବଂ ସୁଇଚ୍ ହିଟ୍ ଶଟ୍ ଚମତ୍କାର ଭାବେ ବ୍ୟବହାର କରିଥିଲେ। ଭାରତ ପାଇଁ ଏବେ କମ୍ବିନେଶନ ସଜାଡ଼ିବାର ବେଳ ଆସିଛି। ଆଉ ଜଣେ ବୋଲରଙ୍କୁ ନେବା ସମ୍ପର୍କରେ ଚିନ୍ତା କରାଯିବା ସହ ବ୍ୟାଟିଂ ଲାଇନ୍‌ଅପ୍‌ରେ ସ୍ଥିରତା ରହିବା ଉପରେ ନଜର ଦିଆଯିବା ଉଚିତ। ନିଜ ରଣନୀତି ସହ ବିପକ୍ଷ ଦଳର ପ୍ରଦର୍ଶନକୁ ମଧ୍ୟ ଧ୍ୟାନରେ ରଖାଯିବା ଜରୁରୀ।

-(ଗେମ୍‌ପ୍ଲାନ)

# କ୍ୱାର୍ଟର ଫାଇନାଲରେ ସୋଲାଙ୍କି

**ନୂଆଦିଲ୍ଲୀ,୧୭।୩ (ପି.ଟି.)**

ତୁର୍କୀର ଇସ୍ତାନବୁଲଠାରେ ଚାଲିଥିବା ବୋସଫୋରସ ବକ୍ସିଂ ଟୁର୍ନାମେଣ୍ଟରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣପଦକ ବିଜେତା ଗୌରବ ସୋଲାଙ୍କି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୋଲାଙ୍କି ୫-୦ରେ କାଜାଖସ୍ତାନର ଆରାପୋଭ ଏଇଡୋସଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେହିପରି ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ହାସଲ କରିଥିବା ସୋନିଆ ଲାଥର ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ସେ ମହିଳା ୫୭ କେ.ଜି. ବର୍ଗରେ ଆର୍ଜେଣ୍ଟିନାର ରୋସୋରିଓ ମିଲୋଗ୍ରୋସ୍‌ଙ୍କୁ ୫-୦ରେ ପରାସ୍ତ କରିଛନ୍ତି। ଲାଥର ଏବେ ସ୍ଥାନୀୟ ଫେଭରାଇଟ୍ ସୁର୍ମେନେଲି ସୁଗସେନାଜଙ୍କୁ ଦ୍ୱିତୀୟ ରାଉଣ୍ଡରେ ଭେଟିବେ।


ଗୌରବ ସୋଲାଙ୍କି

ତେବେ ଅନ୍ୟ ୩ ଭାରତୀୟ ବକ୍ସର ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ପଦକ ବିଜେତା ନମନ ତନୱାର ୪-୧ରେ ତୁର୍କୀର ବାକି ୟାଲସିନ ମହମ୍ମଦଙ୍କଠାରୁ ୯୧ କେ.ଜି. ପୁରୁଷ ବର୍ଗରେ, ପି.ଏଲ. ପ୍ରାସାଦ ୫୨ କେ.ଜି. ବର୍ଗରେ ୫-୦ରେ କାଜାଖସ୍ତାନର ଡାମୀରଙ୍କଠାରୁ ପରାସ୍ତ ହୋଇଛନ୍ତି। ସେହିପରି ପୁରୁଷ ୭୫ କେ.ଜି.ରେ ପ୍ରୟାଗ ଚାଭନ ଓ ମହିଳା ୭୫ କେ.ଜି.ରେ ପୂଜା ଯଥାକ୍ରମେ ଆଜରବୈଜାନର ସାହସୁଭାର୍ଲି କର୍ମାନ ଓ ରୁଷିଆର ଶାମୋନୋଭା

**ବୋସଫୋରସ୍ ବକ୍ସିଂ ଟୁର୍ନାମେଣ୍ଟ**

ଅନାଷ୍ଟାସିଆଙ୍କଠାରୁ ପରାସ୍ତ ହୋଇଛନ୍ତି। ଏହି ବକ୍ସିଂ ଟୁର୍ନାମେଣ୍ଟରେ ୮ ପୁରୁଷ ଓ ୫ ମହିଳା ପ୍ରତିଯୋଗୀଙ୍କୁ ନେଇ ଏକ ୧୩ ଜଣିଆ ଭାରତୀୟ ଦଳ ଅଂଶଗ୍ରହଣ କରିଛନ୍ତି। ମାର୍ଚ୍ଚ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟ ୨୧ ତାରିଖରେ ଶେଷ ହେବ। ଏଥିରେ ବକ୍ସିଂ ଖେଳୁଥିବା ଶ୍ରେଷ୍ଠ ଦେଶ ଯଥା ରୁଷିଆ, ଆର୍ଜେଣ୍ଟିନା ଓ କାଜାଖସ୍ଥାନର ବକ୍ସରମାନେ ଅଂଶଗ୍ରହଣ କରିଛନ୍ତି।

## ଚିନ୍ତାମଣି ସ୍ମାରକୀ କ୍ରିକେଟ ୨୭ରୁ

**ପୁରୁଣା ଭୁବନେଶ୍ୱର, ୧୭।୩ (ଡି.ଏନ.ଏ.):** ସ୍ଥାନୀୟ ବାଙ୍କୁଆଳ ଖେଳ ପଡ଼ିଆରେ ଆସନ୍ତା ୨୭ ଓ ୨୮ ତାରିଖ ଦୁଇଦିନଧରି ଚିନ୍ତାମଣି ସ୍ୱାଇଁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହି ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟରେ କଟକ, ଢେଙ୍କାନାଳ, ଜଗତ୍‌ସିଂହପୁର, ଖୋର୍ଦ୍ଧା ଆଦି ଅଞ୍ଚଳରୁ ଦଳଗୁଡ଼ିକ ଭାଗନେବେ। କର୍କ ବଲ୍‌ରେ ମ୍ୟାଚ ଗୁଡ଼ିକ ଫ୍ଲଡ୍‌ଲାଇଟରେ ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ୪ କ୍ୱାର୍ଟର ଫାଇନାଲ ଏବଂ ଦ୍ୱିତୀୟ ଦିବସରେ ୨ ସେମିଫାଇନାଲ ଓ ଫାଇନାଲ ଖେଳାଯିବ। ବାଙ୍କୁଆଳ ୟୁଥ୍ କ୍ଲବଦ୍ୱାରା ଆୟୋଜିତ ହେବାକୁଥିବା ଏହି ପ୍ରତିଯୋଗିତା ପାଇଁ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନର୍ସଅପ୍ ଦଳକୁ ୧୦,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ବୁଧବାର ପ୍ରସ୍ତୁତି ବୈଠକରେ ସ୍ଥିର ହୋଇଛି। ବୈଠକରେ ଆୟୋଜକ ଅନୁଷ୍ଠାନର କବିରାଜ ସ୍ୱାଇଁ, କାଳନ୍ଦି ପ୍ରଧାନ, ଆଦିତ୍ୟ ସ୍ୱାଇଁ, ସୁନୀଲ ସ୍ୱାଇଁ, ରସାନନ୍ଦ ସ୍ୱାଇଁ ଗୌତମ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ଜାତୀୟ ଶକ୍ତି ଉତ୍ତୋଳନରେ ରାଜ୍ୟର ୫୧ ପ୍ରତିଯୋଗୀ


ଜାତୀୟ ଶକ୍ତି ଉତ୍ତୋଳନରେ ଭାଗନେବା ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୧୭।୩ (କ୍ରୀଡ଼ା ପ୍ରତିନିଧି)**

ଜାମସେଦପୁରରେ ବୁଧବାରଠାରୁ ଆରମ୍ଭ ହୋଇଥିବା ୩୮ ତମ ମହିଳା ଓ ୪୬ତମ ପୁରୁଷ ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ରାଜ୍ୟର ୫୧ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ଦଳ ସହ ଜାୱେଦ ଅର୍ଶାଦ ଓ ସୋମନାଥ ପଟ୍ଟନାୟକ ଯଥାକ୍ରମେ ପୁରୁଷ ଓ ମହିଳା ଦଳର କୋଚ୍‌ଭାବେ ଯାତ୍ରା କରିଛନ୍ତି। ଓଡ଼ିଶା ପ୍ରତିଯୋଗୀମାନେ ମହିଳା, ପୁରୁଷ, ମାଷ୍ଟର-୧ ଓ ମାଷ୍ଟର-୨ କାଟେଗୋରିରେ ଶକ୍ତିଉତ୍ତୋଳନର ଇକ୍ୱିପଡ ଓ ଅନ୍‌ଇକ୍ୱିପଡ ଇଭେଣ୍ଟରେ ଭାଗନେବେ। ସେହିପରି ଦଳ ମହିଳା, ପୁରୁଷ, ଜୁନିୟର ଏବଂ ମାଷ୍ଟର-୨ କାଟେଗୋରିରେ ଜାତୀୟ ବେଞ୍ଚପ୍ରେସ୍‌ର ଇକ୍ୱିପଡ ଓ ଅନ୍‌ଇକ୍ୱିପଡ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ୧୧ ରାଜ୍ୟର ୫୭୫ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି ବୋଲି ପାୱାରଲିଫ୍ଟିଂ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ ସଙ୍ଗୀତା ସିଂ ପ୍ରକାଶ କରିଛନ୍ତି।

# ଦକ୍ଷିଣ ଆଫ୍ରିକାଠାରୁ ଭାରତ ହାରିଲା

**ଲକ୍ଷ୍ନୌ,୧୭।୩:** ଭାରତ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଦିନିକିଆରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା ଦଳ ୫ ଉଇକେଟରେ ବିଜୟ ହାସଲ କରିଛି। ଏଥିସହିତ ଦକ୍ଷିଣ ଆଫ୍ରିକା ୪-୧ରେ ସିରିଜ ହାତେଇ ନେଇଛି। ଦକ୍ଷିଣ ଆଫ୍ରିକାର ଲିଜେଲ ଲି ପ୍ଲେୟର ଅଫ୍ ଦି ସିରିଜ ଓ ଆନେକ ବୋସ୍କ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଦୀର୍ଘ ୧୨ ମାସ ପରେ ଭାରତ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିଥିବା ବେଳେ ଆରମ୍ଭରୁ ପରାଜୟର ସ୍ୱାଦ ଚାଖିଛି। ଆସନ୍ତାବର୍ଷ ଦିନିକିଆ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବା ବେଳେ ଏହି ସିରିଜ ପରାଜୟ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି।

ପ୍ରଥମେ ବ୍ୟାଟିଂ କରି ଭାରତ ଅଧିନାୟିକା ମିଥାଲି ରାଜଙ୍କ ୭୯ରନ ବଳରେ ୪୯.୩ ଓଭରରେ ମାତ୍ର ୧୮୮ ରନ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୪୮.୨ ଓଭରରେ ୫ ଉଇକେଟ ହରାଇ ୧୮୯ ରନ କରି ବିଜୟୀ ହୋଇଥିଲା। **ସଂକ୍ଷିପ୍ତ ସ୍କୋର:** ଭାରତୀୟ ମହିଳା ଦଳ ୪୯.୩ ଓଭରରେ ୧୮୮, ଅଲଆଉଟ (ମିଥାଲି- ୭୯*, ହରମନପ୍ରୀତ- ୩୦, କ୍ଲର୍କ- ୩/ ୩୫, ସେଖୁଖୁନ୍- ୨/୨୬, ଶଙ୍ଗାଜ- ୨/୪୩)। ଦକ୍ଷିଣ ଆଫ୍ରିକା ମହିଳା ଦଳ ୪୮.୨ ଓଭରରେ ୧୮୯/୫, (ବୋସ୍କ- ୫୮, ମିଗନନ- ୫୭, ମାରିଜନେ କାପ୍ପ- ୩୬*, ରାଜେଶ୍ୱରୀ- ୩/୧୩)।

## ସେମିରେ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୧୭।୩ (କ୍ରୀଡ଼ା ପ୍ରତିନିଧି):** ଝାଡ଼ଖଣ୍ଡର ସିମଡେଗାଠାରେ ଚାଲିଥିବା ୧୧ତମ ଜାତୀୟ ସବ୍‌ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ର ସେମିଫାଇନାଲରରୁ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ବୁଧବାର ଦ୍ୱିତୀୟ ସେମିଫାଇନାଲରେ ଓଡ଼ିଶା ୦-୫ ଗୋଲରେ ଝାଡ଼ଖଣ୍ଡଠାରୁ ହାରି ଯାଇଛି।

# ଇଣ୍ଡିଆ ଲିଜେଣ୍ଡ୍ସ ଫାଇନାଲରେ

**ରାୟପୁର, ୧୭।୩:** ରୋଡ ସେଫ୍ଟି ୱାର୍ଲ୍ଡ ସିରିଜ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଇଣ୍ଡିଆ ଲିଜେଣ୍ଡ୍ସ ଦଳ ପ୍ରବେଶ କରିଛି। ବୁଧବାର ପ୍ରଥମ ସେମିଫାଇନାଲରେ ସଚିନ ତେନ୍ଦୁଲକରଙ୍କ ନେତୃତ୍ୱାଧୀନ ଦଳ ୧୨ ରନରେ ବ୍ରାଏନ ଲାରାଙ୍କ ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସକୁ ପରାସ୍ତ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଣ୍ଡିଆ ଲିଜେଣ୍ଡ୍ସ ସଚିନଙ୍କ ୬୫(୪୨ ବଲ, ୬ ଚୌକା, ୩ ଛକା), ଯୁବରାଜଙ୍କ ୪୯*(୨୦ ବଲ, ୧ ଚୌକା, ୬ ଛକା), ୟୁସୁଫ ପଠାନଙ୍କ ୩୭*(୨୦ ବଲ, ୨ ଚୌକା, ୩ ଛକା), ବୀରେନ୍ଦ୍ର ସେହ୍ୱାଗଙ୍କ ୩୫(୧୭ ବଲ, ୫ ଚୌକା, ୧ ଛକା) ରନ ବଳରେ ୨୦ ଓଭରରେ ୩ ଉଇକେଟ ହରାଇ ୨୧୮ ରନ କରିଥିଲା। ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ ଡ୍ୱେନ ସ୍ମିଥଙ୍କ ୬୩(୩୬ ବଲ, ୯ ଚୌକା, ୨ ଛକା), ନରସିଂହ ଡିଓନାରିନଙ୍କ ୫୯(୪୪ ବଲ, ୫ ଚୌକା, ୨ ଛକା) ଓ ଅଧିନାୟକ ଲାରାଙ୍କ ୪୬(୨୮ ବଲ, ୪ ଚୌକା, ୨ ଛକା) ରନ ସତ୍ତ୍ୱେ ୨୦ ଓଭରରେ ୨୦୬/୬ରେ ସୀମିତ ରହି ଯାଇଥିଲା।

## ଉତ୍ତରାଖଣ୍ଡକୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୧୭।୩ (କ୍ରୀଡ଼ା ପ୍ରତିନିଧି):** ହରିୟାଣାରେ ଚାଲିଥିବା ୧୧ତମ ଜାତୀୟ ସବ୍‌ଜୁନିୟର ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା ବୁଧବାର ଉତ୍ତରାଖଣ୍ଡକୁ ୫-୦ ଗୋଲରେ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ପ୍ରତାପ ଟପ୍ପୋ ୧୮ ଓ ୨୧ତମ ମିନିଟରେ ୨ଟି ଏବଂ ସତୀଶ ମିଣ୍ଡା ୪ର୍ଥ, ଅଙ୍କିତ ମାଝି ୪୩ ଓ ଅଭିଷେକ ଟପ୍ପୋ ୪୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗ୍ରୁପ୍ 'ଏ'ରେ ଏହି ଦୁଇଦଳ ସହ ଛତିଶଗଡ଼ ସ୍ଥାନ ପାଇଛି।



ଜୁନିୟର ବିଭାଗରେ ମଧ୍ୟପ୍ରଦେଶ ଓ ତାମିଲନାଡୁ ହକି ଏକାଡେମୀ ଏବଂ ସବ୍ ଜୁନିୟରରେ ଓଡ଼ିଶା ଓ ମଧ୍ୟପ୍ରଦେଶ ମଧ୍ୟରେ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍। (ଫଟୋ: ବିକାଶ ନାୟକ)

# ଜାତୀୟ ଜୁନିୟର ଏକାଡେମୀ ମହିଳା ହକି ଆରମ୍ଭ

**ଭୁବନେଶ୍ୱର, ୧୭।୩ (କ୍ରୀଡ଼ା ପ୍ରତିନିଧି):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ସର୍ବପ୍ରଥମ ହକି ଇଣ୍ଡିଆ ଜାତୀୟ ଜୁନିୟର ଏବଂ ସବ୍‌ଜୁନିୟର ଏକାଡେମୀ ମହିଳା ହକି ଟୁର୍ନାମେଣ୍ଟ ବୁଧବାର ଆରମ୍ଭ ହୋଇଛି। ପ୍ରତିଯୋଗିତାର ସବ୍‌ଜୁନିୟର ବିଭାଗରେ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଏହି ଦଳ ନିଜର ପ୍ରଥମ ମ୍ୟାଚରେ ମଧ୍ୟପ୍ରଦେଶ ହକି ଏକାଡେମୀକୁ ୫-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଟୁଟି ଇଲାନି ୪ ଓ ୨୦, ଅଧିନାୟିକା ମୁନମୁନି ଦାସ ୧୫ ଓ ୫୮ତମ ମିନିଟରେ ୨ଟି ଏବଂ ସନ୍ଧମ ବାବ୍ୟାନି ୫୨ତମ ମିନିଟ୍‌ରେ ଗୋଟିଏ ଗୋଲ ଦେଇଥିଲେ। ଫଳରେ ଦଳ ପୂରା ୩ ପଏଣ୍ଟ ହାସଲ କରିଛି। ପୁଲ୍ 'ବି'ର ଜୟଭାରତ ହକି ଏକାଡେମୀ ଓ ଅଲିମ୍ପିଆନ ବିବେକ ସିଂ ହକି ଏକାଡେମୀ ମ୍ୟାଚ ୩-୩ ଗୋଲରେ ଡ୍ର ରହିଛି। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ପୁଲ୍ 'ଏ'ରେ ରାଉଣ୍ଡ ଗ୍ଲାସ ପଞ୍ଜାବ ହକି କ୍ଲବ ଏକାଡେମୀ ୨୦-୦ ଗୋଲରେ ଧ୍ୟାନଚାନ୍ଦ ହକି ଏକାଡେମୀକୁ ଏବଂ ମାର୍କଣ୍ଡେଶ୍ୱର ହକି ଏକାଡେମୀ ୧୩-୦ ଗୋଲରେ ମୁମ୍ବାଇ ସ୍କୁଲ୍ସ ସ୍ପୋର୍ଟ୍ସ ଆସୋସିଏଶନକୁ ହରାଇ ଦେଇଛି। ପ୍ରତିଯୋଗିତାର ଜୁନିୟର ବିଭାଗରେ ମଧ୍ୟପ୍ରଦେଶ ହକି ଏକାଡେମୀ ୧୭-୦ ଗୋଲରେ ତାମିଲନାଡୁ ହକି ଏକାଡେମୀକୁ ପରାସ୍ତ କରିଛି। ଅନ୍ୟ ଏକ ମ୍ୟାଚରେ ପିକେଏମ୍ ହକି ଏକାଡେମୀ ଭାଗ ନ ନେବାରୁ ହର୍ ହକି ଏକାଡେମୀକୁ ବିଜୟୀ ଘୋଷିତ କରାଯାଇଥିଲା।

**ସଂରକ୍ଷିତ ଜଙ୍ଗଲରେ ନିଆଁ**

ପାଟଣା,(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ ପୋଇପାଣି ବିଟ ଗୋପପୁର, ତଣ୍ଡ ବିଟ ଷଡଙ୍ଗବାହାଲୀ, ରହଣିଦୁମା ସଂରକ୍ଷିତ ଜଙ୍ଗଲ ଓ ମଲ୍ଲୀପଶି ବିଟ ମୂଷାଖରୀ ଗ୍ରାମ୍ୟ ଜଙ୍ଗଲରେ ବୁଧବାର ନିଆଁ ଲାଗିଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଶହ ଶହ ସଂଖ୍ୟକ ମୂଲ୍ୟବାନ ଗଛ ଜଳିପୋଡି ନଷ୍ଟ ହୋଇଯିବା ଆଶଙ୍କା ଉପୁଜିଛି। ବନ ବିଭାଗ ପକ୍ଷରୁ ନିଆଁ ଲିଭା କାର୍ଯ୍ୟ ଜାରି ରହିଛି। ଜଙ୍ଗଲରେ ନିଆଁ ଲଗାଉଥିବା ଦୁର୍ବୃତ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ଡିଜିପି

**ଙ୍କ ୨୧ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି**

**କଟକ ଅଫିସ, ୧୭।୩**

ଆସନ୍ତା ୨୧ ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓଡ଼ିଶା ଗସ୍ତରେ ଆସିବେ। ସେ ଭୁବନେଶ୍ୱର, ରାଉରକେଲା ଓ ପୁରୀ ଅଞ୍ଚଳ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ତେବେ ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ଡିଜିପି ଅଭୟ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରୁ ଭିଡିଓ କନଫରେନ୍ସ ଜରିଆରେ ସମୀକ୍ଷା କରିଥିଲେ। ଏଥିସହ ଭୁବନେଶ୍ୱର ଓ ଝାରସୁଗୁଡ଼ା ବିମାନବନ୍ଦର ଏବଂ ଭୁବନେଶ୍ୱରସ୍ଥିତ ରାଜଭବନର ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ମଧ୍ୟ ସମୀକ୍ଷା କରିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ସମୟରେ କୋଭିଡ୍ ଗାଇଡ୍‌ଲାଇନକୁ ଠିକ୍ ଭାବେ ଅନୁପାଳନ କରାଯିବ। ତାଙ୍କ ଗସ୍ତ ସ୍ଥାନରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ସେଠାକାର ଡିସିପି ଓ ଏସ୍‌ପିଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଏବଂ ଶୃଙ୍ଖଳା), ଇଣ୍ଟେଲିଜେନ୍ସ ନିର୍ଦ୍ଦେଶକ, କଟକ-ଭୁବନେଶ୍ୱର ପୋଲିସ କମିଶନର, ଇଣ୍ଟେଲିଜେନ୍ସ ବ୍ୟୁରୋ ଯୁଗ୍ମ ନିର୍ଦ୍ଦେଶକ, ପଶ୍ଚିମାଞ୍ଚଳ ରେଞ୍ଜ ଆଇଜି, ରାଉରକେଲା, ଡିଆଇଜିପି କେନ୍ଦ୍ରୀୟ ରେଞ୍ଜ, ଏସ୍‌ପି ରାଉରକେଲା, ପୁରୀ, ଝାରସୁଗୁଡ଼ା ଏବଂ ଡିସିପି ଭୁବନେଶ୍ୱର, ବିମାନବନ୍ଦର କର୍ତ୍ତୃପକ୍ଷ ଏବଂ ସିଆଇଏସ୍‌ଏଫ୍‌ର ଅଧିକାରୀ ସାମିଲ ହୋଇଥିଲେ।

# ୮୮୮ ପ୍ରକଳ୍ପ ବିଳମ୍ବିତ

**ନୂଆଦିଲ୍ଲୀ, ୧୭।୩**

ଦେଶରେ ପ୍ରାୟ ୩.୧୫ ଲକ୍ଷ କୋଟି ଟଙ୍କାର ରାଜପଥ ପ୍ରକଳ୍ପ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ଏହି ବିଳମ୍ବିତ ଯୋଜନାରେ ୮୮୮ ପ୍ରକଳ୍ପ ଅଧୀନରେ ୨୭,୬୬୫ କି.ମି. ରାଜପଥ ନିର୍ମାଣ ବାକି ରହିଛି। ତେଣୁ ନୂଆ ପ୍ରକଳ୍ପ ଘୋଷଣା କରିବା ପରିବର୍ତ୍ତେ ବିଳମ୍ବିତ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଉପରେ ପ୍ରାଥମିକତା ଦିଆଯାଉ। ପ୍ରକଳ୍ପଗୁଡ଼ିକରେ ଅହେତୁକ ବିଳମ୍ବକୁ ନେଇ ଅସନ୍ତୁଷ୍ଟ ପାର୍ଲାମେଣ୍ଟର ଏକ ପ୍ୟାନେଲ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟକୁ ମାର୍ଚ୍ଚ ୯ରେ ସଂସଦରେ ଉପସ୍ଥାପିତ ନିଜ ରିପୋର୍ଟରେ ଏପରି ତାଗିଦ କରିଛି।

ପରିବହନ, ପର୍ଯ୍ୟଟନ ଓ ସଂସ୍କୃତି ଉପରେ ବିଭାଗ ଆଧାରିତ ସଂସଦୀୟ ସ୍ଥାୟୀ କମିଟି ସଦ୍ୟ ରିପୋର୍ଟରେ ଭାରତର ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)କୁ ପ୍ରଥମେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ କହିଛି। ରାଜ୍ୟ ସଭା ସଦସ୍ୟ ଟି.ଜି. ଭେଙ୍କଟେଶଙ୍କ ଅଧକ୍ଷତାରେ ଗଠିତ ୩୧ ଜଣିଆ ଷ୍ଟାଣ୍ଡିଂ କମିଟି କ୍ଷୋଭ ବ୍ୟକ୍ତ କରି କହିଛି ଯେ ମନ୍ତ୍ରଣାଳୟ ଅଧୀନରେ ୩, ୧୫,୩୭୩.୩ କୋଟି ଟଙ୍କାର ୮୮୮ ପ୍ରକଳ୍ପ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ଏହି ପ୍ରକଳ୍ପଗୁଡ଼ିକରେ ୨୭,୬୬୫.୩ କି.ମି. ରାସ୍ତା ନିର୍ମାଣ କରାଯିବାକୁ ଅଛି।

**ମହାରାଷ୍ଟ୍ରରେ ସର୍ବାଧିକ ବିଳମ୍ବିତ**

ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ମହାରାଷ୍ଟ୍ରରେ କେନ୍ଦ୍ରୀୟ ସଡ଼କ ପ୍ରକଳ୍ପଗୁଡ଼ିକ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ସବୁଠୁ ବେଶି ବିଳମ୍ବ ହୋଇଛି। ତେଣୁ ତୁରନ୍ତ ମହାରାଷ୍ଟ୍ର ସମେତ ସମସ୍ତ ରାଜ୍ୟ ସହ ସମନ୍ୱୟ ରଖି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଏକ ବ୍ୟବସ୍ଥା ବିକଶିତ କରିବାକୁ କମିଟି ସୁପାରିସ କରିଛି। ଏଥିରେ ଆହୁରି କୁହାଯାଇଛି ଯେ ଭାରତମାଳା କାର୍ଯ୍ୟକ୍ରମ ଅଧୀନରେ ୨୦୨୦-୨୧ ଆର୍ଥିକ ବର୍ଷରେ ୬,୪୬୯ କି.ମି. ରାଜପଥ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ୨୦୨୧ ଜାନୁୟାରୀ ସୁଦ୍ଧା ମାତ୍ର ୨,୫୧୭ କି.ମି. ନିର୍ମାଣ ହୋଇପାରିଛି।

**କେନ୍ଦ୍ର ସରକାର ନୂଆ ପ୍ରକଳ୍ପ ଘୋଷଣା କରିବା ପରିବର୍ତ୍ତେ ଅସମ୍ପୂର୍ଣ୍ଣ ସଡ଼କ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ ଦେବା ଉଚିତ ବୋଲି ପରିବହନ, ପର୍ଯ୍ୟଟନ ଓ ସଂସ୍କୃତି ସମ୍ପର୍କିତ ପାର୍ଲାମେଣ୍ଟର ସ୍ଥାୟୀ କମିଟି ପରାମର୍ଶ ଦେଇଛି।**



ଏସବୁକୁ ସମ୍ପୂର୍ଣ୍ଣ କରିବାରେ ବିଳମ୍ବ ହେତୁ ସମୟ ଓ ଅର୍ଥ ନଷ୍ଟ ହେଉଛି। ଏଥିଯୋଗୁ ଇନ୍ଧନ ଅପଚୟ ମଧ୍ୟ ବୃଦ୍ଧି ପାଉଛି। ଏନ୍‌ଏଚ୍‌ଏଆଇ ଉପରେ ୯୭,୧୧୫ କୋଟି ଟଙ୍କାର ଋଣ ଶୁଝିବା ଦାୟିତ୍ୱକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଅଧିକାରୀମାନଙ୍କୁ ବର୍ତ୍ତମାନର ଋଣର ପୁନର୍ଗଠନ ସମ୍ଭାବନା ଖୋଜିବା ତଥା ଦୀର୍ଘକାଳୀନ କୋଷ ଠୁଳ କରିବାର ବିକଳ୍ପ ସନ୍ଧାନ କରିବାକୁ ମଧ୍ୟ କୁହାଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୩୮,୯୯୮ କୋଟି, ୨୦୨୨-୨୩ ଲାଗି ୨୮,୮୦୦ କୋଟି ଓ ୨୦୨୩-୨୪ ପାଇଁ ୨୯,୩୧୮ କୋଟି ଟଙ୍କାର ଋଣ ଦାୟିତ୍ୱ ସମ୍ପର୍କରେ ଉଲ୍ଲେଖ କରି କୁହାଯାଇଛି ଯେ ଷ୍ଟାଣ୍ଡିଂ କମିଟି ଆଗାମୀ ବର୍ଷଗୁଡ଼ିକରେ ଏନ୍‌ଏଚ୍‌ଏଆଇର ବିଶାଳ ଋଣ ଦାୟିତ୍ୱକୁ ନେଇ ଆଦୌ ସନ୍ତୁଷ୍ଟ ନୁହେଁ। ରାଜପଥ ସମ୍ପ୍ରସାରଣ ନେଇ ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପଗୁଡ଼ିକରେ ଆଗକୁ ଖର୍ଚ୍ଚ ବୃଦ୍ଧି ରୋକିବା ପାଇଁ ପଡ଼ିରହିଥିବା ପ୍ରକଳ୍ପଗୁଡ଼ିକ ଉପରେ ପ୍ରାଥମିକତା ଦିଆଯାଉ ବୋଲି କମିଟି ସୁପାରିସ କରିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗତ ଫେବୃୟାରୀ ୧ରେ ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ କରି ବିକାଶ ବିତ୍ତୀୟ ସଂସ୍ଥା (ଡିଏଫ୍‌ଆଇ) ପାଇଁ ୨୦,୦୦୦ କୋଟି ଟଙ୍କା ଆବଣ୍ଟନର ଘୋଷଣା କରିଥିଲେ। ବଜେଟ ଆବଣ୍ଟନ ବିଫଳ ହେବାରୁ କେନ୍ଦ୍ର ସରକାରଙ୍କ ପ୍ରମୁଖ ରାଜପଥ ନିର୍ମାଣକାରୀ କର୍ତ୍ତୃପକ୍ଷ ୨୦୧୪-୧୫ରୁ ଅଦ୍ୟାବଧି ପ୍ରାୟ ୧୮୦୦ ପ୍ରତିଶତ ପର୍ଯ୍ୟନ୍ତ ବଜାର ଋଣ ଉପରେ ନିର୍ଭର କରିବାକୁ ବାଧ୍ୟ ହୋଇଛି।

# ପୂର୍ବଶତ୍ରୁତାରୁ ଯୁବକଙ୍କୁ ପିଟି ହତ୍ୟା



ଭଦ୍ରକ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ମୃତ ସଞ୍ଜିତଙ୍କ ମା'।

**ଭଦ୍ରକ ଅଫିସ, ୧୭।୩**

- ଆକ୍ରମଣରେ ମା'-ଭାଉଜ ଗୁରୁତର
- ଥାନାରେ ଜଣେ ଅଟକ

ପୂର୍ବଶତ୍ରୁତା ଓ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅଧୀନ ଅର୍ଣ୍ଣପାଳ ପଞ୍ଚାୟତ ରାଜମୁକୁନ୍ଦପୁର ଗାଁ ରାଜୁଆଳିବିନ୍ଧା ବେହେରାସାହିରେ ବୁଧବାର ପୂର୍ବାହ୍ନରେ ଘଟିଛି ଏହି ବୀଭତ୍ସ ହତ୍ୟାକାଣ୍ଡ। ମୃତକ ହେଲେ ସଞ୍ଜିତ ବେହେରା(୩୬)। ଆକ୍ରମଣରେ ତାଙ୍କ ମା' ଓ ଭାଉଜ ଗୁରୁତର ହୋଇ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ଭାଇ ରଞ୍ଜିତଙ୍କ ଅଭିଯୋଗକ୍ରମେ ଥାନାରେ ଏକ ହତ୍ୟା ମାମଲା(ନଂ.୧୩୭/୨୧) ରୁଜୁ କରାଯାଇଛି।

ଅଭିଯୋଗ ଅନୁଯାୟୀ, ମୃତ ସଞ୍ଜିତଙ୍କ ପରିବାର ସହ ସେହି ସାହିର ଲକ୍ଷ୍ମୀଧର ବେହେରାଙ୍କ ପରିବାର ମଧ୍ୟରେ ଜମିଜମାକୁ ନେଇ ପୂର୍ବରୁ ବିବାଦ ରହିଥିଲା। ନିକଟରେ ଥାନାରେ ଏହି ବିବାଦର ସମାଧାନ ମଧ୍ୟ ହୋଇଥିଲା। ବୁଧବାର ହଠାତ୍ ଲକ୍ଷ୍ମୀଧରଙ୍କ ପରିବାର ଲୋକେ ସଂଘବଦ୍ଧ ଭାବେ ମାରଣାସ୍ତ୍ରରେ ସଞ୍ଜିତଙ୍କ ପରିବାର ଉପରେ ଆକ୍ରମଣ କରିଥିଲେ। ଏପରିକି ସେମାନେ ସଞ୍ଜିତଙ୍କୁ ଗୋଡ଼ାଇ ଗୋଡ଼ାଇ ବାଡ଼ି ଓ ଶାବଳରେ ଆକ୍ରମଣ କରିଥିଲେ। ଏହାର ପ୍ରତିବାଦ କରିବାରୁ ତାଙ୍କ ମା' ଓ ଭାଉଜ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ସଞ୍ଜିତଙ୍କ ସମେତ ୩ ଜଣଙ୍କୁ ଗ୍ରାମବାସୀ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ସଞ୍ଜିତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଜଣେ ଆକ୍ରମଣକାରୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ପୋଲିସ କହିଛି।

# ଫୁଡ୍ ଲାଇସେନ୍ସ ଅଫିସର ପରିଚୟ ଦେଇ ଠକେଇ, ୪ ଗିରଫ

**ନକଲି ରସିଦ୍ ଦେଇ ଆଦାୟ କରୁଥିଲେ ଟଙ୍କା**

**କାଲିମେଲା, ୧୭।୩(ଡି.ଏନ୍.ଏ.)**

ଫୁଡ୍ ଲାଇସେନ୍ସ ଅଫିସର ପରିଚୟ ଦେଇ କେତେଜଣ ବ୍ୟକ୍ତି ମାଲକାନଗିରି ଜିଲା କାଲିମେଲା ବ୍ଲକ୍‌ର ବିଭିନ୍ନ ଅଞ୍ଚଳର ବ୍ୟବସାୟୀଙ୍କଠାରୁ ଅର୍ଥ ଆଦାୟ କରିଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି କାଲିମେଲା ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏମ୍‌ଭି-୭୮ ଗ୍ରାମର କିଶୋର ବାଲା, ଏମ୍‌ପିଭି-୭୧ ଗ୍ରାମର ଦୟାମୟ ମଣ୍ଡଳ, ଏମ୍‌ପିଭି-୨୦ ଗ୍ରାମର ଅନୁପ ବର୍ମନ ଏବଂ ସୁଶାନ୍ତ ନାଗ।

ସୂଚନା ଅନୁଯାୟୀ, ଜାନୁୟାରୀ ୨୫ରେ କିଶୋର ବାଲା ନାମକ ବ୍ୟକ୍ତି ବେଜାଙ୍ଗିବାଡ଼ା ଏମ୍‌ପିଭି-୨୦ ଗ୍ରାମର ଯୋଗେଶ ବେପାରୀଙ୍କ ଦୋକାନକୁ ଯାଇ ନିଜକୁ ଫୁଡ୍ ଲାଇସେନ୍ସ ଅଫିସର ଭାବେ ପରିଚୟ ଦେଇଥିଲେ। ଦୋକାନରେ ଖାଦ୍ୟ ସାମଗ୍ରୀ ରଖିବାର ନିୟମ ବିଷୟରେ ଅନ୍‌ଲାଇନରେ ତାଲିମ ଦିଆଯାଉଛି। ତାଲିମ ନେବାପରେ ପ୍ରମାଣପତ୍ର ଦିଆଯିବ କହି ୭୦୦ଟଙ୍କା ମାଗିଥିଲେ। ଯୋଗେଶ ବୟସ୍କ ବ୍ୟକ୍ତି ହୋଇଥିବାରୁ ତାଲିମ କିପରି ନେବେ ଆଖିକୁ ଭଲରେ ଦେଖାଯାଉନାହିଁ ବୋଲି କହିଥିଲେ। ତଥାପି ସବୁ ବ୍ୟବସ୍ଥା କରିଦେବେ ବୋଲି କହି ଉକ୍ତ ବ୍ୟକ୍ତି ଜଣକ ଟଙ୍କା ନେଇଥିବା ଅଭିଯୋଗ ହୋଇଥିଲା। ଏହା ବ୍ୟତୀତ ଅନ୍ୟ ଗ୍ରାମର ବ୍ୟବସାୟୀଙ୍କଠାରୁ ମଧ୍ୟ ସମାନ ପ୍ରକାରେ ଅର୍ଥ ସଂଗ୍ରହ କରାଯାଇଥିବା କାଲିମେଲା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୁକ୍ତମାନେ ନକଲି ରସିଦ୍ ଦେଇ ଏମାନେ ବ୍ୟବସାୟୀମାନଙ୍କ ଠାରୁ ୭୦୦ରୁ ୧୫୦୦ ଟଙ୍କା ପର୍ଯ୍ୟନ୍ତ ସଂଗ୍ରହ କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବାବେଳେ ଉପଯୁକ୍ତ ପ୍ରମାଣ ଦେଇ ନ ପାରିବାରୁ ସେମାନେ ଠକ ବୋଲି ଜଣାପଡ଼ିଥିଲା। ତଦନ୍ତବେଳେ ନବରଙ୍ଗପୁର ଜିଲା ବୁଲିପାଟଣା ଅଞ୍ଚଳର ସୁଶାନ୍ତ ନାଗଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟ ଚାଲିଥିବା ଜଣାପଡ଼ିଥିଲା।

# ସ୍ତ୍ରୀଙ୍କ ତଣ୍ଟିଚିପି ହତ୍ୟା କଲେ ସ୍ୱାମୀ

**ଝାରସୁଗୁଡ଼ା ଅଫିସ, ୧୭।୩**

ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅନ୍ତର୍ଗତ ନନ୍ଦମୁଣ୍ଡା ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ସ୍ୱାମୀ ରବି ନାଏକ ସ୍ତ୍ରୀ ସୁରୁବାଳି ନାଏକ(୪୫)ଙ୍କୁ ତଣ୍ଟିଚିପି ହତ୍ୟା କରିଛନ୍ତି। ଖବର ପାଇ ଲଇକେରା ଥାନା ଓ ସାହସପୁର ଫାଣ୍ଡି ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପୋଲିସ ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଅଟକରଖି ପଚରାଉଚରା କରୁଛି। ଏ ନେଇ ଥାନାରେ କେସ୍ ନଂ.୬୧/୨୧, ଦଫା ୩୦୨ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ବୁଧବାର ସକାଳେ କୌଣସି କାରଣକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ହୋଇଥିଲା। ପରେ ଉଭୟ ମହୁଲ ଗୋଟାଇବା ପାଇଁ ଯାଇଥିଲେ। ସେଠାରେ ପୁଣିଥରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରବି ଏକ ଗାମୁଛାରେ ସ୍ତ୍ରୀଙ୍କ ତଣ୍ଟି ଚାପି ଧରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ମ୍ୟାଚ ବେଳେ ଟଳିପଡ଼ିଲେ ଖେଳାଳି

**ତାଳଚେର/ ଅନୁଗୋଳ ଅଫିସ, ୧୭।୩:** ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ ଖେଳୁଥିବା ବେଳେ ହଠାତ୍ ଜଣେ ଖେଳାଳିଙ୍କ ମୃତ୍ୟୁ ହୋଇଛି। ଅନୁଗୋଳ ଜିଲା ତାଳଚେରସ୍ଥିତ ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍) ଠାରେ ମଙ୍ଗଳବାର ରାତିରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମୃତ ଖେଳାଳି ଜଣକ ହେଲେ କଣିହାଁ ବ୍ଲକ ବଉଦବେଡା ଗ୍ରାମର ସୀମାଞ୍ଚଳ ଦେହୁରୀ (୨୫)। ସୂଚନା ଅନୁଯାୟୀ, ରାତି ପ୍ରାୟ ୧୦ଟା ପରେ ଗୋବରା ଓ ବଉଦବେଡା ମଧ୍ୟରେ ସେମିଫାଇନାଲ୍ ମ୍ୟାଚ ଚାଲିଥିଲା। ଏହି ସମୟରେ ବକ୍ରକୋଟ ଟିମ୍‌ର କାଉଣ୍ଟର ଆଟାକ୍‌ର ସୀମାଞ୍ଚଳ ହଠାତ ପଡ଼ିଯାଇଥିଲେ। ହୃଦ୍‌ଘାତ ହୋଇଥିବା ଆଶଙ୍କା କରି ତାଙ୍କୁ ତୁରନ୍ତ ଟିଟିପିଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା



ମୃତ ସୀମାଞ୍ଚଳ ଦେହୁରୀ।

ଗୁରୁତର ହେବାରୁ ସେଠାରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ବାଟରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଏହାକୁ ନେଇ ଖେଳାଳିମାନଙ୍କ ମଧ୍ୟରେ ଶୋକର ଛାୟାଖେଳି ଯାଇଛି। ଏ ସମ୍ପର୍କରେ ଚାଇଁପାଳ ଫାଣ୍ଡି ଅଧିକାରୀ ଗୋକୁଳାନନ୍ଦ ପଣ୍ଡା କହିଛନ୍ତି, ଟିଟିପିଏସ୍ ଡାକ୍ତରଖାନାରୁ ସୀମାଞ୍ଚଳଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ବାହାରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି।


**CT & GST ROURKELA-I CIRCLE, UDITNAGAR**
(Under CT & GST Territorial Range, Sundargarh)
(Finance Department, Government of Odisha)
No. S-36
**TENDER CALL NOTICE**
Bid Reference No.2306 Date:15.03.2021

Bid in sealed cover are invited under two-bid system from reputed and experienced Manpower Service Providers to provide services of **03 (Three)** Nos of **Office Support Services** for a period of **01(One) year** from the date of actual engagement in terms of Finance Department Circular No-49134/F dated 29.11.2010, No-28090/F dated 22.09.2017 & No-11835/F dated 31.03.2018 in the **O/o the Deputy Commissioner of CT & GST, Rourkela-1 Circle** at **Uditnagar, Rourkela, Sundargarh.**

Bidders are required to submit the Technical and Financial Bids separately. The bids in sealed Cover-I containing **"Technical Bid"** and sealed Cover-II containing **"Financial Bid"** should be placed in a third sealed cover superscribed **"Bid for Outsourcing of Office Support Services"** must reach the undersigned on or before **05.04.2121** by ***Speed Post/Registered Post/ Courier*** only.

The bid documents containing eligibility criteria, scope of the work, terms and conditions of the tender and draft agreement are to be obtained from **O/o the Deputy Commissioner of CT & GST, Rourkela-1 Circle** at **Uditnagar, Rourkela, Sundargarh** on payment of non-refundable amount of Rs. 100/- in form of **Demand Draft** in favour of **"The Deputy Commissioner of CT & GST, Rourkela-1 Circle at Uditnagar, Rourkela"**, drawn on any scheduled commercial bank and payable at **Rourkela** on any working day within **05.04.2021** between 10.00 am to 5.30 pm.

The Authority reserves the right to reject any or all bids and terminate the tender process without assigning any reason thereof.

-Sd-
**Deputy Commissioner of CT & GST**
**Rourkela-1 Circle, Uditnagar**
OIPR-05024/11/0002/2021



**QUOTATION CALL NOTICE FOR DEPLOYMENT OF MANPOWER IN CUTTACK FOREST DIVISION**
No. mm-195

Sealed tenders are invited from interested reputed manpower Service Providers to quote the service charges per month to provide (1) Data Entry Operator-8 Nos., (2) Squad Members-127 Nos., (3) Para Forest Staff-60 Nos., (4) Driver-2 Nos. in total 197 Nos. of manpower in different stations of Cuttack Forest Division w.e.f. **dt.01.04.2021** till completion of one year / completion of the project whichever is earlier. The details of manpower to be deployed in different stations and Terms & Conditions are available in the office of the undersigned. The Tender documents can be obtained by paying Rs. 1000/- towards cost of tender document & GST 18% i.e. Rs. 180/- in Total Rs. 1,180/- from the office of the undersigned in any working days from **18.03.2021.** The last date of receipt of Tender documents is **24.03.2021 at 03.30 P.M.** in the office of the undersigned through Speed Post / Regd. Post / Courier and in no case it will be accepted beyond 03.30 PM. The authority reserves the right to cancel or reject any or all quotations without assigning any reason thereof. Any legal dispute in future is subject to jurisdiction of Cuttack only.

**Divisional Forest Officer,**
**Cuttack Forest Division**
OIPR-08025/11/0005/2021



**ODISHA JOINT ENTRANCE EXAMINATION-2021**
**(OJEE-2021)**
No:-OJEE / 123 Date:16.03.2021
**CORRIGENDUM NOTICE TO TENDER ON CBT**
No- h-04
**(Ref. OJEE/093//24.02.2021)**

With reference to our tender advertisement, vide OJEE / 093 dated 24.02.2021, there are amendments to certain clauses/points of the tender document including change in the last date of submission of the bid.Hence, all the concerned clauses / points may be read as per the amendment. For details, please visit our websites (www.ojee.nic.in/www.odishajee.com).

Sd/-
**CHAIRMAN, OJEE**
OIPR-14020/11/0004/2021



**GOVERNMENT OF ODISHA**
**SCIENCE & TECHNOLOGY DEPARTMENT**
**ADVERTISEMENT**

No. U-20: Applications are invited in the prescribed format from the intending candidates from Statutory Universitites under State/Central Government Scientific Organisations/Institutions of State/Central Government having requisite qualification and experience for filling up one Post of Senior Scientist in Science & Technology Department, Government of Odisha on deputation basis. The last date for receipt of applications is 15.04.2021. For detailed advertisement please visit the departmental website **https://st.odisha.gov.in**.
For any query, please contract Additional Secretary to Government, Science & Technology Department. Phone: 8249916097.

**Sd./- Additional Secretary**
OIPR-28001/11/0012/2021



**DIRECTORATE OF SCH. CASTES & SCH. TRIBES RESEARCH & TRAINING INSTITUTE (SCSTRTI)**
**CRPF Square, Bhubaneswar-751003**
**(Telephone & Fax no.0674-2561635**
**E-mail Id: scstrti@yahoo.co.in.)**
**No. 715** **Dated:15.03.2021**
**QUOTATION CALL NOTICE**

No. V-43: Sealed quotations are hereby invited from interested agencies/firms for AMC of IT items & LAN of SCSTRTI, Bhubaneswar. The Quotation must be addressed to Director of SCSTRTI, CRPF Square, Near P.D. Market, Bhubaneswar-3. The last date of submission of the bid is **30.03.2021 at 01:00 P.M.** The interested Agency/firms can log on to the Govt. website **(www.odisha.gov.in)** & **(www.scstrti.in)** for detail.

**Sd./- Director & Spl. Secy. to Govt.**
**SCSTRTI, Bhubaneswar**
OIPR-26026/11/0013/2021



**GOVERNMENT OF ODISHA**
**OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR**
**(E-Mail address - cerw_bbsr@yahoo.com)**
**"e" Procurement Notice for bridge works in Odisha**
**(Online-05(Bridge)/2020-21 dt. 12.03.2021)**
No. O-1259

1. Name of the work : Construction of bridge work
2. Total No. of works : 01 (One) No.
3. Estimated cost : Rs.1512.40 lakh
4. Class of contractor : Super Class as applicable
5. Period of completion : 18 (Eighteen) calendar months as applicable.
6. Other details :

| Procurement Officer | Bid Identification No. | No. of bridge works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha, Bhubaneswar | Online-05(Bridge) /2020-21 | 01 (One) No. | 20.03.2021 at 11.00 A.M. | 09.04.2021 upto 5.00 P.M. |

Other details can be seen in the bidding documents, which is available in website **www.tendersorissa.gov.in**
**Sd./- Chief Engineer, Buildings & Bridges**
**Rural Works, Odisha, Bhubaneswar**
OIPR-25123/11/0017/2021



**GOVERNMENT OF ODISHA** No. O-1261
**OFFICE OF THE SUPERINTENDING ENGINEER**
**CENTRAL CIRCLE, RURAL WORKS, BHUBANESWAR**
Unit-IX (Near Boys High School) P.O.- Bhoinagar, BBSR, Email: se_ccrw@yahoo.co.in, Phone No. 0674-2540742 (O)
No.1306 / Date: 12.03.2021
**"e" PROCUREMENT NOTICE FOR PROCUREMENT OF LAB EQUIPMENTS FOR THE YEAR 2020-21**

| | | | |
|---|---|---|---|
| 1. | Name of the Work | : | Supply, Delivery and Installation of lab instruments for 6 Nos. Quality Control Division laboratories at Angul / Cuttack/Bolangir /Sambalpur/ Balasore/ Berhampur and RCTRC at Bhubaneswar for the year 2020-21 |
| 2. | Total No. of Supply Order | : | 1 No. |
| 3. | Estimated Cost of Supply of equipments | : | Rs.402.59 lakhs (Approx.) |
| 4. | Bidder | : | Registered Supplier/Manufacturer |
| 5. | Period of Completion | : | One Month |
| 6. | Other details | : | The offered rate by the contractor shall be including GST |

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 6 | 7 |
| Superintending Engineer, Central Circle, Rural Works, Bhubaneswar | Tender Online - C.C.-07 of 2021 | 19.03.2021 at 11.00 A.M. | 30.03.2021 upto 5.00 P.M. | 31.03.2021 at 11.00 A.M. | 05.04.2021 at 11.00 A.M. |

Further details can be seen from the website: **www.tendersorissa.gov.in**.
OIPR-25082/11/0014/2021 **Superintending Engineer, Central Circle, Rural Works, Bhubaneswar**



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, KEONJHAR**
**NOTICE INVITING TENDER e-Procurement**
**Bid ID No. 06 EEMID (KJR/ 2020-2021) Dt. 09.03.2021**

**No. A-688:-** The Executive Engineer, Minor Irrigation Division, Keonjhar on behalf of the Governer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of work | Civil Construction works |
| No. of Works | 1 (One) No. |
| Estimated Cost | Rs. 92.15 Lakhs |
| Tender Paper Cost | Mentioned in Column No. 6 of Tender call notice |
| Period of completion | 06 (Six) calendar months |
| Availability of Bid Documents | From 17.03.2021 to 31.03.2021 during office hours in Website (www.tenderorissa.gov.in) |
| Period of receipt of Bid through online | From 17.03.2021 to 31.03.2021 through online. |
| Date of Opening of Technical Bid Documents | At 11.00 A.M. on 05.04.2021 in the office chamber of the Executive Engineer, M.I. Division, Keonjhar |
| Date of Opening of Financial Bid Documents | At 11.00 A.M. on 08.04.2021 in the office chamber of the Executive Engineer, M.I. Division, Keonjhar |
| Date of Lottery | At 11.00 A.M. on 09.04.2021 in the office chamber of the Executive Engineer, M.I. Division, Keonjhar |
| Digital Signature Certificate of Bidder | The bidder must possess compatible digital signature certificate (DSC) of Class-II or Class-III |
| Name and Address of the OIT: | Executive Engineer, M.I. Division, Keonjhar near Parkline Keonjhar, At/Po-Keonjhar, Dist-Keonjhar Pin-758001. E-Mail ID-eemikjr@yahoo.co.in |

**Further details can be seen from the website : www.tendersorissa.gov.in**
**Sd./- (Er. Manas Ranjan Dash)**
OIPR-32123/11/0005/2021 **Executive Engineer, M.I. Division, Keonjhar**



**OFFICE OF THE DIVISIONAL FOREST OFFICER-CUM-DMU-CHIEF, GHUMSUR SOUTH DIVISION**
**Bhejiput, Bhanjanagar, Ganjam, Odisha, PIN - 761126**
**Phone No. 06821-241034**
**E-mail: dmuchiefghumsursouth@gmail.com**
**CONTRACTUAL ENGAGEMENT OF FMU COORDINATOR FOR ODISHA FORESTRY SECTOR DEVELOPMENT PROJECT - II**

No. MM-196: Divisional Forest Officer-cum-DMU-Chief, Ghumsur, South Division has invites application from suitable candidates for the following position at Forest Range Office-cum-Field Management Unit, Surada under Ghumsur, South Forest Division for working in the Odisha Forestry Sector Development Project, Phase - II.

| Division | Name of the Range Cum FMU | Name of the Post | Vacancy |
|---|---|---|---|
| Ghumsur South Forest Division | Suroda | FMU Coordinator (Training & Process Documentation) | 01 |

Interested candidates may obtain terms of reference and the Application form, from O/o. the Divisional Forest Officer-cum-DMU Chief, Ghumsur, South Forest Division during office hours or may download from the website i.e. **www.ofsds.in**. Filled in application complete in all respect along with Bank Draft of **Rs.500/-** in favour of DFO-CUM-DMU-CHIEF OFSDP II, GHUMSUR, SOUTH DIVISION should reach the O/o. the Divisional Forest Officer-cum-DMU Chief, Ghumsur South Division on or before 04.00 P.M. on 30.03.2021.

**Sd./- Divisional Forest Officer-cum-DMU**
**Chief, Ghumsur South Division**
OIPR-08033/11/0005/2021



ଏଭରଗ୍ରୀନ ଅଭିନେତ୍ରୀ ରେଖାଙ୍କୁ ଫିଲ୍ମ ଇଣ୍ଡଷ୍ଟ୍ରିରେ ସ୍ଥାନଟିଏ ପାଇଁ କଠିନ ପରିଶ୍ରମ ସହ ଅନେକ ସମାଲୋଚନାର ସମ୍ମୁଖୀନ ହେବାକୁ ପଡିଥିଲା। ନିର୍ଦ୍ଦେଶକ ମୋହନ ସେହଗଲ ତାଙ୍କୁ ତାଙ୍କ ଫିଲ୍ମରେ ଅଭିନେତ୍ରୀ ପାଇଁ ସୁଯୋଗ ଦେଇଥିଲେ। ରେଖାଙ୍କ ଫିଲ୍ମ ପ୍ରିମିୟରରେ ଶଶି କପୁର ତାଙ୍କ ସ୍ତ୍ରୀ ଜେନିଫରଙ୍କ ସହ ପହଞ୍ଚିଥିଲେ। ଯେତେବେଳେ ଶଶି କପୁର ରେଖାଙ୍କୁ ଦେଖିଲେ, ସେତେବେଳେ ତାଙ୍କ ପାଟିରୁ ବାହାରି ଆସିଲା, 'ଏହି ମୋଟି, କାଳି ଏବଂ ଫ୍ଲପ୍ ଅଭିନେତ୍ରୀ କିପରି ଇଣ୍ଡଷ୍ଟ୍ରିରେ ନିଜର ପରିଚୟ ସୃଷ୍ଟି କରିବ?' ଶଶି କପୁର ମୋହନ ସେହଗଲଙ୍କୁ ଏହା କହିଥିଲେ। ଉତ୍ତରରେ ଜେନିଫର କହିଥିଲେ ଏହି ଝିଅ ଆଗାମୀ ସମୟରେ ଫିଲ୍ମ ଇଣ୍ଡଷ୍ଟ୍ରିରେ ରାଜ କରିବ।

# ବାୟୁ ପ୍ରଦୂଷଣରେ ଲଗାଇଛନ୍ତି ଲଗାମ

**ପୃଥିବୀର ସର୍ବାଧିକ ପ୍ରଦୂଷିତ ରାଜଧାନୀ ତାଲିକାରେ ଶୀର୍ଷସ୍ଥାନ ମଣ୍ଡନ କରିଛି ଦିଲ୍ଲୀ। କେବଳ ଏତିକି ନୁହେଁ, ସବୁଠୁ ଅଧିକ ପ୍ରଦୂଷିତ ୩୦ ସହର ଭିତରେ ଭାରତର ୨୨ଟି ରହିଛି। ସ୍ୱିଜରଲାଣ୍ଡର ଆଇକ୍ୟୁ ଏୟାର କ୍ୱାଲିଟି ରିପୋର୍ଟ-୨୦୨୦ରେ ଏଭଳି ସାଂଘାତିକ ତଥ୍ୟ ଭାରତ ପାଇଁ ସତର୍କ ଘଣ୍ଟି ବଜାଇଛି। ଏକଦା ପୃଥିବୀର ଅନେକ ସହର ଏଭଳି ବିଷାକ୍ତ ବାୟୁ ପ୍ରଦୂଷଣର ଚକ୍ରବ୍ୟୂହରେ ପଡ଼ିଥିଲେ। ତେବେ ଠିକ୍ ସମୟରେ ଆବଶ୍ୟକ ପଦକ୍ଷେପ ନେଇ ସେମାନେ ପ୍ରଦୂଷଣରେ ଲଗାଇଛନ୍ତି ଲଗାମ।**

**ନୂଆଦିଲ୍ଲୀ:** ଦ୍ରୁତ ଶିଳ୍ପାୟନ, ଜଙ୍ଗଲ ସମ୍ପଦର ଅବକ୍ଷୟ ପାଇଁ ପରିବେଶ ପ୍ରଦୂଷଣ ବଢ଼ିବାରେ ଲାଗିଛି। ବାୟୁ ଏବଂ ଜଳ ପ୍ରଦୂଷଣ ମାନବ ସଭ୍ୟତାର ଅସ୍ତିତ୍ୱକୁ ସଙ୍କଟରେ ପକାଇଛି। ବିଶେଷ କରି ବାୟୁ ପ୍ରଦୂଷଣ ନୀରବ ଘାତକ ସାଜିଥିବାବେଳେ ଅକାଳରେ ଝଡ଼ିପଡୁଛି ଜୀବନ। ସଂକ୍ରମଣ ରୋଗ ବୃଦ୍ଧି ପରିବାରର ଆର୍ଥିକ ମୂଳଦୁଆକୁ ଦୋହଲାଇ ଦେଉଛି, ଯାହାର ଫଳ ଭୋଗୁଛି ଦେଶର ଅର୍ଥନୀତି। ବାୟୁ ପ୍ରଦୂଷଣରୁ ମୁକ୍ତି ଲାଗି ପୃଥିବୀର ଅନେକ ରାଷ୍ଟ୍ର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ଦୀର୍ଘବର୍ଷର ଅନବରତ ଉଦ୍ୟମ ଏବଂ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଫଳରେ ସେମାନେ ଏ ଦିଗରେ ସଫଳତା ପାଇଛନ୍ତି।

ପଦକ୍ଷେପ ସ୍ୱରୂପ ସମ୍ପୃକ୍ତ ଦେଶ ଡିଜେଲଚାଳିତ ଯାନବାହନ ସଂଖ୍ୟା ହ୍ରାସ କରୁଛନ୍ତି। ସାଇକେଲ ଚାଳନାକୁ ପ୍ରୋତ୍ସାହିତ କରିବାକୁ ଯାଇ ସ୍ୱତନ୍ତ୍ର ଟ୍ରାକ୍ ପ୍ରସ୍ତୁତ କରାଯାଉଛି। ବ୍ୟସ୍ତବହୁଳ ସମୟରେ କାର୍ ଚାଳନା ଉପରେ କଟକଣା ଜାରି କରାଯାଉଛି। ସ୍ଥଳବିଶେଷରେ ସେଠାରେ ଯୁଗ୍ମ-ଅଯୁଗ୍ମ ଫର୍ମୁଲା ଲାଗୁ କରାଯାଉଛି। ସହରର ଅନେକ ସ୍ଥାନକୁ କାର୍ ଫ୍ରି ଜୋନ୍‌ରେ ପରିଣତ କରାଯାଇଛି। ନିର୍ଦ୍ଦିଷ୍ଟ ଦିନରେ ଚାରିଚକିଆ ଯାନ ଚଳାଚଳକୁ ବ୍ୟାନ୍ କରାଯାଉଛି। କଟକଣା ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ସ୍ୱରୂପ ମୋଟା ଅଙ୍କର ଜରିମାନା ଆଦାୟ ହେଉଛି। ବୈଦ୍ୟୁତିକ ଯାନ ବିକ୍ରିକୁ ପ୍ରୋତ୍ସାହିତ କରାଯାଉଛି। ସହରକୁ ଏକ ନିର୍ଦ୍ଦିଷ୍ଟ ବର୍ଷ ଭିତରେ କାର୍ବନମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇ ଏହା ଉପରେ କାମ ଆରମ୍ଭ ହୋଇଛି। ଏଭଳି ପଦକ୍ଷେପ ନେଇ ବାୟୁ ପ୍ରଦୂଷଣର ସଫଳ ମୁକାବିଲା କରିପାରିଛନ୍ତି ନ୍ୟୁୟର୍କ, ଲଣ୍ଡନ, ସାନ୍‌ଫ୍ରାନ୍ସିସ୍କୋ, ବୋଗୋଟା, ବର୍ଲିନ, କୋପେନହାଗେନ, ହମ୍‌ବର୍ଗ, ପ୍ୟାରିସ, ଚେଙ୍ଗ୍‌ଡୁ, ମାଡ୍ରିଡ୍, ଓସ୍‌ଲୋ ଭଳି ଅନେକ ସହର।



## ମେଟ୍ରୋ ବ୍ୟବହାରକୁ ଗୁରୁତ୍ୱ ଦେଉଛି ନ୍ୟୁୟର୍କ

ଆମେରିକାର ଅନ୍ୟତମ ଜନବହୁଳ ସହର ନ୍ୟୁୟର୍କରେ ଏକଦା ବାୟୁ ପ୍ରଦୂଷଣ ସାଂଘାତିକ ସ୍ଥିତି ସୃଷ୍ଟି କରିଥିଲା। ଏଥିରୁ ମୁକୁଳିବାକୁ ସେଠାକାର ପ୍ରଶାସନ ଆରମ୍ଭ କରିଥିଲେ ନିଆରା ଅଭିଯାନ। ଗତ କିଛିବର୍ଷ ହେଲା ପରିସ୍ଥିତିରେ ଅନେକ ଉନ୍ନତି ଆସିଛି। ସାଇକେଲ ଚାଳନା ଏବଂ ଛୋଟମୋଟ କାମରେ ପାଦରେ ଚାଲି ଯିବା ଲାଗି ପରାମର୍ଶ ଦିଆଯାଉଛି। ବ୍ୟକ୍ତିଗତ ଯାନବାହନ ପରିବର୍ତ୍ତେ ମେଟ୍ରୋ ଏବଂ ସରକାରୀ ବସ୍‌ରେ ଯାତ୍ରା କରିବାକୁ କୁହାଯାଉଛି। ଅଗଷ୍ଟ ମାସର ୩ ଶନିବାର ସେଣ୍ଟ୍ରାଲ ପାର୍କଠାରୁ ବ୍ରୁକ୍‌ଲିନ୍ ବ୍ରିଜ୍ ଯାଏ କାର୍ ଚାଳନା ଉପରେ ପ୍ରତିବନ୍ଧକ ଲଗାଯାଇଛି। ଏହି ସମୟରେ ପଥଚାରୀଙ୍କ ପାଇଁ ରାସ୍ତା ଖୋଲି ଦିଆଯାଇଥାଏ।

## ସାନ୍‌ଫ୍ରାନ୍ସିସ୍କୋରେ ୧୨୫ କି.ମି.ର ସାଇକେଲ ଟ୍ରାକ୍

ବାୟୁ ପ୍ରଦୂଷଣର ମୁକାବିଲା କରିବା ଲାଗି ସାନ୍‌ଫ୍ରାନ୍ସିସ୍କୋ ପ୍ରଶାସନ ଅନେକ ପଦକ୍ଷେପ ହାତକୁ ନେଇଛି। ଏଠାକାର ସବୁଠାରୁ ବ୍ୟସ୍ତବହୁଳ ମାର୍କେଟ୍ ଷ୍ଟ୍ରିଟ୍‌ରେ ୨୦୧୭ ଅଗଷ୍ଟ ୨ରୁ ଯାନବାହନ ଚଳାଚଳ ଉପରେ ପ୍ରତିବନ୍ଧକ ଲଗାଇ ଦିଆଯାଇଛି। ୨.୨ ମାଇଲ ବିଶିଷ୍ଟ ଏହି ରାସ୍ତାରେ କେବଳ ପଥଚାରୀ, ସାଇକେଲ ଚଳାଚଳ କରିପାରିବ ବୋଲି ନିୟମ ଲାଗୁ କରାଯାଇଛି। ଖାସ୍ ସାଇକେଲ ଚାଳକଙ୍କ ସୁବିଧା ଲାଗି ସହର ଭିତରେ ୧୨୫ ମାଇଲ ବିଶିଷ୍ଟ ସ୍ୱତନ୍ତ୍ର ପଥ ନିର୍ମାଣ କରାଯାଇଛି।

## ଯୁଗ୍ମ-ଅଯୁଗ୍ମ ଫର୍ମୁଲାରେ ସଫଳ ବୋଗୋଟା

କଲମ୍ବିଆର ସବୁଠାରୁ ବ୍ୟସ୍ତ ସହର ହେଉଛି ବୋଗୋଟା। ବଢୁଥିବା ପ୍ରଦୂଷଣରୁ ମୁକୁଳିବାକୁ ଏଠାରେ ୧୯୭୪ରୁ କାର୍ଯ୍ୟ ଆରମ୍ଭ ହୋଇଛି। ରାସ୍ତାରେ ଯାନବାହନ ସଂଖ୍ୟା କମାଇବାକୁ ଗୁରୁତ୍ୱ ଦିଆଯାଉଛି। ସହର ଭିତରେ ସାଇକେଲ ଚାଳନା ପାଇଁ ୨୨୦ ମାଇଲର ସ୍ୱତନ୍ତ୍ର ଟ୍ରାକ୍ ପ୍ରସ୍ତୁତ କରାଯାଇଛି। ବୋଗୋଟାର ୭୫ ମାଇଲ ରାସ୍ତାର ସପ୍ତାହାନ୍ତରେ ଯାନବାହନ ଗଡ଼ିବା ଉପରେ କଡ଼ା କଟକଣା ଲଗାଯାଇଛି। ୨୦୧୩ରେ ସ୍ଥାନୀୟ ସରକାର ସବୁଠାରୁ ବ୍ୟସ୍ତ ସମୟରେ କାର ଚଳାଚଳ ଉପରେ ବ୍ୟାନ୍ ଲଗାଇଛନ୍ତି। ବିକଳ୍ପ ସ୍ୱରୂପ ଏଠାରେ କାର୍ ନମ୍ବର ଅନୁଯାୟୀ ଯୁଗ୍ମ-ଅଯୁଗ୍ମ ଫର୍ମୁଲା ବ୍ୟବହାର କରାଯାଉଛି।

## ବର୍ଲିନରେ ରାଷ୍ଟ୍ରୀୟ ମାନକ ବାଧ୍ୟତାମୂଳକ

**ବର୍ଲିନ:** ୨୦୦୮ରେ ବର୍ଲିନରେ ବାୟୁର ଗୁଣବତ୍ତା ବୃଦ୍ଧି କରିବା ଲାଗି ସ୍ୱତନ୍ତ୍ର ଜୋନ୍ କରାଯାଇଛି। ରାଷ୍ଟ୍ରୀୟ ମାନକ ପୂରଣ କରିପାରୁ ନ ଥିବା କୌଣସି ଯାନବାହନ ଚଳାଚଳ କରିବା ବେଆଇନ ଘୋଷଣା କରାଯାଇଛି। ବର୍ଲିନ୍‌ରେ ସାଇକେଲ ଚାଳନା ପାଇଁ ସୁପର ହାଇୱେ ପ୍ରସ୍ତୁତ କରାଯାଇଛି। ଏହି ରାସ୍ତା ଦେଇ ଯାନବାହନ ଚଳାଚଳ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି।

## ଲଣ୍ଡନରେ କମୁଛି ଡିଜେଲ ଚାଳିତ ଗାଡ଼ି

ଡିଜେଲ ଚାଳିତ ଯାନ ଉପରେ ପ୍ରତିବନ୍ଧକ ଲଗାଇବା ଆରମ୍ଭ କରିଛି ଲଣ୍ଡନ। ୨୦୨୦ରୁ ଏହା ଉପରେ ଅଧିକ ଜୋର୍ ଦିଆଯାଉଛି। ସହରର ଅନେକ ଇଲାକାରେ ଡିଜେଲ ଚାଳିତ ଯାନବାହନ ଚଲାଇବା ବାରଣ କରାଯାଇଛି। ଏଥିଲାଗି ଜରିମାନା ଆଦାୟ କରାଯାଉଛି। ଲଣ୍ଡନରେ ଏଭଳି ନିୟମ ଲାଗୁ ଫଳରେ ଡିଜେଲ ଚାଳିତ ଯାନବାହନ ସଂଖ୍ୟା ଆଶାତୀତ ହ୍ରାସ ପାଇବାରେ ଲାଗିଛି।



ଜାହ୍ନବୀ କପୁର

# ଆଲିଆଙ୍କ ଆଖ୍ୟା ପାଇ ଜାହ୍ନବୀ ଖୁସି

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁରଙ୍କୁ କିଏ ନ ଜାଣେ। ୨୦୧୮ରେ ଜାହ୍ନବୀ ନିଜର କ୍ୟାରିୟରର ଆରମ୍ଭ 'ଧଡ଼କ'ରୁ କରିଥିଲେ। ନିକଟରେ ସେ 'ରୁହି' ଫିଲ୍ମରେ ନଜର୍ ଆସିଛନ୍ତି। ଏହି ଫିଲ୍ମକୁ ନେଇ ଏକ ସାକ୍ଷାତକାରରେ ଫ୍ୟାନ୍‌ମାନେ ପଠାଇଥିବା କମେଣ୍ଟ ବିଷୟରେ ଉତ୍ତର ରଖିଥିଲେ। ଜଣେ ଫ୍ୟାନ୍ ଏହି ଫିଲ୍ମର ଟ୍ରେଲର୍‌ରେ ଜାହ୍ନବୀ ବହୁତ କ୍ୟୁଟ ଦେଖାଯାଉଛନ୍ତି ବୋଲି ଲେଖିଥିଲେ। 'ଗୁଞ୍ଜନ ସକ୍ସେନା' ମୁଭି ପରେ ଜାହ୍ନବୀଙ୍କୁ ସମ୍ପୂର୍ଣ୍ଣ ଭିନ୍ନ ଅବତାରରେ ଦେଖିବାକୁ ମିଳୁଛି। ତେବେ ତାଙ୍କର ଫ୍ୟାନ୍ ଫଲୋଇଙ୍ଗ ମଧ୍ୟ ଅଧିକ। ଜାହ୍ନବୀଙ୍କ ମଧ୍ୟରେ ସେତିକି କ୍ଷମତା ଅଛି ଯେ, ସେ ଆଉ ଏକ ଆଲିଆ ଭଟ ହୋଇପାରିବେ ବୋଲି ଜଣେ ଫ୍ୟାନ୍ ତାଙ୍କୁ କହିଥିଲେ। ଏହାର ଉତ୍ତର ଦେବାବେଳେ ଜାହ୍ନବୀ ଏକଦମ୍ ଖୁସି ହୋଇଯାଇଥିଲେ। ଏବଂ କହିଥିଲେ ମୁଁ ଆପଣଙ୍କୁ କିପରି ଧନ୍ୟବାଦ ଜଣାଇବି ମୋ ପାଖରେ ଶବ୍ଦ ନାହିଁ। ଏଇଟା ମୋ ପାଇଁ ବହୁତ ବଡ଼ କଥା।

# ପଶୁଙ୍କ ଗର୍ଭାଶୟରେ ଛଡ଼ାଯିବ ମଣିଷ ଭ୍ରୂଣ

**ଟୋକିଓ:** ଜାପାନର ଜଣେ ଷ୍ଟେମ-ସେଲ ବୈଜ୍ଞାନିକ ଏକ ଭିନ୍ନ ଧରଣର ଗବେଷଣା କରିଛନ୍ତି। ଏଠାକାର ସରକାର ଏଥିପାଇଁ ସହାୟତା ମଧ୍ୟ ଦେବା ଆରମ୍ଭ କରିଛନ୍ତି। ବୈଜ୍ଞାନିକ ଏମିତି ଉପାୟରେ କାର୍ଯ୍ୟ ଆରମ୍ଭ କରିଛନ୍ତି, ଯାହା ଦ୍ୱାରା ପଶୁଙ୍କ ଗର୍ଭାଶୟରେ ମାନବ କୋଷର ବିକାଶ ହୋଇପାରିବ। ଏବେ ମଣିଷଙ୍କ ପରି ପଶୁମାନେ ମଧ୍ୟ ସରୋଗେଟ ମା ହୋଇପାରିବେ। ପଶୁଙ୍କ ଗର୍ଭରୁ ଜନ୍ମନେବେ ମଣିଷ। ଜାପାନର ହିରୋମିଷ୍ଟୁ ନାକୋଚି ନାମକ ଏହି ବୈଜ୍ଞାନିକ ପଶୁଙ୍କ ଉପରେ ଗବେଷଣା କରୁଥିଲେ। ତେବେ ଜାପାନ ସରକାର ଏହାକୁ ଅନୁମତି ମଧ୍ୟ ଦେଇଛନ୍ତି। ହିରୋମିଷ୍ଟୁ ଏବଂ ତାଙ୍କ ଦଳ ପ୍ରଥମେ ମୂଷା ଭ୍ରୂଣରେ ମାନବ କୋଷର ବିକାଶ କରିବେ। ସେହି ଭ୍ରୂଣଗୁଡ଼ିକୁ ସରୋଗେଟ ପ୍ରାଣୀଙ୍କ ଗର୍ଭରେ ସ୍ଥାନାନ୍ତର କରିବେ। ଏହି ପରୀକ୍ଷଣର ଉଦ୍ଦେଶ୍ୟ ମାନବ ଶିଶୁ ସୃଷ୍ଟି କରିବା ନୁହେଁ ବରଂ ପଶୁମାନଙ୍କୁ ପ୍ରସ୍ତୁତ କରିବା ଯାହାର ଶରୀରର ଅଙ୍ଗ ମାନବ କୋଷରେ ତିଆରି। ଯଦି ଆବଶ୍ୟକ ହୁଏ ତେବେ ଏହି ପ୍ରାଣୀମାନଙ୍କର ଅଙ୍ଗ ମାନବଠାରେ ପ୍ରତ୍ୟାରୋପଣ କରାଯାଇପାରିବ। ୨୦୧୫ରୁ ପ୍ରଥମେ ଆମେରିକା ଏହା ଉପରେ ଗବେଷଣା କରୁଥିଲା। ପରେ ଏହାକୁ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ହେଲ୍‌ଥ ଏହା ଉପରେ ରୋକ ଲଗାଇଥିଲା। ମାତ୍ର ଜାପାନୀ ବୈଜ୍ଞାନିକ ଏହା କରିବା ପାଇଁ ସବୁଜ ସଙ୍କେତ ପାଇଛନ୍ତି। ଜାପାନର ଏହି ପ୍ରୋଜେକ୍ଟ ଯଦି ସଫଳ ହୁଏ, ତେବେ ଏହା ସମ୍ଭବ ଯେ ଆଗାମୀ ସମୟରେ ଏପରି ଜୀବ ସୃଷ୍ଟି ହେବ ଯାହା ଅଧା ମାନବ ଏବଂ ଅଧା ପ୍ରାଣୀ। ଏହା ଦ୍ୱାରା ଅନେକ ବିପଦ ଆଶଙ୍କା କରି ବିଶ୍ୱର ଅନେକ ଦେଶ ଏଭଳି ପ୍ରକଳ୍ପ ବନ୍ଦ କରିଦେଇଥିଲେ। ଯାହା ବର୍ତ୍ତମାନ କରିବାକୁ ଆଗେଇ ଆସିଛି ଜାପାନ।



# ଚାକିରି ବାଟ ଦେଖାଇ ରୋଜଗାର

**ନୂଆଦିଲ୍ଲୀ:** ଏମିତି କେତେଜଣ ବ୍ୟକ୍ତିତ୍ୱ ଥାଆନ୍ତି ଯେଉଁମାନେ ନିଜ ପାଇଁ ରାସ୍ତା ଚୟନ କରିବା ସହିତ ଅନ୍ୟମାନଙ୍କର ପଥ ପ୍ରଦର୍ଶକ ହୋଇପାରନ୍ତି। ଠିକ୍ ଏମିତି ଜଣେ ମହିଳା ହେଉଛନ୍ତି ସଲୋନୀ ଶ୍ରୀବାସ୍ତବ। ସୋସିଆଲ ମିଡିଆରେ ଆଜି ଜଣେ ପରିଚିତ ମହିଳା ପାଲଟିଛନ୍ତି ସେ। ଲୋକମାନଙ୍କୁ ବ୍ୟବସାୟର ନୂଆ ଆଇଡିଆ ଦେଇ ଏବେ ସେ ଅନେକଙ୍କ ପାଇଁ ରୋଜଗାରର ମାଧ୍ୟମ ସୃଷ୍ଟି କରିଛନ୍ତି। ଏହି ମାଧ୍ୟମରେ ଏବେ ସୁଦ୍ଧା ୩,୫୦୦ ଲୋକଙ୍କୁ ସାହାଯ୍ୟ କରି ପାରିଛନ୍ତି। ଲକଡାଉନ୍ ସମୟରେ ଅନେକେ ନିଜ ନିଜ ଜୀବିକା ହରାଇ ଭାଙ୍ଗି ପଡିଥିଲେ। କିନ୍ତୁ ଘରେ ରହି ଚାକିରି ନ କରି କିଭଳି ବିଭିନ୍ନ ଉପାୟରେ ବି ଅର୍ଥ ରୋଜଗାର କରିହେବ ସେନେଇ ସମସ୍ତେ ଚିନ୍ତା କରିବାକୁ ଲାଗିଥିଲେ। ଆଉ ଠିକ୍ ଏହି ସମୟରେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଥିଲେ ସଲୋନୀ। ପ୍ରଥମେ କଣ୍ଟେଣ୍ଟ କ୍ରିଏଟରଭାବେ ସେ ରୋଜଗାର ବାବଦରେ ବିଭିନ୍ନ ଟିପ୍ସ ଭିଡିଓ ମାଧ୍ୟମରେ ଅପଲୋଡ କରିଥିଲେ। ଏହାପରେ ସେ ଲକ୍ଷ୍ୟ କରିଥିଲେ କି ତାଙ୍କୁ ବହୁତ ଲୋକ ଫଲୋ କରୁଛନ୍ତି ଏବଂ ବିଭିନ୍ନ ପ୍ରକାର କମେଣ୍ଟ ବି ଦେଉଛନ୍ତି। ଏହାପରେ ସେ ଯୁବପିଢ଼ିଙ୍କ ଉଦ୍ଦେଶ୍ୟରେ ବିଭିନ୍ନ କଥା କହିବାକୁ ଲାଗିଲେ। ବିଶେଷକରି ୧୮ ରୁ ୩୦ ବର୍ଷ ମଧ୍ୟରେ ଯୁବବର୍ଗଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଏବଂ ସେମାନେ ଜାଣି ନ ଥିବା ଅନେକ କଥା ସେ ତାଙ୍କ ଭିଡିଓ ମାଧ୍ୟମରେ କହିଥିଲେ। ଏଭଳି ଭାବେ ଧୀରେ ଧୀରେ ସଲୋନୀଙ୍କୁ କଣ୍ଟେଣ୍ଟ କ୍ରିଏଟରଭାବେ ପରିଚୟ ମିଳିବାକୁ ଲାଗିଲା। ଏବେ ସଲୋନୀ ହ୍ୱାଟ୍ସଆପ୍ ମାଧ୍ୟମରେ ବି ବିଭିନ୍ନ ଗ୍ରୁପ କରି ୫୦୦ରୁ ଅଧିକ ଲୋକଙ୍କ ସହ ଯୋଡ଼ି ହୋଇ ପାରିଛନ୍ତି। ଏହା ସହିତ କନଫରେନ୍ସ କଲ୍ ମାଧ୍ୟମରେ ବି ସେ ଲୋକଙ୍କ ସହ କଥାବାର୍ତ୍ତା ହୋଇ ସେମାନଙ୍କର ବିଭିନ୍ନ ସମସ୍ୟାର ଉତ୍ତର ଦେଇଥାନ୍ତି। ସଲୋନୀ ଏବେ ବିଭିନ୍ନ କୋର୍ସ ମାଧ୍ୟମରେ ଲୋକଙ୍କୁ ନୂଆ ନୂଆ ଆଇଡିଆ ଦେଉଛନ୍ତି। ଏଥିପାଇଁ ସେ ପ୍ରତି ମାସରେ ୧୨ଟି ଛୋଟ କୋର୍ସ ଲଞ୍ଚ କରୁଛନ୍ତି ଏବଂ ଏହି କୋର୍ସ ମାଧ୍ୟମରେ ହିଁ ଲୋକଙ୍କୁ ବିଭିନ୍ନ ଭାବରେ ଅର୍ଥ ରୋଜଗାରର ମାଧ୍ୟମ ଦେଇ ପାରୁଛନ୍ତି।



# ଭାରତୀୟଙ୍କୁ ମିଳିବନି ଭାତ

**ୱାଶିଂଟନ:** ଆଉ ୩୦ ବର୍ଷ ପରେ ଭାରତରେ ଧାନ ଉତ୍ପାଦନ କମିଯିବ। ଫଳରେ ଭାରତୀୟଙ୍କ ପାଇଁ ଭାତ ମିଳିବା କଷ୍ଟକର ହୋଇଯିବ ବୋଲି ଆମେରିକାର ଇଲିନୋଇସ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ଗବେଷଣା ରିପୋର୍ଟରୁ ଜଣାପଡ଼ିଛି। ପରିବର୍ତ୍ତିତ ପାଣିପାଗ, ପାଣି ଅଭାବ ଏବଂ ବିଶ୍ୱ ତାପନର ପ୍ରଭାବରେ ୨୦୫୦ ବେଳକୁ ଧାନ ଉତ୍ପାଦନ କମିଯିବ। ଫଳରେ ଭାତ ଉପରେ ନିର୍ଭର କରୁଥିବା ଭାରତର ବହୁ ଲୋକଙ୍କ ମେନୁରେ ଭାତ ରହିବ ନାହିଁ। ତେଣୁ ବର୍ତ୍ତମାନଠାରୁ ଏ ନେଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଥିବା ରିପୋର୍ଟରେ ପ୍ରକାଶ ପାଇଛି। ବର୍ଷା ଅଭାବ ସହ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ସାନ୍ଦ୍ରତା ବଢୁଥିବାରୁ ଧାନ ଫସଲ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କା ଅଧିକ ରହିଛି ବୋଲି ଗବେଷକ ଦଳର ନେତୃତ୍ୱ ନେଇଥିବା ପ୍ରଫେସର ପ୍ରଶାନ୍ତ କଳିତା କହିଛନ୍ତି। ଏହାଦ୍ୱାରା ଉତ୍କଟ ଖାଦ୍ୟାଭାବ ଉପୁଜିବ। କୃଷି କ୍ଷେତ୍ରର ବିକାଶ ପ୍ରତି ଗୁରୁତ୍ୱାରୋପ କରାଗଲେ ସ୍ଥିତିରେ କିଛି ପରିବର୍ତ୍ତନ ଆସିବାର ଆଶା କରାଯାଇପାରେ ପୋଲି ସେ ମତପୋଷଣ କରିଛନ୍ତି।

1st Birthday



Dhyanesh Swain
Bhunipur, Dhenkanal
May lord Jagannath Bless you.
Best Wishes From:
Manoj Swain & all Family Members
ଧ-୨୦୨୪୯

ମନେ ପଡ଼ନ୍ତି
ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଽ ଲାଲବାହାଦୂର ସାହୁ
(ପୂର୍ବତନ ନଗରପାଳ, କୋଣାର୍କ ଏନଏସି)
ଆବିର୍ଭାବ:- ୧୧.୦୧.୧୯୬୬
ତିରୋଧାନ:- ୧୮.୦୩.୨୦୨୦
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ଶ୍ରଦ୍ଧାଞ୍ଜଳି।
-: ଶୋକସନ୍ତପ୍ତ :-
ସୋନୁ, ପୂଜା ଓ ବନ୍ଧୁ ପରିବାର ବର୍ଗ।
ଧ-୨୦୨୬୧


# ୱିଲସନଙ୍କୁ ହଲ୍‌ଙ୍କ ଶକ୍ତିଶାଳୀ ମୁଥ

ପୂର୍ବତନ ଅଲିମ୍ପିକ ଜିମ୍ନାଷ୍ଟ ନାଇଲ ୱିଲ୍ସନଙ୍କୁ ମୁଥ ମାରିଛନ୍ତି ଦୁନିଆର ସବୁଠାରୁ ଶକ୍ତିଶାଳୀ ଯୋଦ୍ଧା ଏଡି ହଲ୍। ୱିଲସନ ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ ଲୋକପ୍ରିୟତା ପାଇଁ ଏଭଳି ଚ୍ୟାଲେଞ୍ଜ ନେଇଥିଲେ। ଏବେ ତାଙ୍କର ଏହି ଭିଡିଓ ଟ୍ରେଣ୍ଡ କରୁଛି। ଭିଡିଓରେ ଦେଖିବାକୁ ମିଳିଛି, ୱିଲସନ ତାଙ୍କଠାରୁ ପ୍ରାୟ ୧୦ ଗୁଣ ଅଧିକ ଓଜନ ଥିବା ହଲଙ୍କ ପେଟରେ ପ୍ରଥମେ ମୁଥ ମାରିଥିଲେ। ହେଲେ ଏଥିରେ ହଲ୍ ସମ୍ପୂର୍ଣ୍ଣ ସ୍ଥିର ରହିଥିଲେ। କିନ୍ତୁ ହଲ୍ ମାଡ଼ ମାରିବା ପୂର୍ବରୁ ହଡ଼ବଡେଇ ଯାଇ ୱିଲସନ୍ ପ୍ରୋଟେକ୍ଟିଭ୍ ଜ୍ୟାକେଟ ପିନ୍ଧିଥିଲେ। ହେଲେ ଏହା ତାଙ୍କୁ ସୁରକ୍ଷା ଦେଇପାରି ନ ଥିଲା। ହଲ୍‌ଙ୍କ ଗୋଟିଏ ମୁଥରେ ୱିଲସନ ଦୂରକୁ ଛିଟିକି ପଡ଼ିଥିଲେ। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛି।

# କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବରଗଡ଼, ଝାରସୁଗୁଡା, ସୁନ୍ଦରଗଡ଼ର ଏକାଧିକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟାନ୍ୟ ସ୍ଥାନରେ ପାଗ ଶୁଖିଲା ରହିବ। ବିଭିନ୍ନ ସ୍ଥାନରେ ଦିନ ଓ ରାତି ତାପମାତ୍ରା ପ୍ରାୟ ୨ରୁ ୪ ଡିଗ୍ରୀ ସେଲ୍‌ସିଅସ୍ ବୃଦ୍ଧି ପାଇପାରେ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ପାଶ୍ୱର୍ବର୍ତ୍ତୀ ଅଞ୍ଚଳର ଆକାଶ ନିର୍ମଳ ରହିବ। ସନ୍ଧ୍ୟାବେଳକୁ ପାଗ ମେଘୁଆ ରହିପାରେ। ଗୁରୁବାର ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୦ | ୨୨.୦ |
| ଚାନ୍ଦବାଲି | ୩୬.୩ | ୨୩.୧ |
| କଟକ | ୩୭.୬ | ୨୨.୮ |
| ପାରାଦୀପ | ୩୨.୦ | ୨୩.୧ |
| ଭୁବନେଶ୍ୱର | ୩୮.୬ | ୨୩.୯ |
| ଗୋପାଳପୁର | ୩୨.୧ | ୨୩.୬ |
| ପୁରୀ | ୩୨.୦ | ୨୬.୨ |
| ଅନୁଗୋଳ | ୩୭.୭ | ୨୦.୦ |
| ବାରିପଦା | ୩୯.୦ | ୨୧.୦ |
| ଝାରସୁଗୁଡ଼ା | ୩୭.୨ | ୨୦.୪ |
| କେନ୍ଦୁଝର | ୩୫.୦ | ୧୯.୬ |
| ସମ୍ବଲପୁର | ୩୭.୨ | ୨୧.୨ |
| ସୁନ୍ଦରଗଡ଼ | ୩୬.୫ | ୧୯.୦ |
| ହୀରାକୁଦ | ୩୬.୮ | ୨୦.୭ |
| ତାଳଚେର | ୩୮.୩ | ୨୧.୫ |
| ଭବାନୀପାଟଣା | ୩୭.୭ | ୨୦.୬ |
| ବଲାଙ୍ଗୀର | ୩୭.୨ | ୧୯.୦ |
| କୋରାପୁଟ | ୩୫.୦ | ୧୮.୦ |
| ଫୁଲବାଣୀ | --- | ୧୫.୫ |
| ଟିଟିଲାଗଡ଼ | ୩୮.୦ | ୨୨.୮ |
| ମାଲକାନଗିରି | ୩୯.୦ | ୨୨.୦ |
| ସୋନପୁର | ୩୫.୮ | ୨୦.୮ |
| ଦାରିଙ୍ଗିବାଡ଼ି | ୩୩.୦ | ୧୮.୦ |
| ନୟାଗଡ଼ | ୩୮.୦ | ୨୧.୦ |
| ବୌଦ୍ଧ | ୩୯.୦ | ୧୯.୦ |
| ଛତ୍ରପୁର | ୩୩.୭ | ୨୨.୪ |
| ପାରଳାଖେମୁଣ୍ଡି | ୩୧.୦ | ୨୨.୦ |
| ରାୟଗଡ଼ା | --- | ୨୦.୧ |

ଡିଗ୍ରୀ ସେଲ୍‌ସିୟସ୍

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SMS JOB BUSINESS
Send SMS, Earn Money



ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ବିଜ୍ନେସ କରି ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
9142914076
8092781316

ରାହୁଲ କର୍ପୋରେଶନ
4G ଏବଂ 5G ମୋବାଇଲ ଟାୱାର ସ୍ଥାପନ ପାଇଁ ଗ୍ରାମ ଓ ସହରରେ ଜମି/ଛାତ/କ୍ଷେତ ଆବଶ୍ୟକ, ଅଗ୍ରିମ-65 ଲକ୍ଷ, ଭଡ଼ା 45000/-
କଲ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ
#9451882120

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହଋଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଇସକ୍ରିମ ପାଇଁ...


ଜାହ୍ନବୀ

ଷ୍ଟାର କିଡ୍ ଜାହ୍ନବୀ କପୁରଙ୍କୁ କିଛି ସମୟ ହଟହଟା ହେବାକୁ ପଡ଼ିଥିଲା। କଥା କ'ଣ କି ନିକଟରେ ରିଲିଜ ହୋଇ ବକ୍ସ ଅଫିସରେ ଆଶାନୁରୂପ ବିଜ୍‌ନେସ କରୁଥିବା 'ରୋହି'ର ଏକ ସ୍ପେଶାଲ ଶୋ' ଅନୁଷ୍ଠିତ ହୋଇଥିଲା। ନିଜ ପରିବାର ଏବଂ ସାଙ୍ଗସାଥୀଙ୍କ ସହ ସେ ଏହି ଶୋ' ଦେଖିବାକୁ ଯାଇଥିଲେ। ଶୋ' ପରେ ସେ ସାଙ୍ଗମାନଙ୍କ ସହ ଆଇସକ୍ରିମ ଖାଇବାକୁ ମନ ବଳାଇଥିଲେ। ଏହା ଦେଖି ତାଙ୍କର ସାଙ୍ଗମାନେ ମଧ୍ୟ ଜାହ୍ନବୀଙ୍କ ସହ ଆଇସକ୍ରିମ ସେଲିବ୍ରେଶନ କରିବାକୁ ଇଚ୍ଛା କରିଥିଲେ। ବାସ୍, ସମସ୍ତେ ପହଞ୍ଚିଥିଲେ ଆଇସକ୍ରିମ ପାର୍ଲରରେ। ହେଲେ ସାଙ୍ଗମାନଙ୍କ ସହ ଆଇସକ୍ରିମ ଖାଉ ଖାଉ କେତେ ଜଣ ପ୍ରଶଂସକ ତାଙ୍କ ସହ ସେଲ୍‌ଫି ନେବାକୁ ଅନୁରୋଧ କରିଥିଲେ। ସେପଟେ ପ୍ରଶଂସକମାନଙ୍କର ମନ ଭାଙ୍ଗି ପାରି ନଥିଲେ ଜାହ୍ନବୀ। ତା'ପରେ ଆରମ୍ଭ ହୋଇଯାଇଥିଲା ସେଲଫି ପର୍ବ। ଏଥିପାଇଁ ଜାହ୍ନବୀଙ୍କୁ ସେଠାରେ ପାଖାପାଖି ଦୁଇ ଘଣ୍ଟା ସମୟ ବିତାଇବାକୁ ପଡ଼ିଥିଲା।

# ରାମରାଜ୍ୟ

ପିଲାମାନେ ଛୋଟ ହେଲେ ମଧ୍ୟ ସେମାନଙ୍କ ମନରେ ଅନେକ ଆଶା ରହିଛି। ହେଲେ ସବୁ ଆଶା କ'ଣ ପୂରଣ ହୁଏ ? କିନ୍ତୁ ଛଅ ଜଣ ଛୋଟ ପିଲା କିପରି ବାଧାବିଘ୍ନର ସମ୍ମୁଖୀନ ହୋଇ ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚୁଛନ୍ତି ତାହା ଏହି ନୂଆ ଓଡ଼ିଆ ସିନେମାରେ ଦେଖିବାକୁ ମିଳିବ, ଯାହାର ଟାଇଟଲ ରହିଛି 'ରାମରାଜ୍ୟ'। ଏହାର କାହାଣୀ, ସଂଳାପ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେବେ 'ଯୋଗୀ', 'ପ୍ରେମ ପାଇଁ ମହାଭାରତ'ର ନିର୍ଦ୍ଦେଶକ ନିରଞ୍ଜନ ବେହେରା। ଫିଲ୍ମର ମୁଖ୍ୟ ଉପଦେଷ୍ଟା ଅଛନ୍ତି ଶ୍ରୀଧର ମାର୍ଥା। ଏ ସମ୍ପର୍କରେ ନିରଞ୍ଜନ କହନ୍ତି, 'ଛଅ ଜଣ ପିଲାଙ୍କ ଉପରେ ଏହାର କାହାଣୀ ଆଧାରିତ। ସେମାନଙ୍କ ମନରେ ଉଙ୍କି ମାରୁଥିବା ସ୍ୱପ୍ନକୁ ସେମାନେ କିପରି ମିଳିତ ଭାବରେ ସଫଳ କରୁଛନ୍ତି ତାହା ସିନେମାରେ ଦେଖିବାକୁ ମିଳିବ। ଏହି ଛଅ ଜଣ ଶିଶୁ କଳାକାରଙ୍କ ଚୟନ ପ୍ରକ୍ରିୟା ଅଡିସନ ମାଧ୍ୟମରେ ହେବ।' 'ରାମରାଜ୍ୟ'ର ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ଗୁଡ୍‌ଲି ରଥ। 'ଏହି ସିନେମାର ପ୍ରାରମ୍ଭିକ କାମ ଚାଲୁ ରହିଛି ଏବଂ ଖୁବ୍ ଶୀଘ୍ର କାଷ୍ଟିଂ ଫାଇନାଲ ହୋଇ ଶୁଟିଂ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ଏହାର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ।



# କାଜଲଙ୍କ ଅବସୋସ

କେବଳ ଦକ୍ଷିଣ ଭାରତୀୟ ସିନେମା ନୁହେଁ, ବଲିଉଡ୍‌ରେ ମଧ୍ୟ କାଜଲ ଅଗ୍ରୱାଲ ନିଜ ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି। ଯେକୌଣସି ଅଫର ମିଳିଲେ ସେ ନିଜ ଭୂମିକାକୁ ବେଶ୍ ଗୁରୁତ୍ୱ ଦେଇଥାଆନ୍ତି। 'ଅଭିନୟ ହିଁ ଜଣେ କଳାକାରର ଅସଲ ପରିଚୟ' ବୋଲି ସେ କହନ୍ତି। ଆକ୍ଟିଂ କ୍ୟାରିୟରରେ ନେମ୍ ଫେମ୍ କମାଇବା ପରେ ମଧ୍ୟ ତାଙ୍କର ଏକ ଅବସୋସ ରହିଯାଇଛି। ଯାହାକୁ ସେ କଥା ପ୍ରସଙ୍ଗରେ ଅନେକ ସ୍ଥାନରେ କହିବାକୁ ଭୁଲି ନ ଥାନ୍ତି। ଅଭିନୟରୁ ତ ଆତ୍ମସନ୍ତୋଷ ମିଳିଛି, ପୁଣି କ'ଣ ଏମିତି କଥା ରହିଯାଇଛି ଯେ ଯାହାକୁ ନେଇ ସେ ଏବେ ମଧ୍ୟ ଅନୁତାପ କରୁଛନ୍ତି। କଥା କ'ଣ କି ପାଠ ପଢ଼ିବା ସମୟରେ ତାଙ୍କର ଇଚ୍ଛା ଥିଲା ଏମ.ବି.ଏ. କରିବେ। ମାସ୍ ମିଡିଆରେ ଡିଗ୍ରୀ ହାସଲ କରିଥିଲେ ମଧ୍ୟ ଅଭିନୟ ପ୍ରତି ତାଙ୍କର ଆଗ୍ରହ ରହିଥିଲା। ୨୦୦୭ରେ ତାଙ୍କ ଅଭିନୀତ ପ୍ରଥମ ସିନେମା (ତେଲୁଗୁ) 'ଲକ୍ଷ୍ମୀ କଲ୍ୟାନମ୍' ରିଲିଜ ହୋଇଥିଲା। ମେଗା ଷ୍ଟାର ମହେଶ ବାବୁଙ୍କ ସହ 'ବିଜ୍‌ନେସମ୍ୟାନ୍' ସୁପରହିଟ୍ ହେବା ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ନିଜର କ୍ୟାରିୟର ସମ୍ପର୍କରେ କାଜଲ କହନ୍ତି, 'ମୋର ଇଚ୍ଛା ଥିଲା ଏମ.ବି.ଏ.ରେ ଡିଗ୍ରୀ ହାସଲ କରିବାକୁ, ହେଲେ ତାହା ସମ୍ଭବ ହୋଇପାରିଲା ନାହିଁ। ତାହା ମୋ ଜୀବନରେ ଏକ ଅବସୋସ ହୋଇ ରହିଯାଇଛି।' ଶୁଟିଂ ହେଉ ଅବା ବ୍ୟକ୍ତିଗତ ଜୀବନକୁ ନେଇ ଯେତେ ବ୍ୟସ୍ତ ରହିଲେ ମଧ୍ୟ ନିଜର ଫିଟ୍‌ନେସ ପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତି ସେ। ହେଲେ ମନପସନ୍ଦର ଖାଦ୍ୟ ଦେଖିଲେ ତାହାକୁ ଖାଇବା ଲୋଭକୁ ସମ୍ବରଣ କରିପାରନ୍ତି ନାହିଁ।

# ମୋ ଜୀବନ ତୁ


(ବାମରୁ) ଅଙ୍କିତା-ପ୍ରଦୀପ-ନମ୍ରତା

ନୂଆ ଓଡ଼ିଆ ସିନେମା 'ମୋ ଜୀବନ ତୁ'ର ଶୁଟିଂ ଆରମ୍ଭ ହୋଇଯାଇଛି। ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ଏହାର କାହାଣୀ ଗତିଶୀଳ। ଫେଷ୍ଟିଭ ଡିଭାଇନ୍ ଇନଫ୍ରା ଆଣ୍ଡ ସର୍ଭିସେସ ପ୍ରା.ଲି. ବ୍ୟାନରରେ ଚିତ୍ରଟିର ପ୍ରଯୋଜନା ଇମତିୟାଜ ଅଲ୍ଲୀ କରୁଥିବା ବେଳେ ସହ-ପ୍ରଯୋଜନା ଦାୟିତ୍ୱ ତୁଲାଉଛନ୍ତି କ୍ଷୀତିଶ ସାହୁ। କୋରିଓଗ୍ରାଫରରୁ ନିର୍ଦ୍ଦେଶକ ସାଜିଥିବା ଲୁବୁନ୍-ତୁବୁନ ଯୋଡି ନିର୍ଦ୍ଦେଶନା ଦେଉଛନ୍ତି। ବୈଦନାଥ ଦାଶଙ୍କ ସ୍ୱର ସଂଯୋଜନାରେ ଏଥିରେ ସଂଯୋଜିତ ଗୀତଗୁଡ଼ିକ ପାଇଁ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଇରା ମହାନ୍ତି, ଅଭିଜିତ ମଜୁମଦାର, ବିଷ୍ଣୁମୋହନ କବି, ଅସୀମା ପଣ୍ଡା, ଦିପ୍ତୀରେଖା ପାଢ଼ୀ ଏବଂ ସ୍ୱୟଂମ ପାଢ଼ୀ। ଫିଲ୍ମର ନାୟକ ସାଜିଛନ୍ତି 'କିଏ ଦେବ ଟକ୍କର'ରୁ ଓଲିଉଡ୍ କ୍ୟାରିୟର ଆରମ୍ଭ କରିଥିବା ପ୍ରଦୀପ ଦତ୍ତ। ତାଙ୍କ ସହ ନାୟିକା ଭୂମିକାରେ ଅଭିନୟ କରୁଛନ୍ତି ନମ୍ରତା ସିଂଦେଓ ଏବଂ ଅଙ୍କିତା ଭୌମିକ। ଅନ୍ୟପକ୍ଷରେ ସରୋଜ ଦାସ, ପପୁ ସନ୍ତୁକା, ରିସ୍‌ନା, ଟନିଆ, ବାବୁ ପ୍ରଧାନ, ନେହା ଏବଂ ଶୁଭଶ୍ରୀଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ।

# ଏପ୍ରିଲ ୩୦କୁ ଅପେକ୍ଷା

ଯାହାହେଉ ଶେଷରେ ରିଲିଜ ଡେଟ୍ ଫାଇନାଲ ହେଲା। ଏଥିପାଇଁ ଏକ ଶୁଭ ଦିନ ଖୋଜିବାରେ ଲାଗିପଡିଥିଲେ ନିର୍ଦ୍ଦେଶକ ରୋହିତ ସେଟ୍ଟି ଏବଂ ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଅକ୍ଷୟ କୁମାର ଓ କ୍ୟାଟ୍ରିନା କୈଫ। ଏ ନେଇ ବିଚାର ବିମର୍ଶ ଚାଲିଥିବା ବେଳେ କ୍ୟାଟ୍ରିନାଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଥିଲା। ସେ ମଧ୍ୟ କାଳବିଳମ୍ବ ନ କରି ସେ କଥା ଅକ୍ଷୟଙ୍କୁ କହିଥିଲେ। ସେ ବିଷୟରେ ଜାଣିବା ପରେ କେବଳ କ୍ୟାଟ୍ରିନା କ'ଣ ନିଜେ ଅକ୍ଷୟ ଖୁସିରେ ଉଚ୍ଛୁଳି ଉଠିଥିଲେ। କାରଣ ନିର୍ଦ୍ଦେଶକଙ୍କ ଶୁଭ ଜନ୍ମଦିନ ଅବସରରେ ଏହି ଫିଲ୍ମ ଅର୍ଥାତ୍ 'ସୂର୍ଯ୍ୟବଂଶୀ' ରିଲିଜ ହେବ। ଆଉ ସେହି ତାରିଖଟି କେତେ ଜାଣନ୍ତି ? ଏପ୍ରିଲ ୩୦। ଶେଷରେ ଏହି ତାରିଖ ଉପରେ ହିଁ ଫାଇନାଲ ମୋହର ମାରିଛି ପ୍ରଯୋଜନା ସଂସ୍ଥା। ଅର୍ଥାତ୍ ଚଳିତ ବର୍ଷ ଏପ୍ରିଲ ୩୦ରେ ଏହି ବହୁ ପ୍ରତୀକ୍ଷିତ ସିନେମାଟି ପରଦା ଉପରକୁ ଆସୁଛି।


କ୍ୟାଟ୍ରିନା

# ଏ ମନ ଖୋଜୁଥାଏ ଯାହା..


ଦିଶା

କଥାରେ ଅଛି- 'ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା'। ସେ କ'ଣ ଜାଣିଥିଲେ ଯେ ଯେଉଁ କଥାକୁ ନେଇ ସେ ଦୀର୍ଘ ବର୍ଷ ହେଲା ଅପେକ୍ଷା କରିଛନ୍ତି ତାହା ଏମିତି ସହଜରେ ମିଳିଯିବ। ଆଉ ନିଜ ଆଶା ପୂରଣ ହେବା ପରେ ତାଙ୍କର ଖୁସି କହିଲେ ନ ସରେ। ହଁ, ସେ କିଏ ଜାଣନ୍ତି ? ଦିଶା ପଟାନି। ଆକ୍ସନ ରୋଲ୍‌ଟିଏ ମିଳିଲେ ତାହାକୁ କିପରି ତୁଲାଇବେ ସେ ନେଇ ସେ କିଛି ଶିଖିବାକୁ ଚାହୁଁଥିଲେ। ଆଉ ଏ କଥାକୁ ସିଏ କାହାକୁ କହିବେ ଭାବୁଥିଲେ । ଥରେ ସେ ଅଭିନୟ କରୁଥିବା 'ରାଧେ, ଇୟୋର ମୋଷ୍ଟ ୱାଣ୍ଟେଡ ଭାଇ'ର ଶୁଟିଂ ସମୟରେ ଏହାର ଟାଇଟଲ ଭୂମିକାରେ ଆକ୍ଟିଂ କରୁଥିବା ସଲମାନ୍‌ଙ୍କୁ ନିଜ ମନ କଥା କହିଥିଲେ। ତା'ପରେ ଶୁଟିଂ ବ୍ରେକ୍ ସମୟରେ ସଲମାନ ତାଙ୍କୁ ପାଖାପାଖି ଘଣ୍ଟାଏ କାଳ ଏ ନେଇ ଟିପ୍ସ ଦେଇଥିଲେ। ଆଉ ଏବେ ଯୁଆଡେ ଗଲେ ଦିଶାଙ୍କ ମୁହଁରେ ସଲମାନ୍‌ଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। ଅତୁଲ ଅଗ୍ନିହୋତ୍ରୀ ଏବଂ ସୋହେଲ ଖାଁଙ୍କ ପ୍ରଯୋଜିତ ଏହି ବିଗ୍ ବଜେଟ ଆକ୍ସନଭିତ୍ତିକ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ପ୍ରଭୁଦେବା। ଚିତ୍ରଟି ଚଳିତବର୍ଷ ଇଦ୍ ଅର୍ଥାତ୍, ମେ' ୧୩ରେ ପରଦା ଉପରକୁ ଆସିବ। ସଲମାନ ଏବଂ ଦିଶାଙ୍କ ବ୍ୟତୀତ ଜ୍ୟାକି ଶ୍ରଫ ଏବଂ ରଣଦୀପ ହୁଡା ମଧ୍ୟ ଏଥିରେ ଅଭିନୟ କରିଛନ୍ତି।

ନୂଆ ସିନେମା

# ଆଇଆଇସି ଧୀରେନ୍



ଏକାଧାରରେ ସେ ପ୍ରଯୋଜକ କମ୍ ନାୟକ। ଅର୍ଥାତ୍ ସିନେମାଟିଏ ପ୍ରଯୋଜନା କରିବା ସହ ତାହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ସେ। ଚଳଚ୍ଚିତ୍ରଟି ହେଲା 'ଆଇ ଆଇସି ଧୀରେନ୍'। ନବାଗତ ଧୀରେନ୍ ତ୍ରିପାଠୀ ଏହାର ପ୍ରଯୋଜନା ପରି ଗୁରୁଦାୟିତ୍ୱ ତୁଲାଇବା ସହ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ରହସ୍ୟ, ରୋମାଞ୍ଚଭରା କାହାଣୀକୁ ଆଧାର କରି ଏହାର ସଂଳାପ ରଚନା କରୁଛନ୍ତି ଓଲିଉଡ୍‌ର ଆଗଧାଡିର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଚିତ୍ରଟିର ସହ-ପ୍ରଯୋଜକ ହେଉଛନ୍ତି ଉମା ପ୍ରଧାନ ଏବଂ ସ୍ମିତା ତ୍ରିପାଠୀ। ଧୀରେନଙ୍କ ସହ ଏଥିରେ ସ୍କ୍ରିନ୍ ଶେୟାର କରୁଛନ୍ତି ଅର୍ପିତା ଏବଂ ଇପ୍‌ସିତା। ଖାସ୍ କଥା ହେଲା, ଏହି ଫିଲ୍ମରେ ଶ୍ରୀତମ ଦାସ ଡବଲ ରୋଲ୍ (ନେଗେଟିଭ, ପଜେଟିଭ୍)ରେ ଦର୍ଶକଙ୍କ ସାମନାକୁ ଆସିବେ। ଏଥିରେ ସଂଯୋଜିତ ୫ଟି ଗୀତକୁ ସ୍ୱର ଦେଇଛନ୍ତି ନବାଗତ ସ୍ୱର ସଂଯୋଜକ ଯୋଡି କାଳୀପ୍ରସାଦ-ରବି କୁମାର। ଅଜୟ ରଥଙ୍କ ନିର୍ଦ୍ଦେଶନାରେ ଏହାର ଶୁଟିଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲୁ ରହିଛି।

# ତନିସ୍କାଙ୍କୁ ୧ ରୌପ୍ୟ, ୨ ବ୍ରୋଞ୍ଜ


ପଦକ ସହ ତନିସ୍କା ସାମନ୍ତ।

**ଭୁବନେଶ୍ୱର, ୧୭।୩(କ୍ରୀଡ଼ା ପ୍ରତିନିଧି)**

ପଶ୍ଚିମବଙ୍ଗର ଆସନସୋଲଠାରେ ଚଳିତ ମାସ ୧୧ରୁ ୧୪ ପର୍ଯ୍ୟନ୍ତ ପୂର୍ବାଞ୍ଚଳ ବନ୍ଧୁକ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗ ନେଇଥିବା ଓଡ଼ିଶାର ୩୦ ପ୍ରତିଯୋଗୀଙ୍କ ମଧ୍ୟରୁ ୧୧ ଜଣ ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅନୁଗୋଳର ତନିସ୍କା ସାମନ୍ତ ଏୟାର ରାଇଫଲ ପିପ୍ ସାଇଟ୍ ବାଳିକା ବିଭାଗର ୩ ବର୍ଗରେ ୧ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ପାଇଥିବା ଓଡ଼ିଆ ପ୍ରତିଯୋଗୀମାନେ ହେଲେ ସୁଜଳ କୁମାର, ଶ୍ରେୟସ ଦିବ୍ୟଦର୍ଶନ ମିଶ୍ର, ଅଭିଲିପ୍ସା ପାତ୍ର, ସହସ୍ରାଂଶୁ ମିଶ୍ର, ଆଚାର୍ଯ୍ୟ ସ୍ୱୟଂ ସମ୍ବିତ, ଅର୍ଦ୍ଧେନ୍ଦୁ ପାଢ଼ୀ, ପୀୟୂଷ କୁମାର ଷଡ଼ଙ୍ଗୀ, ସର୍ବାଂଶ ମିଶ୍ର, ସିଦ୍ଧାର୍ଥ ଗଣେଶନ, ଦିବ୍ୟଶ ଚୋପଦାର ଏବଂ ଓଡ଼ିଶା ରାଇଫଲ ଆସୋସିଏଶନର ଟିମ୍ ମ୍ୟାନେଜର ଏବଂ କୋଚ୍ ଆଶିଷ ନାୟକ। କୃତୀ ପ୍ରତିଯୋଗୀମାନଙ୍କୁ ଓଡ଼ିଶା ରାଇଫଲ ଆସୋସିଏଶନର ପୃଷ୍ଠପୋଷକ କଳିକେଶ ନାରାୟଣ ସିଂଦେଓ, ସଭାପତି ଅନଙ୍ଗ ଉଦୟ ସିଂଦେଓ ଏବଂ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି।

# ବିଶ୍ୱଭାରତୀ କ୍ରିକେଟ କ୍ଲବ୍ ବିଜୟୀ

**ଭୁବନେଶ୍ୱର, ୧୭।୩(କ୍ରୀଡ଼ା ପ୍ରତିନିଧି)**

ନହରକଣ୍ଟାର ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଜେଏସ୍‌ଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ପ୍ରାଚୀ ଭୂଷଣ ତ୍ରିପାଠୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ମ୍ୟାଚରେ ବିଶ୍ୱଭାରତୀ କ୍ରିକେଟ କ୍ଲବ (ବିବିସିସି) ବିଜୟୀ ହୋଇଛି। ଶ୍ରୀ ଜୟଦେବ କଲେଜ ପଡ଼ିଆରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଟାଉନ୍ କ୍ଲବ ୨୧.୩ ଓଭରରେ ୯୪ ରନକରି ଅଲଆଉଟ ହୋଇଥିଲା। ବିନାୟକ ମହାନ୍ତି ସର୍ବାଧିକ ୨୮ ରନ କରିଥିଲେ। ବିପକ୍ଷ ଦଳର ବଲଜିନ୍ଦର ସିଂ ୩ଟି ଓ ସାର୍ଥକ ଗୌରବ ପଣ୍ଡା ୨ଟି ଉଇକେଟ ନେଇଥିଲେ। ଜବାବରେ ବିବିସିସି


ବଲଜିନ୍ଦର ସିଂ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ପ୍ରାଚୀ ମେମୋରିଆଲ କ୍ରିକେଟ**


୨୫.୧ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ସମ୍ବିତ କୁମାର ସାହୁ ସର୍ବାଧିକ ୪୭ ରନ କରିଥିଲେ। ଟାଉନ୍ କ୍ଲବର ସାଗର ମୁଳିଆ ୩ଟି ଉଇକେଟ ନେଇଥିଲେ। ପ୍ରଭାବୀ ବୋଲିଂ ପାଇଁ ବଲଜିନ୍ଦର ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ତାରିଣୀ ପ୍ରସାଦ ଦାସ, ପ୍ରତାପ କୁମାର ରାଉତରାୟ ଓ ବିନୋଦ କୁମାର ସାହୁ ଅତିଥିଭାବେ ଯୋଗଦେଇଥିଲେ।

# ଓଡ଼ିଶା ମାଷ୍ଟର୍ସ ଆଥଲେଟିକ୍ ମିଟ୍ ଉଦ୍‌ଯାପିତ

**ଭାଗନେଲେ ୨ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ପ୍ରତିଯୋଗୀ**

**ଭୁବନେଶ୍ୱର,୧୭।୩ (ସ୍ପୋର୍ଟ୍ସ ବ୍ୟୁରୋ):** ବ୍ରହ୍ମପୁରସ୍ଥିତ ଖଲିକୋଟ ଷ୍ଟାଡିୟମରେ ଗତ ୧୪ ତାରିଖରେ ୩୦ତମ ଓଡ଼ିଶା ମାଷ୍ଟର୍ସ ଆଥ୍‌ଲେଟିକ ମିଟ୍ ଅନୁଷ୍ଠିତ ହୋଇଛି। ଏଥିରେ ୩୫ ବର୍ଷରୁ ଊର୍ଦ୍ଧ୍ୱ ୨୦୦ ଜଣ ପୁରୁଷ ଓ ମହିଳା ଆଥ୍‌ଲେଟ ଅଂଶଗ୍ରହଣ କରିଥିଲେ। ଲୋକ ସଭା ସଦସ୍ୟ ଚନ୍ଦ୍ରଶେଖର ସାହୁ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ବିଧାୟକ ବିକ୍ରମ ପଣ୍ଡା, ସଦର୍ନ ରେଞ୍ଜ୍ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ମ୍ୟୁନିସିପାଲିଟିର ପୂର୍ବତନ ଅଧକ୍ଷ ସୁବାସ ରଣା, ଏମ୍‌କେସିଜି ମେଡିକାଲ କଲେଜର ପୂର୍ବତନ ପ୍ରଫେସର ଏନ୍.ସି. ପାଢୀ ଯୋଗ ଦେଇଥିଲେ। କୋଭିଡ୍-୧୯ କାରଣରୁ ବିଭିନ୍ନ ଜିଲାର ଆଥ୍‌ଲେଟ ଏହି ମିଟ୍‌ରେ ଅଂଶଗ୍ରହଣ କରିପାରି ନ ଥିଲେ। ଗଞ୍ଜାମ ଜିଲା ମାଷ୍ଟର୍ସ ଆଥ୍‌ଲେଟିକ ଆସୋସିଏଶନ ଏହି ଇଭେଣ୍ଟକୁ ବେଶ୍ ସଫଳତାର ସହ ଆୟୋଜନ କରିଥିଲା। ଓଡ଼ିଶା ମାଷ୍ଟର୍ସ ଆଥ୍‌ଲେଟିକ ଆସୋସିଏଶନ (ଓଏମ୍‌ଏଏ) ଉପସଭାପତି କେ. ଚିତ୍ର, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ଯୁଗ୍ମ ସମ୍ପାଦକ ତଥା ପୂର୍ବତନ ଭାରତୀୟ ବାସ୍କେଟବଲ୍ ଖେଳାଳି ଅଶୋକ କୁମାର ସାହୁ, ପୂର୍ବତନ ରାଜ୍ୟ ଆଥ୍‌ଲେଟ ସୁରେନ୍ଦ୍ର କୁମାର ପଟ୍ଟନାୟକ, ଖବରଦାତା ସାରା ମିଶ୍ର, ଓଏମ୍‌ଏଏ ପଦାଧିକାରୀ ସୁକାନ୍ତି ପାତ୍ରୋ, ଗୋପାଳ ପଣ୍ଡା ଓ ପୂର୍ବତନ ରାଜ୍ୟ ଆଥ୍‌ଲେଟ ପୁଷ୍ପା ପାଠକ ଏହି ମିଟ୍‌କୁ ସଫଳ ଭାବେ ଆୟୋଜନ କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ